


‘ରବିନହୁଡ’ରେ ୱାର୍ଣ୍ଣର
ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 8 | ଭାଗ ୩୩ | ସଂଖ୍ୟା ୮ | Bhubaneswar | Sunday 30 March 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୩୦ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ମିଆଁମାରରେ ୧୬୦୦ ଟପିଲା ମୃତ୍ୟୁସଂଖ୍ୟା



ନେପିଡ,୨୯।୩: ଗତକାଲି ମିଆଁମାର ଓ ପଡ଼ୋଶୀ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍ ସମେତ ବିଭିନ୍ନ ସ୍ଥାନରେ ଅନୁଭୂତ ଶକ୍ତିଶାଳୀ ଭୂମିକମ୍ପ ଝଟ୍‌କାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଆଜି ମୃତ୍ୟୁସଂଖ୍ୟା ୧୬୦୦ ଟପିଯାଇଛି। ସେହିପରି ୩୪୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ପ୍ରାୟ ୧୫୦ ଲୋକ ନିଖୋଜ ଥିବା କୁହାଯାଇଛି। ଗତକାଲି ମିଆଁମାରର ଦ୍ୱିତୀୟ ସର୍ବବୃହତ୍ ସହର ମାଣ୍ଡାଲେର ଏକ ବିଶାଳ ଅଟ୍ଟାଳିକା ଭୁଶୁଡ଼ି ପଡ଼ିଥିବା ବେଳେ ଆହୁରି ଅନେକ ଛୋଟବଡ଼ କୋଠା ମାଟିରେ ମିଶିଯାଇଛି। ଏହି ଧ୍ୱଂସାବଶେଷ ତଳେ ହଜାର ହଜାର ଲୋକ ଚାପି ହୋଇ ରହିଥିବା ଅନୁମାନ କରାଯାଉଛି। ତେଣୁ ମୃତ୍ୟୁ ସଂଖ୍ୟା ୧୦ ହଜାର ଟପିଯିବା ଭଳି ରିପୋର୍ଟ ମଧ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ମିଆଁମାରରେ ଗୃହ ଯୁଦ୍ଧ ଚାଲିଥିବାରୁ କେତେଗୁଡ଼ିଏ କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ଦେଶର ସାମରିକ ଶାସକ କହିଛନ୍ତି। ଏପରି ➪ପୃଷ୍ଠା-୬

- ସାଢ଼େ ୩ ହଜାରରୁ ଉର୍ଦ୍ଧ୍ୱ ଆହତ
- ୨ ଦିନରେ ୩ ଝଟ୍‌କା
- ତୃତୀୟ ଝଟ୍‌କାର ତୀବ୍ରତା ୫.୧
- ଥାଇଲାଣ୍ଡରେ ୬ ଜଣଙ୍କ ପ୍ରାଣହାନି
- ଆଭ୍ୟନ୍ତରୀଣ ଅଶାନ୍ତି ଯୋଗୁଁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ
- ଛୁଟିଛି ସହାୟତାର ସୁଅ

## ସାମରିକ ଶାସକଙ୍କ ସହ କଥା ହେଲେ ମୋଦି

### ସହାୟତା ପାଇଁ ‘ଅପରେସନ୍ ବ୍ରହ୍ମା’ ଆରମ୍ଭ

ନୂଆଦିଲ୍ଲୀ: ଦୁଇ ଦିନରେ ୩ ଥର ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଥିବାରୁ ମିଆଁମାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ୧୬ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ ଏବେ ବି ଭଗ୍ନାବଶେଷ ତଳୁ ଜୀବନ ଖୋଜା ଜାରି ରହିଛି। ଏଭଳି ସ୍ଥିତିରେ ଭାରତ ସହାୟତାର ହାତ ବଢ଼ାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଆଁମାର ସାମରିକ ଶାସନ ମୁଖ୍ୟ ଜେନେରାଲ୍ ମିନ ଅଙ୍ଗ ହଲିଙ୍ଗଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି ଓ ସମସ୍ତ ପ୍ରକାର ସହାୟତା ଦେବା ସକାଶେ ପ୍ରତିଶ୍ରୁତି ବି ଦେଇଛନ୍ତି। ଏନେଇ ସୋସିଆଲ ମିଡିଆ ‘ଏକ୍ସ’ରେ ➪ପୃଷ୍ଠା-୬



### ପୁଣି ସୁରକ୍ଷାକର୍ମୀଙ୍କୁ ସଫଳତା

## ଏନ୍‌କାଉଣ୍ଟର୍‌ରେ ମଲେ ୧୬ ମାଓବାଦୀ



- ଡିଆର୍‌ଜିର ଦୁଇ ଯବାନ ଆହତ
- ଅସ୍ତ୍ର ତ୍ୟାଗ କରିବାକୁ ଶାହଙ୍କ ଅପିଲ୍

ମାଲକାନଗିରି,୨୯।୩(ସଂଚାର ବ୍ୟୁରୋ): ଚଳିତ ବର୍ଷ ସୁରକ୍ଷାକର୍ମୀମାନେ ନକ୍ସଲଙ୍କ ବିରୋଧରେ କ୍ରମାଗତ ଭାବେ ସଫଳତା ପାଇଚାଲିଥିବା ବେଳେ ଆଜି ମଧ ଏହି ଧାରା ଜାରି ରହିଛି। ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ସୁକୁମା ଜିଲ୍ଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧରେ ଏନ୍‌କାଉଣ୍ଟର୍ ହୋଇଥିବା ବେଳେ ଏଥିରେ ୧୬ ଜଣ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମୃତଦେହକୁ ମଧ ଠାବ କରାଯାଇଛି। ଏହି ମାଓବାଦୀଙ୍କ ମଧରେ କୁଖ୍ୟାତ କୁହଡାମି ଜଗଦୀଶ ରହିଛି, ଯାହାକୁ ଧରାଇଦେବା ସକାଶେ ସରକାର ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ୨୦୧୩ ଝିରାମ୍ ଉପତ୍ୟକାରେ ସଂଘଟିତ ଆକ୍ରମଣରେ ଅନେକ କଂଗ୍ରେସ ନେତାଙ୍କର ମୃତ୍ୟୁ ହୋଇଥିବା ବେଳେ ଜଗଦୀଶ ନେତୃତ୍ୱରେ ଏହି ଆକ୍ରମଣ ହୋଇଥିଲା।

ମିଳିଥିବା ସୂଚନାନୁସାରେ, ସୁକୁମା ଜିଲା କେର୍ଲାପାଲ ଥାନା ଅଞ୍ଚଳ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ସୂଚନା ମିଳିବା ପରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆରଜି) ଓ ସିଆର୍‌ପିଏଫ୍ ବାହିନୀ ମିଳିତ ଭାବେ ଉକ୍ତ ଅଞ୍ଚଳରେ କମ୍ବି ଅପରେସନ୍ ଆରମ୍ଭ କରିଥିଲେ। ଆଜି ସକାଳେ ସୁରକ୍ଷାବାହିନୀ ଓ ➪ପୃଷ୍ଠା-୬

### ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ମୁଖ୍ୟ ସଚିବଙ୍କ ସମୀକ୍ଷା

## ଏସ୍‌ଓପିର ଅନୁପାଳନ ପାଇଁ ତାଗିଦ



ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ସମ୍ପ୍ରତି ଚଳିତ ଗ୍ରୀଷ୍ମ ଋତୁରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କିପରି ପ୍ରସ୍ତୁତି କରାଯାଇଛି ଓ ଏହା ଜାରି ରହିଛି, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଲୋକସେବା ଭବନରେ ଏକ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ। ୨୦୨୫ ପାଇଁ ଗ୍ରୀଷ୍ମ ପ୍ରବାହର ପ୍ରସ୍ତୁତି, ପ୍ରଶମନ ଓ ପରିଚାଳନା ସମ୍ପର୍କିତ ଅନୁଷ୍ଠିତ ଏହି ବୈଠକରେ

### ଜଳ ଉପଲବ୍ଧତାର ନିୟମିତ ତଦାରଖ କର

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଓ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ ।

ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗତ ୧୮ ତାରିଖରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଓ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କି କି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ସିଂ ➪ପୃଷ୍ଠା-୬

### ବିଜେଡିକୁ ଆଇନା ଦେଖାଇଲେ ମୋହନ

## କେନ୍ଦ୍ରୀୟ ଯୋଜନାରେ ଚାଲିଥିଲା ପିଗି ରାଇଡିଂ

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ବ୍ୟୟ ମଞ୍ଜୁରୀ ବିଲ ଆଲୋଚନାରେ ପୂର୍ବ ବିଜେଡି ସରକାରଙ୍କୁ ଆଇନା ଦେଖାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏପରିକି ପୂର୍ବ ସରକାରରେ କିଭଳି ମିଛ ଯୋଜନା କରାଯାଇ ରାଜ୍ୟବାସୀଙ୍କୁ ପ୍ରତାରିତ କରାଯାଉଥିଲା ତାରା କଡାଗଣ୍ଡା ହିସାବ ଦେଇଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ କେବଳ ଏକ ଆର୍ଥିକ ବର୍ଷ ପାଇଁ ଆୟ-ବ୍ୟୟର ହିସାବ ନୁହେଁ, ଏହା ଓଡ଼ିଶାକୁ ବିକାଶର ରାଜରାସ୍ତାରେ ଦ୍ରୁତ ଗତିରେ ଦଉଡାଇବା ପାଇଁ ଏକ ସୁଚିନ୍ତିତ ରୋଡ-ମ୍ୟାପ ବୋଲି ସେ କହିଛନ୍ତି।

ଚାଷୀଙ୍କୁ ବିଜେଡି ସରକାର କିଭଳି ପ୍ରତାରିତ କରିଥିଲା ’ତାର ହିସାବ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହଛନ୍ତି ଯେ ପୂର୍ବ ସରକାର ଏଇ ବିଧାନସଭାରେ ସଂକଳ୍ପ କରିଥିଲେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ଦେବେ। କିନ୍ତୁ ସେମାନେ ତାହା କରିପାରିଲେନି, ବରଂ ଆମେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେଉଛୁ। ବିରୋଧୀଦଳ ପକ୍ଷରୁ କୁହାଯାଇଛି, କାଳିଆ କୃଷକ ପାଇଁ ଦେଶର ପ୍ରଥମ ଯୋଜନା। କିନ୍ତୁ ଓଡ଼ିଶା ଆଗରୁ ୬ ମାସ ପୂର୍ବରୁ ତେଲେଙ୍ଗାନା ସରକାର ସମାନ ଯୋଜନା ଲାଗୁ କରିଥିଲେ। କେନ୍ଦ୍ରର ଅର୍ଥ ଓ ଯୋଜନାକୁ ନିଜ ଯୋଜନା କହି ଲୋକଙ୍କୁ ଭୁଆଁ



ବୁଲାଉଥିଲେ, ଯାହାକୁ ପିଗି ରାଇଡ଼ିଙ୍ଗ କୁହନ୍ତି ବୋଲି ମୁଖ୍ୟମନ୍ତ୍ରୀ ସମାଲୋଚନା କରି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଗତ କିଛି ବର୍ଷ ହେଲା ଓଡ଼ିଶା ସମ୍ପୂର୍ଣ୍ଣ କୃଷିଭିତ୍ତିକ ଅର୍ଥନୀତିରୁ ଏକ ମିଶ୍ରିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି। ବିଗତ ଦିନରେ ଭୁଲ ନୀତି ଯୋଗୁଁ

- ୫ ବର୍ଷରେ ପୂର୍ବ ଭାରତର ଶିଳ୍ପ ରାଜଧାନୀ ହେବ ଓଡିଶା
- ବିରୋଧୀଙ୍କୁ ଚ୍ୟାଲେଞ୍ଜ: ବାତ୍ ନିକଲେଗି ତୋ ଦୂର ତଲକ୍ ଯାଏଗୀ
- କାଗଜ ବାଘ ଥିଲା ବିଜେଡି ସରକାର: ମୁଖ୍ୟମନ୍ତ୍ରୀ
- ଖୁବଶୀଘ୍ର ଜଗତସିଂହପୁରରେ ହେବ ମେଡିକାଲ କଲେଜ

ଏହି ଲକ୍ଷ୍ୟରେ ବିଶେଷ ଅଗ୍ରଗତି ହୋଇପାରିନାହିଁ। ଅନେକ ଚାଷୀ ପରିବାରର ପିଲାମାନେ ଉଚ୍ଚଶିକ୍ଷିତ ହେବା ପରେ ବିଲବାଡ଼ିରୁ ମୁହଁ ଫେରାଉଛନ୍ତି। ତା’ଛଡା ଅଧିକ କୃଷି କାର୍ଯ୍ୟରେ ଅଧିକ ଯାନ୍ତ୍ରିକୀକରଣ ହେବା ପରେ ମାନବୀୟ ଶ୍ରମର ଆବଶ୍ୟକତା ଲଗାତାର କମ୍ ହେଉଛି। ତେଣୁ ଶିଳ୍ପ ଓ ସେବା କ୍ଷେତ୍ରରେ ଅଧିକ ରୋଜଗାର ସୃଷ୍ଟି କରିବା ଲକ୍ଷ୍ୟରେ ଗତ ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭରେ ରେକର୍ଡ ସଂଖ୍ୟକ ସ୍ୱାକ୍ଷରିତ ହେବା ସହ ପ୍ରାୟ ୧୬ ଲକ୍ଷ ➪ପୃଷ୍ଠା-୬

## ୧୨ରେ ଆସିବେ ନଡ୍ଡା



ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ): ଆସନ୍ତା ଏପ୍ରିଲ ୧୨ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେପି

### ଘୋଷଣା ହୋଇପାରେ ସଭାପତିଙ୍କ ନାଁ

ନଡ୍ଡା। ନଡ୍ଡାଙ୍କ ଗସ୍ତ ସମ୍ପର୍କରେ ଭାଜପା ଏମପି ସୁକାନ୍ତ ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି ଯେ, ଏହି ଗସ୍ତ ସମୟରେ ବିଭିନ୍ନ ସରକାରୀ ପ୍ରକଳ୍ପର ଉଦଘାଟନ କରିବା ସହ ଭାଜପାର ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ସବୁଠୁ ବଡ଼ କଥା ହେଲା, ନଡ୍ଡାଙ୍କ ଗସ୍ତ ➪ପୃଷ୍ଠା-୬



### କାନ ଡେରିଥା

ପ୍ରସଙ୍ଗ ଚାଲିଛି ଜୋରଦାର ଏଠି
ବିରୋଧୀ ନେତା କୋଉଠି
ଟିଭିରେ ଦେଖିଲୁ ବିରୋଧୀ ନେତାଙ୍କୁ
ପାଣ୍ଡୁ ବି ଅଛି ସେଇଠି
ବୁଲି ସେ ମଜା ନିଅନ୍ତି...
ଆସିଗଲେ ସିଏ ଗର୍ଜିବେ ପ୍ରବଳ
ଦେବେ ମିଡିଆ ବାଇଟ୍।

■ ଦେବାଶିଷ

## ଭିଆରଏସ ନେଲେ ସୁଜାତା କାର୍ତ୍ତିକେୟନ

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ସ୍ୱେଚ୍ଛାକୃତ ଅବସର ନେଇଛନ୍ତି ଚର୍ଚ୍ଚିତ ଓଡ଼ିଆ ଆଇଏଏସ ସୁଜାତା ଆର. କାର୍ତ୍ତିକେୟନ। ରାଜ୍ୟ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ଆର. କାର୍ତ୍ତିକେୟନଙ୍କୁ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ଅନୁମତି ମିଳିଛି। ୨୦୦୦ ମସିହା ବ୍ୟାଚ୍‌ର ଏହି ଆଇଏଏସ ଅଫିସର ଜଣଙ୍କ କିଛି ଦିନ ତଳେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ସୁଜାତାଙ୍କ ଆବେଦନକୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଗ୍ରହଣ କରିନେଇଥିବା ସୂଚନା ମିଳିଛି। କିନ୍ତୁ ସୁଜାତାଙ୍କ ସ୍ୱେଚ୍ଛାକୃତ ଅବସରକୁ ନେଇ ବହୁ ଚର୍ଚ୍ଚା ଲାଗି ରହିଛି।



- ପ୍ରଶାସନରେ ଛାଡିଯାଇଛନ୍ତି ଦକ୍ଷତାର ଛାପ
- ପରବର୍ତ୍ତୀ ପଦକ୍ଷେପକୁ ନେଇ ଚର୍ଚ୍ଚା

ଓଡିଶା କ୍ୟାଡ଼ର୍‌ର ପ୍ରଥମ ଓଡ଼ିଆ ମହିଳା ଭାବେ ସୁଜାତା ଓଡ଼ିଶାରେ ଯୋଗଦେଇଥିଲେ। ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ସୁଜାତା ହେଉଛନ୍ତି ପୂର୍ବତନ ଆଇଏଏସ ଭିକେ ପାଣ୍ଡିଆନଙ୍କ ପତ୍ନୀ। ସୁଜାତାଙ୍କ ➪ପୃଷ୍ଠା-୬


SIKSHA ‘O’ ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## ବିଜେଡିର ନୂଆ ଟିଉସନ ମାଷ୍ଟରଙ୍କୁ ନେଇ ଚିନ୍ତା




ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ବିଜେଡିର ଜଣେ ବରିଷ୍ଠ ବିଧାୟକ ଏବେ ଦଳର ନୂଆ ଟିଉସନ ମାଷ୍ଟର ସାଜିଛନ୍ତି। ନିଜ ଦଳର ବିଧାୟକଙ୍କ ସହିତ ମଉକା ଦେଖି ଶାସକ ଦଳର ବିଧାୟକଙ୍କୁ ବି ଟିଉସନ କରୁଛନ୍ତି। ହେଲେ ଗୁରୁଙ୍କ ଜ୍ଞାନ ନେଉଥିବା ଛାତ୍ରମାନେ ଯେଉଁଭଳି ପ୍ରଦର୍ଶନ କରୁଛନ୍ତି, ତାହା ବିଜେଡି ପାଇଁ ବୁମେରାଂ ହୋଇଥିବା ନେଇ ଦଳ ଭିତରେ ଆଲୋଚନା ଜୋର ଧରିଛି। କିଛିଦିନ ଧରି ବିଧାନସଭା ଭିତରେ ଶାସକ ଦଳର କେତେକ

- ମୁଣ୍ଡରେ ହାତ ଦେଇଦେଲେଣି ନେତା
- ଦଳ ପାଇଁ ଟିଉସନ ଏବେ ବୁମେରାଂ

ବିଧାୟକ ବିଜେଡିକୁ ଏଭଳି ତଥ୍ୟଭିତ୍ତିକ ଗାଳି କରୁଛନ୍ତି ଯେ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଦଳର ଭିତିରି କଥା, ଯାହା ଅଳ୍ପ କେଇ ଜଣ ବରିଷ୍ଠଙ୍କୁ ଜଣା ତାହା ବିରୋଧୀମାନେ କିଭଳି ଜାଣୁଛନ୍ତି ଓ ବିଧାନସଭାରେ ସାହସର କହି ବିଜେଡିକୁ ହରଡ଼ଘଣାରେ ପକାଉଛନ୍ତି, ତାହାକୁ ନେଇ ଖୋଳତାଡ଼ ପରେ ଏବେ ଟିଉସନ ମାଷ୍ଟରଙ୍କ କାରନାମା ପଦାକୁ ଆସିଛି। ଦଳର ଏହି ବରିଷ୍ଠ ଜଣଙ୍କ ନିଜର ରାଗ ଶୁଝାଇବା ପାଇଁ ଏଭଳି ➪ପୃଷ୍ଠା-୬

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ଥଇଥାନରୁ ବଞ୍ଚିତ ଦଳିତ ପରିବାର

**ରାଜନଗର,୨୯।୩ (ସଂଚାର ବ୍ୟୁରୋ):** ବଙ୍ଗୋପସାଗର ଆଁ ମୁହଁରେ ଥିବା ରାଜନଗର ବ୍ଲକର ସାତଭାୟାବାସୀଙ୍କୁ ବଗପାଟିଆ ଠାରେ ଥଇଥାନ କରାଯାଇଛି। ୨୦୧୮ମସିହାରେ ସାତଭାୟାର ୫୭୧ ପରିବାର ଥଇଥାନ କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଚାରିଯାରିଆର ୯୯ ପରିବାର ସହିତ ୧୪୮ପରିବାରଙ୍କୁ ଜାଗା ଚିହ୍ନଟ ଦିଆଯାଇଛି। ଏହା ବାଦେ ଆହୁରି ୨୩୫ ପରିବାର ଥାଇଥାନରୁ ବଞ୍ଚିତ ଥିବା ଅଭିଯୋଗ ହୋଇଥିଲା। ଏହି ୨୩୫ ପରିବାର ମଧ୍ୟରେ ବାଗଁଶଗଡ଼ ନଦୀ ସେପଟେ ଥିବା ମଗରକନ୍ଦା ଗାଁର ୪୦ ଦଳିତ ପରିବାର ରହିଛନ୍ତି। ଏହି ପରିବାର ଦୀର୍ଘ ବର୍ଷ ହେଲା ଥଇଥାନ ପାଇଁ ପ୍ରଶାସନ ନିକଟକୁ ଦୌଡିବା ସହିତ ଅନଶନରେ ବସିଥିଲେ ମଧ୍ୟ ଆଜି ଯାଏଁ ସେମାନଙ୍କୁ ଥଇଥାନ କରାଯାଇ ନାହିଁ। ଏହାକୁ ନେଇ ୪୦ ଦଳିତ ପରିବାର ମାନବାଧିକାର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ମାତ୍ର ଜଏଣ୍ଟ ଭେରିଫିକେସନ କମିଟି ଭୁଲ ତଥ୍ୟ ପ୍ରଦାନ କରିଥିବାରୁ ସଠିକ ତଥ୍ୟ ପ୍ରଦାନ ସହିତ ୪୦ ପରିବାରଙ୍କୁ ଥଇଥାନ କରିବା ଦାବିରେ ଏପ୍ରିଲ ୩ ତାରିଖ ଠାରୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଦଳିତ ଅନୁସୂଚିତ ସଂଗଠନର ସଭାନେତ୍ରୀ ସସ୍ମିତା ମଲିକ ଓ ଥଇଥାନ ଓ ପୁନର୍ବସତି ମଞ୍ଚ, ସାତଭାୟାର ଆବାହକ ଡକ୍ଟର ଧରଣୀଧର ରାଉତ ଲିଖିତ ଭାବେ ଜଣାଇଛନ୍ତି।

## ଗୃହରକ୍ଷୀ ଚୟନ ଶାରୀରିକ ଦକ୍ଷତା ପରୀକ୍ଷା ସ୍ଥଗିତ

**କେନ୍ଦ୍ରାପଡ଼ା,୨୯।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଗୃହରକ୍ଷୀ ବିଭାଗରେ ଖାଲିଥିବା ୯୨ ଗୃହରକ୍ଷୀ ପଦବୀ ପୂରଣ ପାଇଁ ଏପ୍ରିଲ ୩ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶାରୀରିକ ଦକ୍ଷତା ପରୀକ୍ଷା ସ୍ଥଗିତ ରଖାଯାଇଛି । ଅନିବାର୍ଯ୍ୟ କାରଣ ବଶତଃ ଏହା ସ୍ଥଗିତ ରଖାଯିବା ସହ ପରବର୍ତ୍ତୀ ପରୀକ୍ଷା ତାରିଖ ର ସୂଚନା ଜନ ସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ଜିଲ୍ଲା ସୂଚନା ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି ।

## ଶ୍ରୀ ଜଗନ୍ନାଥଙ୍କ ରଥ କାଠ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ



**କେନ୍ଦ୍ରାପଡ଼ା,୨୯।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ସଦ୍ଧପଡା ଓ ଗୋବିନ୍ଦପୁର ସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ରଥ ନିର୍ମାଣରେ କାଠର ଆବଶ୍ୟକ ଥିବାରୁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ରଥ ନିର୍ମାଣ ପାଇଁ ୮୦ କେଜି ଶାଳ କିମ୍ବା ପିଆଶାଳ କାଠ ଦେବାକୁ ନିବେଦନ କରିଛନ୍ତି । ଏହି ଅଂଚଳରେ ପ୍ରସିଦ୍ଧ ଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ଯାତ୍ରା ଅଂଚଳରେ ପ୍ରତିବର୍ଷ ବାହାରି ଥାଏ । ଚଳିତ ବର୍ଷ ରଥର ନିର୍ମାଣ ପାଇଁ କାଠର ନିହାତି ଆବଶ୍ୟକ ଥିବାରୁ କାଠ ଯୋଗାଡ କରିବା ଗ୍ରାମବାସୀ ଙ୍କ ପକ୍ଷରେ ସମ୍ଭବ ନହେବାରୁ ଜିଲ୍ଲାପାଳଙ୍କର ସହାୟତା ଲୋଡିଛନ୍ତି। ତେବେ ଜିଲ୍ଲାପାଳ ସୁଚି ରଞ୍ଜନ ପ୍ରଧାନ କାଠ ର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଆଜିର ଏହି ସାକ୍ଷାତ ସମୟରେ ସଦ୍ଧପଡା, ଗୋବିନ୍ଦପୁର, ବନ୍ଧପଡା, ରାଜନଗର ଅଂଚଳର ରମାକାନ୍ତ ମହନ୍ତ, ଅଞ୍ଜନ ପାତ୍ର, ଫକିର ଚନ୍ଦ୍ର ବେହେରା, କ୍ଷିରୋଦ କୁମାର ପାତ୍ର, ବିଶ୍ୱ ରଞ୍ଜନ ସ୍ୱାଇଁ, ଦିଗାମ୍ବର ରାଉତ, ଜ୍ୟୋତି ରଞ୍ଜନ ପାତ୍ର, ସମୀର ସ୍ୱାଇଁଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

## ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ




**ଡେରାବିଶ,୨୯।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ୪୫ତମ ବାର୍ଷିକ ଉତ୍ସବ ଓ ପୁରୁଷ୍କାର ବିତରଣ ସଭା ଆଜି ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିଭାବେ କେନ୍ଦ୍ରାପଡ଼ା ଏଡିଏମ୍ ନିଲୁ ମହାପାତ୍ର ଓ ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀ ଧର ନାୟକ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀମାନେ ଦେଶର ଭବଷ୍ୟତ। ତେଣୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ରୂପୀ କାରଖାନାରେ ସେମାନଙ୍କୁ ସଠିକ ଭାବରେ ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପିକା ତଥା ବିଶିଷ୍ଟ ସାହିତ୍ୟିକା ଅପର୍ଣ୍ଣା ମହାନ୍ତି, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସମାଜସେବୀ ପ୍ରାଧାପକ ଅଜୟ କୁମାର ରାଉତ, ମହାକାଳପଡ଼ାର ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନିନ୍ଦ୍ର ବେହେରା, ଆଇନଜୀବୀ ଦିପକ କୁମାର ସାହୁ, ସମାଜସେବୀ ଦେବାଶିଷ ଗିରିଜା ଭୂଷଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କ ନିମନ୍ତେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଶଣ କରାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀ ସୀମାରାଣୀ ନାୟକ ଓ ରାଜଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଛାତ୍ରଛାତ୍ରୀ, ଛାତ୍ରାଭିଭାବକ ଓ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

**ଆଜିବି ବଞ୍ଚିଛି ମଣିଷପଣିଆ**

# ଭୁଲ୍‌ରେ ଆସିଥିଲା ୫୦ ହଜାର, ଫେରାଇଦେଲେ ବ୍ୟବସାୟୀ

**ମାର୍ଶାଘାଇ,୨୯।୩ (ସଂଚାର ବ୍ୟୁରୋ):** ଭଲ ମଣିଷଙ୍କ ସଂଖ୍ୟା କମିଛି ସତ ହେଲେ ହେଲେ ଆଜି ବି ଏମିତି ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କ ପାଇଁ ସମାଜ ବଞ୍ଚି ରହିଛି। ସେମିତି ଏକ ଆଚମ୍ବିତ ଘଟଣା ବିଷୟରେ ଆପଣ ଆଜି ଜାଣିବେ। ଜଣେ ବ୍ୟକ୍ତି ପେଟିଏମ ଆପ୍ ମାଧ୍ୟମରେ ତାଙ୍କର ଜଣେ ବନ୍ଧୁଙ୍କ ନିକଟକୁ ୫୦ ହଜାର ଟଙ୍କା ପଠାଇବା ବେଳେ ଅନ୍ୟ ଜଣେ ବ୍ୟକ୍ତିଙ୍କ ନିକଟକୁ ପଠାଇ ଦେଇଥିଲେ। ଏହି ଘଟଣା ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କର ଟଙ୍କା ଫେରାଇ ଦେଇଛନ୍ତି ଜଣେ ସ୍ୱାଭିମାନି ବ୍ୟବସାୟୀ। ଏହି ଘଟଣା ପରେ ବ୍ୟବସାୟୀଙ୍କ ସଚ୍ଚୋଟତା ଓ ମାନବିକତାକୁ ଚାରିଆଡ଼ୁ ପ୍ରଶଂସା ମିଳୁଛି।

ମାର୍ଶାଘାଇ ବ୍ଲକ୍ ତାଳସଙ୍ଗା ପଞ୍ଚାୟତ ଶାସନିପଡା ଗ୍ରାମର ଲକ୍ଷ୍ମିଧର ନାୟକଙ୍କ ପୁଅ ରମାକାନ୍ତ ନାୟକ ଜଣେ ବ୍ୟବସାୟୀ। ପସ୍ତା ମେଡିକାଲ୍ ନିକଟରେ କ୍ରିଷ୍ଣା ଏଣ୍ଟରପ୍ରାଇଜ ଭାବରେ ବ୍ୟବସାୟିକ ଅନୁଷ୍ଠାନ ଚଳାଉଛନ୍ତି ରମାକାନ୍ତ। ରମାକାନ୍ତ ଜଣେ ସହୃଦୟ ଓ ପରୋପକାରୀ ବ୍ୟକ୍ତି। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସେ ସଦାସର୍ବଦା ପ୍ରସ୍ତୁତ। ରମାକାନ୍ତ ମହାକାଳପଡ଼ା ୟୁଥ୍ ଗ୍ରୁପର ଜଣେ କୋର୍ କମିଟି ସଦସ୍ୟ ମଧ୍ୟ। ରମାକାନ୍ତଙ୍କ ସଞ୍ଚୟ ବ୍ୟାଙ୍କ୍ ଖାତା ନମ୍ବରକୁ ଅଜାଣତରେ ମାର୍ଶାଘାଇ ବ୍ଲକ୍ କୁହୁଡ଼ି ପଞ୍ଚାୟତ ବାଲିଆ ଗ୍ରାମର ସୁକାନ୍ତ ମହାନ୍ତି ଦୁଇଟି ପର୍ଯ୍ୟାୟରେ ୫୦ ହଜାର ଟଙ୍କା ପଠାଇ ଦେଇଥିଲେ। ସୁକାନ୍ତ ଦିଲ୍ଲୀରେ ରୁହନ୍ତି।




ସୁକାନ୍ତ କହିବା କଥା ସେ ଆଳିର ଜଣେ ବନ୍ଧୁ ରମାକାନ୍ତଙ୍କ ନିକଟକୁ ପଠାଉଥିଲେ। ଭୁଲ୍‌ରେ ଅନ୍ୟ ରମାକାନ୍ତ ଭାଇଙ୍କ ନିକଟକୁ ପଳାଇଗଲା। ୨୦୨୨ରେ ସୁକାନ୍ତ କ୍ରିଷ୍ଣା ଏଣ୍ଟରପ୍ରାଇଜରୁ କିଛି ଜିନିଷ କିଣି ଅନଲାଇନ ଜରିଆରେ ଟଙ୍କା ଦେଇଥିଲେ। ସେଥିପାଇଁ ସମାନ ନାମ ଦୁଇଜଣଙ୍କର ଥିବାରୁ ଜାଣି ପାରିନଥିଲେ।

ଏ ସମ୍ପର୍କରେ ସୁକାନ୍ତ ଲକ୍ଷ୍ମିଧର ସ୍ୱାଇଁଙ୍କୁ ଯୋଗାଯୋଗ କରିଥିଲେ। ଲକ୍ଷ୍ମିଧର ରମାକାନ୍ତ ନାୟକଙ୍କୁ ୨୩ ମାର୍ଚ୍ଚ ରାତି ୧୦ ଟାରେ ଏବିଷୟରେ କଥା ହୋଇ ସମସ୍ତ ଘଟଣା ବିଷୟରେ କହିବା ପରେ ଯଦି ଟଙ୍କା ଆସିଥିବ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟଙ୍କା ଫେରାଇ ଦେବାକୁ ରମାକାନ୍ତ କହିଥିଲେ। ବ୍ୟାଙ୍କରେ ଯାଇ ଟଙ୍କା ଆସିଥିବା ଜାଣିବା ପରେ ବ୍ୟାଙ୍କରୁ ଉଠାଇ ସୁକାନ୍ତ ମହାନ୍ତିଙ୍କୁ ୫୦,୦୦୦ ଟଙ୍କା ଫେରାଇ ଦେଇଛନ୍ତି ରମାକାନ୍ତ। ରମାକାନ୍ତ ନାୟକଙ୍କ ଏହି ସଚ୍ଚୋଟତା ପାଇଁ ତାଙ୍କୁ ଚାରିଆଡ଼ୁ ପ୍ରଶଂସା ମିଳୁଛି।

## ପଞ୍ଚାମୁଣ୍ଡାଇ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

**ପଞ୍ଚାମୁଣ୍ଡାଇ,୨୯।୩ (ସଂଚାର ବ୍ୟୁରୋ):** ପଞ୍ଚାମୁଣ୍ଡାଇ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରିବା ପାଇଁ ଆଜି କୋର୍ଟ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଆଡ଼ଭୋକେଟ ସୂର୍ଯ୍ୟ ରଞ୍ଜନ ରାଉଳ, ଉପସଭାପତି ଆଡ଼ଭୋକେଟ ସୁରେଶ କୁମାର ନରେନ୍ଦ୍ର, ସାଧାରଣ ସମ୍ପାଦକ ଆଡ଼ଭୋକେଟ ରବୀନ୍ଦ୍ର କୁମାର ଦାଶ, ଯୁଗ୍ମ ସମ୍ପାଦକ ଆଡ଼ଭୋକେଟ ମନୋଜ କୁମାର ନାୟକ (ନିର୍ଦ୍ୱନ୍ଦ) କୋଷାଧ୍ୟକ୍ଷ ଆଡ଼ଭୋକେଟ ପ୍ରମୋଦ କୁମାର ବିଶ୍ୱାଳ (ନିର୍ଦ୍ୱନ୍ଦ) ପାଠାଗାରିକ ଆଡ଼ଭୋକେଟ ପ୍ରକାଶ କୁମାର ପାତ୍ର (ନିର୍ଦ୍ୱନ୍ଦ) ରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ବରିଷ୍ଠ ଆଡ଼ଭୋକେଟ ଭୀମସେନ ପ୍ରଧାନ ଘୋଷଣା କରିଛନ୍ତି ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



**ନିଶ୍ଚିନ୍ତକୋଇଲି,୨୯।୩ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମପଞ୍ଚାୟତ ରାମକୃଷ୍ଣପୁର ଗ୍ରାମ ନିବାସୀ ଆଦର୍ଶ ତଥା ଧର୍ମପରାୟଣ ମହିଳା ସୁକଲତା ବାରିକଙ୍କ ୭୯ବର୍ଷରେ ଗତକାଲି ମଧ୍ୟ ରାତ୍ରରେ ମସ୍ତିଷ୍କ ଜନିତ ଆଘାତରେ ପରଲୋକ ବରଣ କରିଛନ୍ତି। ତାଙ୍କର ମରଶରୀରକୁ ପୁରି ସ୍ୱର୍ଗଦ୍ୱାର ନିଆଯାଇ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଅଧାପକ ଅନନ୍ତ କିଶୋର ବାରିକ ମୁଖାଗ୍ନି ଦେଇଥିଲେ। ମଧ୍ୟମ ପୁତ୍ର ଫାର୍ମାସିଷ୍ଟ ଅଭିମନ୍ୟୁ ବାରିକ ଓ ସାନପୁଅ ଔଷଧବ୍ୟବସାୟୀ ଅଞ୍ଜନ କୁମାର ବାରିକଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ରହିଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ,ମନୋରଞ୍ଜନ ସ୍ୱାଇଁ,କ୍ଷୀରୋଦ ଚନ୍ଦ୍ର ପଣ୍ଡା,ବିଦ୍ୟାଧର ବାରିକଙ୍କ ସମେତ ବହୁ ମାନ୍ୟାଗଣ୍ୟା ବ୍ୟକ୍ତି ବିଶେଷ ମାନେ ତାଙ୍କ ବାସ ଭବନରେ ପହଞ୍ଚି ସ୍ୱର୍ଗତ ସୁକଲତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଥିଲେ।

# ଆଳି ଅବକାରୀ ଥାନାରେ ଝୁଲୁଛି ତାଲା

**● ନିଦାବିଷ୍ଟୁ ସାଜିଛି ବିଭାଗ ● ଫାଟକ ତାଲା ଦେଖି ଫେରୁଛନ୍ତି ଲୋକେ**

**ଆଳି,୨୯।୩ (ସଂଚାର ବ୍ୟୁରୋ):** ଦିନ ଦ୍ୱିପ୍ରହରରେ ଥାନା ସମ୍ମୁଖରେ ଝୁଲୁଛି ତାଲା । ଥାନା ସମ୍ମୁଖରେ ତାଲା ଝୁଲୁଥିବା ଦେଖି ଫେରୁଛନ୍ତି ଲୋକେ । ଏଭଳି ଦୃଶ୍ୟ ଆଳି ଅବକାରୀ ଥାନାରେ ନିୟମିତ ଦେଖିବାକୁ ମିଳୁଛି । ଦିନରେ ତାଲା ଝୁଲିବା ସାଧାରଣରେ ବଡ଼ ପ୍ରଶ୍ନବାଚି ସୃଷ୍ଟି କରିଛି। ଅଧିକାରୀ ଅଛନ୍ତି କି ନାହାନ୍ତି ସନ୍ଦେହ ଘେରରେ ଲୋକେ ଦିନକୁ ଦିନ ବେଧଡ଼କ ଭାବେ ଚାଲିଛି ଆଳିରେ ଚୋରାମଦ କାରବାର । ଚୋରା ମଦ ବ୍ୟବସାୟକୁ ବନ୍ଦ କରିବା ପରିବର୍ତ୍ତେ ସ୍ଥାଣୁ ପାଲଟିଛି ଅବକାରୀ ବିଭାଗ । କିଛି ମାସ ପୂର୍ବେ ଅବକାରୀ ବିଭାଗ ଦ୍ୱାରା ଆଳି ଅଞ୍ଚଳରେ ନୂତନ ଥାନା ଉଦଘାଟନ ସରିଥିଲେ ବି ଥାନାରେ ଏପର୍ଯ୍ୟନ୍ତ ତାଲା ଝୁଲୁଛି ।

ରାଜ୍ୟରେ ଚୋରାମଦ କାରବାର ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ନୂତନ ଥାନା ନିର୍ମାଣ କରାଯାଇଛି । ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ଥିବା ଆଳିରେ ଅବକାରୀ ବିଭାଗ ପକ୍ଷରୁ ନୂତନ ଥାନାର କାର୍ଯ୍ୟାଳୟ ଗତ ୨୦୨୪ ଫେବୃଆରୀ ୨୭ ତାରିଖରେ କେନ୍ଦ୍ରାପଡ଼ାର ପୂର୍ବତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଅବକାରୀ ଅଧିକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଉଦଘାଟନ ହୋଇଥିଲା । ହେଲେ ଉଦଘାଟନର କିଛି ମାସ ବିତି ଯାଇଥିଲେ ମଧ କେବେବି ଅବକାରୀ ବିଭାଗର କର୍ମଚାରୀଙ୍କ ପାଦ ପଡୁନି । କିନ୍ତୁ ଏହି ଘଟଣା କିଛି ମାସ ପୂର୍ବେ ଗଣମାଧ୍ୟମ ଏହି ଖବରକୁ ପ୍ରସାରଣ ପରେ ବିଭାଗର ନିଦ ଭାଙ୍ଗିଥିଲା ।




ଏହାପରେ ଅଫିସରଙ୍କ ପାଦ ପଡ଼ିଥିଲା ଏହା ସହ କିଛି ଦିନ ଠିକ ଠାକ ଚାଲିଥିଲା କାର୍ଯ୍ୟାଳୟ । ଏବେ କିନ୍ତୁ ଯଥା ପୂର୍ବଙ୍ଗ ତଥା ପରଂ ନ୍ୟାୟରେ ଚାଲିଛି ଆଳି ଅବକାରୀ ବିଭାଗ। ଆଳି ଅବକାରୀ ବିଭାଗ କାର୍ଯ୍ୟାଳୟ ନଥିବାରୁ ଦୀର୍ଘ ଦିନ ହେବ ଏକ ଭଡାଘରେ କାର୍ଯ୍ୟାଳୟ ଚାଲିଥିବା ବେଳେ ନୂଆ ଥାନା ନିର୍ମାଣ ହୋଇଥିବା ବେଳେ କଣ ପାଇଁ ତାହା ଖୋଲୁନି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଆଳି ବ୍ଲକ ରେ ନିଶା କାରବାର ବୃଦ୍ଧି ପାଉଥୁବା ବେଳେ, ଅଭିଯୋଗ କରିବା ଲାଗି ଆସି ଫେରି ଯାଉଥିବା ଅଭିଯୋଗ ହୋଇଛି । ଆଳି ଅଂଚଳରେ ଅବକାରୀ ବିଭାଗ ଅଛିକି ନାହିଁ ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ ନାଗରିକମାନେ। ଏଥିପ୍ରତି ରାଜ୍ୟସରକାର ଓ ଅବକାରୀ ବିଭାଗର ଉପରିସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବା ସହ କିପରି ଅବକାରୀ ବିଭାଗ କାର୍ଯ୍ୟକ୍ଷମ ହେବ ଆଳି ବାସି ଦାବୀ କରିଛନ୍ତି। ଏ ନେଇ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

**ଅସହ୍ୟ ଗ୍ରୀଷ୍ମ ପ୍ରବାହ**

# କେବେ ଆରମ୍ଭ ହେବ ଜଳଛତ୍ର ?

**ନିଶ୍ଚିନ୍ତକୋଇଲି,୨୯।୩ (ସଂଚାର ବ୍ୟୁରୋ):** ମାର୍ଚ୍ଚ ସରି ଏପ୍ରିଲ୍ ମାସ ଆରମ୍ଭ ହେବାକୁ ବସିଥିବା ବେଳେ ସମଗ୍ର କଟକ ଜିଲ୍ଲାର ତାପମାତ୍ରା ଏବେ ୩୫ଡିଗ୍ରୀ ଟପି ୪୦ଡିଗ୍ରୀ ଛୁଇଁବାକୁ ବସିଲାଣି। ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳ ଏବେ ଉତ୍ତପ୍ତ ଅଞ୍ଚଳରେ ପରିଗଣୀତ ହେଲାଣି। ଫଳରେ ଅସହ୍ୟ ହେଉଛି ଗ୍ରୀଷ୍ମ ପ୍ରବାହ । ଏହି ପରିସ୍ଥିତିରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ପଶୁ, ପକ୍ଷୀ ସମସ୍ତେ ଅସ୍ତବ୍ୟସ୍ତ ହୋଇଗଲେଣି। ବିଶେଷ କରି ବ୍ଲକ ଅଞ୍ଚଳରେ ଥିବା ଅଧିକାଂଶ ଜଳାଶୟ ଶୁଖିଲା ପଡ଼ିଛି। ଗ୍ରାମାଞ୍ଚଳରେ ଜଳର ସୁବିଧା ନଥିବାରୁ ବୁଲାପ୍ରାଣୀଙ୍କ ପାଇଁ ଜଳ ସମସ୍ୟା ଦେଖାଦେଇଛି। ଆଗକୁ ତାତି ଆହୁରି ଜଟିଳ ହେବାର ସମ୍ଭାବନା ଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ସାଧାରଣରେ ଚିନ୍ତା ବଢ଼ିବାରେ ଲାଗିଛି। ପ୍ରତିବର୍ଷ ତାପମାତ୍ରା ନିୟନ୍ତ୍ରଣ ପାଇଁ ବ୍ୟାପକ ବୃକ୍ଷରୋପଣ, ଜଳାଶୟ ପୁନରୁଦ୍ଧାର କରାଯାଉ ବୋଲି ଦାବି ହେଉଛି । ସରକାରୀସ୍ତରରେ ମଧ ଔପଚାରିକତା ପୂରଣ ପାଇଁ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ହେଉଛି । ଏଥିରେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଚିରାଚରିତ ଢଙ୍ଗରେ ଘୋଷଣା କରାଯାଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି। ଖରାଦିନ ଆସିଲେ ସରକାରୀ ଭାବେ ଜଳାଶଯ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରାଯାଇ ଜନ ଅସନ୍ତୋଷକୁ ଚାପି ଦେବା ପାଇଁ ଉଦ୍ୟମ ହେଉଛି । ଖରା ଦିନପରେ ଯଥା ପୂର୍ବ ତଥା ପରଂ ବୋଲି ଅଭିଯୋଗ ହେଉଛି।

ଉଭୟ ବ୍ଲକ ଅନ୍ତର୍ଗତ ୭୮ଟି ପଞ୍ଚାୟତରେ ବିଗତ ବର୍ଷ ମାନଙ୍କରେ ଏପ୍ରିଲ ପ୍ରଥମ ସପ୍ତାହ ବେଳକୁ ପ୍ରତ୍ୟେକ ଗାଁରେ ଜଳଛତ୍ର ମାଧମରେ ଲୋକ ମାନଙ୍କୁ ପିଇବା ପାଣି ଯୋଗାଇ ଦିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହକୁ ଆଖି ଅଗରେ ରଖି ଜଳଛତ୍ର ନଖୋଲିବା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରିକି ବ୍ଲକର ବିଭିନ୍ନ ଛକ ଗୁଡ଼ିକରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନଥିବା ବେଳେ ବାଟୋଇ ମାନେ ଜଳ ଟିକକ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସରକାର ଗ୍ରୀଷ୍ମ ପ୍ରବାହ ସମୟରେ କିପରି ସମସ୍ତେ ପାନୀୟ ଜଳରୁ ବଞ୍ଚିତ ନହେବେ ସେଥି ନିମନ୍ତେ ସମସ୍ତ ପଞ୍ଚାୟତକୁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦେବାର ନିୟମ ରହିଥିବା ବେଳେ ଏ ଯାଏଁ ପଞ୍ଚାୟତ ତରଫରୁ ଜଳଛତ୍ର ଖୋଲା ନହେବା ଚର୍ଚ୍ଚାର ବିଷୟ ପାଲଟିଛି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଶୀଘ୍ର ଜଳଛତ୍ର ଖୋଲିବା ସହ ଛକ ଛକରେ ଥଣ୍ଡା ପାନୀୟ ପ୍ରକଳ୍ପ ଗୁଡ଼ିକୁ ଖୋଲି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**କେନ୍ଦ୍ରାପଡ଼ା ଜିଲ୍ଲା ବାର୍ ଆସୋସିଏସନ୍ ନିର୍ବାଚନ**

# ଗୋବର୍ଦ୍ଧନ ରାଉତ ସଭାପତି, ନୃସିଂହ ରାଉତ ସମ୍ପାଦକ

**କେନ୍ଦ୍ରାପଡ଼ା,୨୯।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ବାର୍ ଆସୋସିଏସନ୍‌ର ନିର୍ବାଚନ ସହ ଫଳାଫଳ ଘୋଷଣା କରାଯାଇଛି । ଏଥିରେ ବରିଷ୍ଠ ଆଇନଜୀବି ଗୋବର୍ଦ୍ଧନ ରାଉତ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ନୃସିଂହ ଚରଣ ରାଉତ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ମୋଟ୍ ୫୪୨ ଭୋଟରଙ୍କ ମଧ୍ୟରୁ ୫୦୯ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ସେଥିମଧ୍ୟରୁ ୪ଟି ଭୋଟ ନାକଚ ହୋଇଥିବା ବେଳେ ୫୦୫ ବୈଧ ଭୋଟରୁ ଶ୍ରୀ ରାଉତ ୨୮୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ରବି ନାରାୟଣ ମହାନ୍ତି ୨୨୫ ଖଣ୍ଡ ଭୋଟ୍ ପାଇଛନ୍ତି ।

ସେହିଭଳି ଉପ ସଭାପତି ଭାବେ ହାଡିବନ୍ଧୁ ସିଂହ ୩୧୪ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ପ୍ରତିଦ୍ୱନ୍ଦୀ ଅଞ୍ଜନା ମହାନ୍ତି ୧୯୪ ଖଣ୍ଡ ଭୋଟ୍ ପାଇଛନ୍ତି । ସଂପାଦକ ପ୍ରାର୍ଥୀ ନୃସିଂହ ଚରଣ ରାଉତ ୨୬୦ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ବେଳେ ପ୍ରତିଦ୍ୱନ୍ଦୀ ଅଜୟ କୁମାର ମହାନ୍ତି ୧୫୧ ଖଣ୍ଡ ଓ ଅରକ୍ଷିତ ସୁଆର ୯୬ ଖଣ୍ଡ ଭୋଟ ପାଇଛନ୍ତି । କୋଷାଧ୍ୟକ୍ଷ ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ବିଭୂତି ଭୂଷଣ କର ୩୪୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିଦ୍ୱନ୍ଦିତା କରୁଥିବା ଚୈତନ୍ୟ ଚରଣ ମଲିକ ୧୬୬ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି । ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବି ସଂଜୟ କୁମାର ପତ୍ରୀ ଏହି ନିର୍ବାଚନ କରି ଫଳାଫଳ ଘୋଷଣା କରିଥିବା ସୂଚନା ମିଳିଛି । ଆଜି ସକାଳ ୮ ରୁ ଦିନ ୩ଟା ମଧ୍ୟରେ କୋର୍ଟ ପରିସର ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।



## ମଣ୍ଡଳସ୍ତରୀୟ ନିପୁଣ ଓଡିଶା ମେଳା



**କେନ୍ଦ୍ରାପଡ଼ା,୨୯।୩ (ସଂଚାର ବ୍ୟୁରୋ):** ଶନିବାର ଦିନ ଫୋରଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାଙ୍ଗଣ ଠାରେ କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ହିରଣ୍ୟ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ୮ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ସମ୍ମାନିତ ଅତିଥି କଂସାର ଗ୍ରାମ ପଞ୍ଚାୟତ ସରପଞ୍ଚ ସରୋଜିନୀ ନାୟକ, ସହ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନପୂର୍ଣ୍ଣା ପଣ୍ଡା,ଫୋରଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ରାଉତ, କଂସାର ସାହସପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉଳ ସାମ୍ବାଦିକ ନିରଂଜନ ପରିଡା ଯୋଗଦେଇ ନିପୁଣ ଓଡିଶା ସମ୍ପର୍କରେ ସାକ୍ଷରତା ଓ ସଂଖ୍ୟାଜ୍ଞାନର ସର୍ବନିମ୍ନ ଉପଲବ୍ଧି ହାସଲ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଉପଲବ୍ଧି ସ୍ତର ହାସଲ ପାଇଁ ପିତାମାତା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ଦାୟିତ୍ୱର ଆବଶ୍ୟକତା ଅଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭା ଆରମ୍ଭରେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ଫୋରଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାନେ ଓ ଅତିଥି ପରିଚୟ ଏବଂ ସଭା ସଞ୍ଚାଳନ କରିଥିଲେ ସିଆରସିସି ଅନନ୍ତ କୁମାର ପରିଡା। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଏଫ୍‌ଏଲ୍‌ଏନ ଷ୍ଟଲ ଆସିଥିଲା। କୃତୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଓ ଛାତ୍ର ଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ନିମନ୍ତ୍ରିତ ଅତିଥିବୃନ୍ଦ ପ୍ରଦାନ କରିଥିଲେ।

## ଶିକ୍ଷା ବିଭାଗ ପକ୍ଷରୁ ଇକୋ କ୍ଲବ୍ ପ୍ରଦର୍ଶନୀ




**ରାଜନଗର,୨୯।୩ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଇକୋ କ୍ଲବ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁସାରେ ପ୍ରାଥମିକ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ପ୍ରଦର୍ଶନୀ କରାଯାଇଥିଲା। ୧୮ଟି କ୍ଲଷ୍ଟରରୁ ୩୭ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବା ସହିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପ ଗୁଡିକ ମଧ୍ୟରେ ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ କମାଇବା, ପ୍ଲାଷ୍ଟିକ ବ୍ୟବହାର ନ କରିବା ସହିତ ପ୍ରକୃତିର ସୁରକ୍ଷା କ୍ଷେତ୍ରରେ ମାନବର କର୍ତ୍ତବ୍ୟ ଉପରେ ପ୍ରକଳ୍ପ ଗୁଡିକ ପ୍ରଦର୍ଶନ କରାଯାଇଥିଲା। ଏଥିରୁ ୭ଟି ପ୍ରକଳ୍ପ ଜିଲ୍ଲା ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତ ରଂଜନ ଜେନା, ବିଆରସିସି ଭକ୍ତିଲତା ବାରିକ ପ୍ରମୁଖ ଯୋଗଦେଇ ୭ଜଣଙ୍କ ମଧ୍ୟରେ ଅଧିକ ନମ୍ବର ରଖିଥିବା ୩ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସି ପରିଚାଳନା କରିଥିଲେ।

# ଠିପି ଖୋଲା ବିଦେଶୀ ମଦ ଦୋକାନ ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ରାଜନଗର,୨୯।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ନେଇ ପତିକ୍ରିୟା ବଢ଼ିବାରେ ଲାଗିଛି। ଅବକାରୀ ବିଭାଗର ନୀତି ନିୟମକୁ ଉଲଘନ୍ନ କରି ଜନଗହଳିପୂର୍ଣ୍ଣ ସ୍ଥାନରେ ଖୋଲାଯାଇଛି ଏହି ମଦ ଦୋକାନ। ସ୍ଥାନୀୟ ଅଞ୍ଚଳବାସୀ ଓ ମହିଳାମାନେ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇଲା ପରେବି ପ୍ରଶାସନ ଏହାକୁ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନନେବାରୁ ମହିଳାମାନେ ଏହାକୁ ସାତ ଦିନ ମଧ୍ୟରେ ଉଚ୍ଛେଦ ନକଲେ ଅନଶନରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥି ସହ ହଂସିଣା ଫେରି ଘାଟ ନିକଟରେ ଥିବା ବିଦେଶୀ ମଦ ଦୋକାନ ଓପନ ବାରରେ ପରିଣତ ହେବା ସହ ସେଠାରେ ଅସମାଜିକ ବ୍ୟକ୍ତିଙ୍କ ଭିଡ ଜାମୁଥିବା ଅଭିଯୋଗ ହୋଇଛି। ହଂସିଣା ଫେରିଘାଟ ନିକଟରେ ଅବକାରୀ ବିଭାଗର ନୀତି ନିୟମକୁ ଉଲଘନ୍ନ କରି ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଏହା ଠିପି ବନ୍ଦ ବିଦେଶୀ ମଦ ଦୋକାନ ହୋଇଥିଲେ ମଧ୍ୟ ବେଆଇନ ଭାବେ ମଦ ଦୋକାନ ସମୁଖ ଓପନ ବାରରେ ପରିଣତ ହୋଇଛି। ଏହି ମଦ ଦୋକାନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।




ଅଭିଯୋଗ ମୁତବକ ଏହି ଠିପି ଖୋଲା ମଦ ଦୋକାଳ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି। ପ୍ରତ୍ୟେକ ଦିନ ଏହି ବିଦେଶୀ ମଦ ଦୋକାନରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ ଜମୁଛି। ଅସାମାଜିକ ଯୁବକମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏହି ବିଦେଶୀ ମଦ ଦୋକାନଠାରୁ ମାତ୍ର ଅଳ୍ପକିଛି ଦୂରରେ ଗ୍ରାମଦେବୀ ମନ୍ଦିର, ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ମଦ ଦୋକାନ ପାଇଁ ଅନେକ ଘଟଣା ଓ ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଘଟୁଛି। ପ୍ରତ୍ୟେକ ଦିନ ଏହି ମଦ ଦୋକାନ ବାଟ ଦେଇ ପାଠ ପଢ଼ିବାକୁ ଯାଇଥିବା ଛାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଖରାପ ବ୍ୟବହାର ମଧ କରୁଛନ୍ତି। ଯାହାଦ୍ୱାରା ନାବାଳିକା ଛାତ୍ରୀମାନେ ପାଠ ପଢ଼ିବାକୁ ସେହି ବାଟ ଦେଇ ଯିବାକୁ ଅସୁରକ୍ଷିତ ମନେ କରୁଛନ୍ତି। ଧୀରେଧୀରେ ଏହି ମଦ ଦୋକାନ ପାଇଁ ବିଦ୍ୟାଳୟରେ ପଢୁଥିବା ଛାତ୍ରମାନେ ମଦ ପିଇବା ସହିତ ଚୋରା ମଦ ବିକ୍ରି ମଧ କଲେଣି। ତୁରନ୍ତ ମଦ ଦୋକାନକୁ ବନ୍ଦ କରିବାକୁ ମୀନା ରାଉତ, ବାନାମ୍ବର ଗାଉତ, ରଶ୍ମିରଞ୍ଜନ ରାଉତ, ମନୋରମା ନୟକ, ପ୍ରଭାତୀ ନାୟକ, ସୁମିତ୍ରା ରାଉତ, ସାବିତ୍ରୀ ପ୍ରଧାନ, ମଞ୍ଜୁଲତା ରାଉଳ, ବାସନ୍ତୀ ରାଉତ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ଏହି ବିଦେଶୀ ଠିପି ବନ୍ଦ ମଦ ଦୋକାନ ବନ୍ଦ କରିବାକୁ ପଦକ୍ଷେପ ନନେଲେ ମହିଳା ମାନେ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।



## ବିଧାନସଭା ଖବର

### ଏମଜିକ୍ୟୁ ବନ୍ଦ ପାଇଁ ଦାବି

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ମଦ ବିକ୍ରି ପାଇଁ ଓଡ଼ିଶା ରାଜ୍ୟ ମଦ ନିଗମ ରଖିଥିବା ମିନିମମ ଗ୍ୟାରେଣ୍ଟି କ୍ୱାଣ୍ଟିଟି (ଏମଜିକ୍ୟୁ) ବ୍ୟବସ୍ଥାକୁ ଉଚ୍ଛେଦ କରିବାପାଇଁ ଆଜି ବିଧାନସଭାରେ ଦାବି କରିଛନ୍ତି ବିଜେପି ବିଧାୟକ ଅମରେନ୍ଦ୍ର ଦାସ। ଶୂନ୍ୟ କାଳରେ ଶ୍ରୀ ଦାସ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ମଦ ନିଗମର ଏମଜିକ୍ୟୁ ନିୟମ ଦ୍ୱାରା ମଦ ଦୋକାନୀମାନେ ବାଧ୍ୟହୋଇ ଅଧିକ ପରିମାଣରେ ମଦ ଉଠାଉଛନ୍ତି । ସମସ୍ତ ମଦ ବିକ୍ରି ହେଉନଥିବାରୁ ବଳି ପଡୁଥିବା ମଦକୁ କୋଚିଆମାନଙ୍କ ଦ୍ୱାରା ବିକ୍ରି ହେଉଛି । ସେମାନେ ଏହି ମଦକୁ ନେଇ ମଦ ଦୋକାନ ବାହାରେ ବିକ୍ରି ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି । ରାଜ୍ୟରେ ଚୋରା ମଦ କାରବାରରେ ଏହା ଏକ ପ୍ରମୁଖ କାରଣ ପାଲଟିଛି । ଶ୍ରୀ ଦାସ କହିଥିଲେ ଯେ ରାଜ୍ୟରେ ନାରୀ ନିର୍ଯ୍ୟାତନା, ଦୁର୍ଘଟଣା, ହତ୍ୟା ଧର୍ଷଣ ଆଦିର ମୂଳ କାରଣ ହେଉଛି ମଦ । ଚୋରା ମଦ କାରବାର ଯୋଗୁଁ ରାଜ୍ୟରେ ଏହା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ତେଣୁ ପୂର୍ବ ସରକାର ମଦ ଦୋକାନଗୁଡ଼ିକ ପାଇଁ ଯେଉଁ ଏମଜିକ୍ୟୁ ବ୍ୟବସ୍ଥା କରିଛନ୍ତି ତାହାକୁ ତୁରନ୍ତ ଉଚ୍ଛେଦ କରନ୍ତୁ। ତେବେ ଆଜି ଶ୍ରୀ ଦାସ ଆଜି ଏ ସଂକାନ୍ତରେ ପଚାରିଥିବା ଏକ ତାରକା ପ୍ରଶ୍ନର ଉତ୍ତରରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ସମସ୍ତ ମଦ ଦୋକାନରେ ଯେଉଁ ଏମଜିକ୍ୟୁ ରହିଛି ଏହା ଉଚ୍ଛେଦ ହେବାର କୌଣସି ପ୍ରସ୍ତାବ ସରକାରଙ୍କ ନିକଟରେ ନାହିଁ।

### ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିଯୁକ୍ତି ଚୁକ୍ତିଭିତ୍ତିକ

ରାଜ୍ୟର ୨୯ ଜିଲ୍ଲାରେ ଚୁକ୍ତିଭିତ୍ତିକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିଯୁକ୍ତି ପାଇଛନ୍ତି। କେନ୍ଦୁଝର ଜିଲ୍ଲାରେ ଶିଶୁ ସୁରକ୍ଷା ଅଧିକାରୀ ପଦବୀଟି ଖାଲି ପଡିଥିବାବେଳେ କୋରାପୁଟ ଜିଲ୍ଲା ଶିଶୁଙ୍କ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଛି ଏବଂ ନୂଆପଡା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ପ୍ରାପ୍ତ ଅଭିଯୋଗ ବିଚାରାଧିନ ରହିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ମୋଟ୍ ୨୯ଜଣ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୭ଜଣ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଛନ୍ତି । ୨୦୧୩ ମସିହାରେ ୨୨ଜଣ, ୨୦୧୯ ମସିହାରେ ୩ଜଣ ନିଯୁକ୍ତ ହୋଇଛନ୍ତି । ଏହାଛଡା ଚଳିତ ବର୍ଷ ଆଉଟସୋର୍ସିଂ ଜରିଆରେ ୨ଜଣ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିଯୁକ୍ତ ହୋଇଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ କୋରାପୁଟ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରାପ୍ତ ହୋଇଛି । ତାଙ୍କ ବିରୁଦ୍ଧରେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନଙ୍କୁ ନିର୍ଯ୍ୟାତନା ଦେବା ଏବଂ ମାନସିକ ଚାପ ପକାଇବାର ଅଭିଯୋଗ ଆସିଛି । ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସତ୍ୟାସତ୍ୟ ଜଣାଇବାପାଇଁ ଗତବର୍ଷ ଡିସେମ୍ବର ୧୦ତାରିଖରେ କୋରାପୁଟ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି । ତଦନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ । ସେହିଭଳି ନୂଆପଡା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅର୍ନ୍ତଯାମୀ ବଳିୟାରସିଂହଙ୍କ ବିରୁଦ୍ଧରେ ଅର୍ଥ ତୋଷାରପାତ ଅଭିଯୋଗ ଆସିଛି । ଏହି ଅଭିଯୋଗଟି ମହିଳା ଓ ଶିଶୁ ବିକାଶ ବିଭାଗ ନିକଟରେ ବିଚାରାଧିନ ରହିଛି ।

### ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗର ୧୨୮ ଯନ୍ତ୍ରୀ

ଭିଜିଲାନ୍ସ ମାମଲା ଆଧାରରେ ପୂର୍ତ୍ତ ବିଭାଗର ୧୨୮ଜଣ ବିଭିନ୍ନ ଯନ୍ତ୍ରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲିଛି । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ସହିତ ପରାମର୍ଶକ୍ରମେ ଓ ଆଇନ୍ ଅନୁସାରେ ଏହାର ଫଏସଲା ହୋଇଥାଏ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥୀରାଜ ହରିଚନ୍ଦନ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୧୨୮ଜଣ ଯନ୍ତ୍ରୀଙ୍କ ବିରୁଦ୍ଧରେ ଚାଲିଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଫଏସଲା ହୋଇନାହିଁ । ଏଗୁଡିକୁ ଫଏସଲା କରିବାପାଇଁ ବିହିତ ପଦକ୍ଷେପ ନିଆଯାଉଛି। ମନ୍ତ୍ରୀଙ୍କ ଉତ୍ତରରୁ ସୂଚନା ମିଳିଛି ଯେ ଅଧିକାଂଶ ମାମଲାରେ ତଦନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ। ମାତ୍ର ୩୦ଜଣ ଯନ୍ତ୍ରୀଙ୍କର ତଦନ୍ତ ରିପୋର୍ଟ ବିଭାଗର ହସ୍ତଗତ ହୋଇଛି। ଏହିସବୁ ରିପୋର୍ଟ ମଧ୍ୟରୁ କେତେକ ୨୦୧୬ରୁ ହସ୍ତଗତ ହୋଇଥିବା ବେଳେ ଅଧିକାଂଶ ରିପୋର୍ଟ ୨୦୨୪ ଓ ୨୦୨୫ରେ ମିଳିଛି।

### ମନ୍ଦିର ନୀତିକାନ୍ତି ପାଇଁ ୫ ବର୍ଷରେ ଦିଆଯାଇଛି ସାଢ଼େ ୨୬ କୋଟି

ରାଜ୍ୟ ଦେବତ୍ତୋର ବିଭାଗ ଅଧିନରେ ମୋଟ୍ ୧୭,୬୪୧ଟି ମନ୍ଦିର ପରିଚାଳିତ ହେଉଛି। ଏହିସବୁ ଅନୁଷ୍ଠାନର ନୀତିକାନ୍ତି ଓ ପର୍ବପର୍ବାଣି ପାଇଁ ଗତ ୫ ବର୍ଷରେ ମୋଟ୍ ସାଢ଼େ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି।ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଆଇନ୍ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ । ମନ୍ତ୍ରୀ ତାଙ୍କ ଉତ୍ତରେ ଉଲ୍ଲେଖ କରିଛନ୍ତି ଯେ ଦୋବତ୍ତୋର ବିଭାଗ ଅଧିନରେ ଥିବା ମନ୍ଦିରଗୁଡିକୁ ୫ବର୍ଷରେ ୨୬କୋଟି ୫୦ଲକ୍ଷ ଟଙ୍କାର ସରକାରୀ ସହାୟତା ପ୍ରଦାନ କରାଯାଇଥିବା ବେଳେ ପ୍ରମୁଖ ମନ୍ଦିରଗୁଡ଼ିକର ବିକାଶ ପାଇଁ ୨ ବର୍ଷ ମଧ୍ୟରେ ସରକାର ପ୍ରଦାନ କରିଥିବା ଅର୍ଥରାଶି ସଂକ୍ରାନ୍ତୀୟ ସୂଚନା ଦେବୋତ୍ତର ବିଭାଗରେ ଉପଲବ୍ଧ ନାହିଁ।

### ଇକୋ ରିଟ୍ରିଟ୍‌କୁ ଆସିଛନ୍ତି ୨୮,୩୬୯ ପର୍ଯ୍ୟଟକ

ଚଳିତବର୍ଷ ଓଡ଼ିଶାର ୭ଟି ସ୍ଥାନରେ ଆୟୋଜିତ ହୋଇଥିବା ଇକୋ ରିଟ୍ରିଟ୍‌କୁ ୨୮,୩୬୯ ଜଣ ପର୍ଯ୍ୟଟକ ଆସିଛନ୍ତି । ଇକୋ ରିଟ୍ରିଟ୍‌ରୁ ୭କୋଟି ୮୦ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ ହୋଇଥିବା ବେଳେ ୭୬ କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇଛି । ଇକୋ ରିଟ୍ରିଟ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୪-୨୫ ବର୍ଷରେ ରାଜ୍ୟ ସାତଟି ସ୍ଥାନ ରାମଚଣ୍ଡୀ-କୋଣାର୍କ, ବାଲିପୁଟ-ସାତକୋଶିଆ, ପେଣ୍ଠ-ଭିତରକନିକା, ହୀରାକୁଦ, ଦାରିଙ୍ଗିବାଡ଼ି, ପୁତସିଲ-କୋରାପୁଟ ଓ ଗଞ୍ଜାମର ସୋନାପୁର ବେଳାଭୂମିରେ ଇକୋ ରିଟ୍ରିଟ୍ ଆୟୋଜିତ ହୋଇଥିଲା। ଏଠାକୁ ୨୮,୩୬୯ଜଣ ପର୍ଯ୍ୟଟକ ଆସିଥିଲେ । ଏଥି ମଧ୍ୟରୁ ସର୍ବାଧିକ ୧୧,୧୦୯ଜଣ ରାମଚଣ୍ଡୀ-କୋଣାର୍କକୁ ଆସିଥିବାବେଳେ ଭିତରକନିକାକୁ ୩୩୩୩ ଜଣ, ସୋନାପୁର ବେଳାଭୂମିକୁ ୩୧୬୮, ଦାରିଙ୍ଗିବାଡିକୁ ୩୧୫୫, ସାତକୋଶିଆକୁ ୨୮୮୫ ଏବଂ ପୁତସିଲକୁ ୨୪୩୬ଜଣ ଆସିଥିଲେ। ଇକୋ ରିଟ୍ରିଟ୍ ପରିଚାଳନା ପାଇଁ ଦୁଇଟି ସଂସ୍ଥା ଇ-ଫାକ୍ଟର ଏକ୍ସପେରିଏନ୍ସ ଲିମିଟେଡ ଓ ୟାଲା ଇକୋ ରିଟ୍ରିଟ୍ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଥିଲା । ଏହି ଦୁଇ ସଂସ୍ଥାକୁ ଏ ବାବଦରେ ୭୬,୦୦,୮୮,୪୨୬ ଟଙ୍କା ପ୍ରଦାନ କରାଯାଇଛି । ରାମଚଣ୍ଡୀ କୋଣାର୍କ ପାଇଁ ସର୍ବାଧିକ ୨୭ କୋଟି ୨୬ଲକ୍ଷ ଟଙ୍କା ଦିଆଯାଇଥିଲା ସବୁଠାରୁ କମ୍ ୬କୋଟି ୫୬ଲକ୍ଷଟଙ୍କା ଦାରିଙ୍ଗିବାଡିପାଇଁ ପ୍ରଦାନ କରାଯିଛି । ସେହିଭଳି ଇକୋ ରିଟ୍ରିଟ୍‌ରୁ ମୋଟ୍ ୭,୮୦,୮୭,୫୨୦ଟଙ୍କାର ରାଜସ୍ୱ ଆସିଛି । ଏଥି ମଧ୍ୟରୁ ରାମଚଣ୍ଡୀ-କୋଣାର୍କରୁ ସବାଧିକ ୩,୭୩,୩୯,୨୪୫ ଟଙ୍କା ଆସିଥିବାବେଳେ ସବୁଠାରୁ କମ୍ ୬୧,୩୧,୬୫୦ ଟଙ୍କା ହୀରାକୁଦ ଇକୋ ରିଟ୍ରିଟ୍‌ରୁ ଆସିଥିଲା ।

## ୨ ବର୍ଷରେ ଜଗନ୍ନାଥଙ୍କ ଜମି ବିବାଦର ସମାଧାନ

### ୩ ମାସ ଭିତରେ ଆସିବ ନୂଆ ୟୁନିଫର୍ମ ଲ୍ୟାଣ୍ଡ ପଲିସି



ଭୁବନେଶ୍ୱର,୨୯।୩ (ସଂଚାର ବ୍ୟୁରୋ): ୩ ମାସ ମଧ୍ୟରେ ନୂଆ ୟୁନିଫର୍ମ ଲ୍ୟାଣ୍ଡ ପଲିସି ଆଣିବେ ରାଜ୍ୟସରକାର। ରାଜ୍ୟବ୍ୟାପୀ ଜଗନ୍ନାଥଙ୍କ ଜମି ବିବାଦ ଦୁଇ ବର୍ଷ ମଧ୍ୟରେ ତୁଟିବ ବୋଲି ଗୃହରେ କହିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଯେଉଁମାନେ ଅଧିକ ବର୍ଷ ଜଗନ୍ନାଥଙ୍କ ଜମି ଜବରଦଖଲ କରିଥିବେ ସେମାନଙ୍କୁ ରିହାତିରେ ୧୦୦ ଡିସିମିଲ ଜାଗା ଯୋଗାଇଦେବେ ରାଜ୍ୟସରକାର । କୋରାପୁଟରେ ୨୭ ହଜାର ୪୧୦ ଏକର ଜଗନ୍ନାଥଙ୍କ ଜମି ଚିହ୍ନଟ ହୋଇଛି। ଜିଲ୍ଲାରେ ଯେଉଁଠି ଜଗନ୍ନାଥଙ୍କ ଜମି ଜବରଦଖଲ ହୋଇଥିଲା ତାକୁ ଦଖଲମୁକ୍ତ କରାଯାଇଛି। ଅନ୍ୟ ୨୪ଟି ଜିଲ୍ଲାରେ ୬୦ ହଜାର ୪୨୬ ଏକର ଜଗନ୍ନାଥଙ୍କ ଜମି ରହିଛି । ୩୮ ହଜାର ୬୧ ଏକର ଜମିର ସତ୍ୱଲିପି ରାଜ୍ୟସରକାରଙ୍କ ପାଖରେ ରହିଛି। ଯାହାର ଡିଜିଟାଇଜେସନ ପ୍ରକ୍ରିୟା ଜାରି ରହିଛି । ୨୨ ହଜାର ଏକର ଜମିର ଆରଓଆର୍ ଯୋଗାଡ଼ ଚାଲିଛି । ରାଜ୍ୟ ବାହାରେ ୬ଟି ପ୍ରଦେଶରେ ୩୯୫.୨୫ ଏକର ଜଗନ୍ନାଥ ଜମି ଥିବା ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।



ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟୁଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା।

### ମାର୍ଚ୍ଚ ୩୧ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୯।୩ (ସଂଚାର ବ୍ୟୁରୋ): ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଉକ୍ତଦିନ ସରକାରୀ ଛୁଟି ଥିବା ହେତୁ ଉକ୍ତଦିନ ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ କୌଣସି ଜନଅଭିଯୋଗ ଶୁଣାଣି ହେବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯିବ ବୋଲି ଆଜି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

## ଉଚ୍ଚଶିକ୍ଷା ସଚିବଙ୍କ ସହ ଏନ୍‌ସିସି ନିର୍ଦ୍ଦେଶକଙ୍କ ଆଲୋଚନା

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଆଜି ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ର କ୍ୟାଡେଟ୍ ସମ୍ପ୍ରସାରଣ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ସକାଶେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଶା ସମର ଶିକ୍ଷାର୍ଥୀ ବାହିନୀ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କର୍ଣ୍ଣେଲ ସାଗର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



ଏଥିରେ ଶ୍ରୀ ଅଗ୍ରୱାଲ ରାଜ୍ୟରେ ଏନସିସି କ୍ୟାଡେଟ ସଂଖ୍ୟା ୬୩ ହଜାରରୁ ୯୦ ହଜାରକୁ ବୃଦ୍ଧି କରିବା ପ୍ରସ୍ତାବକୁ ରାଜ୍ୟ ସରକାର ମଞ୍ଜୁର କରିଥିବା ବେଳେ ଏହା କେନ୍ଦ୍ର ସରକାରଙ୍କ ଏନସିସି ନିର୍ଦ୍ଦେଶାଳୟ ଅନୁମୋଦନ ଅପେକ୍ଷାରେ ରହିଥିବା ନେଇ ସୂଚନା ଦେଇଛନ୍ତି। ସେହିପରି କୋରାପୁଟରେ ଖୋଲାଯାଇଥିବା ଏନସିସି ଗ୍ରୁପ୍ ମୁଖ୍ୟାଳୟକୁ ଆବଶ୍ୟକୀୟ ମାନବ ସମ୍ବଳ ଯୋଗାଇ ଦିଆଯାଇଛି ଏବଂ ଅନ୍ୟାନ୍ୟ ଏନସିସି ଶାଖା କାର୍ଯ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ପୂରଣ ନିମନ୍ତେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଅଗ୍ରୱାଲ୍ ସୂଚନା ଦେଇଛନ୍ତି।

ଏନସିସି ପ୍ରଶିକ୍ଷାର୍ଥୀଙ୍କ ପ୍ରଶିକ୍ଷଣ ପାଇଁ ଗୋଟିଏ ହ୍ୟାଙ୍ଗର ନିର୍ମାଣ ନିମନ୍ତେ ଝାରସୁଗୁଡା ବିମାନବନ୍ଦର ପ୍ରାଧୀକରଣ ସହ ଏକ ଚୁକ୍ତିନାମା ସ୍ୱାକ୍ଷର ପାଇଁ ଉଚ୍ଚଶିକ୍ଷା ବିଭାଗକୁ ଦିଆଯାଇଥିବା ନିର୍ଦ୍ଦେଶକୁ ଅନୁମୋଦନ କରାଯାଇଛି। ଝାରସୁଗୁଡାରେ ଏନସିସି ପ୍ରଶିକ୍ଷାର୍ଥୀଙ୍କ ନିମନ୍ତେ ଉପଲବ୍ଧ ଥିବା ଅସ୍ତ୍ରସରଞ୍ଜାମର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲା ପୁଲିସ ଅଧିକାରୀଙ୍କୁ ପତ୍ର ଲେଖିବା ସକାଶେ ଉଚ୍ଚଶିକ୍ଷା ବିଭାଗକୁ ବୈଠକରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟରେ ବଢୁଛି ସ୍ୱାମୀ ପରିତ୍ୟକ୍ତାଙ୍କ ସଂଖ୍ୟା



ଭୁବନେଶ୍ୱର,୨୯।୩ (ସଂଚାର ବ୍ୟୁରୋ): ରାଜ୍ୟରେ ବଢୁଛି ଅସହାୟ, ସ୍ୱାମୀ ପରିତ୍ୟକ୍ତାଙ୍କ ସଂଖ୍ୟା। ଏନେଇ ଗୃହରେ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଚଳିତ ବର୍ଷ ୧୧,୫୯୮ ଅସହାୟ, ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ବଲାଙ୍ଗୀରରେ ସର୍ବାଧିକ ୩୭୨୯ ଅସହାୟ ଓ ସ୍ୱାମୀ ପରିତ୍ୟକ୍ତା ମହିଳା ଅଛନ୍ତି । ସେମାନଙ୍କ ବିକାଶ ପାଇଁ ଧନ୍ଦାମୂଳକ ତାଲିମ ଦିଆଯାଉଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ସେହିପରି ବିଧାନସଭାରେ ଆଉ ଏକ ସାଙ୍ଘାତିକ ତଥ୍ୟ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ବିଧାୟକ ସନାତନ ମହାକୁଡଙ୍କ ପ୍ରଶ୍ନରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ୨୦୨୪-୨୫ ବର୍ଷରେ ୨୮୬୯ ଟି ମାମଲା ପେଣ୍ଡିଂ ରହିଛି।

## ବାଂଲାଦେଶୀ ଖୋଜିବ ସ୍ପେଶାଲ ୱିଙ୍ଗ୍,ଜେଲ୍‌ଗଲା ମାଷ୍ଟର ମାଇଣ୍ଡ୍

ଭୁବନେଶ୍ୱର,୨୯।୩ (ସଂଚାର ବ୍ୟୁରୋ) : ରାଜ୍ୟରେ ବାଂଲାଦେଶୀଙ୍କ ସଂଖ୍ୟା କ୍ରମଶଃ ବଢ଼ିଚାଲିଛି। ଏବେ ବାଂଲାଦେଶୀ ଖୋଜି ବାହାର କରିବା ଦିଗରେ ତତ୍ପର ହୋଇଛନ୍ତି ସରକାର। ବାଂଲାଦେଶୀ ଖୋଜିବା ସକାଶେ ସ୍ପେଶାଲ ୱିଙ୍ଗ୍ ଗଠନ କରାଯାଇଛି। ଜଣେ ବାଂଲାଦେଶୀ ଆସିବା ପାଇଁ ୩୫ ହଜାର ଓ ଫେରିବା ପାଇଁ ୩୦ ହଜାର ଟଙ୍କା ନେଉଥିଲା ଦଲାଲ। ଘଟଣାର ମାଷ୍ଟରମାଇଣ୍ଡ ଜଗଦୀଶ ଦାସର ଠିକଣା ଦେଇଥିବା ବେଳେ ତାକୁ ଧରିବା ସକାଶେ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ରିମାଣ୍ଡ ସରିବା ପରେ ମାଷ୍ଟରମାଇଣ୍ଡକୁ ଜେଲ ପଠାଯାଇଛି। ଅଭିଯୁକ୍ତ ମହମ୍ମଦ ହାସୀମକୁ ଦୁଇଦିନିଆ ରିମାଣ୍ଡରେ ଆଣି ଖୋଳତାଡ଼ କରିଛି ଏସ୍‌ଟିଏଫ୍ ଟିମ୍। ରିମାଣ୍ଡ ଅବଧି ଭିତରେ ଅଭିଯୁକ୍ତ କହିଛି ବାଂଲାଦେଶୀ ଚାଲାଣର ଭିତିରି କଥା। ବାଂଲାଦେଶ ସୀମା ଦେଇ ଆସାମ ରାସ୍ତାରେ ଓଡ଼ିଶା ଆସୁଥିଲେ ଅଭିଯୁକ୍ତ। ରାତି ସମୟରେ ହିଁ ଲୋକଙ୍କୁ ସୀମା ପାର କରାଯାଉଥିଲା। ତେବେ ଅଭିଯୁକ୍ତର ସାଇଣ୍ଟିଫିକ ଏଭିଡେନ୍ସ ଯାଞ୍ଚ କରିବା ପରେ ସାମ୍ନାକୁ ଆସିଛି ବିସ୍ଫୋରକ ତଥ୍ୟ। ଲୋକମାନଙ୍କୁ ଚାଲାଣ ପରେ ସେମାନଙ୍କ ନକଲି ଆଧାର କାର୍ଡ ଓ ଭୋଟର ଆଇଡି ତିଆରି କରୁଥିଲା ଦଲାଲ। ଟଙ୍କାଗୁଡିକ ଅଗ୍ରିମ ଫୋନରେ ପଠାଇବା ପରେ ଆରମ୍ଭ ହେଉଥିଲା ଅପରେସନ ବର୍ଡର ପାର। ଏଯାବତ ୪୦ ବାଂଲାଦେଶୀଙ୍କୁ ଦିଲ୍ଲୀ, ବାଙ୍ଗାଲୋରରେ ରଖାଯାଇଛି।



## ଗୋଟିଏ ପ୍ରଶ୍ନରେ ଦୁଇ ମନ୍ତ୍ରୀଙ୍କ ଉତ୍ତର



ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ବେଦାନ୍ତ ଠାରୁ ଫେରସ୍ତ ହୋଇଥିବା ଜମି ଏହାର ମୂଳ ମାଲିକଙ୍କୁ ଫେରସ୍ତ ଦେବା ନେଇ ବିଧାନସଭାରେ ପଚରାଯାଇଥିବା ଗୋଟିଏ ପ୍ରଶ୍ନର ଉତ୍ତରକୁ ଆଜି ଉଭୟ ପୂର୍ତ୍ତ ଓ ରାଜସ୍ୱ ମନ୍ତ୍ରୀ ଦେଇଥିଲେ।ଆଜି ପ୍ରଶ୍ନକାଳରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୁରୀ ଜିଲ୍ଲାରେ ବେଦାନ୍ତ ଠାରୁ ଫେରିଥିବା ଜଗନ୍ନାଥଙ୍କ ଜମି ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ଆସିବା ନେଇ ପ୍ରଶ୍ନ କରିଥିଲେ । ଉତ୍ତରରେ ପୂର୍ତ୍ତମନ୍ତ୍ରୀ କହିଥିଲେ ଯେ ଅଦାଲତଙ୍କ ନିର୍ଦ୍ଦେଶ ପରେ ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ନିକଟରୁ ଜମିସବୁ ଫେରିଛି । ଶ୍ରୀମନ୍ଦିର ପ୍ରଶାସନ ହାତକୁ ଫେରାଇ ଆଣିବା ଲାଗି ପଦକ୍ଷେପ ନିଆଯାଉଛି । ତେବେ ଏହି ପ୍ରଶ୍ନଟି ରାଜସ୍ୱ ବିଭାଗ ସହିତ ଜଡିତ ଥିବାରୁ ରାଜସ୍ୱ ମନ୍ତ୍ରୀ ଏହା ଉପରେ ଉତ୍ତର ରଖିବା ଆବଶ୍ୟକ ବୋଲି ଶ୍ରୀ ସ୍ୱାଇଁ ମତ ଦେଇଥିବାବେଳେ ଗୃହରେ ଉପସ୍ଥିତ ଥିବା ରାଜସ୍ୱ ମନ୍ତ୍ରୀ ଏହି ଏହି ପ୍ରଶ୍ନ ଉପରେ କହିବାକୁ ଚାହିଁଥିଲେ । ବାଚସ୍ପତି ସୁରମା ପାଢ଼ୀ ରାଜସ୍ୱମନ୍ତ୍ରୀଙ୍କୁ ଉତ୍ତର ଦେବାପାଇଁ ଡାକିଥିଲେ । ରାଜସ୍ୱମନ୍ତ୍ରୀ କହିଥିଲେ ଯେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବେଦାନ୍ତକୁ ୬୦୦୦ ଏକର ଜମି ଦିଆଯାଇଥିଲା। ସର୍ତ୍ତଥିଲା ବେଦାନ୍ତ ଏହି କାର୍ଯ୍ୟ କରିବ । ହେଲେ ଏଥିରେ ଦୁଇ ଦୁଇ ଥର ପରିବର୍ତ୍ତନ ହୋଇ ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ଏହି କାର୍ଯ୍ୟ କରିବାକୁ ସ୍ଥିର ହୋଇଥିଲା । ହେଲେ ଜମି ନେବାର ୧୦ ପରେ ବି ବିଶ୍ୱବିଦ୍ୟାଳୟର ଚିହ୍ନବର୍ଣ୍ଣ ମିଳିଲାନି । ଏଥିପାଇଁ ଉଭୟ ସରକାର ଓ ଘରୋଇ ଜମି ଅଧିଗ୍ରହଣ ହୋଇଥିଲା। ଜମି ଦେଇଥିବା ଲୋକେ କ୍ଷତିପୂରଣ ରାଶି ପାଇଥିଲେ । କିନ୍ତୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନହେବାରୁ ଏହାକୁ ନେଇ ଅଦାଲତରେ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ମାମଲାର ବିଚାର କରି ଓଡ଼ିଶା ହାଇକୋର୍ଟ କହିଥିଲେ ଯେ ବିଶ୍ୱର କୌଣସି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟକୁ ଏତେ ପରିମାଣର ଜମି ପ୍ରଦାନ କରାଯାଇ ନାହିଁ । ବିଶ୍ୱବିଦ୍ୟାଳୟ ପାଇଁ ଏତେ ପରିମାଣ ଜମି ଦରକାର ନାହିଁ । ଏଥି ସହିତ ଜମି ଅଧିଗ୍ରହଣକୁ ଅଦାଲତ ନାକଚ କରିଦେଇଥିଲେ । ଏହି ରାୟ ବିରୁଦ୍ଧରେ ବେଦାନ୍ତ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟ ଯାଇଥିଲେ । ତେବେ ସୁପ୍ରିମ୍‌କୋର୍ଟ ମାମଲାକୁ ଖାରଜ କରିବା ସହିତ ବେଦାନ୍ତ ଉପରେ ୫ଲକ୍ଷ ଟଙ୍କାର ଜୋରିମାନା ଲଗାଇଥିଲେ । ଅଦାଲତ ହିତାଧିକାରୀଙ୍କୁ ସମସ୍ତ ଜମି ଫେରସ୍ତ ପାଇଁ କହିବା ସହିତ କ୍ଷତିପୂରଣ ବାବଦରେ ଲୋକେ ପାଇଥିବା ରାଶି ଫେରସ୍ତ ଦେବାକୁ ସର୍ତ୍ତ ରଖିଛନ୍ତି। ଅର୍ଥ ଫେରସ୍ତକୁ ନେଇ କିଛି ସମସ୍ୟା ଥିବାରୁ ରାଜସ୍ୱ ଆଇନ୍‌ରେ ସଂଶୋଧନ ଆବଶ୍ୟକ ଏବଂ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଖୁବଶୀଘ୍ର ଏହା ସରିବ ବୋଲି ରାଜସ୍ୱମନ୍ତ୍ରୀ କହିଥିଲେ। ତେବେ ରାଜସ୍ୱମନ୍ତ୍ରୀ ତାଙ୍କ ଉତ୍ତର ରଖୁଥିବାବେଳେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ଗୋଟିଏ ପ୍ରଶ୍ନର ଉତ୍ତର ଦୁଇ ମନ୍ତ୍ରୀ ଦେବା ଗୃହରେ ଖରାପ ପରମ୍ପରା ସୃଷ୍ଟି କରୁଛି ବୋଲି ମତ ଦେବା ସହିତ ପଏଣ୍ଟ ଅଫ୍ ଅର୍ଡରରେ କିଛି କହିବାକୁ ଚାହିଁଥିଲେ । ତେବେ ବାଚସ୍ପତି ଶ୍ରୀ ବେହେରାଙ୍କୁ କହିବାକୁ ସୁଯୋଗ ଦେଇନଥିଲେ ଏବଂ ରାଜସ୍ୱମନ୍ତ୍ରୀ ତାଙ୍କର ସମ୍ପୂର୍ଣ୍ଣ ଉତ୍ତର ରଖିଥିଲେ।

## ୬୪ ଲକ୍ଷର ଋଣ ଜାଲିଆତି ମାମଲାରେ ୪ ଗିରଫ

ଭୁବନେଶ୍ୱର,୨୯।୩ (ସଂଚାର ବ୍ୟୁରୋ): ଋଣ ଜାଲିଆତି ଅଭିଯୋଗରେ ୪ ଜଣ ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇଛି। ୬୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଠକେଇ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ସେମାନଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ୪ ସରକାରୀ ଅଧିକାରୀ ହେଲେ ସମ୍ବଲପୁର କଟାରବାଗ ସମବାୟ ସମିତିର ପୂର୍ବତନ ସମ୍ପାଦକ ଭୁବନେଶ୍ୱର ସାହୁ, ତବଲା ସମବାୟ ସମିତିର ପୂର୍ବତନ ସମ୍ପାଦକ ଭଗବାନ ପଟେଲ ଏବଂ ବରଗଡ଼ ଜିଲ୍ଲା କାନସିଂହା ସମବାୟ ସମିତିର ପୂର୍ବତନ ସମ୍ପାଦକ ଛବିଲ ବେହେରା ଓ କାନ୍ତିଲାଲ ଭୋଇ। ଟଙ୍କା ଆତ୍ମସାତ କରିବା, ସଂଗୃହୀତ ଋଣ ପରିଶୋଧ ପରିମାଣ ଓ ସାର ବିକ୍ରିଜନିତ ଆୟ ସହ ଜଡିତ ମୋଟ ୬୪ ଲକ୍ଷ ୧୩ ହଜାର ୭୩୦ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ସେମାନେ ଗିରଫ ହୋଇଛନ୍ତି। କ୍ଷମତାର ଅପବ୍ୟବହାର କରି ଉପରୋକ୍ତ ସୋସାଇଟିଗୁଡ଼ିକର ଡେ’ ବୁକରେ ଏଣ୍ଟ୍ରିଗୁଡ଼ିକୁ ହେରଫେର କରିବା ସହ ସଦସ୍ୟଙ୍କ ସଞ୍ଚୟ ବ୍ୟାଙ୍କ ଜମା ଆକାଉଣ୍ଟରୁ ସୀମା ବାହାରେ ଉଠାଣ କରିବା ଅଭିଯୋଗରେ ଭିଜିଲାନ୍ସ ସେମାନଙ୍କୁ ଗିରଫ କରିଛି।

## ବିଏମ୍‌ସିର ଶୂନ୍ୟ ବର୍ଜ୍ୟ ସଂକଳ୍ପ

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ପରିମଳ ଅଭ୍ୟାସର ଏକ ଉଚ୍ଚ ମାନାଙ୍କ ହେଉଛି ଶୂନ୍ୟ ବର୍ଜ୍ୟ ଆଚରଣ। ଏଥିସକାଶେ ଚଳିତ ବର୍ଷ ଭୁବନେଶ୍ୱର ମହାନଗର ନିଗମ ନିଜସ୍ୱ ମୁଖ୍ୟ କାର୍ଯ୍ୟାଳୟକୁ ଜିରୋ ୱେଷ୍ଟ କାର୍ଯ୍ୟାଳୟ କରିବା ପାଇଁ ସଂକଳ୍ପ ନେଇଛି। ଅର୍ଥାତ୍ ଖୁବ୍‌ଶୀଘ୍ର ବିଏମ୍‌ସି ମୁଖ୍ୟାଳୟ ହେବ ଶୂନ୍ୟ ବର୍ଜ୍ୟ (ଜିରୋ ୱେଷ୍ଟ) କାର୍ଯ୍ୟାଳୟ। ଆସନ୍ତାକାଲି ବିଶ୍ୱ ଶୂନ୍ୟ ବର୍ଜ୍ୟ ଦିବସ ବା ଜିରୋ ୱେଷ୍ଟ ଡେ’ ଦିବସ ଅବସରରେ ବିଏମସି ଜିରୋ ୱେଷ୍ଟ ଅଫିସ ଅଭ୍ୟାସକୁ ଆପଣେଇ ନେଇଛି। ଉପଲବ୍ଧ ପରିବେଶ ଅନୁକୂଳ ନିୟମକୁ ଅନୁସରଣ କରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଜିରୋ ୱେଷ୍ଟ କାର୍ଯ୍ୟାଳୟକୁ କାର୍ଯ୍ୟକାରୀ କରିବା ପାଇଁ ଟିମ୍ ବିଏମ୍ ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଗୁଡିକ ମଧ୍ୟରେ ପ୍ରତ୍ୟେକ ମହଲା ଓ ଉପବିଭାଗରେ ଜିରୋ ୱେଷ୍ଟ କମିଟି ଗଠନ, ନିୟମିତ ପ୍ରଶିକ୍ଷଣ, ଆତ୍ମ ସମୀକ୍ଷା, ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ, ଖାଦ୍ୟ ନଷ୍ଟକୁ ନା’ ଓ ପ୍ରତି କର୍ମଚାରୀ ନିଜର ଜିରୋ ୱେଷ୍ଟ ପାସ୍ ବୁକ୍‌କୁ ନିୟମିତ କରିବା, ପ୍ଲାଷ୍ଟିକ ବୋତଲ ବଦଳରେ ଷ୍ଟିଲ ବା କାଚ ବୋତଲ ବ୍ୟବହାର କରିବା ଆଦି ଅଭ୍ୟାସଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ତେବେ କାର୍ଯ୍ୟାଳୟରୁ ବାହାରୁଥିବା ବିଭିନ୍ନ ଟୁକୁଡ଼ା କାଗଜ ଓ ଅନ୍ୟାନ୍ୟ ଅଦରକାରୀ ପଦାର୍ଥକୁ ଡଷ୍ଟ୍ ବିନ୍‌ରେ ନ ଫିଙ୍ଗି ସେଗୁଡ଼ିକର ପୁନଃଚକ୍ରଣ କରାଯାଉଛି। ଏଥିସକାଶେ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଇଛି ଓ ଏହା ନିୟମିତ କରାଯିବାର ବ୍ୟବସ୍ଥା ମଧ୍ୟ ହୋଇଛି। କେବଳ ବିଏମ୍‌ସି ମୁଖ୍ୟାଳୟ ନୁହେଁ, କ୍ରମଶଃ ଜୋନ୍ ଅଫିସଗୁଡ଼ିକୁ ମଧ୍ୟ ଜିରୋ ୱେଷ୍ଟ ଅଫିସ କରିବାର ଯୋଜନା ଆରମ୍ଭ ହୋଇଛି। ଭୁବନେଶ୍ୱର ସହରର ଅନ୍ୟାନ୍ୟ କାର୍ଯ୍ୟାଳୟ ଓ ଘରେ ଘରେ ଜିରୋ ୱେଷ୍ଟ ଅଭ୍ୟାସକୁ ଅନୁସରଣ କରିବା ପାଇଁ ବିଏମ୍ ସି କର୍ତ୍ତୃପକ୍ଷ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଓ କଳିଙ୍ଗ ହସ୍ପିଟାଲ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ପୂର୍ବତନ ବିଧାୟକ ଅରବିନ୍ଦ ଢ଼ାଲି, ସୂଚନା ଓ ଲୋକସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ଛାତ୍ର ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଇଦ୍‌ଗା ପଡ଼ିଆକୁ ଐତିହ୍ୟ ସ୍ମାରକୀ ଘୋଷଣା ଦାବି

ଭୁବନେଶ୍ୱର,୨୯।୩: ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିବା କଟକ ମହାନଗରର ଇଦ୍‌ଗା ପଡିଆକୁ ଓଡିଆ ଜାତିର ଐତିହ୍ୟ ସ୍ମାରକୀ ଭାବେ ଘୋଷଣା କରିବାପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଲଗାତାର ଦାବି ହୋଇଆସୁଛି । ଏଠାରେ ଉଲ୍ଲେଖନୀୟ ଯେ ୧୯୦୩ ଡିସେମ୍ବର ମାସରେ ଉତ୍କଳ ଗୌରବ ମଦୁସୂଦନଙ୍କ ଉଦ୍ୟମ କ୍ରମେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଏହି ପଡିଆରେ ମୟୁରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଇଦ୍‌ଗା ପଡିଆ କ୍ରମଶଃ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଉଥିବାବେଳେ ଏଠାରେ ରାତିରେ ମଦୁଆଙ୍କ ସମେତ ଅନ୍ୟ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢୁଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏହି ମଞ୍ଚରୁ ଓଡିଆଜାତିକୁ ଆହ୍ୱାନ ଦିଆଯାଇଥିବା ପରିପ୍ରେକ୍ଷୀରେ ଓଡ଼ିଶାର ଇତିହାସରେ ଇଦ୍‌ଗା ପଡିଆ ସ୍ୱତନ୍ତ୍ର ଗୌରବ ବହନ କରେ । ଏହି ପଡିଆକୁ ସଂରକ୍ଷିତ ରଖିବା ସହ ବିକଶିତ କରି ଏଠାରେ ଭବ୍ୟ ସଂଗ୍ରହାଳୟ ନିର୍ମାଣ ପାଇଁ ଅତୀତରେ ବାରମ୍ବାର ଦାବି ହୋଇଆସୁଥିବାବେଳେ ତାହା ଏଯାବତ୍ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇନାହିଁ ।

୧୯୦୩ରେ ଉତ୍କଳ ସମ୍ମିଳନୀ ଆରମ୍ଭ ପୂର୍ବରୁ ବସ୍ତୁତଃ ଏହାର ମୂଳଦୂଆ ପଡିଥିଲା ଚିଲିକା ତଟବର୍ତ୍ତୀ ଖଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ରମ୍ଭା ରାଜବାଟୀରେ । ତାଙ୍କ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉପଲକ୍ଷେ ଏଠାରେ ଯେଉଁ ସମାବେଶ ହୋଇଥିଲା ସେଥିରେ ମୟୁରଭଞ୍ଜ ମହାରାଜାଙ୍କ ସମେତ ଓଡ଼ିଶାର ବହୁ ରାଜା, ଜମିଦାର, ଉତ୍କଳଗୌରବ ମଧୁସୂଦନ, ବ୍ୟାସକବି ଫକୀରମୋହନ, ଗୋପାଳ ପ୍ରହରାଜ, ନିଳମଣି ବିଦ୍ୟାରତ୍ନ ଆଦି ଯୋଗ ଦେଇଥିଲେ। ଏହି ସମାବେଶରେ ମଧୁବାବୁ ଗଞ୍ଜାମ ଜାତୀୟ ସମ୍ମିଳନୀପାଇଁ ଦେଇଥିବା ପ୍ରସ୍ତାବ ଗୃହୀତ ହୋଇଥିଲା । ଏହାଥିଲା ଉତ୍କଳ ସମ୍ମିଳନୀର ମୂଳ ପିଣ୍ଡି। ୧୯୨୭ରେ ଖଦି ଗସ୍ତ ବେଳେ ଜାତିର ଜନକ ମହାତ୍ମା ଗାନ୍ଧୀ ଗଞ୍ଜାମ ଗସ୍ତପରେ ରମ୍ଭା ରାଜବାଟୀରେ ବିଶ୍ରାମ ନେବା ସହ ଚିଲିକା ହ୍ରଦରେ ମଧ୍ୟ ନୌକାରେ ବୁଲିଥିଲେ। ଉତ୍କଳ ସମ୍ମିଳନୀ ଓ ଗାନ୍ଧୀଙ୍କ ସ୍ମୃତି ବହୁବର୍ଷ ଧରି ଏହି ରାଜବାଟୀରେ ସାଇତା ହୋଇ ରହିଥିଲା। ଏବେ ଏଠାରେ ଏକ ବିଳାସପୂର୍ଣ୍ଣ ହୋଟେଲ ଚାଲୁଛି । ତେବେ ପୂର୍ବରୁ ଏଠାରେ ସାଇତାହୋଇ ରହିଥିବା ଐତିହାସିକ ସ୍ମୃତି ସାଧାରଣ ଲୋକେ ଦେଖିବାରୁ ବଞ୍ଚିତ ହେଉଛନ୍ତି । ଇଦ୍‌ଗା ପଡିଆ ଭଳି ରମ୍ଭା ରାଜବାଟୀର ଇତିହାସକୁ ମଧ୍ୟ ରାଜ୍ୟ ସରକାର ଉଜ୍ଜିବିତ କରି ରଖିବାପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ମତ ପ୍ରକାଶ ପାଉଛି।

ଏହାଛଡା ଉତ୍କଳ ଗୌରବ ମଧୁସୂଦନଙ୍କ କଟକସ୍ଥିତ ବାସଭବନକୁ ସରକାର ସଂରକ୍ଷିତ ରଖି ସେହି ପରିସରରେ ଏକ ସଂଗ୍ରହାଳୟ ଚଳାଇଛନ୍ତି। ଏଠାରେ ବି ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜ ଚାଲୁଛି। ତେବେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ଥିବା ତାଙ୍କ ଏବୁଡିଶାଳ ଗୃହକୁ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ନିଧି ରମାଦେବୀଙ୍କ ସମୟରୁ ସଂରକ୍ଷିତ କରି ରଖିଛି । ସତ୍ୟଭାମାପୁରରେ ମଧୁବାବୁଙ୍କ ଅନେକ ସ୍ମୃତି ରହିଥିବା ବେଳେ ତାହାର ରାଜ୍ୟ ସରକାର ଯେଭଳି ଭାବେ ବିକଶିତ କରିବା କଥା ତାହା ଏଯାବତ୍ କରିନାହାନ୍ତି। ଏହାଛଡା ମଧୁବାବୁଙ୍କ ପୈତୃକ ଜମିରୁ ପାଖାପାଖି ୨୦ ଏକର ଏପର୍ଯ୍ୟନ୍ତ ବି ଜବରଦଖଲକାରୀଙ୍କ କବଜାରେ ରହିଛି । ଏହାକୁ ଉଦ୍ଧାର କରି ସତ୍ୟଭାମାପୁରକୁ ଐତିହ୍ୟ ଗ୍ରାମ ଭାବେ ଘୋଷଣା କରିବା ପାଇଁ ମଧ୍ୟ ଦାବି ଜୋର ଧରୁଛି। ଏବର୍ଷ ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପାଳିତ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଯେଉଁ ବରପୁତ୍ରମାନଙ୍କର ଅବଦାନ ରହିଛି ସେସବୁକୁ ଏକତ୍ରିତ କରି ମଧୁବାବୁଙ୍କ ଜନ୍ମପୀଠରେ ଏକ ଆକର୍ଷଣୀୟ ସଂଗ୍ରହାଳୟ ପ୍ରତିଷ୍ଠାପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ମତପ୍ରକାଶ ପାଉଛି । (ତଥ୍ୟ)

## ବିଧାନସଭା ଆଗରେ କଂଗ୍ରେସ ନେତାଙ୍କ ଧାରଣା

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଏବଂ ଦଳୀୟ ବିଧାୟକ ଅଶୋକ ଦାସ ଶନିବାର ଦିନ ଓଡ଼ିଶା ବିଧାନସଭା ଆଗରେ ଧାରଣା ଦେଉଥିବା ବେଳେ ଅସୁସ୍ଥ ହୋଇ ପଡ଼ିଛନ୍ତି। ଦୁହିଁଙ୍କୁ ଅସୁସ୍ଥତା ଅନୁଭବ ହେବା ପରେ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜଣେ ଦଳୀୟ ନେତା ସୂଚନା ଦେଇଛନ୍ତି। ୨ କଂଗ୍ରେସ ନେତା ବିଧାନସଭା ଭବନର ଗେଟ ନମ୍ବର ୩ ଆଗରେ ଧାରଣାରେ ବସିଥିଲେ। କଂଗ୍ରେସ ନେତାଙ୍କୁ ନିଲମ୍ବନ ଓ ବିଧାନସଭା ପରିସର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଉ ନ ଥିବାରୁ ଏନେଇ ସେ ପ୍ରତିବାଦ କରୁଥିଲେ। ଏନେଇ କାଡାମ କହିଛନ୍ତି ଯେ ସେମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେବାକୁ ଯାଉଥିବା ସମୟରେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ପରିସର ଭିତରକୁ ଯିବା ସକାଶେ ଅନୁମତି ଦେଇନଥିଲେ। ବାଚସ୍ପତି ଆମକୁ ଗୃହରୁ ନିଲମ୍ବିତ କରିଛନ୍ତି, ସେକଥା ଆମେ ଜାଣିଛୁ। କିନ୍ତୁ ନିଲମ୍ବନ ସମୟରେ ବି ଆମର ବିଧାନସଭା ପରିସରରେ ପ୍ରବେଶ କରିବାର ଅଧିକାର ରହିଛି। କିନ୍ତୁ କ’ଣ

### ଅସୁସ୍ଥ ହୋଇପଡିଲେ ୨ ନେତା

ପାଇଁ ସୁରକ୍ଷାକର୍ମୀମାନେ ଆମକୁ ପ୍ରବେଶ କରିବାର ସୁଯୋଗ ଦେଲେନାହିଁ ବୋଲି ଶ୍ରୀ କାଡାମ୍ ପ୍ରଶ୍ନ କରିଛନ୍ତି। ପୁଲିସ୍‌ର ଏପରି ପଦକ୍ଷେପ ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି କାଡାମ କହିବା ସହ ଏ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରାୟ ତିନି ଘଣ୍ଟା ଧରି ଟାଣ ଖରାରେ ଧାରଣା ଜାରି ରଖିବା ପରେ ଦୁଇ କଂଗ୍ରେସ ନେତା ଅସୁସ୍ଥ ଅନୁଭବ କରିଥିଲେ। ତେଣୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା।

# ମାନବିକତା ପ୍ରଦର୍ଶନର ବେଳ

ବିଭିନ୍ନ ସମୟରେ ବିଭିନ୍ନ ଦେଶ ମଧ୍ୟରେ ଭିନ୍ନ ଭିନ୍ନ କାରଣରୁ ଯୁଦ୍ଧ ହେଉଛି। ଶହ ଶହ ଲୋକ ପ୍ରାଣ ହରାଉଛନ୍ତି। ଆତଙ୍କବାଦରେ ମଧ୍ୟ ପ୍ରତିଦିନ ଜୀବନ ଯାଉଛି। ଏହା ହେଉଛି ମନୁଷ୍ୟକୃତ ବିପର୍ଯ୍ୟୟ। କରୋନା ମହାମାରୀରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲିଗଲା। କିନ୍ତୁ ଆଉ କିଛି ବିପର୍ଯ୍ୟୟ ମନୁଷ୍ୟକୃତ ନୁହେଁ। ଏହାକୁ ପ୍ରକୃତିର କୋପ ବୋଲି କୁହାଯାଇପାରେ। ବନ୍ୟା, ବାତ୍ୟା, ଭୂମିକମ୍ପ ଏବଂ ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ମଧ୍ୟ ଅନେକ ଧନଜୀବନ ହାନି ହେଉଛି। ଏହା ମନୁଷ୍ୟକୃତ ନୁହେଁ। ଏହା ଉପରେ ମନୁଷ୍ୟର ନିୟନ୍ତ୍ରଣ ନାହିଁ। କେବଳ ଏହି ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତିକୁ ଯଥାସମ୍ଭବ ହ୍ରାସ କରାଯାଇପାରିବ। ଏକ ନିର୍ଦ୍ଦିଷ୍ଟ ଦେଶରେ ଏଭଳି ବିପର୍ଯ୍ୟୟ ହେଲେ ସମ୍ପୃକ୍ତ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼େ। କିନ୍ତୁ ଏହାକୁ କେବଳ ସମ୍ପୃକ୍ତ ଦେଶ ପ୍ରତି ବିପଦ ବୋଲି କୁହାଯାଇପାରିବ ନାହିଁ। ଏହା ସମଗ୍ର ମାନବଜାତି ପ୍ରତି ବିପଦ ଏବଂ ବିପର୍ଯ୍ୟୟ। ଏହାର ମିଳିତ ମୁକାବିଲା ଏବଂ ପ୍ରତିକାର କରାଯିବା ଉଚିତ। ସମ୍ପ୍ରତି ମିଆଁମାର ଏବଂ ଥାଇଲାଣ୍ଡରେ ଯେଉଁ ଭୂମିକମ୍ପ ଜନିତ କ୍ଷୟକ୍ଷତି ହୋଇଛି ତାହା ସମଗ୍ର ବିଶ୍ୱବାସୀଙ୍କୁ ସ୍ତବ୍ଧ କରି ଦେଇଛି। ପ୍ରାଥମିକ ଆକଳନ ଅନୁଯାୟୀ ଏଥିରେ ଭୂକମ୍ପରେ ପ୍ରାୟ ଲକ୍ଷେ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ଉପଯୁକ୍ତ ଚିକିତ୍ସା ବର୍ତ୍ତମାନ ସବୁଠାରୁ ବଡ଼ ସମସ୍ୟା। ହସ୍ପିଟାଲରେ ଆହତଙ୍କ ପାଇଁ ସ୍ଥାନ ନାହିଁ। ଭଗ୍ନାବଶେଷ ତଳୁ ଲୋକଙ୍କୁ ଉଦ୍ଧାର କରି ହସ୍ପିଟାଲ ପର୍ଯ୍ୟନ୍ତ ଆଣିବାକୁ ଆମ୍ବୁଲାନ୍ସର ଅଭାବ ରହିଛି। ହସ୍ପିଟାଲରେ ଏତେ ସଂଖ୍ୟକ ଆହତ ଭିଡ଼ ଲଗାଇଛନ୍ତି ଯେ ସେମାନଙ୍କ ପାଇଁ ଔଷଧ ଏବଂ ଇଞ୍ଜେକସନର ଅଭାବ ମଧ୍ୟ ଅନୁଭବ କରାଯାଉଛି। ଅନେକ ଗୁରୁତର ଆହତଙ୍କର ତତ୍କାଳ ଅପରେସନ କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ଏଥିପାଇଁ ଓଟି ନାହିଁ ବା ଡାକ୍ତର ନାହାଁନ୍ତି। ଅନେକ ଆହତଙ୍କୁ ରକ୍ତର ଆବଶ୍ୟକତା ଥିବା ବେଳେ ଏହାର ମଧ୍ୟ ଅଭାବ ପରିଲକ୍ଷିତ ହେଉଛି। ସେହିପରି ଭୂମିକମ୍ପ ପ୍ରଭାବିତ ଅଞ୍ଚଳରେ ଏବେ ଖାଦ୍ୟାଭାବ ମଧ୍ୟ ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ବିଶ୍ୱର ସବୁ ଦେଶ ମାନବିକତା ଦୃଷ୍ଟିରୁ ମିଆଁମାରକୁ ସହାୟତାର ହାତ ବଢ଼ାଇବା ଉଚିତ। ପର୍ଯ୍ୟାପ୍ତ ଔଷଧ ଏବଂ ଡାକ୍ତରୀ ଟିମ ସହିତ ଖାଦ୍ୟ ସାମଗ୍ରୀ ପଠାଯିବାର ଆବଶ୍ୟକତା ରହିଛି। ପଡ଼ୋଶୀ ଦେଶ ଭାବେ ଭାରତର ଭୂମିକା ଏବେ ଗୁରୁତ୍ୱପୂର୍ଣ୍ଣ। ତୁର୍କୀରେ ଭାରତ ଯେପରି ସହାୟତା କରିଥିଲା, ମିଆଁମାରରେ ତାହାଠାରୁ ଅଧିକ ସହାୟତାର ଆବଶ୍ୟକତା ରହିଛି। ମିଆଁମାରରେ ଯେଉଁ ଭୂକମ୍ପ ହୋଇଛି ରିକ୍ଟର ସ୍କେଲରେ ତାହାର ତୀବ୍ରତା ଥିଲା ୭.୭ ଯାହାକୁ ବହୁ ବଡ଼ ଭୂମିକମ୍ପ ବୋଲି କୁହାଯାଇପାରେ। ମିଆଁମାର ଓ ଥାଇଲାଣ୍ଡରେ ଏତେ ବଡ଼ ଭୂକମ୍ପ ହେଲା ଯେ, ତାହାର ପ୍ରଭାବ ଭାରତ, ବାଂଲାଦେଶ, ଚୀନ ଏବଂ ଭିଏତନାମରେ ମଧ୍ୟ ଅନୁଭୂତ ହୋଇଛି। ଭୂମିକମ୍ପ ଏତେ ଭୟଙ୍କର ଥିଲା ଯେ, ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ ଏବଂ ମିଆଁମାରର ବଡ଼ ବଡ଼ କୋଠାମାନ ତାସଘର ପରି ଭୁଶୁଡ଼ି ପଡ଼ିଛି। ବହୁତଳ ବିଶିଷ୍ଟ କୋଠାର ଭଗ୍ନାବଶେଷ ତଳେ ଅନେକ ଏବେ ବି ଫସି ରହିଥିବା ସନ୍ଦେହ କରାଯାଉଛି। ତେଣୁ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇପାରେ। ଆର୍ôଥକ ଦୃଷ୍ଟିରୁ ମିଆଁମାର ଏକ ଅନୁନ୍ନତ ରାଷ୍ଟ୍ର। କିନ୍ତୁ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ ହେଉଛଇ ବିଶ୍ୱର ଏକ ବଡ଼ ପର୍ଯ୍ୟଟନ କ୍ଷେତ୍ର ଏବଂ ଏହା ଏକ ଜନବହୁଳ ସହର। ଏଠାରେ ଭୂକମ୍ପ ଜନିତ ମୃତ୍ୟୁ ସଂଖ୍ୟା ଅଧିକ ହେବା ସ୍ୱାଭାବିକ। ଯଦି ଥାଇଲାଣ୍ଡରେ ଭୂକମ୍ପର କେନ୍ଦ୍ର ହୋଇଥାଆନ୍ତା ତେବେ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇଥାଆନ୍ତା। ମିଆଁମାର ଏକ ଭୂକମ୍ପ ପ୍ରବଣ ଅଞ୍ଚଳ ଏବଂ ଏହା ବଡ଼ ଭୂକମ୍ପ ଆଶଙ୍କା ଥିବା ଜୋନରେ ଯାଉଛି। ତେଣୁ ଏଠାରେ ନିୟମିତ ଛୋଟ ବଡ଼ ଭୂକମ୍ପ ହୋଇଥାଏ। ଏହାକୁ କେହି ରୋକିପାରିବେ ନାହିଁ। କିନ୍ତୁ ଭୂକମ୍ପରେ ଯେପରି ଅଧିକ କ୍ଷୟକ୍ଷତି ନହୁଏ ସେଥିପାଇଁ ପଦକ୍ଷେପ ନିଆଯାଇପାରେ। ଭାରତର ଗୁଜରାଟ, ଉତ୍ତରାଖଣ୍ଡ ହେଉଛି ସର୍ବାଧିକ ଭୂକମ୍ପ ପ୍ରବଣ ଅଞ୍ଚଳ। ଅତୀତରେ ଏଠାରେ ଅନେକ ବଡ଼ ବଡ଼ ଭୂକମ୍ପ ହେବାର ନଜିର ରହିଛି। ଭୂମିକମ୍ପରେ ଅଧିକ ଲୋକ ପ୍ରାଣ ହରାଇବା ଏବଂ ବ୍ୟାପକ କ୍ଷୟକ୍ଷତି ହେବାର ମୁଖ୍ୟ କାରଣ ହେଲା ବଡ଼ ବଡ଼ ବହୁତଳ ବିଶିଷ୍ଟ କୋଠା। ଗୁଜରାଟ ଭୂମିକମ୍ପରେ ଏଥିପାଇଁ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇଥିଲା। ତେଣୁ ଅଧିକ ଭୂକମ୍ପ ପ୍ରବଣ ଅଞ୍ଚଳରେ ବହୁ ତଳ ବିଶିଷ୍ଟ କୋଠା ନିର୍ମାଣକୁ ବାରଣ କରାଯିବା ଉଚିତ। ଯାହା ବି କୋଠା ନିର୍ମାଣ ହେଉଛି ତାହା କିପରି ଭୂମିକମ୍ପ ସହନଶୀଳ ହୋଇପାରିବ ଏବଂ ବଡ଼ ଭୂମିକମ୍ପ ହେଲେ ମଧ୍ୟ ଏହା ଭୁଶୁଡ଼ି ପଡ଼ିବ ନାହିଁ ସେଥିଲାଗି ପଦକ୍ଷେପ ନିଆଯିବା ଉଚିତ। ଅତ୍ୟାଧୁନୀକ ଜ୍ଞାନ କୌଶଳ ପ୍ରୟୋଗ କରି କୋଠା ନିର୍ମାଣ କରାଯିବା ଉଚିତ। ଏଥିନେଇ ଜାପାନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରାଯିବା ଉଚିତ। ମିଆଁମାର ଓ ଥାଇଲାଣ୍ଡରେ ଭୂମିକମ୍ପ ଜନିତ କ୍ଷୟକ୍ଷତି ଅକଳ୍ପନୀୟ। ଏହା ପୂର୍ବରୁ ତୁର୍କୀର ମଧ୍ୟ ଏଭଳି ବଡ଼ ଧରଣର ଭୂମିକମ୍ପ ଏବଂ କ୍ଷୟକ୍ଷତି ହୋଇଥିଲା। କିନ୍ତୁ ମିଆଁମାର ଏବଂ ଥାଇଲାଣ୍ଡ ତୁଳନାରେ ତୁର୍କୀର ଆର୍ôଥକ ସ୍ଥିତି ବହୁତ ଭଲ। ସେମାନେ ଏହାକୁ ସମ୍ଭାଳିନେଲେ। କିନ୍ତୁ ମିଆଁମାର ଭଳି ଏକ ଗରିବ ଦେଶ ଏତେ ବଡ଼ କ୍ଷତିକୁ ସମ୍ଭାଳିବା ଏବଂ ପୁନର୍ଗଠନ କରିବା କଷ୍ଟକର। ଏଥିଲାଗି ସାରା ବିଶ୍ୱରୁ ସହାୟତା ମିଳିବା ଉଚିତ। ପଡ଼ୋଶୀ ଦେଶ ଭାବେ ଭାରତର ଦାୟିତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ ରହିଛି। ମିଆଁମାରକୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ବିଶ୍ୱର ସବୁ ସ୍ୱଚ୍ଛଳ ରାଷ୍ଟ୍ର ମିଆଁମାରର ଭୂକମ୍ପ ପରବର୍ତ୍ତୀ ପୁନର୍ଗଠନ ପ୍ରକ୍ରିୟାରେ ସହଯୋଗ କରିବା ଉଚିତ। ପ୍ରକୃତିର ତାଣ୍ଡବ ଆଗରେ ମଣିଷ ଅସହାୟ। ଏହାକୁ କୌଣସି ନିର୍ଦ୍ଦିଷ୍ଟ ଦେଶ ନୁହେଁ, ସମଗ୍ର ମାନବ ଜାତି ପ୍ରତି ବିପଦ ଏବଂ ଆହ୍ୱାନ ବୋଲି କୁହାଯାଇପାରେ। ଏହାର ମିଳିତ ମୁକାବିଲା କରାଯିବା ଉଚିତ। ଅନେକ ସମୟରେ ବଡ଼ ବଡ଼ ଜଳଭଣ୍ଡାର ବା ନଦୀ ବନ୍ଧ ଯୋଜନା ମଧ୍ୟ ଭୂକମ୍ପର କାରଣ ହୋଇଥାଏ। ତେଣୁ ବଡ଼ ଜଳଭଣ୍ଡାର ନିର୍ମାଣକୁ ବାରଣ କରାଯିବା ଉଚିତ। ପୃଥିବୀର ଅଭ୍ୟନ୍ତର ଏବେବି ଉତ୍ତପ୍ତ ରହିଛି। ଅନେକ ସମୟରେ ପୃଥିବୀ ଗର୍ଭରୁ ଲାଭା ଉଦଗୀରଣ ହୋଇଥାଏ। ପୃଥିବୀ ଗର୍ଭରେ ଯେଉଁ ଅହରହ ବିଘଟନ ପ୍ରକ୍ରିୟା ଚାଲିଛି ତାହା ହିଁ ବଡ଼ ଭୂମିକମ୍ପର କାରଣ। ଏ ସମ୍ପର୍କରେ ଅଧିକ ଗବେଷଣା କରାଯିବା ଉଚିତ ଏବଂ ଭୂକମ୍ପ ପ୍ରବଣ ଅଞ୍ଚଳରେ ସତର୍କତାମୂଳକ ପଦକ୍ଷେପ ନିଆଯିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଗୃହ ନିର୍ମାଣଲାଗି ସହାୟତା

**ମହାଶୟ,**

କେନ୍ଦ୍ର ସରକାର ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉଭୟ ସହର ଏବଂ ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଲୋକଙ୍କୁ ଏହି ସହାୟତା ମିଳୁଛି। ସହରାଞ୍ଚଳର ବସ୍ତିବାସିନ୍ଦା ଏହା ଦ୍ୱାରା ଉପକୃତ ହେଉଛନ୍ତି। କିନ୍ତୁ ଯୋଜନା ବାଟବଣା ହେଉଥିବା ଅଭିଯୋଗ ଆସୁଛି। ସରକାରୀ କର୍ମଚାରୀ ଏବଂ ତଳସ୍ତରରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ପ୍ରଭାବରୁ ଅନେକ ସମୟରେ ପ୍ରକୃତ ଗରିବ ଲୋକ ଯୋଜନାର ସୁଫଳ ପାଇପାରୁନାହାଁନ୍ତି। ଅନେକ ଦୁର୍ଗମ ଅଞ୍ଚଳରେ ଅତି ଗରିବ ଆଦିବାସୀମାନେ ଏବେ ସୁଦ୍ଧା ଏହି ଯୋଜନାରେ ହିତାଧିକାରୀ ହୋଇପାରିନାହାଁନ୍ତି। ସବୁଠାରୁ ବଡ଼ କଥା ହେଲା ମଧ୍ୟବିତ୍ତ ବା ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ଘର ଖଣ୍ଡିଏ କରିବା ଏବେ ଏକପ୍ରକାର ସ୍ୱପ୍ନ ହୋଇଯାଇଛି। ସରକାରୀ ଚାକିରୀ କରୁଥିଲେ ସହଜରେ ଋଣ ମିଳିଯାଉଛି। କିନ୍ତୁ କ୍ଷୁଦ୍ର ବ୍ୟବସାୟୀ ଏବଂ ଘରୋଇ ଚାକିରୀ କରୁଥିବା ବ୍ୟକ୍ତିମାନେ ଏଭଳି କିଚି ସୁବିଧା ପାଉ ନାହାଁନ୍ତି। ସେମାନଙ୍କ ପାଇଁ ସରକାର କିଛି ନୂଆ ଯୋଜନା କରିବା ଉଚିତ। ସରକାର ସେମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ବାସୋପଯୋଗୀ ଜମି ଏବଂ ଘର ତିଆରି ପାଇଁ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ କରାଯିବା ଉଚିତ।

**ଅଶୋକ ଚନ୍ଦ୍ର ସାମଲ, ପଟ୍ଟାମୁଣ୍ଡାଇ**

# ସ୍ନେହ, ସୌହାର୍ଦ୍ଦ୍ୟ ଓ ସଦ୍ଭାବନାର ପର୍ବ ଇଦୁଲ୍ ଫିତର

**ମୌଲାନା ଫଜଲ ହକ ଖାନ୍**





ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ସାମ୍ପ୍ରଦାୟୀକ ସ୍ନେହ,ସୌହାର୍ଦ୍ଦ ଓ ସଦ୍‌ଭାବନା ଯୋଗୁଁ ଆମ ଦେଶ ବିଶ୍ୱରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି। ପ୍ରତ୍ୟେକ ଧର୍ମ,ସମ୍ପ୍ରଦାୟ ଏବଂ ଜାତିରେ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ। ଆମେ ଭାରତ ବାସୀ ସମସ୍ତେ ଏକତ୍ର ହୋଇ ସକଳ ଧର୍ମର ପର୍ବପର୍ବାଣୀକୁ ହର୍ଷ ଉଲ୍ଲାସର ସହିତ ପାଳନ କରିଥାଉ। ପ୍ରତ୍ୟେକ ପର୍ବପର୍ବାଣୀରେ ସମାଜ ପାଇଁ ଏକ ଶୁଭ ବାର୍ତ୍ତା ଦିଆ ଯାଇଥାଏ। ଇଦୁଲ ଫିତର ପର୍ବ ମଧ୍ୟ ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଥାଏ। ଏହା ସମାଜରେ ସ୍ନେହ,ସୌହାର୍ଦ୍ଦ ତଥା ଭାଇଚାରା ଆଣିଥାଏ। ଚତୁର୍ଦ୍ଦିଗରେ ଶୁଖ,ଶାନ୍ତି ଓ ସମନ୍ୱୟତାର ବାତାବରଣ ସୃଷ୍ଟି କରିଥାଏ। ଏ ପର୍ବ ଖାଇବାର ଏବଂ ଖୁଆଇବାର ପର୍ବ ହୋଇଥାଏ। ସେବା ଓ ସାହାଯ୍ୟର ପର୍ବ ହୋଇଥାଏ। ଗରିବର ଦୁଃଖକୁ ବୁଝିବାର ପର୍ବ ହୋଇଥାଏ। ପଡ଼ୋଶୀ ସହ ସହାନୁଭୂତି କରିବାର ପର୍ବ ହୋଇଥାଏ। ପରକୁ ନିଜର କରିନେବାର ପର୍ବ ହୋଇଥାଏ। ଘୃଣା, ଦ୍ୱେଷ, ମନମାଳିନତାକୁ ଭୁଲାଇ ଆଲିଙ୍ଗନ କରିନେବାର ପର୍ବ ହୋଇଥାଏ। ଶତ୍ରୁକୁ ମିତ୍ର କରିନେବାର ପର୍ବ ହୋଇଥାଏ। ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରହିବାକୁ ଦେବାର ପର୍ବ ହୋଇଥାଏ। ଅନୈତିକତା, ଅମାନୁଷିକତା, ଅସଭ୍ୟତା ତଥା କୁକର୍ମ ଉପରେ ବିଜୟୀ ହେବାର ପର୍ବ ହୋଇଥାଏ। ମାନବ ସେବା ହିଁ ମାଧବ ସେବା ବୋଲି ଜାଣିନେବାର ପର୍ବ ହୋଇଥାଏ। ପ୍ରଭୁଙ୍କ ଛାମୁରେ ନିଜକୁ ସମର୍ପଣ କରିଦେବାର ପର୍ବ ହୋଇଥାଏ। ଖାରାପ ଦେଖିବି ନାହିଁ, ଖରାପ କହିବି ନାହିଁ, ଖରାପ ଶୁଣିବି ନାହିଁ ଏବଂ ଖରାପ କାମ କରିବି ନାହିଁର ଶିକ୍ଷାକୁ ଗ୍ରହଣ କରି ନେବାର ପର୍ବ ହୋଇଥାଏ। ପରିଶେଷରେ ଭଲ ମଣିଷଟିଏ ହୋଇ ପରମାତ୍ମାଙ୍କ ଠାରୁ ପରମାନନ୍ଦ ଲାଭ କରିବାର ପର୍ବ ହୋଇଥାଏ।

ଏହି ଇଦ ପର୍ବରେ କୁନି କୁନି ପିଲାମାନେ ରଂଗ ବିରଂଗ ପୋଷାକରେ ସାଜ ସଜା ହୋଇ ତଥା ଘରର ବୟସ୍କରମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ସୁଗନ୍ଧ ଓ ସୁବାସିତ ଅତର ଲଗାଇ ଅଲ୍ଲାହଙ୍କ ମହାନତାର ଗୁଣଗାନ କରି ଇଦ ନମାଜ ପଢ଼ିବାକୁ ଯାଇଥାନ୍ତି। ଧର୍ମଗୁରୁ ବିଶେଷ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସଜନ ମଣ୍ଡଳିଙ୍କୁ ବିଶ୍ୱଶାନ୍ତି,ଭାଇଚାରା,ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା,ଅଖଣ୍ଡତା କାୟମ କରିବା କ୍ଷେତ୍ରରେ ଶାସକଙ୍କ ସହ ସହଯୋଗ କରିବାର ଉପଦେଶ ଦେଇଥାନ୍ତି। ପରିଶେଷରେ ସକଳ ଜଗତବାସୀଙ୍କ ମଙ୍ଗଳ କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥାଏ। ଘରକୁ ଫେରି ବନ୍ଧୁ ମିଳନ କରାଯାଇଥାଏ। ଜଣେ ଅନ୍ୟ ଜଣକୁ ଆନ୍ତରୀକତା ସହ ସହୃଦୟରେ ଆଲିଙ୍ଗନ କରି, ଇଦ୍ ଶୁଭେଚ୍ଛା ଜଣାଇଥାନ୍ତି। ଆମ ଦେଶରେ ଧର୍ମକୁ କେନ୍ଦ୍ରକରି ଅନେକ ଗୋଷ୍ଠୀ ଗଠିତ ଶକ୍ତି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି। ଏଥିରେ କିଛି ମୁଷ୍ଟିମେୟ ଲୋକମାନଙ୍କର ରାଜନୈତିକ ଫାଇଦା ହାସଲ ହୁଏ ସତ, ମାତ୍ର ଜନ ସାଧାରଣଙ୍କର ଅନେକ କ୍ଷୟ କ୍ଷତି ଘଟିଥାଏ। ଘୃଣା ଓ ଅରାଜକତାର ବାତାବରଣ ମଧ୍ୟରେ, ଧର୍ମ ଧର୍ମ ମଧ୍ୟରେ ଘୃଣାର ପ୍ରାଚୀର ଛିଡ଼ା ହୁଏ। ସେହି ଲୋକମାନଙ୍କୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ଅବଗତ କରାଇ କୁହନ୍ତି; ହେ ଦେଶବାସୀ ! ଆପଣା ମଧ୍ୟରେ ସନ୍ଧି ସ୍ଥାପନ କରି ନିଅ ଏବଂ ତୁମ ମଧ୍ୟରୁ ଯେଉଁ ଧର୍ମ ଓ ଜାତି ଏହି ସୌହାର୍ଦ୍ଦ ମୂଳକ ସନ୍ଧି କ୍ଷେତ୍ରରେ ବାଧା ଉପୁଯାଇବାକୁ ଉଦ୍ୟମ କରୁଥାଏ, ସେ ତାହା କରିବାକୁ କ୍ଷାନ୍ତ ରହୁ; ନଚେତ୍ ନିଜ କୃତ ଦୁଷ୍କର୍ମ ଓ ଶତ୍ରୁତା ଆଚରିତ ସମସ୍ତ ପାପ ସେହି ଜାତିର ବେକ ଉପରେ ହିଁ ପଡ଼ିବ। ଏହା କାହାରିକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେ ଯେଉଁ ବିପଦ ଓ ଅସୁବିଧା ଗୁଡ଼ିକୁ ଅନ୍ୟ କୌଣସି ଉପାୟରେ ସମାଧାନ କରାଯାଇ ପାରିନଥାଏ, ତାହା ଏକତା ଦ୍ୱାରା ହିଁ ସହଜରେ ସମାହିତ ହୋଇଥାଏ। ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ। ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜ ଆତ୍ମ ବଡ଼ିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖେ, ତେବେ ସେ ମଧ୍ୟ ଦିନେ ଅନ୍ୟମାନଙ୍କର ଘୃଣାର ପାତ୍ର ହେବ। ଆଉ ସେମାନଙ୍କ ମଧ୍ୟରୁ ଯଦି କେହି ନିଜ ପଡ଼ୋଶୀଙ୍କୁ ସାହାଯ୍ୟ,ସହାନୁଭୂତି ଦେବାରେ ଅବହେଳା କରେ, ତେବେ ତାର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତି ଗ୍ରସ୍ତ ହେବ। ଯଦି କେହି ତୁମ ମଧ୍ୟରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେ ସେହି ବ୍ୟକ୍ତି ପରି, ଯିଏ କି ଯେଉଁ ଡ଼ାଳରେ ବସିଥାଏ, ସେହି ଡ଼ାଳକୁ ହିଁ ହାଣିବାରେ ଲାଗିଥାଏ।

ଯଦି ବାସ୍ତବିକ ରୂପେ ନିଜ ଦେଶର ବିକାଶ ତଥା ସମୃଦ୍ଧିରେ ଅଗ୍ରସର ହେବାକୁ ଚାହୁଁଛନ୍ତି, ତା ହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେଶପ୍ରେମୀକୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକଙ୍କ ଦ୍ୱାରା ପ୍ରଣୀତ ବିଚାର ଧାରାକୁ ଆପଣେଇବାକୁ ହେବ। ଅହମଦୀୟା ମୁସଲିମ ସଂପ୍ରଦାୟର ୪ର୍ଥ ଖଲିଫା କୁହନ୍ତି; ଈଶ୍ୱର ଭାରତ ବର୍ଷରେ ଶାନ୍ତି ବିରାଜିତ କରନ୍ତୁ। ଦେଶରେ ଘୃଣା ଓ ହିଂସାର ଯେଉଁ ଲହର ସୃଷ୍ଟି କରାଯାଇଛି ଏବଂ ଜଣେ ଭାରତୀୟ ଅନ୍ୟ ଜଣେ ଭାରତୀୟ ଭାଇର ଯେପରି ରକ୍ତ ପିପାସୁ ସାଜିଛି, ଈଶ୍ୱର ସେହି ସବୁ ଉପଦ୍ରବକୁ ଦୂରକରି ଦିଅନ୍ତୁ। ସମସ୍ତ ଭାରତୀୟଙ୍କୁ ମାନବିୟ ଆଦର୍ଶରେ ଅନୁପ୍ରାଣିତ ହୋଇ,ଏକଜୁଟ ହୋଇ ରହିବାର ସାମର୍ଥ ପ୍ରଦାନ କରନ୍ତୁ। ମନେରଖ ! ଯେଉଁ ବ୍ୟକ୍ତି ମାନବ ଜାତି ସହ ପ୍ରେମ କରେ ନାହିଁ, ସେ ସୃଷ୍ଟିକର୍ତ୍ତାଙ୍କୁ ମଧ୍ୟ ପ୍ରେମ କରେ ନାହିଁ। ରମଜାନ ଆମକୁ ସ୍ନେହ,ସୌହାର୍ଦ୍ଦ,ସମ୍ମାନ,ଭାତୃଭାବ, ତ୍ୟାଗ ଓ ମୈତ୍ରୀତାର ଉଚିତ୍ ଶିକ୍ଷା ଦେବାକୁ ଆସିଥାଏ। ଆସନ୍ତୁ ଆମେ ଏହି ପଙ୍‌କ୍ତିର ପ୍ରକୃତ ମର୍ମକୁ ବୁଝି ଭାରତମାତାର ଟେକ ବଜାୟ ରଖିବା। " ହିନ୍ଦ,ମୁସଲିମ,ଶିଖ,ଇସାଇ ହମ୍ ସବ୍ ହେଁ ଭାଇ ଭାଇ /ଭାଇକୋ ହୈ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା !" ଖୁଦା ହାଫିଜ୍। ସବ୍‌କୋ ଇଦ୍ ମୁବାରକ୍।

**ମଙ୍ଗଳାବାଗ-କଟକ, ମୋବାଇଲ୍: ୯୬୯୨୨୨୫୦୫୭**

# ଭାରତୀୟ କାଳଗଣନା

**ଗୋଲଖ ଚନ୍ଦ୍ର ଦାସ**



ଆଧୁନିକ ଜ୍ୟୋତିର୍ବିଜ୍ଞାନ ପାଇଁ ଭାରତୀୟ କାଳଗଣନା ଏକ ଚମତ୍କାରଠାରୁ କମ୍ ନୁହେଁ। ଏହାର କାରଣ ଏହା ଏକ ସମୟରେ ଉଦ୍ଭାବିତ ହୋଇଥିଲା ଯେତେବେଳେ ଦୁନିଆର ଅନ୍ୟ କୌଣସି ସ୍ଥାନରେ ମାନବ ସଭ୍ୟତା ନଥିଲା। ଏହି ଗଣନାର ଇତିହାସ ପୃଥିବୀର ଉତ୍ପତ୍ତିରୁ ଆରମ୍ଭ। ଏହା ଅନନ୍ତ ଅଟେ। ଚାରୋଟି ଯୁଗ ଶେଷ ହେବ। ନୂତନ ଯୁଗର ଚକ୍ର ଆରମ୍ଭ ହେବ, କିନ୍ତୁ ଏହି ଗଣନା ତଥାପି ସମାନ ଗତିରେ ଜାରି ରହିବ। ଏହା ଏକ କ୍ଷଣର ପାର୍ଥକ୍ୟ ମଧ୍ୟ କରିବ ନାହିଁ। ଏଥିପାଇଁ ପ୍ରକୃତିକୁ ବୁଝିବାକୁ ପଡିବ। ଆମକୁ ପ୍ରକୃତିର ନିକଟତର ହେବାକୁ ପଡିବ। ସେହି ଅନୁସାରେ ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ପଡିବ।

ପ୍ରାଚୀନ କାଳରେ କାଳଗଣନା ଚନ୍ଦ୍ରର ଉଦୟ ଓ ବିକାଶ ତଥା ଋତୁମାନଙ୍କ ପରିବର୍ତ୍ତନ ଦ୍ୱାରା କରାଯାଉଥିଲା। ପ୍ରାଚୀନତମ ଗ୍ରନ୍ଥ 'ଋଗବେଦ' ରେ ଋତୁ ସଂପର୍କରେ ଉଲ୍ଲେଖ କରାଯାଇଛି। ସୂର୍ଯ୍ୟଙ୍କ କାରଣରୁ ଋତୁଗୁଡିକର ଉତ୍ପତ୍ତି କିମ୍ବା ପରିବର୍ତ୍ତନ ହେଉଥିଲା। ସୂର୍ଯ୍ୟଙ୍କୁ ଋତୁମାନଙ୍କର ପିତା କୁହାଯାଏ। ଏହି କାରଣରୁ ଋତୁଚକ୍ରକୁ ସମ୍ବତ୍ସର କୁହାଯାଏ। ଗଣିତ ଦ୍ୱାରା ପାଂଚଟି ସମ୍ବତ୍ସର ଉପରେ ଅନୁସନ୍ଧାନ କରି ତାହାକୁ ବର୍ଣ୍ଣନା କରିବାକୁ ହିଁ ପଂଚାଙ୍ଗ କୁହାଯାଏ। ସାଧାରଣତଃ, ପଂଚାଙ୍ଗରେ ତିଥି, ବାର, ନକ୍ଷତ୍ର, ଯୋଗ ଏବଂ ରାଶୀ ଆଦି ଉଲ୍ଲେଖ ହୋଇଥାଏ। କେଉଁ ଦିନ କେଉଁ ତିଥି କିମ୍ବା ବାର ଅଟେ, ବର୍ଷ କେବେ ଆରମ୍ଭ ହେଲା, ଏହି ସମୟରେ ସୂର୍ଯ୍ୟ ଏବଂ ଚନ୍ଦ୍ର କେଉଁ ସ୍ଥାନରେ ଅଛନ୍ତି, ଇତ୍ୟାଦି ଏହି ସମସ୍ତ ତଥ୍ୟ ପଂଚାଙ୍ଗକୁ ଦେଖି ସହଜରେ ଜାଣି ହୁଏ।

ଶକମାନଙ୍କ ଆଗମନ ପୂର୍ବରୁ ବେଦାଙ୍ଗ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଏଠାରେ ବର୍ଷ ଗଣନା କରାଯାଇଥିଲା, କିନ୍ତୁ ବର୍ତ୍ତମାନ ସୂର୍ଯ୍ୟ ସିଦ୍ଧାନ୍ତ ଏବଂ ଅନ୍ୟାନ୍ୟ ସିଦ୍ଧାନ୍ତ ଅନୁଯାୟୀ ବର୍ଷର ଗଣନା କରାଯାଉଛି। ପ୍ରାୟ ୪୦୦ ଖ୍ରୀଷ୍ଟାବ୍ଦରେ ବେଦାଙ୍ଗ ଜ୍ୟୋତିଷ ଅନୁଯାୟୀ ବର୍ଷର ଗଣନା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ୪୦୦ ରୁ ୧୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ, ସମଗ୍ର ଭାରତରେ 'ସିଦ୍ଧାନ୍ତ ଜ୍ୟୋତିଷ' ଅନୁଯାୟୀ ପଂଚାଙ୍ଗ ତିଆରି ହେବା ଆରମ୍ଭ ହେଲା। ଶକ୍ ସମ୍ବତ୍ର ପ୍ରଚଳନ ସବୁଆଡେ ଲୋକପ୍ରିୟ ହେଲା। ରାଜା ମଧ୍ୟ ନିଜ ନାମରେ ସମ୍ବତ୍ ଚଳାଇବା ଆରମ୍ଭ କଲେ। ସାଧାରଣତଃ ସେ ସିଂହାସନ ଆରୋହଣ କରିଥିବା ବର୍ଷରୁ ତାଙ୍କର ସମ୍ବତ୍ ଆରମ୍ଭ ହୋଇଥାଏ। ଏହି ସମ୍ବତ୍ ସୂର୍ଯ୍ୟ ସିଦ୍ଧାନ୍ତ, ଆର୍ଯ୍ୟ ସିଦ୍ଧାନ୍ତ କିମ୍ବା ବ୍ରହ୍ମ ସିଦ୍ଧାନ୍ତ ଉପରେ ଆଧାରିତ ଥିଲା।

ଧାର୍ମିକ ଗଣନା ପାଇଁ, ସମଗ୍ର ଭାରତରେ ଏବଂ ହିନ୍ଦୁ ରାଜାମାନଙ୍କ ରାଜ୍ୟରେ ଏହି ପ୍ରକାରେ ବର୍ଷର ଗଣନା ପ୍ରଚଳିତ ଥିଲା। କିନ୍ତୁ ୧୨୦୦ ମସିହା ପରେ ଯେଉଁ ଯେଉଁଠାରେ ମୁସଲମାନ ଶାସନ ପ୍ରତିଷ୍ଠା ହେଲା, ସେମାନେ ନିଜ ଇଚ୍ଛା ଅନୁଯାୟୀ ନିଜର ପ୍ରାଧାନ୍ୟ ବିସ୍ତାର ପାଇଁ ଇସଲାମିକ ହିଜରୀ କ୍ୟାଲେଣ୍ଡରର ପ୍ରବର୍ତ୍ତନ କଲେ। ହିଜରୀ ରେ ବର୍ଷ ଗଣନା ଚନ୍ଦ୍ର ମାସ ଅନୁଯାୟୀ କରାଯାଏ।

୧୫୮୪ ମସିହାରେ ଆକବର ହିଜରୀ ବର୍ଷ ଗଣନା ବନ୍ଦ କରି ତାରିକ୍ ଇଲାହି ପ୍ରଚଳନ କଲେ। ଯାହା ସୌର ବର୍ଷ ଗଣନା ଉପରେ ଆଧାରିତ ଥିଲା। ତାରିକ୍ ଇଲାହିର ପ୍ରଚଳନ ମଧ୍ୟ ପ୍ରାୟ ୧୬୩୦ରେ ବନ୍ଦ ହୋଇଗଲା ଏବଂ ହିଜରୀ କାଳଗଣନା ପୁନର୍ବାର ପ୍ରଚଳନ ହେଲା। ପ୍ରାୟ ୧୭୫୭ ମସିହାରେ ବ୍ରିଟିଶମାନେ ଭାରତରେ ସେମାନଙ୍କର ଶାସନ ପ୍ରତିଷ୍ଠା କରିବା ପରେ ଖ୍ରୀଷ୍ଟିଆନମାନଙ୍କ ସମୟ ଗଣନା ଗ୍ରେଗେରିଆନ କ୍ୟାଲେଣ୍ଡର ପ୍ରଚଳିତ କରିଥିଲେ। ସେମାନେ ଶାସନରେ ଥିବାରୁ ପ୍ରଶାସନିକସ୍ତରରେ କାର୍ଯ୍ୟକରିବା ପାଇଁ ବ୍ୟବହାର କଲେ। ଏହାର ପ୍ରଚାର ଇଂରାଜୀ ଶିକ୍ଷା ସହିତ ସମଗ୍ର ଭାରତରେ ବ୍ୟାପିଗଲା ଏବଂ ଏହା ଭାରତରେ ଏତେ ଲୋକପ୍ରିୟ ହେଲା ଯେ ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲା। ଯଦିଓ ଭାରତ ସରକାର ୨୨ ମାର୍ଚ୍ଚ ୧୯୫୭ ରୁ ପଂଚାଙ୍ଗକୁ ସଂଶୋଧିତ କରିଛନ୍ତି, କିନ୍ତୁ ଏହା କେବଳ କିଛି ସୀମା ଭିତରେ ସରକାରୀ ବିଭାଗରେ ହିଁ ବ୍ୟବହୃତ ହୋଇଛି। ସରକାରୀ ବିଭାଗରେ ମଧ୍ୟ ଗ୍ରେଗେରିଆନ କ୍ୟାଲେଣ୍ଡର ବ୍ୟବହାର ହେଉଛି। ବିଭିନ୍ନ ଧର୍ମର ଲୋକମାନେ ସେମାନଙ୍କର ଧାର୍ମିକ କ୍ୟାଲେଣ୍ଡରଗୁଡ଼ିକୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରୁଛନ୍ତି।

ରାଷ୍ଟ୍ରୀୟ ପଂଚାଗ ନିର୍ଣ୍ଣୟ କରିବା ପାଇଁ ପ୍ରସିଦ୍ଧ ବୈଜ୍ଞାନିକ ଡକ୍ଟର ମେଘନାଥ ସାହାଙ୍କ ଅଧକ୍ଷତାରେ ସ୍ୱାଧୀନ ଭାରତ ସରକାର "କ୍ୟାଲେଣ୍ଡର ରିଫର୍ମ କମିଟି" ଗଠନ କରିଥିଲେ। ୧୯୫୨ ମସିହାରେ "ବିଜ୍ଞାନ ଏବଂ ସଂସ୍କୃତି" ପତ୍ରିକାରେ ପ୍ରକାଶିତ ରିପୋର୍ଟର ମୁଖ୍ୟ ବିଷୟଗୁଡ଼ିକ ହେଉଛି -ଖ୍ରୀଷ୍ଟିଆନ ଧର୍ମ ସହିତ ଖ୍ରୀଷ୍ଟିଆନ କ୍ୟାଲେଣ୍ଡରର କୌଣସି ମୌଳିକ ସମ୍ପର୍କ ନାହିଁ। ଏହି ଖ୍ରୀଷ୍ଟିୟାନ କ୍ୟାଲେଣ୍ଡରରେ ଏକ ବର୍ଷ ହେଉଛି ୧୦ ମାସ ଓ ୩୦୪ ଦିନ। ପୁରାତନ ରୋମାନ ସଭ୍ୟତାକୁ ମଧ୍ୟ ଜଣା ନଥିଲା ଯେ ସୌର ବର୍ଷ ଏବଂ ଚନ୍ଦ୍ର ମାସର ଅବଧି କଣ? ସେମାନେ ଦଶମାସକୁ ଏକ ବର୍ଷରୂପେ ଗଣନା କରୁଥିଲେ। ସେନାପତି ଜୁଲିୟସ୍ ସିଜର ଏହାକୁ ସଂଶୋଧନ କରିଥିଲେ। ଯୀଶୁଙ୍କ ଜନ୍ମର ୫୩୦ ବର୍ଷ ବିତିଯିବା ପରେ, ଖ୍ରୀଷ୍ଟିଆନ ବିସପ୍ ମାନେ ଯଥେଷ୍ଟ କଳ୍ପନାଜଳ୍ପନା କରି ପରେ ଡିସେମ୍ବର ୨୫ କୁ ଯୀଶୁଙ୍କ ଜନ୍ମଦିନ ଭାବରେ ଘୋଷଣା କରିଥିଲେ। ୧୫୭୨ ମସିହାରେ ତ୍ରୟୋଦଶ ପୋପ୍ ଗ୍ରେଗୋରୀ ମହାଶୟ ଦଶ ଦିନ ପର୍ଯ୍ୟନ୍ତ କ୍ୟାଲେଣ୍ଡରକୁ ବଢ଼େଇ ଅକ୍ଟୋବର ୫ (ଶୁକ୍ରବାର) କୁ ଅକ୍ଟୋବର ୧୫ କରିଦେଲେ। ବ୍ରିଟେନ ଏହାକୁ ଦୁଇଶହ ବର୍ଷ ପରେ ୧୭୭୫ ମସିହାରେ ସ୍ୱୀକାର କଲା। ବ୍ରିଟେନ ଏହାକୁ ୧୧ ଦିନ ହ୍ରାସ କରି ୩ ସେପ୍‌ଟେମ୍ବର କୁ ୧୪ ସେପ୍‌ଟେମ୍ବର କଲା। ୟୁରୋପୀୟ କ୍ୟାଲେଣ୍ଡରର ମାସ ୨୮,୨୯,୩୦,୩୧ ଦିନ ଅଛି, ଯାହା ଅଜବ ଅଟେ। ଏଗୁଡ଼ିକ କୌଣସି ଜ୍ୟୋତିର୍ବିଜ୍ଞାନ ଗଣନା ଉପରେ କିମ୍ବା କୌଣସି ପ୍ରକୃତି ଚକ୍ର ଉପରେ ଆଧାରିତ ନୁହେଁ।

କ୍ୟାଲେଣ୍ଡର ରିଫର୍ମ କମିଟି ବିକ୍ରମ ସମ୍ବତ୍ କୁ ଏକ ରାଷ୍ଟ୍ରୀୟ ସମ୍ବତ୍ କରିବାକୁ ସୁପାରିଶ କରିଥିଲେ। ପ୍ରକୃତରେ ବିକ୍ରମ ସମ୍ବତ୍ ଖ୍ରୀଷ୍ଟୀୟ ସମ୍ବତ୍‌ଠାରୁ ୫୭ ବର୍ଷ ପୁରୁଣା ଥିଲା କିନ୍ତୁ ତତ୍କାଳୀନ ସରକାରଙ୍କ 'ଇଂରାଜୀ ମାନସିକତା' ହେତୁ ସେମାନେ ଏହି ସୁପାରିଶକୁ ପସନ୍ଦ କରିନଥିଲେ। ଚିଲିଡ୍ରେନସ ବ୍ରିଟାନିକା ଭାଗ ୧.୩-୧୯୬୪ରେ କ୍ୟାଲେଣ୍ଡରର ଇତିହାସ ସଂପର୍କରେ କୁହାଯାଇଛି ଯେ ଗ୍ରେଗେରିଆନ କ୍ୟାଲେଣ୍ଡରରେ ଅନେକ ଥର ତ୍ରୁଟିବିଚ୍ୟୁତି ହୋଇଛି ଏବଂ ସେଥିରେ ଅନେକ ସଂଶୋଧନ କରିବାକୁ ପଡ଼ିଛି। ସେଥିରେ ମାସର ଗଣନା ଚନ୍ଦ୍ରର ଗତିବିଧି ଏବଂ ବର୍ଷର ଗଣନା ସୂର୍ଯ୍ୟଙ୍କ ଗତିବିଧି ଉପରେ ଆଧାରିତ। ଆଜି ମଧ୍ୟ ଏଥିରେ କୌଣସି ପାରସ୍ପରିକ ସମନ୍ୱୟ ନାହିଁ।

ଖ୍ରୀଷ୍ଟିଆନ ଧର୍ମରେ, ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଇତିହାସର ଏକ ନିର୍ଣ୍ଣାୟକ ଘଟଣା ଅଟେ। ତେଣୁ, ଇତିହାସକୁ ଖ୍ରୀଷ୍ଟପୂର୍ବ (ଖ୍ରୀଷ୍ଟଙ୍କ ପୂର୍ବରୁ) ବି. ସି. ଏବଂ ଏ. ଡି. (ଆନ୍ନୋ ଡୋମିନି) ରେ ବିଭକ୍ତ ଅର୍ଥାତ୍ ଆମ ପ୍ରଭୁଙ୍କ ବର୍ଷରେ ବଂଟା ଗଲା। କିନ୍ତୁ ଖ୍ରୀଷ୍ଟଙ୍କ ଜନ୍ମର କିଛି ଶତାବ୍ଦୀ ପର୍ଯ୍ୟନ୍ତ ଏହି ପଦ୍ଧତି ପ୍ରୟୋଗ ହୋଇପାରିଲା ନାହିଁ।

ଆଜିର ଖ୍ରୀଷ୍ଟୀୟ କ୍ୟାଲେଣ୍ଡରର ମୂଳ ହେଉଛି ରୋମାନ୍ ସମ୍ବତ୍। ଖ୍ରୀଷ୍ଟଙ୍କ ଜନ୍ମର ୭୫୩ ବର୍ଷ ପୂର୍ବରୁ ଏହା ରୋମ ସହର ପ୍ରତିଷ୍ଠା ସହିତ ଆରମ୍ଭ ହୋଇଥିଲା। ସେହି ସମୟରେ ଏଥିରେ ବର୍ଷକ ୧୦ ମାସ ଥିଲା। ଏହି ଗଣନା ଅନୁସାରେ ପ୍ରଥମ ମାସ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା ଏବ ଶେଷ ମାସ ଡିସେମ୍ବର ଥିଲା ଏବଂ ବର୍ଷ ୩୦୪ ଦିନ ଥିଲା। ପରେ, ରାଜା ନୁମା ପିମ୍ପୋଲିୟସ୍ ଆଉ ଦୁଇମାସ ଜାନୁଆରୀ ଓ ଫେବୃଆରୀକୁ ଯୋଡିଥିଲେ। ସେହି ଦିନଠାରୁ ବର୍ଷକ ୧୨ ମାସ ଅର୍ଥାତ୍ ୩୫୫ ଦିନ ହୋଇଥିଲା। ତଥାପି ଏହି ଗଣନା ଠିକ୍ ନଥିଲା। ଏହା ଗ୍ରହମାନଙ୍କର ଗତିବିଧି ସହିତ ମେଳ ଖାଉ ନଥିଲା, ତେଣୁ ଜୁଲିୟସ୍ ସିଜର ଏହାକୁ ୩୬୫ ଏବଂ ୧/୪ ଦିନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କିଛି ମାସ ୩୦ ଦିନ ଏବଂ ଆଉ କିଛି ମାସ ୩୧ ଦିନ ତଥା ଫେବୃଆରୀ ମାସକୁ ୨୮ ଦିନ ଭାବରେ ତିଆରି କରାଯାଇଥିଲା। ଫେବୃୟାରୀ ମାସ ପ୍ରତି ଚାରି ବର୍ଷରେ ଥରେ ୨୯ ଦିନ ହୋଇଥାଏ । ଏହିପରି ଏହି ଗଣନା ଆରମ୍ଭରୁ ହିଁ ଅବୈଜ୍ଞାନିକ, ଅସଙ୍ଗତ, ଅସନ୍ତୁଳିତ, ବିବାଦୀୟ ଏବଂ କାଳ୍ପନିକ ଅଟେ।

ଗତ ଦୁଇ ହଜାର ବର୍ଷ ମଧ୍ୟରେ ଅନେକ ଭାରତୀୟ ଏବଂ ବିଦେଶୀ ରାଜା ସେମାନଙ୍କର ସାମ୍ରାଜ୍ୟବାଦୀ ଆକାଂକ୍ଷାକୁ ପୂରଣ କରିବା ଏବଂ ଦେଶକୁ ରାଜନୈତିକ ନିର୍ଭରଶୀଳ କରିବା ଲକ୍ଷ୍ୟରେ ଅନେକ ରାଜ୍ୟ ଶାସନ କରିଛନ୍ତି। କିନ୍ତୁ ଭାରତୀୟ ଜାତିର ସାଂସ୍କୃତିକ ପରିଚୟ କେବଳ ବିକ୍ରମ ସମ୍ବତ ସହ ଜଡିତ ରହିଲା। ଇଂରାଜୀ ଶିକ୍ଷା ଏବଂ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ହେତୁ ଆଜି (ଇଉ ୱବଙ୍କଙ୍ଗବକ୍ସ) ଖ୍ରୀଷ୍ଟୀୟ ସମ୍ବତ୍ ସର୍ବତ୍ର ପ୍ରଚଳିତ ହୋଇପାରେ ଏବଂ ଭାରତୀୟ କାଳଗଣନା,ତିଥି,ବାର ଏବଂ ମାସର ସମୟ ଗଣନା ବିଷୟରେ ଲୋକମାନେ ଅଜ୍ଞ ହୋଇ ପାରନ୍ତି, କିନ୍ତୁ ବାସ୍ତବତା ହେଉଛି ଦେଶର ସାଂସ୍କୃତିକ ପର୍ବ ରଥଯାତ୍ରା, ଗୁରୁବାର ଓଷା, ବିଷୁବ ସଂକ୍ରାନ୍ତି, ଶ୍ରୀରାମ ନବମୀ, ଜନ୍ମାଷ୍ଟମୀ, ମହାଶିବରାତ୍ରୀ ତଥା ଶ୍ରୀମନ୍ଦିରରେ ୧୨ ମାସରେ ତେର ପର୍ବ ଏବଂ ବୁଦ୍ଧ, ମହାବୀର, ଶଙ୍କରାଚାର୍ଯ୍ୟ, ଗୁରୁ ନାନକ ଆଦି ମହାନ ବ୍ୟକ୍ତିଙ୍କ ଜୟନ୍ତୀ ଭାରତୀୟ ସମୟଗଣନା ଅନୁଯାୟୀ ପାଳନ କରାଯାଏ, ଏହା ଖ୍ରୀଷ୍ଟିଆନ ସମ୍ବତ୍ ଅନୁଯାୟୀ ନୁହେଁ। ନାମକାରଣ-ମୁଣ୍ଡାନର ଶୁଭ ସମୟ ହେଉ କିମ୍ବା ବିବାହ ପରି ସାମାଜିକ କାର୍ଯ୍ୟଗୁଡ଼ିକର ରୀତିନୀତି ହେଉ, ଏସବୁ ଭାରତୀୟ ପଂଚାଙ୍ଗ ବ୍ୟବସ୍ଥା ଅନୁଯାୟୀ କରାଯାଇଥାଏ, ଏହା କୌଣସି ଖ୍ରୀଷ୍ଟୀୟ ସନ୍ ର ତାରିଖ ଅନୁଯାୟୀ ନୁହେଁ।

**ଘିଗିଡିଆ, ବାରୁଅ, କେନ୍ଦ୍ରାପଡା**
**ମୋବାଇଲ୍: ୯୮୬୧୦୬୯୫୫୩**

# କୃଷ୍ଣ ସୁନ୍ଦରର ଲେଖିକା: ଅନା ସୁଲ୍

**ଡଃ. ଅରୁନ୍ଧତୀ ଦେବୀ**



ମାତ୍ର ଗୋଟିଏ ଉପନ୍ୟାସ ଲେଖି ବିଶ୍ୱସ୍ତରରେ ପ୍ରସିଦ୍ଧ ହୋଇଥିବା କତିପୟ ସାହିତ୍ୟିକାଙ୍କ ମଧ୍ୟରେ ଅନା ସୁଲ୍ ଜଣେ। ତାଙ୍କର ଏକମାତ୍ର ପ୍ରସିଦ୍ଧ କୃତିଟି ହେଉଛି ବ୍ଲାକ୍ ବିଉଟି ବା ଓଡ଼ିଆରେ କୃଷ୍ଣ ସୁନ୍ଦର। ମୃତ୍ୟୁର ମାତ୍ର ଦୁଇ ବର୍ଷ ପୂର୍ବରୁ ଅତ୍ୟନ୍ତ ଅସୁସ୍ଥ ଅବସ୍ଥାରେ ଶଯ୍ୟାଶାୟୀ ଥିବା ବେଳେ ଅନ୍ୟ ଉପନ୍ୟାସଟିର ରଚନା ଆରମ୍ଭ କରିଥିଲେ। ଟେବଲ ପାଖରେ ବସି ଲେଖି ପାରୁନଥିବାରୁ ସେ ଡାକୁଥିଲେ ଏବଂ ତାଙ୍କ ମାଆ ଲେଖୁଥିଲେ। ମାତ୍ର ଅଳ୍ପ କିଛି ପୃଷ୍ଠା ସେ ହାତରେ ଲେଖିଥିବା ଜଣାଯାଏ। ଉପନ୍ୟାସଟି ପ୍ରକାଶ ପାଇବାର ପାଞ୍ଚ ମାସ ପରେ ଆନାଙ୍କ ଦେହାନ୍ତ ହୋଇଥିଲା। ଉପନ୍ୟାସଟି ପାଠକ ପ୍ରିୟତା ହାସଲ କରିଥିବା ଶୁଣି ଶାନ୍ତିରେ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ୩୦ ମାର୍ଚ୍ଚ ୧୮୨୦ରେ ଇଂଲଣ୍ଡ ଅନ୍ତର୍ଗତ ଗ୍ରେଟ୍ ୟର୍‌ମାଉଥ୍‌ରେ ଏକ ଧାର୍ମିକ ପରିବାରରେ ଆନା ଜନ୍ମ ଗ୍ରହଣ କରିଥିଲେ। ମାଆ ମେରି ରାଇଟ୍ ସୁଲ ଥିଲେ ଶିଶୁ ଲେଖିକା। ବାର ବର୍ଷ ବୟସରେ ସ୍କୁଲରୁ ଘରକୁ ଫେରୁଥିବା ବେଳେ ଏକ ଦୁର୍ଘଟନା ଯୋଗୁଁ ଆନାଙ୍କ ଦୁଇଟିଯାକ ବଳା ଗଣ୍ଠି ଭାଙ୍ଗି ଯାଇଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ଦୁର୍ଭାଗ୍ୟ ଯୋଗୁଁ ସେ ଦୁଇଟି ଯୋଡ଼ି ହେବାରେ ଅନେକ ଦିନ ଲାଗିଯାଇଥିଲା ଏବଂ ଶେଷରେ ବିକୃତ ହୋଇଯାଇଥିଲା। ତେଣୁ ଆନା ଆଜୀବନ ଆଶାବାଡ଼ି ଧରି ଚାଲୁଥିଲେ। ଅଧିକାଂଶ ସମୟରେ ଘୋଡ଼ାଗାଡ଼ି ଉପରେ ନିର୍ଭର କରୁଥିଲେ। ଏହା ତାଙ୍କୁ ଘୋଡ଼ାଙ୍କ ଉପରେ ଉପନ୍ୟାସ ଲେଖିବା ପାଇଁ ଅନୁପ୍ରାଣୀତ କରିଥିଲା। ବ୍ଲାକ୍ ବିଉଟିକୁ ଏକ ଶିଶୁ ସାହିତ୍ୟ ଭାବେ ଗ୍ରହଣ କରାଯାଇଥିଲେ ହେଁ ଆନା ଅଶ୍ୱପାଳକଙ୍କ ନିମନ୍ତେ ବହିଟି ଲେଖିଥିଲେ।



ତାଙ୍କ ସମୟରେ ସଇସମାନେ ଘୋଡ଼ାଙ୍କ ଉପରେ ଅତି ନିର୍ଦ୍ଦୟ ଭାବେ ଅତ୍ୟାଚାର କରୁଥିଲେ। ଘୋଡ଼ାଙ୍କୁ ଦିଆଯାଉଥିବା ନିର୍ଯାତନା ବନ୍ଦ କରିବା ଲାଗି ଆନା ଉପନ୍ୟାସଟି ରଚନା କରିଥିଲେ। ଆନା ଜନ୍ମ ହୋଇଥିବା ଘରଟି ଏବେ ବି ଅଛି ଏବଂ ସେଠାରେ ଏକ ସଂଗ୍ରହାଳୟ ଚାଲିଛି। ଅନେକ ହୁଏତ ଜାଣିନଥିବେ ଅନାସୁଲ୍‌ଙ୍କ ଉପରୋକ୍ତ ପୁସ୍ତକ ବିଶ୍ୱର ଅନ୍ୟତମ ବେଷ୍ଟ ସେଲର ପୁସ୍ତକର ମାନ୍ୟତା ପାଇଛି। ଜଣେ ସାରସ୍ୱତ ସାଧିକା ବ୍ୟତୀତ ପ୍ରକୃତିକୁ ଭଲପାଉଥିବା ଏହି ସାହିତ୍ୟିକ ପ୍ରକୃତି ଗହଣରେ ଭ୍ରମଣ କରି ମଧ୍ୟ କିଛି ରଚନା ଆମ ଭ୍ରମଣ କହାଣୀ ସାରସ୍ୱତ ଜଗତକୁ ସମୃଦ୍ଧ କରିଛନ୍ତି। ସେ ସବୁବେଳେ କୁହନ୍ତି ଯେ ସାରସ୍ୱତ ଜୀବନରେ ପ୍ରକୃତି ଠାରୁ ଶ୍ରେଷ୍ଠ ପ୍ରେରଣା ଅନ୍ୟ କେଉଁଠି ନାହିଁ। ୧୮୭୮ ଏପ୍ରିଲ ୨୫ ତାରିଖରେ ଆନାଙ୍କ ଦେହାନ୍ତ ହୋଇଥିଲା। ଜୀବନ ସଂଗ୍ରାମରେ ଭିନ୍ନକ୍ଷମ ହୋଇମଧ୍ୟ ନିଜକୁ ଅସହାୟ ମନେନକରି ବା ଅନ୍ୟ ମାନଙ୍କ ଉପରେ ନିର୍ଭର ନ ହୋଇ ବି ସେ ସାରସ୍ୱତ ସାଧନାରେ ଯେଉଁ କୃତ୍ତି ଅର୍ଜନ କରିଛନ୍ତି ତାହା କ୍ୱଚିତ୍ ସାହିତ୍ୟିକଙ୍କ ଭାଗ୍ୟରେ ମିଳେ। ଆମ ସମୟରେ ଅନେକ ଲେଖିକା ଜୀବନର ପ୍ରତିକୂଳତାକୁ ସାମ୍ନା ନକରି ଧୈର୍ଯ୍ୟହରା ହୋଇପଡୁଥିବାବେଳେ ଏହି କୃଷ୍ଣସୁନ୍ଦରର ଲେଖିକାଙ୍କ ଜୀବନନାମା ପ୍ରେରଣା ଯୋଗାଇବ ବୋଲି ଆଶା କରୁଛୁ। ତାଙ୍କ ଜୟନ୍ତୀ ଅବସରରେ ତାଙ୍କ ଅମ୍ଳାନ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।

**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର**

# ମୁମ୍ବାଇ: ଫ୍ଲାଏଓଭରରେ ଓଭରଟେକିଂ ବେଳେ ଦୁର୍ଘଟଣା, ମହିଳାଙ୍କ ସମେତ ୨ ମୃତ



**ଦାଦର,୨୯।୩:** ମୁମ୍ବାଇରେ ଶନିବାର ଏକ ବଡ଼ ଧରଣର ଦୁର୍ଘଟଣା ହୋଇଛି। ଏକ ଦ୍ରୁତଗାମୀ ଏସୟୁଭି ଫ୍ଲାଏଓଭରରେ ଓଭରଟେକିଂ କରୁଥିବା ବେଳେ ଗାଡିକୁ ଧକ୍କା ଦେବାରୁ ତାହା ସାମ୍ନାରୁ ଆସୁଥିବା ଯାତ୍ରୀବାହୀ ଟ୍ୟାକ୍ସି ସହ ଧକ୍କା ଲାଗିଛି। ଫଳରେ ଟ୍ୟାକ୍ସି ଚାଳକଙ୍କ ସମେତ ଏଥିରେ ଯାତ୍ରା କରୁଥିବା ମହିଳା ଯାତ୍ରୀ ଘଟଣା ସ୍ଥଳରେ ପ୍ରାଣ ହରାଇଛନ୍ତି। ଏହି ଘଟଣା ମୁମ୍ବାଇର ଦାଦର ଅଞ୍ଚଳରେ ହୋଇଛି। ପୋଲିସ ପହଞ୍ଚି ମୃତ ଦେହ ଜବତ କରିବା ସହିତ ମାମଲାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଏସୟୁଭି ଚାଳକକୁ ପୋଲିସ ଗିରଫ କରିଛି। ରିପୋର୍ଟ ଅନୁସାରେ ମଧ୍ୟାହ୍ନ ପ୍ରାୟ ୧ଟା ୧୫ ମିନିଟରେ ସେନାପତି ବାପଟ ଫ୍ଲାଇ ଓଭରରେ ଏକ ମହିନ୍ଦ୍ରା ଏସୟୁଭି ଦ୍ରୁତବେଗରେ ଟୟୋଟା ଇଟିଓସକୁ ଓଭରଟେକିଂ କରିବାକୁ ଉଦ୍ୟମ କରୁଥିଲା। ଏହି ସମୟରେ ସନ୍ତୁଳ ହରାଇ ଏସୟୁଭିଟି ଇଟିଓସକୁ ଧକ୍କା ଦେଇଥିଲା ଓ ତାହା ବିପରୀତ ଦିଗରୁ ଆସୁଥିବା ଟ୍ୟାକ୍ସି ସହ ମୁହାଁମୁହିଁ ଧକ୍କା ହୋଇ ଯାଇଥିଲା। ଫଳରେ ଉଭୟ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଟ୍ୟାକ୍ସି ଚାଳକ ଓ ଏଥିରେ ଥିବା ମହିଳା ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ସେତେବେଳେ ଘଟିଛି ଯେତେବେଳେ ଟ୍ୟାକ୍ସି ଚିଚପୋକଲୀ ଆଡକୁ ଓ ମହିନ୍ଦ୍ରା ଏସୟୁଭି ବାନ୍ଦ୍ରା ଆଡକୁ ଯାଉଥିଲା। ଏହି ଦୁର୍ଘଟଣା ପରେ ଫ୍ଲାଏଓଭରରେ ଟ୍ରାଫିକ ଜାମ ହୋଇଯାଇଥିଲା। ଏଣୁ ଫ୍ଲାଏ ଓଭରରେ ଯାନବାହନ ଯାତ୍ରା ସୁଗମ କରିବାକୁ ପୋଲିସକୁ ଅକ୍ଳାନ୍ତ ଉଦ୍ୟମ କରିବାକୁ ପଡିଛି। ଗିରଫ ପରେ ଏସୟୁଭି ଚାଳକକୁ ପୋଲିସ ମେଡିକାଲ ଯାଞ୍ଚ ପାଇଁ ପଠାଇଛି।

# ଜନ୍ମଦିନରେ ଝିଅର ପ୍ରେମିକଙ୍କୁ କୁରାଢ଼ିରେ ହାଣି ହତ୍ୟା କଲେ ମାତାପିତା

**ହାଇଦ୍ରାବାଦ,୨୯।୩:** ତେଲଙ୍ଗାନାର ପେଦ୍ଦାପାଲି ଜିଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଝିଅର ପ୍ରେମ ସମ୍ପର୍କରେ ବିରକ୍ତ ହୋଇ, ତାଙ୍କ ମାଆବାପା ତାଙ୍କ ୧୯ ବର୍ଷୀୟ ପ୍ରେମିକଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଦୁହେଁ ତାଙ୍କୁ କୁରାଢ଼ିରେ ଆଘାତ କରି ହତ୍ୟା କରିଥିଲେ। ପୋଲିସ ଶୁକ୍ରବାର ଏହି ସୂଚନା ଦେଇଛି। ପୋଲିସ କହିଛି ଯେ ସାଇ କୁମାର ଦଶମ ଶ୍ରେଣୀ ପାସ କରିବା ପରେ ପାଠପଢ଼ା ଛାଡି ଚାଷ କରୁଥିଲେ। ପୋଲିସ କହିଛି ଯେ ସେ ତାଙ୍କ ନିଜ ଗାଁର ଜଣେ ଝିଅକୁ ଭଲ ପାଉଥିଲେ ଏବଂ ସେମାନେ ଦୁହେଁ ଭିନ୍ନ ଭିନ୍ନ ପଛୁଆ ବର୍ଗ ସମ୍ପ୍ରଦାୟର ଥିଲେ। କୁହାଯାଉଛି ଯେ ଯୁବକ ଜଣକ ଝିଅ ସହିତ ପ୍ରେମ ସମ୍ପର୍କ ରଖିଥିଲେ। ଏହାକୁ ନେଇ ଝିଅର ମାତା ପିତା ବିରୋଧ କରି ଆସୁଥିଲେ। କିଛି ଦିନ ପୂର୍ବରୁ ସେ ଯୁବକଙ୍କୁ ତାଙ୍କ ଝିଅଠାରୁ ଦୂରରେ ରହିବାକୁ ମଧ୍ୟ ବାରଣ କରିଥିଲେ, କିନ୍ତୁ ଏହା ପରେ ମଧ୍ୟ ଉଭୟ ପରସ୍ପରଠାରୁ ଦୂରରେ ରହୁ ନଥିଲେ। ଏହି କାରଣରୁ କ୍ରୋଧିତ ବାପା ଯୁବକଙ୍କୁ ହତ୍ୟା କରିଥିଲେ। ପୋଲିସ କହିଛି ଯେ ଝିଅର ବାପାମାଆ ଏହି ସମ୍ପର୍କ ବିରୁଦ୍ଧରେ ଥିଲେ ଏବଂ କୁମାରଙ୍କୁ ତାଙ୍କ ଝିଅଠାରୁ ଦୂରେଇ ରହିବାକୁ ଚେତାବନୀ ଦେଇଥିଲେ, କିନ୍ତୁ ସେ ସେମାନଙ୍କ କଥା ଶୁଣି ନଥିଲେ। ପୋଲିସ କହିଛି ଯେ ଗୁରୁବାର ରାତିରେ କୁମାରଙ୍କ ଜନ୍ମଦିନରେ ଝିଅର ମାତାପିତା ତାଙ୍କୁ କୁରାଢ଼ିରେ ଆକ୍ରମଣ କରିଥିଲେ। ସେ କହିଛନ୍ତି ଯେ ଗୁରୁତର ଆହତ କୁମାରଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା କିନ୍ତୁ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଝିଅଟିର ମାଆବାପାଙ୍କୁ ଗିରଫ କରିଛି। ପୋଲିସ କହିଛି ଯେ ଏହି ମାମଲାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ଥରିଲା ଆଫଗାନିସ୍ତାନ: ଲୋକେ ଭୟରେ ଦୌଡିଲେ

**କାବୁଲ,୨୯।୩:** ଆଫଗାନିସ୍ତାନରେ ଶନିବାର ସକାଳୁ ଦୁଇଟି ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୭ ଏବଂ ୪.୩ ରହିଛି। ସ୍ଥାନୀୟ ସମୟ ସକାଳ ୪:୫୧ ଏବଂ ୫:୧୬ରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପ ଯୋଗୁ ଲୋକମାନେ ଘର ଛାଡିବାକୁ ବାଧ୍ୟ ହୋଇଥିଲେ। କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ଖବର ନାହିଁ। ଗତକାଲି ମିଆଁମାର ଏବଂ ଥାଇଲାଣ୍ଡରେ ମଧ୍ୟ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିଲା। ୮ ଦିନ ପୂର୍ବେ, ମାର୍ଚ୍ଚ ୨୧ରେ, ଆଫଗାନିସ୍ତାନରେ ୪.୯ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ନ୍ୟାଶନାଲ ସେଣ୍ଟର ଫର୍ ସିସମୋଲୋଜି (ଏନ୍‌ଏସ୍‌ସି) ରିପୋର୍ଟ ଅନୁସାରେ, ଏହାର କେନ୍ଦ୍ରସ୍ଥଳ ପୃଥିବୀର ୧୬୦ କିଲୋମିଟର ତଳେ ଥିଲା। ମାର୍ଚ୍ଚ ୧୩ ତାରିଖରେ ଆଫଗାନିସ୍ତାନରେ ମଧ୍ୟ ପୃଥିବୀ ଥରି ଉଠିଥିଲା, ୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା।

# ଅଳ୍ପକେ ବର୍ତ୍ତିଗଲା ବାପା ପୁଅଙ୍କ ଜୀବନ, ସ୍କୁଟିରେ ଲାଗିଲା ନିଆଁ

**ନୂଆଦିଲ୍ଲୀ,୨୯।୩:** ରାସ୍ତାକଡ଼ରେ ସ୍କୁଟି ରଖି ତା ଉପରେ ବସିଥିଲେ ବାପ-ପୁଅ। ହଠାତ୍ ସ୍କୁଟିରେ ନିଆଁ ଲାଗିଯାଇଥିଲା। ଯାହାକୁ ଦେଖିବା ପରେ ଭୟରେ ବାପା ପୁଅ ସ୍କୁଟିକୁ ଛାଡିଦେଇଥିଲେ। ଯାହାର ଭିଡିଓ ଭାଇରଲ ହେବାରେ ଲାଗିଛି। ଖବର ମୁତାବକ, କେରଳରେ ଜଣେ ବ୍ୟକ୍ତି ସ୍କୁଟି ଉପରେ ପୁଅକୁ ଧରି ବସିଥିଲେ। ହଠାତ୍ ସ୍କୁଟି ତଳୁ ନିଆଁ ଲାଗିଯାଇଥିଲା। ପ୍ରଥମେ ବ୍ୟକ୍ତି ଜଣକ କିଛି ବୁଝିପାରିନଥିଲେ, କିନ୍ତୁ ନିଆଁ ଦେଖିବା ପରେ ସ୍କୁଟିକୁ ଛାଡି ପୁଅକୁ ଧରି ଓହ୍ଲାଇପଡ଼ିଥିଲେ। ଆଉ କୁନି ପୁଅଟି ଓହ୍ଲାଇ ଦୌଡ଼ି ପଳାଉଥିବା ବେଳେ ବାପା ଓହ୍ଲାଇ ସ୍କୁଟିରେ ଥିବା ଏକ ବ୍ୟାଗ୍‌କୁ କାଢ଼ି ନେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହା ପରେ ଉକ୍ତ ବ୍ୟାଗରେ ସେ ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି। ଏହା ଦେଖି ଆଖପାଖରୁ ଲୋକ ଦୌଡ଼ି ଆସିଲେ। କିଛି ଲୋକ ପାଣି ବାଲଟି ଧରି ଦୌଡ଼ି ଆସିଲେ। କିଛି ସମୟ ପରେ ସ୍କୁଟିରୁ ନିଆଁ ଲିଭିଯାଇଥିଲା।

# ମଝି ଆକାଶରେ ଯାତ୍ରୀଙ୍କୁ ହୃଦ୍‌ଘାତ

● ଲକ୍ଷ୍ନୌରେ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

**ଲକ୍ଷ୍ନୌ,୨୯।୩:** ବିମାନ ଉଡାଣ ସମୟରେ ହେଲା ଅଘଟଣ । ଜଣେ ଯାତ୍ରୀଙ୍କ ମୃତ୍ୟୁ ପରେ ଲକ୍ଷ୍ନୌରେ ଜରୁରୀକାଳୀନ ଅବତରଣ କରିବାକୁ ପଡିଲା । ଏହି ଇଣ୍ଡିଗୋ ବିମାନ ନମ୍ବର ୬ଇ୨୧୬୩ ପାଟନାରୁ ଦିଲ୍ଲୀ ଯାଉଥିଲା । ତେବେ ବିମାନ ମଝିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ମୃତ ବ୍ୟକ୍ତିଙ୍କ ନାମ ସତୀଶ ଚନ୍ଦ୍ର ବର୍ମନ ବୋଲି ଜଣା ପଡିଛି । ସେ ଆସାମର ନାଲବାଡ଼ିର ବାସିନ୍ଦା । ଉଡ଼ାଣ ସମୟରେ ସତୀଶଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହେବାକୁ ଲାଗିଥିଲା । ଏହି ସମୟରେ ବିମାନରେ ଥିବା କ୍ରୁ ସଦସ୍ୟମାନେ ସୂଚନା ପାଇବା ମାତ୍ରେ ପାଇଲଟଙ୍କୁ ଜଣାଇ ଦେଇଥିଲେ । ଏହାପରେ ବିମାନକୁ ଜରୁରୀକାଳୀନ ଅବତରଣ କରାଯାଇଥିଲା । ଖବର ପାଇବା ମାତ୍ରେ ବିମାନରେ ଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇ ଯାଇଥିଲା । ବିମାନଟିକୁ ତତକ୍ଷଣାତ୍ ଲକ୍ଷ୍ନୌ ଚୌଧୁରୀ ଚରଣ ସିଂହ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରାଗଲା। ତେବେ ବିମାନରେ ଯାତ୍ରୀଙ୍କ ମୃତ୍ୟୁର କାରଣ ହୃଦଘାତ ବୋଲି ଆଶଙ୍କା କରାଯାଉଛି । ଆମେ ଆପଣଙ୍କୁ ଜଣାଇ ଦେଉଛୁ କି ମାର୍ଚ୍ଚ ୨୬ ତାରିଖରେ ଆଗ୍ରା ରୁ ଲକ୍ଷ୍ନୌକୁ ଫେରୁଥିବା ସମୟରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ବିମାନର ଜରୁରୀ ଅବତରଣ କରାଯାଇଥିଲା । ଏହି ବିମାନକୁ ଆଗ୍ରା ବିମାନ ବନ୍ଦରରେ ଅବତରଣ କରାଯାଇଥିଲା ।

## ବିଧାନସଭା ନିର୍ବାଚନ ପୂର୍ବରୁ ମହାଗଠନବନ୍ଧନରେ ତିକ୍ତତା

# ବିହାର ଆସନ ପାଇଁ ଟଣାଓଟରା



**ପାଟନା,୨୯।୩:** ବିହାର ବିଧାନସଭା ନିର୍ବାଚନ ପାଇଁ ଆରଜେଡି ଓ କଂଗ୍ରେସ ମଧ୍ୟରେ ମେଣ୍ଟ ହେବ ବୋଲି ଘୋଷଣା ହୋଇଥିଲେ ମଧ୍ୟ କିଛି ଆସନକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇପାରେ। ଗତ ୨୦୨୦ ନିର୍ବାଚନ ସମୟରେ କଂଗ୍ରେସକୁ ଏଭଳି ଆସନରେ ଲଢ଼ିବାକୁ ପଡ଼ିଥିଲା ଯେଉଁଥିରେ ଆରଜେଡି କିମ୍ବା କଂଗ୍ରେସ ଗତ ଦୁଇ ଦଶନ୍ଧି ଧରି କେବେ ହେଲେ ଜିତିନଥିଲେ। ବାଲ୍ମିକୀନଗର, ରାମନଗର, ବାଘା, ନୌତନ, ଛାନପଟିଆ, ରୌସ୍କଲ, ଗୋବିନ୍ଦଗଞ୍ଜ ପୂର୍ବ ଓ ପଶ୍ଚିମ ଚମ୍ପାରନ ଏହି ୭ଟି ବିଧାନସଭା ଆସନ ଯାହାକି ବର୍ଷ ବର୍ଷ ଧରି ଏନଡିଏ ଗଡ଼ ବୋଲି କୁହାଯାଏ। ଗତ ୨୦୨୦ ବିଧାନସଭା ନିର୍ବାଚନରେ ଆରଜେଡି ମେଣ୍ଟ ବୁଝାମଣା ଅନୁସାରେ ଏହି ଆସନ କଂଗ୍ରେସ ଛାଡିଦେଇଥିଲା। ପରିଣାମ ସ୍ୱରୂପ କଂଗ୍ରେସ ଏହି ଆସନଗୁଡିରେ ଶୋଚନୀୟ ଭାବେ ପରାଜିତ ହୋଇଥିଲା। ଗତ ୨୦୨୨ ବିଧାନସଭା ନିର୍ବାଚନରେ କଂଗ୍ରେସ ୭୦ ବିଧାନସଭା ଆସନରେ ଲଢ଼ି ମାତ୍ର ୧୯ଟିରେ ବିଜୟୀ ହୋଇଥିଲା। କଂଗ୍ରେସର ଶୋଚନୀୟ ପରାଜୟ ହେତୁ ମହାଗଠବନ୍ଧନ କ୍ଷମତାକୁ ଆସୁ ଆସୁ ଝୁଣ୍ଟିଥିଲା ବୋଲି ଆରଜେଡି ତୁଙ୍ଗ ନେତାମାନେ ଅଭିଯୋଗ କରିଥିଲେ। ମାତ୍ର କଂଗ୍ରେସ ଲଢ଼ିଥିବା ୭୦ ବିଧାନସଭା ଆସନ ମଧ୍ୟରୁ ୩୫ଟି ଏପରି ଆସନ ଥିଲା, ଯାହାକୁ କଂଗ୍ରେସ କିମ୍ବା ଆରଜେଡି ଦଶନ୍ଧି ଧରି ଜିତିପାରୁନଥିଲେ। ତେଣୁ ଏଥରକ ଆସନ ବୁଝାମଣା ଆଲୋଚନା ବେଳେ କଂଗ୍ରେସ ଜିତିବାକୁ ଥିବା ଆସନ ପାଇବାକୁ ଜୋରଦାର ଉଦ୍ୟମ କରିବ ଯାହାକୁ ଆରଜେଡି ଘୋର ବିରୋଧ କରିପାରେ। ଏଥରକ କଂଗ୍ରେସ ତାର ଆସନ ସଂଖ୍ୟା ବଢ଼ାଇବାକୁ ଚାହୁଁଛି। ମାତ୍ର ଗତ ଦିନରେ କଂଗ୍ରେସର ବିପର୍ଯ୍ୟୟ ଦେଖି ଆରଜେଡି ଅଧିକ ଆସନ ଭାଗ କରିବାକୁ ନଚାହିଁବା ସ୍ୱାଭାବିକ। ଏଭଳି ସ୍ଥଳରେ ଜିତିବା ଆସନ ପାଇବାକୁ କଂଗ୍ରେସର ଦାବି ମେଣ୍ଟ ମଧ୍ୟରେ ବିବାଦ ବୃଦ୍ଧ କରିବ ନିଶ୍ଚୟ।

# ବିଜେପି ନଜିତିଲେ ହିନ୍ଦୁ ବଙ୍ଗୀୟଙ୍କ ଅସ୍ତିତ୍ୱ ବିପଦରେ ପଡ଼ିଯିବ: ମିଥୁନ



**ନୂଆଦିଲ୍ଲୀ,୨୯।୩:** ପ୍ରସିଦ୍ଧ ଅଭିନେତା ତଥା ଭାରତୀୟ ଜନତା ପାର୍ଟି (ବିଜେପି) ନେତା ମିଥୁନ ଚକ୍ରବର୍ତ୍ତୀ ବିଜେପି କାର୍ଯ୍ୟକ୍ରମରେ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ଯଦି ବିଜେପି ନିର୍ବାଚନରେ ବିଜୟୀ ନହୁଏ, ତେବେ ପଶ୍ଚିମବଙ୍ଗରେ ହିନ୍ଦୁ ବଙ୍ଗୀୟଙ୍କ ଅସ୍ତିତ୍ୱ ବିପଦରେ ପଡ଼ିବ। ମିଥୁନ ଚକ୍ରବର୍ତ୍ତୀ ତାଙ୍କ ଭାଷଣରେ କହିଛନ୍ତି ଯେ, 'ଆମକୁ ଜିତିବାକୁ ପଡିବ, ଏବଂ ଏହାର କେବଳ ଗୋଟିଏ କାରଣ ଅଛି। ବାଂଲାଦେଶ ଯାହା ଘଟିଲା ସେଥିରୁ ଆମକୁ ଶିକ୍ଷା ପାଇବା ଉଚିତ। ଯଦି ଆମେ ଜିତିବା ନାହିଁ, ତେବେ ପଶ୍ଚିମବଙ୍ଗରେ ହିନ୍ଦୁ ବଙ୍ଗୀୟମାନେ ବଞ୍ଚିପାରିବେ ନାହିଁ। ଯଦି ଆମେ ଜିତିବା ନାହିଁ, ତେବେ ବିଜେପି ସମର୍ଥିତ ହିନ୍ଦୁ ବଙ୍ଗୀୟମାନେ ସୁରକ୍ଷିତ ରହିବେ ନାହିଁ। କାରଣ ବିରୋଧୀ ପ୍ରସ୍ତୁତ ହୋଇ ବସିଛନ୍ତି ଏବଂ କହୁଛନ୍ତି ଯେ ଯଦି ସେମାନେ ପୁଣି କ୍ଷମତାକୁ ଆସନ୍ତି, ତେବେ ସେମାନେ ଆମକୁ ଶେଷ କରିଦେବେ।' ମିଥୁନ ଚକ୍ରବର୍ତ୍ତୀ ତାଙ୍କ ସମର୍ଥକମାନଙ୍କୁ ବ୍ୟକ୍ତିଗତ ବିଚାରଧାରା କିମ୍ବା ପସନ୍ଦ ଏବଂ ନାପସନ୍ଦକୁ ଅଲଗା ରଖି ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ଉପରେ ଧ୍ୟାନ ଦେବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି, 'ବର୍ତ୍ତମାନ ଅନ୍ୟ କିଛି ଚିନ୍ତା କରିବାର ଆବଶ୍ୟକତା ନାହିଁ। ପ୍ରଥମେ ଆମକୁ ନିର୍ବାଚନ ଜିତିବାକୁ ପଡିବ। ମୁଁ ଏହା ପସନ୍ଦ କରେ କି ତାହା ପସନ୍ଦ କରେ ନାହିଁ, ସେକଥା ପରେ ଭାବିବା।

# ଇଦରେ ବଡ଼ ଆତଙ୍କବାଦୀ ଆକ୍ରମଣ ଆଶଙ୍କା




**ନୂଆଦିଲ୍ଲୀ,୨୯।୩:** ଇଦ୍-ଉଲ୍-ଫିତରରେ ବଡ଼ ହମଲା ଆଶଙ୍କା। ସିରିୟାରେ ଆତଙ୍କବାଦୀ ଆକ୍ରମଣ ନେଇ ସତର୍କ କରାଇଲା ଆମେରିକା। ଛୁଟିରେ ନିଜ ନାଗରିକଙ୍କୁ ସ୍ୱଦେଶ ଫେରିବାକୁ ଅପିଲ୍ କରିଛି ଆମେରିକା ବିଦେଶ ମନ୍ତ୍ରଣାଳୟ। ପ୍ରବାସୀଙ୍କୁ ଶୀଘ୍ର ଆମେରିକା ଫେରିଆସିବାକୁ କୁହାଯାଇଛି। ସିରିୟା ରାଜଧାନୀ ଦମିଶକ୍ସରେ ଥିବା ଦୂତାବସ, ଅନ୍ତରାଷ୍ଟ୍ରୀୟ ସଂଗଠନ ଏବଂ ସର୍ବାଜନିକ ସ୍ଥାନରେ ଏହି ହମଲା ହୋଇପାରେ ବୋଲି କୁହାଯାଉଛି। ଆମେରିକା ଗୁଇନ୍ଦା ବିଭାଗ ଇଦ୍‌ରେ ଆତଙ୍କବାଦୀ ଆକ୍ରମଣ ନେଇ ସୂଚନା ଦେଇଛି। ଆତ୍ମଘାତୀ ହମଲା, ସଶସ୍ତ୍ର ବନ୍ଧୁକଧାରୀ ଏବଂ ବିସ୍ଫୋରକ ସାମଗ୍ରୀରେ ହମଲା ହୋଇପାରେ ବୋଲି କୁହାଯାଇଛି। ସିରିୟାରେ ରହୁଥିବା ଆମେରିକୀୟଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି ଟ୍ରମ୍ପ ସରକାର। ବିଦେଶ ବିଭାଗ ଆତଙ୍କବାଦ, ନାଗରିକ ଅଶାନ୍ତି, ଅପହରଣ, ବନ୍ଧକ ବନାଇବା, ସଶସ୍ତ୍ର ସଂଘର୍ଷ ଏବଂ ବେଆଇନ ଭାବେ ଆଟକ ରଖିବା ଭଳି ଘଟଣା ଘଟିପାରେ ସତର୍କ କରାଇଛି ବିଦେଶ ମନ୍ତ୍ରଣାଳୟ। ବିଭିନ୍ନ ମେଳା କିମ୍ବା ପ୍ରଦର୍ଶନ ସ୍ଥଳୀ, ଭିଡ଼ ସ୍ଥାନରୁ ଦୂରେଇ ରହିବାକୁ କୁହାଯାଇଛି। ନିଜ ନାଗରିକଙ୍କ ପାଇଁ ଜରୁରୀକାଳୀନ ହେଲ୍ପ ଲାଇନ୍ ନମ୍ବର ଜାରି କରିଛି ଆମେରିକା ପ୍ରଶାସନ। ସିରିୟା ଭିତରେ ଥିଲେ ୦୯୬୯-୩୩୩୬୪୪ ହେଲ୍ପ ଲାଇନରେ କଲ୍ କରି ଅସୁବିଧା ଜଣାଇବାକୁ କୁହାଯାଇଛି। ସେହିପରି ସିରିୟା ବାହାରେ ଫସିଥିଲେ +୯୬୩-୯୬୯-୩୩୩୬୪୪ରେ କଲ୍ କରିପାରିବେ। ସେହିପରି ଇ-ମେଲ୍ ଆଇଡି ଜାରି କରାଯାଇଛି। USIS_damascus@embassy.mzv.cz ଯୋଗେ ସହଯୋଗ ମାଗିପାରିବେ।

# ଧମକ ଦେଇ ଚାପଗ୍ରସ୍ତ ହୋଇ ଜୀବନ ହାରିଲେ ଦମ୍ପତି

## ୫୦ଲକ୍ଷ ଲୁଟିନେଲେ ଲୁଟେରା

**ବେଲଗାବୀ,୨୯।୩:** କର୍ଣ୍ଣାଟକର ବେଲଗାବୀରେ ଏକ ବୃଦ୍ଧ ଦମ୍ପତିଙ୍କ ସହ ହୃଦୟ ବିଦାରକ ଘଟଣା ଘଟିଛି। ବୃଦ୍ଧ ଦମ୍ପତିମାନେ ସାଇବର ଠକେଇର ଶିକାର ହୋଇଥିଲେ। ଠକମାନେ ତାଙ୍କୁ ନିରନ୍ତର ଧମକ ମଧ୍ୟ ଦେଉଥିଲେ। ଏହା ପରେ ଭୟ ଏବଂ ମାନସିକ ଚାପରେ ବିଚଳିତ ହୋଇ ଦୁହେଁ ଆତ୍ମହତ୍ୟା କରିଛନ୍ତି। ଦିଲ୍ଲୀ କ୍ରାଇମ୍ ବ୍ରାଞ୍ଚର ଅଧିକାରୀ ବୋଲି କହି ଠକମାନେ ତାଙ୍କୁ ଏକ ମିଥ୍ୟା ମାମଲାରେ ଫସାଇ ଦେବାକୁ ଧମକ ଦେଇଥିଲେ। ଆକଳନ କରାଯାଉଛି ଯେ, ୫୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଠକମାନେ ଦମ୍ପତ୍ତିଙ୍କଠାରୁ ଲୁଟି ନେଇଥିଲେ। ସୂଚନା ଅନୁଯାୟୀ, ଘଟଣାଟି କର୍ଣ୍ଣାଟକର ବେଲଗାବୀରେ ଥିବା ନନ୍ଦଗଡ଼ ଗାଁରେ ଘଟିଛି। ଏଠାରେ ୮୩ବର୍ଷୀୟ ଡିଆଙ୍ଗୋ ନଜରତ ତାଙ୍କ ୭୯ବର୍ଷୀୟ ପତ୍ନୀ ଫ୍ଲେବିୟାନା ନଜରତଙ୍କ ସହ ରହୁଥିଲେ। ଅବସରପ୍ରାପ୍ତ ଦମ୍ପତି ପୂର୍ବରୁ ମହାରାଷ୍ଟ୍ର ମନ୍ତ୍ରାଳୟରେ କାର୍ଯ୍ୟ କରୁଥିଲେ ଏବଂ ସେମାନଙ୍କର ପାଖରେ କୌଣସି ସମ୍ପର୍କୀୟ ନଥିଲେ। ସାଇବର ଅପରାଧୀମାନେ ନିଜକୁ ଦିଲ୍ଲୀ କ୍ରାଇମବ୍ରାଞ୍ଚର ଅଧିକାରୀ ବୋଲି ପରିଚୟ ଦେଇ ବୃଦ୍ଧ ଦମ୍ପତିଙ୍କ ସହ ଯୋଗାଯୋଗ କରିଥିଲେ। ଏକ ଭିଡିଓ କଲ୍ ମଧ୍ୟ କରାଯାଇଥିଲା ଏବଂ ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯିବାକୁ ଧମକ ଦିଆଯାଇଥିଲା। ଠକମାନେ ପୀଡିତଙ୍କୁ କହିଥିଲେ ଯେ ତାଙ୍କର ମୋବାଇଲ୍ ଆଇଡି ଏବଂ ଡକ୍ୟୁମେଣ୍ଟଗୁଡ଼ିକ କୌଣସି ଅପରାଧିକ କାର୍ଯ୍ୟକଳାପରେ ବ୍ୟବହାର କରାଯାଇଛି ଏବଂ ତାଙ୍କୁ ୫ଲକ୍ଷ ଜରିମାନା ଦେବାକୁ କହିଥିଲେ। ଭୟଭୀତ ଦମ୍ପତି ଠକମାନଙ୍କୁ ଏହି ପରିମାଣ ଦେଇଥିଲେ। କିନ୍ତୁ ଏହା ପରେ ଧମକ ଦେଇ ଅଧିକ ଟଙ୍କା ଦାବି କରିଚାଲିଥିଲେ ଲୁଟେରା। ଠକମାନେ ବିଭିନ୍ନ ବାହାନାରେ



ତାଙ୍କଠାରୁ ୫୦ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିଲେ। ବାରମ୍ବାର ଧମକ ପାଇ ଏବଂ ଏତେ ଟଙ୍କା ହରାଇବା ପରେ ଚାପଗ୍ରସ୍ତ ହୋଇ ଜୀବନ ହାରିଥିଲେ ଦମ୍ପତି।

# ନିଜ ମା'ଙ୍କୁ ନେଇ ଅଶ୍ଳୀଳ କମେଡି କଲେ ସ୍ୱାତୀ ସଚଦେବା



**ନୂଆଦିଲ୍ଲୀ,୨୯।୩:** କମେଡି ସୋ ନାମରେ ଆଜିକାଲି ଇଣ୍ଟରନେଟ୍‌ରେ ଅନେକ ଅଶ୍ଳୀଳ କଣ୍ଟେଣ୍ଟ ଦେଖିବାକୁ ମିଳୁଛି। ନିକଟରେ ସମୟ ରୈନାଙ୍କ ୟୁ ଟ୍ୟୁବ ସୋ 'ଇଣ୍ଡିଜ ଗଟ୍ ଲାଟେଣ୍ଟ' କୁ ନେଇ ଦେଶରେ ଖୁବ୍ ବିବାଦ ହୋଇଥିଲା। ସୋ ରେ ରଣବୀର ଅଲ୍ଲାହବାଦିୟା ନିଜ ପ୍ୟାରେଣ୍ଟଙ୍କୁ ନେଇ ଅଶ୍ଳୀଳ ଟିପ୍ପଣୀ କରିଥିଲେ। ଏହା ପରେ ଅନେକ ରାଜ୍ୟରେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ଉଠିଥିଲା। ରଣବୀରଙ୍କ ପରେ ଏବେ ଜଣେ ଫିମେଲ ଷ୍ଟାଣ୍ଡଅପ କମେଡିଆନ ସମସ୍ତଙ୍କ ସାମ୍ନାରେ ସୋ ରେ ନିଜ ମାଙ୍କୁ ନେଇ କିଛି ଏପରି କହିଛନ୍ତି ଯାହା ଲୋକଙ୍କୁ ଅସନ୍ତୁଷ୍ଟ କରିଛି। ଏହି ଷ୍ଟାଣ୍ଡଅପ କମେଡିଆନ ହେଉଛନ୍ତି ସ୍ୱାତୀ ଶଚଦେବା। ସ୍ୱାତୀଙ୍କ ଏକ ଭିଡିଓ କ୍ଲିପ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ନିଜ ମା ଙ୍କ ପ୍ରତି ଅଶ୍ଳୀଳ କଥା କହୁଥିବା ଦେଖାଯାଇଛି। ଭାଇରାଲ କ୍ଲିପରେ ସ୍ୱାତୀ କହୁଛନ୍ତି 'ମୋ ମା ଫୁଲ ମମ ହେବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ତାଙ୍କ ଦ୍ୱାରା ଏହା ହୋଇ ପାରୁ ନାହିଁ'। ଏହା ପରେ ସେ ଯାହା କହୁଛନ୍ତି ତାହା ନା କେବଳ ଅଶ୍ଳୀଳ, ଅଶ୍ରବ୍ୟ ମଧ୍ୟ। ଏହି ଭିଡିଓ କ୍ଲିପ ଦେଖିବା ପରେ ଲୋକଙ୍କ କ୍ରୋଧ ଏବେ କାହିଁରି କଣ। ଲୋକେ ସ୍ୱାତୀଙ୍କ ଉପରେ ଏବେ ଅସନ୍ତୁଷ୍ଟ। କଥା କେବଳ ଏତିକିରେ ନାହିଁ, ଲୋକେ ଏବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ମଧ୍ୟ କରୁଛନ୍ତି। ଜଣେ ୟୁଜର ତାଙ୍କ ଭିଡିଓରେ ମନ୍ତବ୍ୟ ଦେଇ ଲଜ୍ଜା! ବୋଲି ଉଲ୍ଲେଖ କରିଛନ୍ତି। ସାମାନ୍ୟ ଥଟ୍ଟା ପରିହାସ ଚଳାଯାଇ ପାରେ ହେଲେ ଇଏତ ସମସ୍ତ ସୀମା ପାର କରିଗଲା ବୋଲି ଆଉ ଜଣେ ୟୁଜର ଲେଖିଛନ୍ତି। ଏଥିରେ ଜଣେ ୟୁଜର ନିଜକୁ ପ୍ରଚାର କରିବା ପାଇଁ ମା ବାପାଙ୍କର ଇଜ୍ଜତ ସମ୍ମାନ ବି ଆମେ ରଖିବାନି କି ବୋଲି ପ୍ରଶ୍ନ କରିଛନ୍ତି।

# ମୋଦିଜୀ ବହୁତ 'ସ୍ମାର୍ଟ'

**ନୂଆଦିଲ୍ଲୀ,୨୯।୩:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍(ଆନ୍ତର୍ଜାତୀୟ ବାଣିଜ୍ୟ ଉପରେ ଲାଗୁ କର) ଯୋଜନା ବିଶ୍ୱରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଛି। ଏମଧ୍ୟରେ ଭାରତ ଉପରେ ଟାରିଫ୍ ବୃଦ୍ଧି ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ବୃଦ୍ଧି ଏକ କଠିନ ନିଷ୍ପତ୍ତି। କିନ୍ତୁ ମୁଁ ନିଶ୍ଚିତ ଯେ ଏହାର ଫଳାଫଳ ବହୁତ ଭଲ ହେବ। ଏହା ସହ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, "ପ୍ରଧାନମନ୍ତ୍ରୀ ମୋଦୀ ବହୁତ ସ୍ମାର୍ଟ(ଚତୁର) ବ୍ୟକ୍ତି। ହ୍ୱାଇଟ୍ ହାଉସରେ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ କହିଛନ୍ତି ଯେ, ମୁଁ ନିଶ୍ଚିତ ଯେ ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ସକାରାତ୍ମକ ଫଳାଫଳ ଆଣିବ। ନରେନ୍ଦ୍ର ମୋଦୀ ଜଣେ ମହାନ ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୋଦି ଏଠାକୁ ଆସିଥିଲେ। ସେ ମୋର ଜଣେ ଭଲ ବନ୍ଧୁ। ଆମେ ଅନେକ ବିଷୟରେ ଆଲୋଚନା କରିଛୁ।



# ବାୟୁସେନାର ସିଭିଲ ଇଞ୍ଜିନିୟରଙ୍କୁ ହତ୍ୟା

**ପ୍ରୟାଗରାଜ,୨୯।୩:** ଉତ୍ତରପ୍ରଦେଶର ପ୍ରୟାଗରାଜରେ ବାୟୁସେନାର ସିଭିଲ ଇଞ୍ଜିନିୟର ଏସଏନ ମିଶ୍ରା (୫୧)ଙ୍କୁ ଶନିବାର ଗୁଳି କରି ହତ୍ୟା କରାଯାଇଛି। କଡ଼ା ସୁରକ୍ଷାବଳୟ ମଧ୍ୟରେ ବାୟୁସେନାର ସଭିଲ ଇଞ୍ଜିନିୟରଙ୍କୁ ଜଣେ ଅଜଣା ବ୍ୟକ୍ତି ଗୁଳି କରି ହତ୍ୟା କରି ଚାଲିଯିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେବା ସହିତ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଶନିବାର ଭୋର ୩ଟା ସମୟରେ ବାୟୁସେନାର ସିଭିଲ ଇଞ୍ଜିନିୟର ଏସଏନ ମିଶ୍ରାଙ୍କ କୋଠା ପାଖରେ ଛିଡ଼ା ହୋଇ କେହି ଜଣେ ତାଙ୍କ ନାମ ଧରି ଡାକ ପକାଇଥିଲେ। କେହି ଜଣେ ଡାକୁଥିବା ଶୁଣି ମିଶ୍ରା ସଙ୍ଗେସଙ୍ଗେ ଶୋଇଥିବା ଘରର ଝରକା ଖୋଲି ଦେଇଥିଲେ। ଯେମିତି ହିଁ ସେ ଝରକା ଖୋଲିଥିଲେ ଆକ୍ରମଣକାରୀ ତାଙ୍କ ଛାତକୁ ଗୁଳି କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗୁଳି ଶବ୍ଦ ଶୁଣି ସୁରକ୍ଷାକର୍ମୀ ଓ ପରିବାରଲୋକ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଗୁରୁତର ଅବସ୍ଥାରେ ମିଶ୍ରାଙ୍କୁ ଉଦ୍ଧାର କରି ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଦୁଃଖର ବିଷୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାକୁ ଗମ୍ଭୀରତା ସହ ନେଇ ମିଶ୍ରାଙ୍କ କୋଠାର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଜବତ କରି ଯାଞ୍ଚ ଆରମ୍ଭ କରିଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ବାୟୁସେନାର ସିଭିଲ ଇଞ୍ଜିନିୟର ଏସଏନ ମିଶ୍ରାଙ୍କ ଧର୍ମପତ୍ନୀ ଓ ପୁଅ ପୁଲିସକୁ କହିଛନ୍ତି, 'ଆକ୍ରମଣକାରୀ ଯୋଜନା କରି ମିଶ୍ରାଙ୍କ ହତ୍ୟା କରିଛନ୍ତି। କାରଣ ଘରେ ଶୋଇଥିବା ବେଳେ ଆମେ ପ୍ରଥମେ ଶୁଣିବାକୁ ପାଇଲୁ କେହି ଜଣେ ବାହାରେ ଛିଡ଼ା ହୋଇ ଏସଏନ ମିଶ୍ରାଙ୍କ ନାମ ଧରି ଡାକୁଛି।

● ରାଜସ୍ଥାନରେ ସୈତାନ ବାପାର ଜଘନ୍ୟ କାଣ୍ଡ

# ୫ମାସର ୨ ଶିଶୁ କନ୍ୟାଙ୍କୁ ହତ୍ୟା



**ରାଜସ୍ଥାନ,୨୯।୩:** ପୁଅ ମୋହରେ ବାପା ପାଲଟିଛି ସୈତାନ । ୫ ମାସର ୨ ଯାଆଁଳା ଝିଅଙ୍କ ଜୀବନ ନେଇଯାଇଛି। ପୋଲିସ ହତ୍ୟାକାରୀ ବାପା ଅଶୋକ କୁମାର ଯାଦବକୁ ଗିରଫ କରିଛି । ରାଜସ୍ଥାନ ଶିକାର ଜିଲ୍ଲାରୁ ଆସିଛି ଏପରି ଛାତିଥରା ଘଟଣା । ପୋଲିସର ତଥ୍ୟ ମୁତାବକ ୨୦୧୬ରେ ଅଶୋକ ଓ ଅନୀତାଙ୍କର ବିବାହ ହୋଇଥିଲା । ପୂର୍ବରୁ ଉଭୟଙ୍କର ଏକ ୫ ବର୍ଷର ଝିଅ ଅଛି । ତେବେ ୨ଟି ଯାଆଁଳା ଝିଅ ଜନ୍ମ ପରେ ପତି-ପତ୍ନୀଙ୍କ ମଧ୍ୟରେ ବିବାଦ ଲାଗିରହୁଥିଲା। କାହିଁକି ପୁଅ ହେଉନି ବୋଲି ନିର୍ଯାତନା ଦେଉଥିଲେ ପରିବାର ଲୋକ । ଗୁରୁବାର ରାତିରେ ବିବାଦ ଏତେ ବଢ଼ିଯାଇଥିଲା କି ୨ ନିଷ୍ପାପ ଶିଶୁଙ୍କୁ ମାରିବାକୁ ପଛାଇଲାନି ଜହ୍ଲାଦ ବାପା । ରାଗରେ ୫ମାସର ୨ ଯାଆଁଳା ଝିଅକୁ ଟେକି ତଳେ ଫିଙ୍ଗିଦେଇଥିଲା। ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା । ୨ ଝିଅଙ୍କର ଏପରି ଅବସ୍ଥା ଦେଖି ସହିପାରିନଥିଲେ ଅନୀତା । ବେହୋସ ହୋଇପଡିଥିଲେ । ଉଠିଲା ବେଳକୁ ଆଉ କିଛି ନଥିଲା । ୨ଝିଅଙ୍କ ମୃତଦେହକୁ ଧରି ଘରଠାରୁ ପ୍ରାୟ ୨ କିଲୋମିଟର ଦୂରକୁ ଯାଇ ମାଟିରେ ପୋତି ଦେଇଥିଲା ଜହ୍ଲାଦ ବାପା। ଅନୀତାଙ୍କ ଠାରୁ ଖବର ପାଇ ପୋଲିସ ମାଟି ଖୋଳି ମୃତଦେହ ଉଦ୍ଧାର କରିବା ସହ ପୋଷ୍ଟମର୍ଟମ ପାଇଁ ପଠାଇଛି । ହତ୍ୟାକାରୀ ବାପା ଅଶୋକଙ୍କୁ ପଚରାଉଚରା କରୁଛି ପୋଲିସ । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳିଯାଇଛି । ହତ୍ୟାକାରୀ ବାପାକୁ କଠୋରରୁ କୋଠର ଦଣ୍ଡ ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା

# ବର୍ଷର ପ୍ରଥମ ସୂର୍ଯ୍ୟପରାଗ; ଉତ୍ତର ଗୋଲାର୍ଦ୍ଧରେ ହେଲା ଦୃଶ୍ୟମାନ

**ନୂଆଦିଲ୍ଲୀ,୨୯।୩:** ୨୦୨୫ ବର୍ଷର ପ୍ରଥମ ସୂର୍ଯ୍ୟପରାଗ । ଉତ୍ତର ଗୋଲାର୍ଦ୍ଧରେ ଆରମ୍ଭ ହୋଇଛି ସୂର୍ଯ୍ୟପରାଗ । ଭାରତୀୟ ସମୟ ଦିନ ୨ଟା ୨୧ ମିନିଟ୍‌ରୁ ଆରମ୍ଭ ହୋଇ ୬ଟା ୧୪ ମିନିଟରେ ପରାଗ ଶେଷ ହେବ । ସୂର୍ଯ୍ୟପରାଗର ମଧ୍ୟମା ସମୟ ହେବ ୪ଟା ୧୭ ମିନିଟ୍ । ଏହାର ମୋଟ୍ ଅବଧି ୩ଘଣ୍ଟା ୫୩ ମିନିଟ୍ । ଉତ୍ତର ଗୋଲାର୍ଦ୍ଧରେ ଏହି ସୂର୍ଯ୍ୟପରାଗ ଆଂଶିକ ଭାବେ ଦେଖାଯିବ । ମାତ୍ର ଭାରତରେ ସୂର୍ଯ୍ୟପରାଗ ଦେଖାଯିବ ନାହିଁ । କେଉଁଠି ଦୃଶ୍ୟମାନ ହେବ: ୨୦୨୫ର ବର୍ଷର ପ୍ରଥମ ସୂର୍ଯ୍ୟପରାଗ ଭାରତରେ ଦୃଶ୍ୟମାନ ହେବ ନାହିଁ । ଏହା ଦକ୍ଷିଣ ଆମେରିକା, ଉତ୍ତର ଆମେରିକା, ଉତ୍ତର ଏସିଆ, ଉତ୍ତର-ପଶ୍ଚିମ ଆଫ୍ରିକା, ୟୁରୋପ, ଉତ୍ତର ଧ୍ରୁବ, ଆର୍କଟିକ୍ ମହାସାଗର, ଏବଂ ଆଟଲାଣ୍ଟିକ୍ ମହାସାଗର ଆଦି ସ୍ଥାନରେ ଦୃଶ୍ୟମାନ । ସୂର୍ଯ୍ୟପରାଗରେ ଗ୍ରହ ଚଳନ: ଗ୍ରହ ଚଳନ ଅନୁଯାୟୀ ବର୍ଷର ପ୍ରଥମ ସୂର୍ଯ୍ୟପରାଗ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ସୂର୍ଯ୍ୟଗ୍ରହଣ ମିନ ରାଶି ଏବଂ ଉତ୍ତରାଭାଦ୍ରପଦ ନକ୍ଷତ୍ରରେ ଲାଗିବ ।

## ଇତିହାସ ରଚିଲା ଟିମ୍

# ଫାଇନାଲରେ ବ୍ରେଣ୍ଡନ ନେଲେ ୧୧ ୱିକେଟ



କାନ୍‌ବେରା, ୨୯।୩: ଦକ୍ଷିଣ ଅଷ୍ଟ୍ରେଲିଆ ଦଳ ସେଫିଲ୍ଡ ସିଲ୍ଡ ଟାଇଟଲ ଜିତି ଇତିହାସ ରଚିଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ କୁଇନ୍ସଲ୍ୟାଣ୍ଡକୁ ପରାସ୍ତ କରି ଦଳ ୨୯ ବର୍ଷ ପରେ ଟାଇଟଲ ଜିତିଛି। ଦକ୍ଷିଣ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟ ଫାଇନାଲକୁ ୪ ଉଇକେଟରେ ଜିତିଥିବା ବେଳେ ୧୧ ଉଇକେଟ ନେଇଥିବା ବୋଲରଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଫାଇନାଲରେ ୧୧ ଉଇକେଟ ନେଇଥିବା ବୋଲରଙ୍କ ନାମ ବ୍ରେଣ୍ଡନ ଡଗେଟ। ୩୦ ବର୍ଷୀୟ ବ୍ରେଣ୍ଡନ ଜଣେ ଡାହାଣହାତୀ ଦ୍ରୁତ ବୋଲର ଏବଂ ଦକ୍ଷିଣ ଅଷ୍ଟ୍ରେଲିଆ ଦଳର ଖେଳାଳି।

ମ୍ୟାଚ୍‌ରେ କୁଇନ୍ସଲ୍ୟାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। କିନ୍ତୁ ଦକ୍ଷିଣ ଅଷ୍ଟ୍ରେଲିୟ ବୋଲର ବ୍ରେଣ୍ଡନ ଡଗେଟଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପର୍ଯ୍ୟୟ ଯୋଗୁ ସେମାନଙ୍କର ପ୍ରଥମ ଇନିଂସ ମାତ୍ର ୯୫ ରନରେ ଅଟକିଥିଲା। ବ୍ରେଣ୍ଡନ ଡଗେଟ ପ୍ରଥମ ଇନିଂସରେ ୬ ଉଇକେଟ ନେଇଥିଲେ। ସେ ୧୧.୨ ଓଭରରେ ୩୧ ରନ ଦେଇ ଏହି ଉଇକେଟ ନେଇଥିଲେ। କ୍ୱିନ୍ସଲ୍ୟାଣ୍ଡକୁ ୯୫ ରନରେ ଅଲଆଉଟ କରିବା ପରେ, ଦକ୍ଷିଣ ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସରେ ୨୭୧ ରନ କରିଥିଲା, ଯେଉଁଥିରେ ଜେକ ଲେହମ୍ୟାନଙ୍କ ଏକ ବଡ଼ ଶତକ ଥିଲା। ଲେହମାନ ମଧକ୍ରମରେ ୧୫୨ ବଲ ସାମ୍ନା କରି ୧୦୨ ରନ କରିଥିଲେ। ପ୍ରଥମ ଇନିଂସରେ ଦକ୍ଷିଣ ଅଷ୍ଟ୍ରେଲିଆ ୧୭୬ ରନର ଲିଡ୍ ପାଇଥିଲା। ପ୍ରଥମ ଇନିଂସ ପରି କ୍ୱିନ୍ସଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ସମାନ ଭୁଲ କରି ନ ଥିଲା। ଏଥର ଦଳ ବଡ଼ ସ୍କୋର କରିଥିଲା। ଜ୍ୟାକ ଗ୍ଲିଟନ୍ ଏବଂ ଜ୍ୟାକ୍ ୱାଇଲ୍ଡରମୁଥଙ୍କ ଶତକ ବଳରେ କ୍ୱିନ୍ସଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ୪୪୫ ରନ କରିଥିଲା। ଜ୍ୟାକ ଗ୍ଲିଟନ ୨୪୯ ବଲ ସାମ୍ନା କରି ୧୦୦ ରନ କରିଥିଲେ। ଯେତେବେଳେ ୱାଇଲ୍ଡରମୁଥ ୧୪୦ ବଲ ରେ ୧୧୧ ରନର ଇନିଂସ ଖେଳିଥିଲେ।

ଦକ୍ଷିଣ ଅଷ୍ଟ୍ରେଲିଆର ବୋଲର ବ୍ରେଣ୍ଡନ ଡଗେଟ ମଧ କ୍ୱିନ୍ସଲ୍ୟାଣ୍ଡର ଦ୍ୱିତୀୟ ଇନିଂସରେ ପ୍ରଭାବ ପକାଇବାରେ ସଫଳ ହୋଇଥିଲେ। ସେ ଏଥର ମଧ ୫ ଉଇକେଟ ନେଇଥିଲେ। ଏହିପରି, ଫାଇନାଲ ମ୍ୟାଚ୍‌ର ଉଭୟ ଇନିଂସକୁ ମିଶାଇ, ଡଗେଟ ମୋଟ ୧୧ ଉଇକେଟ ନେଇଥିଲେ। ଏବେ ଦକ୍ଷିଣ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୭୬ ରନର ଲିଡ୍ ହାସଲ କରିସାରିଥିଲା। ଏପରି ପରିସ୍ଥିତିରେ ସେମାନଙ୍କ ସମ୍ମୁଖରେ ୨୭୦ ରନ ଲକ୍ଷ୍ୟ ଥିଲା। ଏହାକୁ ସେମାନେ ୬ ଉଇକେଟ ହରାଇ ହାସଲ କରିଥିଲେ। ୪ ଉଇକେଟରେ ବିଜୟ ସହିତ, ସେମାନେ ୨୯ ବର୍ଷ ମଧରେ ପ୍ରଥମ ଥର ପାଇଁ ସେଫିଲ୍ଡ ସିଲ୍ଡ ଟାଇଟଲ ହାସଲ କରିଥିଲେ। ଦକ୍ଷିଣ ଅଷ୍ଟ୍ରେଲିଆ ପାଇଁ, ଜେସନ ସାଙ୍ଘା ଦ୍ୱିତୀୟ ଇନିଂସରେ ୧୨୬ ରନ କରିଥିବା ବେଳେ ଆଲେକ୍ସ କେରି ୧୦୫ ରନ କରିଥିଲେ।।

## ଜାତୀୟ ଉପକନିଷ୍ଠ ଅସୀଚାଳନା

# ଓଡ଼ିଶାକୁ ପ୍ରଥମ ପଦକ ଦେଲେ ଲିଖିତ



କଟକ, ୨୯।୩: ଜବାହରଲାଲ୍ ନେହରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଚାଲିଥିବା ୨୬ତମ ଜାତୀୟ ଉପକନିଷ୍ଠ ଅସିଚାଳନାରେ ଓଡ଼ିଶାକୁ ପ୍ରଥମ ପଦକ ଭେଟି ଦେଇଛନ୍ତି ଲିଖିତ କୁମାର ବିଶ୍ୱାଳ। ଶୁକ୍ରବାର ଇପି ମ୍ୟାଚ୍‌ରେ ଲିଖିତ ୧୨-୧୫ ପଏଣ୍ଟରେ ହରିୟାଣାର ଅଶ୍ୱିନୀ କୁମାରଙ୍କଠୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି। ହରିୟାଣା ପ୍ରତିଯୋଗୀ ଚମତ୍କାର ପ୍ରଦର୍ଶନ କରି ଦ୍ୱିତୀୟ ଦିନରେ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ତିନିଟି କାଂସ୍ୟ ଜିତିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଅସୀଚାଳନା ସଂଘ ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ସହଦେବ ସାହୁ, ସଂପାଦକ ଦେବେନ୍ଦ୍ର ସାହୁ, ସଂଗଠନ ସଂପାଦକ ସୁମିତ ରଞ୍ଜନ ପୁରୋହିତ, ଅମ୍ରିତ କୁମାର ସାହୁ କୃତି ପ୍ରତିଯୋଗୀଙ୍କୁ ପଦକ ବଣ୍ଟନ କରିଥିଲେ। ଓଡ଼ିଶା ରାଜ୍ୟ ଅସିଚାଳନା ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଭାରତୀୟ ଅସିଚାଳନା ସଂଘ ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତା ଚାଲିଛି।

# ଧୋନିଙ୍କୁ ତାଚ୍ଛଲ୍ୟ କଲେ ବୀରେନ୍ଦ୍ର ସେହ୍ୱାଗ



ନୂଆଦିଲ୍ଲୀ, ୨୯।୩: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଚେନ୍ନାଇ ସୁପର କିଙ୍ଗ୍ସ ପରାଜୟ ବରଣ କରିଛି। ବ୍ୟାଟି, ବୋଲିଂ ସବୁଥିରେ ଫେଲ୍ ମାରିଥିଲେ ଖେଳାଳି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ)କୁ ୫୦ ରନରେ ପରାସ୍ତ କରିଛି। ତେବେ ଏହି ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସର ମହେନ୍ଦ୍ର ସିଂହ ଧୋନି ଙ୍କ ବ୍ୟାଟିଂ ଅର୍ଡରକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୀରେନ୍ଦ୍ର ସେହ୍ୱାଗ। ଧୋନିଙ୍କ ବ୍ୟାଟିଂ ଅର୍ଡରକୁ ତାଚ୍ଛଲ୍ୟ କରିଛନ୍ତି କିଛି ପୂର୍ବତନ କ୍ରିକେଟର। ଇରଫାନ ପଠାନ, ରବିନ ଉଥପ୍ପା ଏବଂ ଆକାଶ ଚୋପ୍ରା ଭଳି ପୂର୍ବତନ କ୍ରିକେଟର ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ଏହାପରେ ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ଏମଏସ ଧୋନିଙ୍କ ବ୍ୟାଟିଂକୁ ନେଇ ପ୍ରଶ୍ନ କରିଛନ୍ତି। ବୀରେନ୍ଦ୍ର ସେହ୍ୱାଗ ଧୋନିଙ୍କ ବ୍ୟାଟିଂ ଅର୍ଡରକୁ ନେଇ ତାଙ୍କର ମତାମତ ରଖିଥିଲେ। ସେ କହିଥିଲେ, 'ତୁମେ ଶୀଘ୍ର ଆସିଗଲ, ଠିକ୍ ନା ?' ଏହା ପରେ ସେଠାରେ ଉପସ୍ଥିତ ସମସ୍ତେ ହସିବାକୁ ଲାଗିଥିଲେ। ପୂର୍ବତନ ଭାରତୀୟ କ୍ରିକେଟର କହିଛନ୍ତି ଯେ, 'ଯେତେବେଳେ ସେ ଆସିଥିଲେ, ୧୬ ଓଭର ଖେଳାଯାଇଥିଲା। ସାଧାରଣତଃ ସେ ୧୯ ତମ କିମ୍ବା ୨୦ତମ ଓଭରରେ ଆସନ୍ତି। ତୁମେ ଶୀଘ୍ର ଆସିଗଲ, ଠିକ୍ ନା ? ସେ ଶୀଘ୍ର ଆସିଥିଲେ ନଚେତ୍ ସେମାନଙ୍କ ବ୍ୟାଟସମ୍ୟାନମାନେ ଶୀଘ୍ର ୱିକେଟ୍ ହରାଇଥିଲେ। ଏବେ ବୀରେନ୍ଦ୍ର ସେହ୍ୱାଗଙ୍କ ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ୟୁଜର୍ସ ନିଜ ନିଜର ପ୍ରତିକ୍ରିୟା ଦେଉଛନ୍ତି। ଗତକାଲି ପ୍ରଥମେ ବ୍ୟାଟିଂ କରି ୧୯୬ ରନ୍ କରିଥିଲା ଆରସିବି। ୧୯୭ ରନ୍ ଲକ୍ଷ୍ୟ ପଡିଆକୁ ଓହ୍ଲାଇଥିଲା ଚେନ୍ନାଇ ସୁପରକିଙ୍ଗସ୍। ୮ ୱିକେଟ ମାତ୍ର ୧୪୬ ରନ୍ କରିଥିଲା ସିଏସକେ। ୫୦ ରନରେ ଚେନ୍ନାଇକୁ ହରାଇଛି ବେଙ୍ଗାଲୁରୁ। ଆରସିବି ପକ୍ଷରୁ କ୍ୟାପଟେନ ରଜତ ପଟିଦାର ସର୍ବାଧିକ ୫୧ ରନ୍ କରିଥିଲେ। ଫିଲିପ୍ ସଲ୍ଟ ୩୨ ଓ ବିରାଟ କୋହଲି ୩୧ ରନ୍ କରିଥିଲେ। ଜୋସ୍ ହାଜଲେଉଡ୍ ସର୍ବାଧିକ ୩ଟି ୱିକେଟ ନେଇଥିବାବେଳେ ୟଶ ଦୟାଲ ଓ ଲିଆମ ଲିଭିଂଷ୍ଟୋନ ୨ଟି ଲେଖାଏଁ ୱିକେଟ ନେଇଥିଲେ। ସେପଟେ ଚେନ୍ନାଇ ପକ୍ଷରୁ ରଚିନ ରବୀନ୍ଦ୍ର ସର୍ବାଧିକ ୪୧ ରନ୍ କରିଥିଲେ। ରାହୁଲ ତ୍ରିପାଠୀ ୫, ଋତୁରାଜ ଗାଏକ୍ୱାଡ ୦ ଓ ଦୀପକ ହୁଡା ମାତ୍ର ୪ ରନ୍ କରିଥିଲେ।

# 'ରବିନହୁଡ୍'ରେ ୱାର୍ଣ୍ଣର




ହାଇଦ୍ରାବାଦ: ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ଭାରତକୁ ବହୁତ ଭଲ ପାଆନ୍ତି। ବିଶେଷକରି ଭାରତର ଲୋକ, ସଂସ୍କୃତି ଏବଂ ସିନେମା ତାଙ୍କୁ ପସନ୍ଦ। ଏଥିନେଇ ସେ ଭାରତୀୟ ସିନେମା ଗୀତରେ ପିଲାମାନଙ୍କ ସହ ନାଚୁଥିବା ଦେଖାଯାଇଥାଏ। ହେଲେ ଏବେ ସିନେମାରେ ସେ ଡେବ୍ୟୁ କରିବାକୁ ଯାଉଛନ୍ତି। ତେଲୁଗୁ ଫିଲ୍ମ 'ରବିନହୁଡ୍'ରେ ସେ ନଜର ଆସିବେ। କହିବାକୁ ଗଲେ କ୍ରିକେଟ ବ୍ୟତିତ ୱାର୍ଣ୍ଣରଙ୍କୁ ଅଭିନୟ ପସନ୍ଦ। ଭାରତରେ ଏବେ ତାଙ୍କର ଏହି ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଅଭିନେତା ନୀତିନ ଏବଂ ଶ୍ରୀଲିଲାଙ୍କ ଫିଲ୍ମ 'ରବିନହୁଡ୍' ମାର୍ଚ୍ଚ ୨୮ରେ ସିନେମାଘରକୁ ଆସିବ। ଏଥିରେ ସେ କାମିଓ କରିଛନ୍ତି। ଚରିତ୍ର ସ୍ୱଳ୍ପ ଅବଧୀର ହୋଇଥିଲେ ହେଁ ତାଙ୍କୁ ମୋଟା ଅଙ୍କର ପାଉଣା ମିଳିଛି। ଓଟିଟି ପ୍ଲେର ଏକ ରିପୋର୍ଟ ମୁତାବକ ତାଙ୍କୁ ଏହି ଫିଲ୍ମ ପାଇଁ ୩ କୋଟି ଟଙ୍କା ଦିଆଯାଇଛି। ତେବେ ଆଇପିଏଲ୍ ୨୦୨୫ରେ ୱାର୍ଣ୍ଣରଙ୍କୁ କୌଣସି ଟିମ୍ କିଣିନାହାଁ। ହେଲେ ଟି୨୦ ଇତିହାସର ସବୁଠାରୁ ଚର୍ଚ୍ଚିତ ଖେଳାଳି ହେଉଛନ୍ତି ସେ। ଏହି ସିଜନରେ ତାଙ୍କୁ କ୍ରେତା ମିଳି ନ ଥିଲେ ହେଁ ଫିଲ୍ମରେ ଅଭିନୟ କରି ସେ କୋଟି କୋଟି ଟଙ୍କା କମାଇଛନ୍ତି।

## ଇଣ୍ଡିଆନ୍ ଗ୍ରାଁ ପ୍ରି-୧

# ଗୁରିନ୍ଦରବୀରଙ୍କ ରେକର୍ଡ ; ପ୍ରଜ୍ଞା ପ୍ରଶାନ୍ତିଙ୍କୁ ରୌପ୍ୟ, ଲାଲୁଙ୍କୁ କାଂସ୍ୟ




ଭୁବନେଶ୍ୱର, ୨୯।୩: ବେଙ୍ଗାଲୁରୁ ଆୟୋଜିତ ଇଣ୍ଡିଆନ୍ ଗ୍ରାଁ ପ୍ରି-୧ରେ ଶୁକ୍ରବାର ଓଡ଼ିଆ ଝିଅ ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ମହିଳା ୧୦୦ ମିଟର ବାଧାଦୌଡ଼ର ଫାଇନାଲ୍‌ରେ ପ୍ରଜ୍ଞା (୧୩.୪୪ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହି ପଦକ ଜିତିଛନ୍ତି। ତାଙ୍କ ରିଲାଏନ୍ସ ଏଚ୍‌ପିସି ସାଥୀ ଜ୍ୟୋତି ୟାରାଜୀ (୧୩.୦୭) ସ୍ୱର୍ଣ୍ଣ ଜିତିଥିଲା ବେଳେ ତାମିଲନାଡୁର ନନ୍ଦିନୀ କେ (୧୩.୭୮) କାଂସ୍ୟ ପାଇଥିଲେ। ପୁରୁଷ ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (୨୧.୨୬ ସେକେଣ୍ଡ) କାଂସ୍ୟ ଜିତିଥିଲା ବେଳେ ତାଙ୍କ ରିଲାଏନ୍ସ ଏଚ୍‌ପିସି ସାଥୀ ଅମ୍ଲାନ ବଡ଼ଗୋହାଇଁ (୨୦.୮୩) ଓ ମଣିକାନ୍ତ ହୋବଳିଧର (୨୧.୨୦) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପାଇଥିଲେ। ପଞ୍ଜାବର ଗୁରିନ୍ଦରବୀର ସିଂହ ଦେଶର ଦ୍ରୁତତମ ଧାବକ ହୋଇଛନ୍ତି। ସେ ୧୦୦ ମିଟର ଦୌଡ଼କୁ ୧୦.୨୦ ସେକେଣ୍ଡରେ ଶେଷ କରି ଏହି କୀର୍ତ୍ତିମାନର ଅଧିକାରୀ ହୋଇଥିଲେ। ରିଲାଏନ୍ସରୁ ପ୍ରତିନିଧିତ୍ୱ କରିଥିବା ଏହି ଧାବକ, ମଣିକାନ୍ତ ହୋବଳିଧର (୧୦.୨୩)ଙ୍କ ରେକର୍ଡ ଭାଙ୍ଗିଥିଲେ। ମଣିକାନ୍ତ ଅକ୍ଟୋବର ୨୦୨୩ରେ ଏହି ରେକର୍ଡ କରିଥିଲେ। ପୂର୍ବରୁ ଗୁରିନ୍ଦରବୀରଙ୍କ ଶ୍ରେଷ୍ଠ ସମୟ ଥିଲା ୧୦.୨୭ ସେକେଣ୍ଡ୍। ୨୦୧୧ରେ ୬୩ତମ ଅନ୍ତଃରାଜ୍ୟ ଦୌଡ଼କୁଦରେ ସେ ଏହି ସମୟ ରେକର୍ଡ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମିଆଁମାରରେ...

ଭୟଙ୍କର ସ୍ଥିତିରେ ମଧ୍ୟ କେତେକ ସ୍ଥାନରେ ସରକାରୀ ସେନା ଉପରେ ବିଦ୍ରୋହୀମାନେ ଆକ୍ରମଣ କରିବାକୁ ମଧ୍ୟ ପଛାଉନାହାନ୍ତି, ଯାହାକି ସ୍ଥିତିକୁ ଆହୁରି ଗମ୍ଭୀର କରିଦେଇଛି। ଅଧିକନ୍ତୁ ଆଜି ମଧ୍ୟ ଆଉ ଏକ ଝଟ୍‌କା ଅନୁଭୂତ ହୋଇଛି। ଆଜି ଘଟିଥିବା ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୧ ରେକର୍ଡ କରାଯାଇଥିବା ବେଳେ ଏଥିସହ ଦୁଇ ଦିନରେ ୩ ଥର ଝଟ୍‌କା ଅନୁଭୂତ ହୋଇଛି। ଅନ୍ୟପକ୍ଷରେ ପଡ଼ୋଶୀ ଥାଇଲାଣ୍ଡ୍‌ରେ ଅଦ୍ୟାବଧି ୬ ଜଣଙ୍କ ମୃତ୍ୟୁ ଘଟିଥିବା ୨୬ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବ୍ୟାଙ୍କକ୍ ନିକଟସ୍ଥ ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ଏହି ଲୋକମାନେ ମୃତାହତ ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ୟୁନାଇଟେଡ୍ ଷ୍ଟେଟ୍‌ସ ଜିଓଲୋଜିକାଲ ସର୍ଭେ ରିପୋର୍ଟ ଅନୁଯାୟୀ, ଦେଶରେ ଆସିଥିବା ବିନାଶକାରୀ ଭୂମିକମ୍ପର ଦିନକ ପରେ ଆଜି ରାଜଧାନୀ ନେପିଡରେ ମଧ୍ୟାହ୍ନ୍ରୋୟ ୨ଟା ୫୦ ସମୟରେ ତୃତୀୟ ଝଟ୍‌କା ଅନୁଭୂତ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ସୃଷ୍ଟି ହୋଇଥିବା ବେଳେ ଦୁଇ ଦିନରେ ୩ ଥର ଭୂମିକମ୍ପ ଅନୁଭୂତ ହୋଇଛି। ଅବଶ୍ୟ ଆଜିର ଝଟ୍‌କାରେ ବିଶେଷ କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ଏହି ଝଟ୍‌କା ସମୟରେ ଅଧିକାରୀମାନେ କ୍ଷତିଗ୍ରସ୍ତ ସଡ଼କର ମରାମତି କରୁଥିଲେ। ସହରର ଅଧିକାଂଶ ସ୍ଥାନଳରେ ବିଦ୍ୟୁତ୍, ଫୋନ୍ ଓ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ମିଆଁମାରରେ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରାଯାଇଥିବା ବେଳେ ଥାଇଲ୍ୟାଣ୍ଡର ବ୍ୟାଙ୍କକ୍‌କୁ ଇମର୍ଜେନ୍ସି ଜୋନ୍ ଘୋଷଣା କରାଯାଇଛି। ଉଭୟ ରାଷ୍ଟ୍ରରେ ବିଶାଳ ଉଦ୍ଧାର ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ତେବେ ମାଣ୍ଡାଲେର ଏକ ଭୁଶୁଡ଼ି ପଡ଼ିଥିବା କୋଠାର ଧ୍ୱଂସାବଶେଷ ତଳେ ପାଖାପାଖି ୯୦ ଜଣ ଲୋକ ଫସିଥିବା ବେଳେ ଜଣେ ମହିଳା ଜୀବିତ ଭାବେ ଉଦ୍ଧାର ହୋଇଥିବା ସମସ୍ତଙ୍କୁ ଚକିତ କରିଛି। ଉକ୍ତ ୩୦ ବର୍ଷୀୟ ମହିଳାଙ୍କ ସ୍ୱାମୀ ଓ ଦୁଇଟି ସନ୍ତାନ ମଧ୍ୟ ସୁରକ୍ଷିତ ଥିବା ଜାଣି ସେ ନିଜକୁ ବିଶ୍ୱାସ କରିପାରିନାହାନ୍ତି।

ଅନ୍ୟପକ୍ଷରେ ଭାରତ ସହ ବିଭିନ୍ନ ବିଦେଶୀ ରାଷ୍ଟ୍ର ମିଆଁମାରକୁ ସହାୟତା ପଠାଇବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ସର୍ବପ୍ରଥମେ ମିଆଁମାରର ପଡ଼ୋଶୀ ରାଷ୍ଟ୍ର ଚୀନ୍ ସହାୟତା ପଠାଇଛି। ଏହି ସୂଚୀରେ ଚୀନ୍ ଓ ଭାରତ ବ୍ୟତୀତ ରୁଷିଆ, ମାଲେସିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ୍ ଆଦି ସହଯୋଗ ପାଇଁ ଆଗେଇ ଆସିଥିବା ଜଣାପଡ଼ିଛି।

### ଏସ୍‌ଓପିର...

ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଗ୍ରୀଷ୍ମ ମୁକାବିଲା ପାଇଁ ଯେଉଁ ନିର୍ଦ୍ଦେଶ ଦିଆଯାଇଛି, ତା'ର କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାପାଳମାନେ ନିୟମିତ ତଦାରଖ କରନ୍ତୁ। ବିଭିନ୍ନ ଜିଲ୍ଲାରେ ଜଳର ଉପଲବ୍ଧତା ବିଶେଷକରି ପାନୀୟ ଜଳର ସ୍ଥିତି କିପରି ରହିଛି, ଯେଉଁଠି ପାନୀୟ ଜଳ ସମସ୍ୟା ରହିଛି, ସେଥିପାଇଁ କି କି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଜିଲ୍ଲାୱାରୀ ସମୀକ୍ଷା କରିଥିଲେ। ପଞ୍ଚାୟତ ସ୍ତରରୁ ନିୟମିତ ସୂଚନା ସଂଗ୍ରହ କରିବାକୁ ମଧ୍ୟ ସେ କହିଛନ୍ତି। ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀଙ୍କୁ ପଞ୍ଚାୟତ ଓ ବ୍ଲକ ସ୍ତରରେ ସ୍ଥିତି ଅନୁଧ୍ୟାନ ଓ ଗ୍ରୀଷ୍ମ ପ୍ରବାହ ପରିଚାଳନା ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗିର, ସୁବର୍ଣ୍ଣପୁର, ବରଗଡ଼ ଆଦି ଜିଲ୍ଲାରେ ପାନୀୟ ଜଳର ସ୍ଥିତି ଓ ଗ୍ରୀଷ୍ମ ମୁକାବିଲା ପରିଚାଳନା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପଚାରି ବୁଝିଥିଲେ।

ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ରହିଥିବା ମାର୍ଗଦର୍ଶିକା (ଏସଓପି)କୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପରିଚାଳନାକୁ ସଫଳତାର ସହ ମୁକାବିଲା କରି ଶୂନ୍ୟ ମୃତାହତ ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଜିଲ୍ଲା ଆପାତକାଳୀନ ଅଧିକାରୀମାନେ ଜିଲ୍ଲାର ସ୍ଥିତି ସମ୍ପର୍କରେ ନିୟମିତ ଭାବେ ଜିଲ୍ଲାପାଳଙ୍କୁ ଅବଗତ କରାଇବେ। ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ଚଳିତ ମାସରେ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ଗ୍ରୀଷ୍ମ ପ୍ରବାହ ସମ୍ପର୍କିତ ଆକଳନ, ପ୍ରକୃତ ଅନୁଭୂତ ଓ ଆଗାମୀ ଏପ୍ରିଲଠାରୁ ଜୁନ ପର୍ଯ୍ୟନ୍ତ ଅନୁଭୂତ ହେବାକୁ ଥିବା ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଗ୍ରୀଷ୍ମକାଳୀନ ପାଣିପାଗ ସ୍ଥିତି ସମ୍ପର୍କରେ ସମ୍ଭାବ୍ୟ ସ୍ଥିତି ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଜିଲ୍ଲାମାନଙ୍କୁ ଗ୍ରୀଷ୍ମ ପ୍ରଭାବ ମୁକାବିଲା ସମ୍ପର୍କରେ ଏସଓପି ପଠାଯାଇଛି। ତେବେ ରାଜ୍ୟ ରିଲିଫ କମିଶନରଙ୍କ ପକ୍ଷରୁ ସମସ୍ତ ଏସଓପିକୁ ଏକାଠି କରି ଏକ ସଂକଳନ ପ୍ରସ୍ତୁତ କରିବା ଓ ଏହା ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ପଠାଇବା ସହିତ ଗ୍ରୀଷ୍ମ ମୁକାବିଲା ସମ୍ପର୍କିତ ସୂଚନା ସରବରାହ ପ୍ରକ୍ରିୟାକୁ ଅଧିକ ସମନ୍ୱିତ ଓ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗଣମାଧ୍ୟମ ଜରିଆରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ସମନ୍ୱୟରେ ସମ୍ପୃକ୍ତ ବିଭାଗମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

### ଭିଆରଏସ...

ଆବେଦନକୁ କେନ୍ଦ୍ର ସରକାର ଗ୍ରହଣ କରିଥିବା କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖି ଅବଗତ କରିଥିବା ଜଣାପଡ଼ିଛି।

ଆଇଏଏସ ଟ୍ରେନିଂ ପରେ ୨୦୦୦ ବ୍ୟାଚର ସୁଜାତା ନବରଙ୍ଗପୁର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୦୨ ଅଗଷ୍ଟ ୧ରୁ ୨୦୦୪ ଅଗଷ୍ଟ ୧୧ ପର୍ଯ୍ୟନ୍ତ ସେ ସେଠାରେ କାର୍ଯ୍ୟ କରିଥିଲେ। ସୁନ୍ଦରଗଡ ଆଇଟିଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ୧୨ ଅଗଷ୍ଟ ୨୦୦୪ରୁ ୩୦ ଜୁନ ୨୦୦୫ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଛନ୍ତି।। ପରେ ସେ ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି। ୧ ଜୁଲାଇ ୨୦୦୫ରୁ ୭ ଏପ୍ରିଲ ୨୦୦୭ ପର୍ଯ୍ୟନ୍ତ ସେ ସେଠାରେ କାର୍ଯ୍ୟ କରିବା ପରେ କଟକକୁ ବଦଳି ହୋଇଥିଲେ। କଟକ ଜିଲ୍ଲାପାଳ ଭାବେ ସେ ୮ ଏପ୍ରିଲ ୨୦୦୭ରୁ ୨୦ ଜୁଲାଇ ୨୦୦୮ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।

ପଦୋନ୍ନତି ପାଇ ସୁଜାତା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଭାବେ ପାୱାର କରିଡର ସଚିବାଳୟରେ ପ୍ରବେଶ କରିଥିଲେ। ୨୦୦୯ ସେପ୍ଟେମ୍ବର ୧୪ରୁ ୧୭ ଫେବୃଆରୀ ୨୦୧୩ ପର୍ଯ୍ୟନ୍ତ ଉକ୍ତ ବିଭାଗ ଦାୟିତ୍ୱରେ ଥିଲେ। ୧୮ ଫେବୃଆରୀ ୨୦୧୩ରୁ ୧୯ ଏପ୍ରିଲ ୨୦୧୭ ପର୍ଯ୍ୟନ୍ତ ସାଧାରଣ ପ୍ରଶାସନ ବିଭାଗରେ ନିର୍ଦ୍ଦେଶକ ତଥା ଉପ ସଚିବ ଓ କମିଶନର ତଥା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ୨୦ ଏପ୍ରିଲ ୨୦୧୭ରୁ ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନର ଓ ପରେ ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ନୂଆ କରି ଗଠିତ ହୋଇଥିବା ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶକ ଓ ପରେ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସେ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ତାଙ୍କ ସ୍ୱାମୀଙ୍କ ପରି ସେ ମଧ୍ୟ ଯେବେ ବି ଯେଉଁ ବିଭାଗ ଦାୟିତ୍ୱରେ ରହୁଥିଲେ, ସେଠାରେ ନିଜ କାର୍ଯ୍ୟ ଦକ୍ଷତାର ଛାପ ଛାଡିଯାଉଥିଲେ।

ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ ଅଭିଯୋଗରେ ନିର୍ବାଚନ କମିଶନ ସୁଜାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ସୁଜାତାଙ୍କୁ ବଦଳି କରାଯାଇଥିଲା। ସାଧାରଣ ନିର୍ବାଚନ ପରେ ଝିଅର ପରୀକ୍ଷା ଥିବା ଦର୍ଶାଇ ସେ ୬ ମାସ ଛୁଟି ନେଇଥିଲେ। ୬ ମାସ ପୂରିବା ପରେ ସେ ଆଉ ୬ ମାସ ପାଇଁ ଛୁଟି ବଢାଇବାକୁ ଆବେଦନ କରିଥିଲେ। କିନ୍ତୁ ସରକାର ଆବେଦନକୁ ଅଗ୍ରାହ୍ୟ କରିବା ପରେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ। ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ।

ନବୀନ ସରକାରରେ ସର୍ବୋଚ୍ଚ କ୍ଷମତା କେନ୍ଦ୍ରରେ ଥିଲେ ସୁଜାତା। ସ୍ୱଳ୍ପ ସମୟ ଲାଗି ପ୍ରତ୍ୟକ୍ଷ ରାଜନୀତିରେ ଥିବା ତାଙ୍କ ସ୍ୱାମୀ ଭି.କେ. ପାଣ୍ଡିଆନଙ୍କ ପତ୍ନୀ ସୁଜାତା ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ସୁଜାତାଙ୍କ ସ୍ୱେଚ୍ଛାକୃତ ଅବସର ପରେ ଆହୁରି ଅନେକ ଚର୍ଚ୍ଚା ଲାଗି ରହିଛି। ନିକଟରେ ସୁଜାତାଙ୍କ ସ୍ୱାମୀ ଭିକେ ପାଣ୍ଡିଆନ ଏକ ଅନ୍ତର୍ଜାତୀୟ ସଂସ୍ଥାରେ ଚାକିରି କରିବା ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ତେଣୁ ଓଡିଶା ଛାଡ଼ି ପରିବାର ସହ ସୁଜାତା ଦିଲ୍ଲୀ ଚାଲିଯିବା ଶୁଣିବାକୁ ମିଳୁଛି। ଅନ୍ୟ ପକ୍ଷରେ ସୁଜାତା ରାଜନୀତିରେ ପ୍ରବେଶ କରିବା ନେଇ ମଧ୍ୟ କେତେକ ମତାମତ ଦେଉଛନ୍ତି। ତେବେ ସୁଜାତାଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣହେଉଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

### ସାମରିକ ଶାସକଙ୍କ ...

ମୋଦି ସୂଚନା ଦେଇଛନ୍ତି। ଏହି ଅବସରରେ ମିଆଁମାର ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଇ ମୋଦି କହିଛନ୍ତି ଯେ ଭାରତ ଏକ ପଡ଼ୋଶୀ ଓ ବନ୍ଧୁ ରାଷ୍ଟ୍ର ଭାବେ ସବୁପ୍ରକାର ସାହାଯ୍ୟ କରିବ। ଏଥିସହ ଭାରତ ପକ୍ଷରୁ ସହାୟତା ସଂକ୍ରାନ୍ତ ଅପରେସନ୍ ବ୍ରହ୍ମା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମିଆଁମାରକୁ ମାନବୀୟ ସହାୟତା, ରିଲିଫ ସାମଗ୍ରୀ ଓ ଉଦ୍ଧାରକାରୀ ଦଳଙ୍କୁ ପଠାଯାଇଛି। ଇତିମଧ୍ୟରେ ୧୫ ଟନ୍ ରିଲିଫ୍ ସାମଗ୍ରୀ ମିଆଁମାରରେ ପହଞ୍ଚିସାରିଥିବା ଜଣାପଡ଼ିଛି। ଭାରତୀୟ ବାୟୁସେନାର ହିଣ୍ଡନ ଷ୍ଟେସନରୁ ଭାରତୀୟ ବାୟୁସେନାର ସି-୧୩୦ଜେ ବିମାନରେ ମିଆଁମାରକୁ ଏହି ରିଲିଫ ସାମଗ୍ରୀ ପଠାଯାଇଛି। ଏଥିରେ ତମ୍ବୁ, ଶୋଇବା ବ୍ୟାଗ, କମ୍ବଳ, ପ୍ରସ୍ତୁତ ଖାଦ୍ୟ, ଜଳ ବିଶୋଧନକାରୀ, ସ୍ୱଚ୍ଛତା କିଟ୍, ସୋଲାର ଲ୍ୟାମ୍ପ, ଜେନେରେଟର ସେଟ୍ ଓ ପାରାସିଟାମଲ, ଆଣ୍ଟିବାୟୋଟିକ୍, ସିରିଞ୍ଜ, ଗ୍ଲୋଭସ୍ ଏବଂ ବ୍ୟାଣ୍ଡେଜ୍ ଆଦି ରହିଛି। ଏହାଛଡ଼ା ଭାରତୀୟ ନୌସେନାର ଦୁଇଟି ଜାହାଜ ଆଇଏନ୍‌ଏସ୍ ସତପୁରା ଓ ଆଇଏନ୍‌ଏସ୍ ସାବିତ୍ରୀ ୪୦ ଟନ୍‌ର ମାନବୀୟ ସହାୟତା ନେଇ ମିଆଁମାର ଅଭିମୁଖେ ଯାତ୍ରା କରିଥିବା ନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମିଆଁମାର ପାଇଁ ଭାରତର ରାଷ୍ଟ୍ରଦୂତ ନେ ପି ଟ'ରେ ରହିବା ସହ ରିଲିଫ୍ ସାମଗ୍ରୀ ସଂକ୍ରାନ୍ତରେ ସହଯୋଗ କରୁଛନ୍ତି। ସେହିପରି ଭାରତ ପକ୍ଷରୁ ଏକ ୮୦ ସଦସ୍ୟବିଶିଷ୍ଟ ଏନ୍‌ଡିଆର୍‌ଏଫ୍ ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟ ସକାଶେ ମିଆଁମାର ଯାତ୍ରା କରିଛି।

### ଏନ୍‌କାଉଣ୍ଟର୍‌ରେ...

ମାଓବାଦୀଙ୍କ ମଧ୍ୟରେ ନିରନ୍ତର ଗୁଳି ବିନିମୟ ଜାରି ରହିଥିଲା। ଦୀର୍ଘ ୪ ଘଣ୍ଟା କାଳ ଏନ୍‌କାଉଣ୍ଟର୍ ଚାଲିବା ପରେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସର୍ଚ୍ଚ ଅପରେଶନରେ ୧୬ ଜଣ ମାଓବାଦୀଙ୍କ ମୃତଦେହ ଠାବ କରାଯାଇଛି। ସେହିପରି ଏହି ଗୁଳି ବିନିମୟରେ ଡିଆରଜି ବାହିନୀର ଦୁଇ ଜଣ ଯବାନ ଆହତ ହୋଇଥିବା ବେଳେ ସେମାନଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି। ତେବେ ମୃତ ମାଓବାଦୀଙ୍କ ସଂଖ୍ୟା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିସହ ଘଟଣାସ୍ଥଳରୁ ସୁରକ୍ଷାକର୍ମୀମାନେ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଏଥିରେ ଏକେ ୪୭, ଏସ୍‌ଏଲ୍‌ଆର୍, ଇନସାସ୍ ରାଇଫଲ୍, ୩୦୩ ରାଇଫଲ ରକେଟ ଲଞ୍ଚର୍, ବିଜିଏଲ ଲଞ୍ଚର୍, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ ହୋଇଥିବା ସୁକୁମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି। ତେବେ ସର୍ଚ୍ଚ ଅପରେସ୍‌ନ ଶେଷ ହେବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ସୁରକ୍ଷାକର୍ମୀଙ୍କୁ ବଧେଇ ଜଣାଇବା ସହ ହିଂସା କଦାପି କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ, ତେଣୁ ହିଂସାପଥ ସହ ଜଡ଼ିତ ପ୍ରତିଟି ବ୍ୟକ୍ତିବିଶେଷ ବନ୍ଧୁକ ତ୍ୟାଗ କରିବାକୁ ଅପିଲ୍ କରିଛନ୍ତି। ସେ କହିଛନ୍ତି ଯେ କୌଣସି ପ୍ରକାର ପରିବର୍ତ୍ତନ କେବଳ ଶାନ୍ତି ଓ ବିକାଶ ମାଧ୍ୟମରେ ହାସଲ କରାଯାଇପାରିବ। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଶକ୍ତ ନେତୃତ୍ୱରେ ଆମେ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିପାରିବୁ ବୋଲି ଶ୍ରୀ ଶାହ ସୋସିଆଲ୍ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

### କେନ୍ଦ୍ରୀୟ ଯୋଜନାରେ...

୭୩ ହଜାର କୋଟି ଟଙ୍କାର ନିବେଶ ପାଇଁ ୫୯୩ଟି ପ୍ରସ୍ତାବ ମିଳିଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୧୩ ଲକ୍ଷ ରୋଜଗାର ସୃଷ୍ଟିହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ଗୃହରେ ପ୍ରତିଶୃତି ଦେଉଛି ଯେ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶା ପୂର୍ବ ଭାରତର ଶିଳ୍ପ ରାଜଧାନୀ ହେବାକୁ ଯାଉଛି।

ବିଗତ ସରକାରରେ ବର୍ଷ ବର୍ଷ ଧରି ଜନଜାତି ଉପଦେଷ୍ଟା କମିଟି ବୈଠକ ବସୁନଥିଲା। ବର୍ଷକୁ ଦୁଇ ଥର ବୈଠକ ବସିବାର ନିୟମ ଥିଲା। କିନ୍ତୁ ୧୦ ବର୍ଷରେ ମାତ୍ର ୩ ଥର ବସିଥିଲା ଜନଜାତି ଉପଦେଷ୍ଟା କମିଟି ବୈଠକ। ୨୦୨୩ ବୈଠକରେ ଦୁର୍ଭାଗ୍ୟଜନକ ଭାବେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କୁ ଫାଇଦା ଦେବା ପାଇଁ ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କୁ ବିକିବାକୁ ନିଷ୍ପତ୍ତି ନେଇଥିଲେ। ଆଦିବାସୀଙ୍କୁ ଭୂମିହୀନ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ବିରୋଧ ପରେ ରାତିଅଧିଆ କ୍ୟାବିନେଟ ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲେ। ପୂର୍ବ ସରକାରକୁ କାଗଜ ବାଘ ବୋଲି କହି ଆକ୍ଷେପ କରିବବା ସହ ମୁଖ୍ୟମନ୍ତ୍ରୀ ବହୁଚର୍ଚ୍ଚିତ ଦାନ ମାଝୀ, କଳିଙ୍ଗନଗର ଗୁଳିକାଣ୍ଡ, ନଗଡ଼ା ଓ ଗୁମୁଡୁମାହା ଗୁଳିକାଣ୍ଡ ଘଟଣା ମନେ ପକେଇଦେଇଥିଲେ।

ଗତ ପ୍ରାୟ ଦୁଇ ସପ୍ତାହ ହେବ ବିଧାନସଭା ଭିତରେ ଓ ବାହାରେ ରାଜନୈତିକ ଅଭିସନ୍ଧି ରଖି ନାରୀ ନିର୍ଯାତନାକୁ ଏକ ରାଜନୈତିକ ଆୟୁଧ ଭାବେ ବ୍ୟବହାର କରାଯାଉଛି, ଯାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବିରୋଧୀଙ୍କୁ ଖୋଲା ଆଲୋଚନା ପାଇଁ ଆହ୍ୱାନ ଦେଇ କହିଛନ୍ତି ଯେ ବିଲୁଆଖାଇ ନଦୀପଠାରୁ ଆରମ୍ଭ କରି ନନ୍ଦନକାନନ ଲଙ୍କା ପର୍ଯ୍ୟନ୍ତ, କଳାହାଣ୍ଡି ମହାଲିଙ୍ଗ କଲେଜଠାରୁ ଆରମ୍ଭ କରି କୁନ୍ଦୁଲି ପର୍ଯ୍ୟନ୍ତ ଆଲୋଚନା ହେଉ, ବହୁ କଥା ବାହାରିବ। 'ଅଗର ବାତ୍ ନିକଲେଗି ତୋ ବହୁତ ଦୂର ତଲକ ଯାଏଗୀ' ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଆମେ ୭ ମାସ ମଧ୍ୟରେ ୧୧ ହଜାର ୧୭୬ କୋଟି ଟଙ୍କା ଋଣ କରିଥିବା ବେଳେ ପରିଶୋଧ କରିଛୁ ୧୨ ହଜାର ୭୦୦ କୋଟି। ଆମେ ରାଜ୍ୟରେ ଦୁର୍ନୀତିର କଳା ଛାୟା ପଡ଼ିବାକୁ ଦେବୁ ନାହିଁ। ଯିଏ ଦୁର୍ନୀତି କରିବ ସେ ଦଣ୍ଡ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଚେତାଇ ଦେଇଥିଲେ। ଏଥିସହ ଜଗତସିଂହପୁରରେ ମେଡିକାଲ କଲେଜ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବ୍ୟୟ ମଞ୍ଜୁରୀ ବିଲ ଆଲୋଚନାରେ କଂଗ୍ରେସ ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିବା ସମୟରେ ବିଜେଡି କକ୍ଷତ୍ୟାଗ କରିଥିଲା।

### ବିଜେଡିର ନୂଆ...

ଟିଉସନ ଜାରି ରଖିଛନ୍ତି। ନିଜ ଦଳର କେତେକ ବିଧାୟକଙ୍କୁ ବି ମାଷ୍ଟ୍ରେ ଟିଉସନ କରୁଛନ୍ତି। ଏହାର ଦୃଶ୍ୟ ବି ବିଧାନସଭାରେ ଦେଖିବାକୁ ମିଳିଲାଣି। ବିଜେଡିର ବି ଅକ୍ଷର ଜାଣିନଥିବା ନେତା ବି ପରୋକ୍ଷରେ ଦଳୀୟ ନେତାଙ୍କୁ ଗାଳି ଦେବାରେ ଲାଗିଲେଣି। ଏପରିକି ନଜ ଦଳର ନେତା କିଭଳି ଖାଲରେ ପଡ଼ିବେ, ସେଥିପାଇଁ କଥା ଛଳରେ ଶାସକ ଦଳକୁ ଉସ୍‌କାଇବାକୁ ପଛାଉନାହାନ୍ତି। ଏହା କୁଆଡ଼େ ମାଷ୍ଟ୍ରଙ୍କ ମାଇଣ୍ଡ ଗେମ୍ ବୋଲି କୁହାଯାଉଛି।

କିଛି ଦିନ ତଳେ ମାଷ୍ଟ୍ରେ ଖୋଲାଖୋଲି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ହେଲେ ତାହା ଦାନା ଧରିଲା ନାହିଁ କି କେହି ଶୁଣିଲେ ନାହିଁ। ଗଣମାଧ୍ୟମ ବି ମାଷ୍ଟ୍ରେ ଆଡକୁ ନଜର ଦେଲାନାହିଁ। ତେଣୁ ଏଥର ମାଷ୍ଟ୍ରଙ୍କ ମଗଜରୁ ଏହି ଆଇଡିଆ ବାହାରିଛି। ଦଳର ସବୁ ଗୁମର ବୁଦ୍ଧିଆ ଛାତ୍ରଙ୍କ କାନରେ କହୁଛନ୍ତି। ଯେହେତୁ ଛାତ୍ରମାନେ ପୂର୍ବରୁ ମାଷ୍ଟ୍ରଙ୍କ ଦଳରେ ଥିଲେ, ତେଣୁ ସେମାନଙ୍କ ମୁହଁରେ କୁହାଇଲେ କେହି ଅବିଶ୍ୱାସ କରିବେ ନାହିଁ।

ତେବେ ଅଳ୍ପ ଭୋଟ ବ୍ୟବଧାନରେ ଜିତିଥିବା ମାଷ୍ଟ୍ରେ କାହିଁକି ଏଭଳି ଆଚରଣ କରୁଛନ୍ତି, ତା'ର ଭେଦ ବିଜେଡିର ଅନେକ ନେତା ଜାଣିପାରୁନାହାନ୍ତି। ତେବେ ଯାହା ଆଲୋଚନା ହେଉଛି, ମାଷ୍ଟ୍ରେଙ୍କ ଅସଲ ରାଗ ଯାହା ଉପରେ ରହିଛି ତାଙ୍କ ସାମ୍ନାରେ ଛିଡା ହେବାକୁ ଯୁ' ପାଉନାହିଁ। ତେଣୁ ଲୁଚାଛପାରେ ମାଷ୍ଟ୍ରେ ଏଭଳି ପନ୍ଥା ଆପଣେଇଛନ୍ତି। ତେବେ ମାଷ୍ଟ୍ରେଙ୍କ କାରନାମା ଧିରେ ଧିରେ ପଦାକୁ ଆସୁଥିବାରୁ ତାଙ୍କର ସମସ୍ତ କାରନାମା ପଦାକୁ ଆଣିବାକୁ ଗୋଟିଏ ଟିମ୍ ଲାଗି ପଡ଼ିଥିବା ସୂଚନା ମିଳୁଛି।

### ୧୨ରେ ଆସିବେ...

ପରେ ରାଜ୍ୟ ଭାଜପା ସଭାପତିଙ୍କ ନାଁ ଘୋଷଣା ହୋଇପାରେ ବୋଲି ସୂଚନା ମିଳିଛି। ଏପ୍ରିଲ ୧୪ ତାରିଖ ପରେ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହୋଇପାରେ ବୋଲି ବିଜେପିର ଅନ୍ଦର ମହଲରେ ଆଲୋଚନା ହେଉଛି। ପ୍ରଥମେ ବିଜେପି ରାଷ୍ଟ୍ରୀୟ ସଭାପତିଙ୍କ ନାଁ ଓ ଏହାପରେ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହେବ ବୋଲି କୁହାଯାଉଛି।

# ବୈଜ୍ଞାନିକ ଡ଼ଃ ରାଜକିଶୋର ପରମଗୁରୁ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା, ୨୯।୩ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ଜେମାଦେଈ ଠାରେ ୧୯୪୮ ମସିହାରେ ଜନ୍ମଲାଭ କରିଥିବା ଡ଼ଃ ରାଜକିଶୋର ପରମଗୁରୁ ଖୋର୍ଦ୍ଧା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ରାଜ୍ୟର ବରିଷ୍ଠ ଧାତବ ବସ୍ତୁ ପ୍ରଯୁକ୍ତ ବୈଜ୍ଞାନିକ ଭାବେ ସେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

କର୍ମ ନିପୁଣତା ଓ ବୃତ୍ତିଗତ ପ୍ରତିବଦ୍ଧତା ହେତୁ ସେ 'ହାଇଡ୍ରୋ ଆଣ୍ଡ୍ ମେଟାଲର୍ଜି' ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ପରିଦର୍ଶକ ପ୍ରଫେସର ଭାବେ ଏନ୍ଆଇଟିର ମେଟାଲର୍ଜି ଆଣ୍ଡ୍ ମେଟାରିଆଲ ଇଞ୍ଜିନିୟରିଂ ବିଭାଗ, ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜିର ପ୍ରିନ୍ସପାଲ୍ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ଶ୍ରୀଯୁକ୍ତ ପରମଗୁରୁ ୧୨ ଜଣ ପି.ଏଚ୍.ଡ଼ି. ଓ ୩ ଜଣଙ୍କୁ ଏମ୍.ଟେକ୍ ପାଇଁ ମାର୍ଗଦର୍ଶନ କରିବା ସହ ୩୦ଟି ପ୍ରକଳ୍ପ ସଫଳତାର ସହ ସଂକଳନ କରିଛନ୍ତି । ୨୬ଟି ସମ୍ମିଳନୀ କାର୍ଯ୍ୟବାହୀରେ ଅନୁଚ୍ଛେଦ, ୫୦ଟି ବୈଷୟିକ ନିବନ୍ଧ ଓ ୧୪ଟି ପୁସ୍ତକ ଅନୁଚ୍ଛେଦ ରଚନା କରିଛନ୍ତି ।

ତାଙ୍କର ଉଲ୍ଲେଖଯୋଗ୍ୟ ଗବେଷଣା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଅନେକ ପ୍ରଶଂସା ଓ ସମ୍ମାନର ଅଧିକାରୀ ହୋଇଛନ୍ତି । ତନ୍ମଧ୍ୟରୁ ୧୯୯୫ ମସିହାରେ ଭାରତୀୟ ପ୍ରବନ୍ଧ ସଂସ୍ଥାନ କଲିକତା ଦ୍ୱାରା ଓ ପ୍ରଦତ୍ତ ବିନାନୀ ସ୍ୱର୍ଣ୍ଣ ପଦକ ୨୦୦୧ ମସିହାରେ ଭାରତୀୟ ଇଞ୍ଜିନିୟର୍ସ ସଂସ୍ଥାନ ଦ୍ୱାରା ପ୍ରଦତ୍ତ ମେଟାଲୋଜିକାଲ୍ ଓ ମ୍ୟାଟ୍ରିଆଲ୍ ବିଭାଗୀୟ ସର୍ଣ୍ଣପଦକ ଏବଂ ୨୦୨୩ ମସିହାର ଭାରତୀୟ ଖଣିଜ ଇଞ୍ଜିନିୟର୍ସ ଭୁବନେଶ୍ୱର ଦ୍ୱାରା ପ୍ରଦତ୍ତ ଜୀବନବ୍ୟାପୀ ସାଧନା ପୁରସ୍କାରର ସେ ଅଧିକାରୀ। ଧାତବ ଏବଂ ବସ୍ତୁ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ବହୁବିଧ ଅବଦାନର ସ୍ୱୀକୃତି ସ୍ୱରୂପ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୨୩ ବର୍ଷ ପାଇଁ ତାଙ୍କୁ ଓଡ଼ିଶାର ବରିଷ୍ଠ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଛି ।



# ସହାୟିକାଙ୍କ ଝିଅ ଚଳାଉଛନ୍ତି ଅଙ୍ଗନବାଡି କେନ୍ଦ୍ର

## କର୍ମୀ ଓ ସହାୟିକାଙ୍କୁ କାରଣ ଦର୍ଶାଅ ନୋଟିସ୍

**ନାଉଗାଁ, ୨୯।୩ (ସଂଚାର ବ୍ୟୁରୋ):** ଛୋଟ ଛୋଟ ପିଲାମାନଙ୍କୁ ବିଦ୍ୟାଳୟାଭିମୁଖୀ କରିବା ପାଇଁ ପ୍ରାକ୍-ବିଦ୍ୟାଳୟମାନ ଖୋଲାଯାଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଏହି ପ୍ରାକ-ବିଦ୍ୟାଳୟ ବା ଅଙ୍ଗନବାଡି କେନ୍ଦ୍ର ଗୁଡିକ ଅନ୍ତର୍ଭୁକ୍ତ। ଏହି କେନ୍ଦ୍ର ଗୁଡିକୁ ତଦାରଖ କରିବା ପାଇଁ ସୁପରଭାଇଜର ରହିଥିବା ବେଳେ ସିଡିପିଓ ମଧ ରହିଛନ୍ତି। କିନ୍ତୁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଅଙ୍ଗନବାଡି କେନ୍ଦ୍ର ଗୁଡିକ ଠିକ୍ ଭାବେ ତଦାରଖ ହେଉ ନଥିବା ଜଣାଯାଇଛି। ଯାହାଫଳରେ ଅନେକ ଅଙ୍ଗନବାଡି କର୍ମୀ ସୁପରଭାଇଜରମାନଙ୍କୁ ହାତ କରି ବାହାରେ ରହୁଥିବାରୁ କେନ୍ଦ୍ରରେ ତାଲା ଝୁଲୁଥିବା ବେଳେ ଆଉ କିଛି ଅଙ୍ଗନବାଡି କେନ୍ଦ୍ରରେ ସହାୟିକାମାନେ ତ ଆଉ କେଉଁଠି ସହାୟିକାଙ୍କ ସମ୍ପର୍କୀୟମାନେ କେନ୍ଦ୍ର ଚଳାଉଥିବା ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ନାଉଗାଁ ବ୍ଲକସ୍ଥିତ ଦହିପାଳ ଅଙ୍ଗନବାଡି କେନ୍ଦ୍ର।



ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ମମତା ଜେନା ଦୀର୍ଘଦିନ ହେବ କେନ୍ଦ୍ରରେ ଅନୁପସ୍ଥିତ ରହୁଥିବାରୁ କେନ୍ଦ୍ର ସଠିକ ସମୟରେ ଖୋଲାଯାଉନାହିଁ। ଏହା ଯୋଗୁଁ ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ଆଦି ହେଉନଥିବା ବେଳେ ସହାୟିକା ନିଜେ କେନ୍ଦ୍ରରେ ପିଲାମାନଙ୍କର ରନ୍ଧା ଖାଦ୍ୟ ପ୍ରସ୍ତୁତ କରିବା ବଦଳରେ ସହାୟିକାଙ୍କ ଝିଅ ରନ୍ଧା ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଯାହାକୁ ନେଇ ଅଭିଯୋଗ ହୋଇଛି। ଫଳରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ନାଉଗାଁ ପତ୍ର ସଂଖ୍ୟା (ନଂ-୨୯୪// ତା-୨୯।୦୩।୨୦୨୫)ରେ କେନ୍ଦ୍ରର କର୍ମୀ ଓ ସହାୟିକାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଛି। ୩ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନୋଟିସରେ ଦର୍ଶାଯାଇଛି। ଏସମ୍ପର୍କରେ ସମ୍ପୃକ୍ତ କେନ୍ଦ୍ରର କର୍ମୀ ଶ୍ରୀମତୀ ଜେନା ଓ ଶ୍ରୀମତୀ ନାୟକଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ।

## ଆଜି ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

# ଅସ୍ତରଙ୍ଗରୁ ପ୍ରଥମ ପର୍ଯ୍ୟାୟରେ ୧୦ ହିତାଧିକାରୀ ଚୟନ

**କାକଟପୁର/ଅସ୍ତରଙ୍ଗ, ୨୯।୩ (ସଂଚାର ବ୍ୟୁରୋ) :** ବିଭିନ୍ନ ସରକାରୀ କଟକଣା ଯୋଗୁଁ ପୂର୍ବରୁ ଜାରି ରହିଥିବା ଆବାସ ଯୋଜନାରୁ ବଞ୍ଚିତ ଗରିବ ଓ ନିରାଶ୍ରୟ ଲୋକଙ୍କ ନିମନ୍ତେ ରାଜ୍ୟ ସରକାର ନୂତନ କରି ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଯାହାକୁ ଆଜି ତଥା ଚଳିତ ମାସ ୩୦ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିବେ। ଏହି ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ ଚୟନ କରାଯାଇଥିବା ପ୍ରଥମ ପର୍ଯ୍ୟାୟରେ ୧୦ଜଣ ହିତାଧିକାରୀଙ୍କୁ ଏହି ସମାରୋହରେ ସ୍ଥାନୀୟ ବ୍ଲକ ଅଧକ୍ଷା ଆରତୀ ନାଏକ କାର୍ଯ୍ୟାଦେଶ ବଣ୍ଟନ କରିବେ ବୋଲି ଜଣାପଡିଛି।

ସୂଚନା ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ସର୍ଭେ କରିବା ପରେ ବ୍ଲକପ୍ରଶାସନ ପକ୍ଷରୁ ପ୍ରତି ପଂଚାୟତରୁ ୧୫ଜଣ ଲେଖାଏଁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସୂଚନା ରହିଥିଲା। କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୧୫ଗୋଟି ପଂଚାୟତରୁ ମାତ୍ର ୧୦ଜଣଙ୍କ ତାଲିକା ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି। ସେଥି ମଧ୍ୟରେ ତାଳଦା ପଂଚାୟତରୁ ୪, ନୂଆଗଡ ପଂଚାୟତରୁ ୩, କୋରଣା, ନଗର ଓ ଛୁରିଆନାପଂଚାୟତରୁ ଜଣେ ଲେଖାଏଁ ହିତାଧିକାରୀ ଚୟନ ହୋଇଛନ୍ତି।

ଗ୍ରାମାଞ୍ଚଳରେ ଚାଳ ଛପର ଘରେ ବସବାସ କରୁଥିବା ଅସହାୟ ବିଧବା ମହିଳା, ଦିବ୍ୟାଙ୍ଗ, ଦୁରାରୋଗରେ ପୀଡିତ ଘରର ମୁଖିଆ ଓ ଗରିବ ବାସହୀନ ପରିବାରକୁ ଏହି ଯୋଜନାରେ ସାମିଲ କରାଯିବ। ସେହିପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଘର ଭାଙ୍ଗିରୁଜି ଯାଇଥିବା ବ୍ୟକ୍ତିଙ୍କୁ ମଧ ଏହି ଯୋଜନାରେ ସାମିଲ କରିବାକୁ ଗାଇଡଲାଇନ୍ ରେ ଉଲ୍ଲେଖ କରାଯାଇଥିଲା। ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୩ଗୋଟି ପର୍ଯ୍ୟାୟରେ ୧ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯିବ। ଯଦି ହିତାଧିକାରୀ କାର୍ଯ୍ୟାଦେଶ ପାଇବାର ୪ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିବ, ତାଙ୍କୁ ପ୍ରଶାସନ ପକ୍ଷରୁ ଅଧିକ ୨୦ହଜାର ଟଙ୍କା ଓ ୬ମାସରେ ଶେଷ କଲେ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ନିୟମ ରହିଛି।



## ପିସିସି ସଭାପତିଙ୍କ ତାରାତାରିଣୀ ପୀଠ ପରିଦର୍ଶନ

**ବ୍ରହ୍ମପୁର, ୨୯।୩ (ସଂଚାର ବ୍ୟୁରୋ) :** ଶନିବାର ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ମା' ତାରାତାରିଣୀଙ୍କ ଶକ୍ତିପୀଠ ପରିଦର୍ଶନ କରିଛନ୍ତି ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଏବଂ ଏ.ଆଇ.ସି.ସି ମୁଖପାତ୍ର ପଥ୍ୱନ ଖେରା। ମା'ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରି ରାଜ୍ୟବାସୀ ମଙ୍ଗଳ କାମନା ପାଇଁ ପ୍ରାର୍ଥନା କରିଛନ୍ତି କଂଗ୍ରେସର ଦୁଇ ବରିଷ୍ଠ ନେତା। ଶକ୍ତିପୀଠର ବିକାଶ ମୂଳକ କାର୍ଯ୍ୟକୁ ଦେଖି ସନ୍ତୋଷ ପ୍ରକାଶ କରିବା ସହିତ ବର୍ତ୍ତମାନ କିଛି ଦିନ ମଧ୍ୟରେ ମା'ଙ୍କ ମନ୍ଦିରର ବେଶ ଉନ୍ନତି ହୋଇପାରିଥିବା ନେଇ ପିସିସି ମୁଖ୍ୟ ଖୁସି ବ୍ୟକ୍ତ କରିଥିଲେ।

## କୋଣାର୍କ ବାର୍ ଆସୋସିଏସନ୍ ନିର୍ବାଚନ

# ସପ୍ତମ ଥର ପାଇଁ ଶ୍ରୀଜୟ ନିର୍ଦ୍ୱନ୍ଦ୍ୱରେ ସଭାପତି



**କୋଣାର୍କ, ୨୯।୩ (ସଂଚାର ବ୍ୟୁରୋ) :** ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ର ନିର୍ଦ୍ଦେଶକ୍ରମେ ୨୦୨୫-୨୬ ବର୍ଷ ପାଇଁ ସମଗ୍ର ରାଜ୍ୟରେ ଥିବା ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ କୋଣାର୍କ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଗତ ୫ ତାରିଖରୁ ଆରମ୍ଭ ହୋଇଛି। ନିର୍ବାଚନ ଅଧିକାରୀ ରାଜନନ୍ଦିନୀ ମହାପାତ୍ରଙ୍କ ଠାରୁ ନିଆଯାଇଥିବା ସୂଚନା ଅନୁଯାୟୀ କୋଣାର୍କ ସଂଘର ସମସ୍ତ ପଦବୀ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିବା ଜଣାପଡିଛି। ସଂଘର ସଭାପତି ଭାବେ ଶ୍ରୀଜୟ ବରାଳ ସପ୍ତମ ଥର ପାଇଁ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ସବୁ ପଦବୀ ପାଇଁ ନୂତନ ମୁହଁ ଦେଖିବାକୁ ମିଳିଛି। ସାଧାରଣ ସମ୍ପାଦକ ଭାବେ ସୁରେଶ ସ୍ୱାଇଁ, ଉପ-ସଭାପତି ଭାବେ ରଶ୍ମିତା ଶତପଥୀ,ସସ୍ମିତା ନିସଙ୍କ, ବିଜୟଲକ୍ଷ୍ମୀ ବିଶ୍ୱାଳ, ପ୍ରସ୍ମଜିତ୍ ପରିଡ଼ା, ଭଗବାନ୍ ମହାପାତ୍ର ଯୁଗ୍ମ-ସମ୍ପାଦକ ଭାବେ ବରୁଣ ନାୟକ, ଭାବଗ୍ରାହୀ ସ୍ୱାଇଁ, ଅଜୟ ସେଠୀ, କୋଷାଧକ୍ଷ ଭାବେ ବିଜୟ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶୋକ ବିଶ୍ୱାଳ, ତପନ ପଟ୍ଟନାୟକ, ପ୍ରଦୀପ୍ତ ପାତ୍ର, ଅମିତାଭ ମହାନ୍ତି, ଲକ୍ଷ୍ମୀକାନ୍ତ ଖଟୋଇ, ଦେବଧୃତି ମହାପାତ୍ର, ଉପଦେଷ୍ଟା ଭାବେ ଦେବରାଜ ଦାଶ, ମାଧବାନନ୍ଦ ପତି, ସୋମନାଥ ନିଶଙ୍କ ଓ ପୂର୍ଣ୍ଣ ଚନ୍ଦ୍ର ବେଉରା ପ୍ରମୁଖ ନିର୍ବାଚିତ ହୋଇଥିବା ସୂଚନା ମିଳିଛି।

## କୁଜଙ୍ଗ ଓକିଲ ସଙ୍ଘ ନିର୍ବାଚନ

# ଯାଦବ ସଭାପତି, ବିଚିତ୍ରାନନ୍ଦ ଉପସଭାପତି

**କୁଜଙ୍ଗ, ୨୯।୩ (ସଂଚାର ବ୍ୟୁରୋ) :** କୁଜଙ୍ଗ ଓକିଲ ସଙ୍ଘ ନିର୍ବାଚନ ଆଜି ବାର ସଙ୍ଘ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଏନଡି ଯାଦବ ସଭାପତି, ବ୍ରଜ କିଶୋର ରାଉତ ସମ୍ପାଦକ ଓ ବିଚିତ୍ରାନନ୍ଦ ସ୍ୱାଇଁ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି । ପୂର୍ବରୁ ସମସ୍ତ ପଦରେ ଏକକ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ସଭାପତି, ସମ୍ପାଦକ, ଉପସଭାପତି ପଦ ପାଇଁ ଏକାଥିକ ମନୋନୟନ ପତ୍ର ଦାଖଲ ହୋଇଥିବାରୁ ସେଥିପାଇଁ ଆଜି ଭୋଟ ହୋଇଥିଲା। ଆଜି ଅନୁଷ୍ଠିତ ହୋଇଥିବା ଭୋଟର ଫଳାଫଳ ଅନୁଯାଇ ସଭାପତି ଭାବେ ଏଏନଡି ଯାଦବ, କରୁଣାକର ସାହୁ ଓ ବିପିନ ବିହାରୀ ରାୟପାର୍ଲୁରଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହୋଇଥିଲା। ଏଥିରେ ଶ୍ରୀଯୁକ୍ତ ଯାଦବ ଅଧିକ ୯ଟି ଭୋଟପାଇ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ସାଧାରଣ ସମ୍ପାଦକ ଭାବେ ବ୍ରଜ କିଶୋର ରାଉତ, ଉପସଭାପତି ଭାବେ ବିଚିତ୍ରାନନ୍ଦ ସ୍ୱାଇଁ ନିର୍ବାଚିତ ହୋଇଥିଲେ। ଏଠାରେ ପ୍ରକାଶ ଯେ ଶ୍ରୀଯୁକ୍ତ ଯାଦବ ପୂର୍ବରୁ ବିଭିନ୍ନ ସମୟରେ ୨୦ ବର୍ଷ ଧରି କୁଜଙ୍ଗ ଓକିଲ ସଙ୍ଘର ସଭାପତି ଭାବେ କାର୍ଯ୍ୟ କରି ବାରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛନ୍ତି ।

## ନହଡିପଡ଼ା ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

**ନାଉଗାଁ, ୨୯।୩ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଖଇରାହୁଲିସ୍ଥିତ ନହଡିପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅବସରକାଳିନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ସଂଘର ବ୍ଲକ ସମ୍ପାଦକ ନରେଶ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ଆଚାର୍ଯ୍ୟ, ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ସୁଧିର କୁମାର ବିଶ୍ୱାଳ, ଶିକ୍ଷକ ସିତାନାଥ ଆଚାର୍ଯ୍ୟ, ସିଆରସିସି ଅକ୍ଷୟ ରାଉତ, ଶିକ୍ଷକ ଶାରଦା ପ୍ରସନ୍ନ ଓଝା, ଦେବପ୍ରସାଦ ବେହେରା, ଆଶୁତୋଷ ପାଢ଼ୀ, ସୁକାନ୍ତ କୁମାର ତରାଇଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇ ଅବସରଗ୍ରହଣ କରୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲଚନା ନାୟଜଙ୍କ ଶିକ୍ଷକତା ଜୀବନର ଗୁଣଗାନ କରିବା ସହିତ ତାଙ୍କର ପରବର୍ତୀ ଜୀବନ ସୁଖମୟ ପାଇଁ କାମନା କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ସ୍ୱାତୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ବର୍ତମାନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସୋଆରେ ଡିବିଟି ପୃଷ୍ଠପୋଷକତାରେ କର୍ମଶାଳା

**ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଲିକ୍ୟୁଇଡ୍ କ୍ରୋମାଟୋଗ୍ରାଫି-ମାସ ସ୍ପେକ୍ଟ୍ରୋମେଟ୍ରି (ଏଲ୍ସିଏମଏସ୍) ବିଷୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲଜି (ଡିବିଟି) ପରିଚାଳିତ ଡିବିଟି ବିଲଡର କାର୍ଯ୍ୟକ୍ରମର ପୃଷ୍ଠପୋଷକତା ତଥା ଶିମାଡଜୁ ଆନାଲିଟିକାଲ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ୬ଟି ଅନୁଷ୍ଠାନର ୨୪ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। କର୍ମଶାଳାଟି ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍ ଦ୍ୱାରା ଆୟୋଜିତ ହୋଇଥିଲା। ଏଲ୍ସିଏମ୍ଏସ୍ ବିଷୟରେ ଗଭୀର ଧାରଣା ସୃଷ୍ଟି କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ରହିଥିଲା। ଶିମାଡଜୁ ଆନାଲିଟିକାଲ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡର ବିଶେଷଜ୍ଞମାନେ ଏହାକୁ ପରିଚାଳନା କରିଥିଲେ। ଏହି ସଂସ୍ଥାର ଫିଲ୍ଡ ଟେକ୍ନିସିଆନ୍ ରୋହନ ବାରିକ ଓ ସର୍ଭିସ ଇଞ୍ଜିନିୟର ଲିଙ୍କନ ବୋଷ ଓ ଏସ୍ପିଏସ୍ର ହର୍ବାଲ ନାନୋଟେକ୍ନୋଲଜି ଲ୍ୟାବ ପକ୍ଷରୁ ଦୀପକ ପ୍ରଧାନ ଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କର୍ମଶାଳା ଆୟୋଜନ କରିଥିବାରୁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସନ୍ତୋଷ ପ୍ରକାଶ କରି ଏହା ଶିକ୍ଷାର୍ଥୀମାନଙ୍କର ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ।

# କିଟ୍ରେ ଇଫ୍ତାର ପାଳିତ




**ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଇଫ୍ତାର ପାଳିତ ହୋଇଯାଇଛି । କିଟ୍ରେ କାର୍ଯ୍ୟରତ ମୁସଲମାନ ସଂପ୍ରଦାୟର ଅଧାପକ ଅଧାପିକା, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରଛାତ୍ରୀଙ୍କୁ ନେଇ ଇଫ୍ତାର ପାର୍ଟିର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ । କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବେଶିତ ଦୁଇଟି ଶିକ୍ଷାନୁଷ୍ଠାନ । ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ ଶ୍ରୀ ସାମନ୍ତ କହିଲେ, ଅନ୍ୟକୁ ଭଲ ପାଇବା ଅନ୍ୟମାନଙ୍କ ଠାରୁଭଲ ପାଇବା ଓ ସ୍ନେହ ପାଇବା ପାଇଁ ଚେଷ୍ଟା କର । ଏହା ଦ୍ୱାରା ମଣିଷକୁ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟମାନେ ମଧ ଏଥିରୁ ଆନନ୍ଦ ପାଇଥାନ୍ତି । ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂର ହୋଇପାରିବ । ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ । ଏଥିପାଇଁ ନିଜ ଜୀବନରେ ଆର୍ଟ ଅଫ୍ ଗିଭିଂକୁ ଏକ ଅଭ୍ୟାସରେ ପରଣିତ କରିବା ପାଇଁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧାୟଙ୍କ ସମେତ କିଟ୍ ଓ କିସ୍ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

**ଖୋର୍ଦ୍ଧା, ୨୯।୩ (ସଂଚାର ବ୍ୟୁରୋ):** ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଯୁଗ୍ମ ଶ୍ରମ ଆୟୁକ୍ତ, କାର୍ଯ୍ୟାଳୟ ଭୁବନେଶ୍ୱର ରେଞ୍ଜ, ଭୁବନେଶ୍ୱର ଦ୍ୱାରା ପରିଚାଳିତ ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ ସମାରୋହରେ ଖୋର୍ଦ୍ଧା ଜିଲ୍ଲା ଅଧିନରେ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଏକ ସହାୟତା ବଣ୍ଟନ ଶିବିର ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ସମାରୋହରେ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଶ୍ରମ ଆୟୁକ୍ତ, ଅଜୟ କୁମାର ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଖୋର୍ଦ୍ଧା, ଭୁବନେଶ୍ୱର, ମୋନାଲିସା ଜେନା, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ପ୍ରଭାକର ବିଶ୍ୱାଳଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ସମାରୋହକୁ ସହକାରୀ ଶ୍ରମ ଅଧିକାରୀ ରଶ୍ମିତା ପାତ୍ର, ବିକାଶ କୁମାର ନାୟକ , କାଳୀପୁତ୍ର କୁଲଦୀପ ପ୍ରସାଦ, ପିପାସା ମହାପାତ୍ର, ସୌମ୍ୟ ରଞ୍ଜନ କର, ସୁଶ୍ରୀ ଦେବଶ୍ରୀ ବେହେରା, ସୁଶ୍ରୀ ଅର୍ଚ୍ଚନା ନାୟକ, ସୁଶ୍ରୀ ପ୍ରଜ୍ଞା ପରିଡା ଏବଂ କଲ୍ୟାଣ ସଂଯୋଜକ ଲମ୍ବୋଧର ରାଉତ ସମେତ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସୁଚାରୁ ରୂପେ ପୂର୍ଣ୍ଣ ରୂପାୟନ କରିଥିଲେ ।



# ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ

**ନବରଙ୍ଗପୁର, ୨୯।୩ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା ସହ ସ୍ମୃତି ସଭା, ପୁରସ୍କାର ବିତରଣ ଉତ୍ସବରେ ସହିଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ସ୍ମୃତିଚାରଣ ପୂର୍ବକ ପାଳିତ ହୋଇଯାଇଛି। ସକାଳ ୯.୦୦ ଘ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟଳୟ ଦ୍ୱାରା ଆୟୋଜିତ ତିରୋଧାନ ଦିବସ ପାଳନ ସଭାରେ ସାହିତ୍ୟିକ ବିଜୟ ଚୌଧୁରୀ, ମୁଖ୍ୟ ବକ୍ତା ଡ ବିଜୟ ମିଶ୍ର,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର,ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମ୍ ଲାଲ୍ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ନବରଙ୍ଗପୁର ମହାବିଦ୍ୟାଳୟ ଉପାଧକ୍ଷ ସଂଗୀତା ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରପୌଦୀ କହଁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ପୂଜ୍ୟପୂଜା କରିଥିଲେ।




ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ସହରର ବୁଦ୍ଧିଜୀବୀଗଣ ମାଧମ ପ୍ରତିନିଧି ଯୋଗ ଦେଇ ମହାନ୍ ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ସଂଗ୍ରାମ ଉପରେ ସମ୍ୟକ୍ ସୁଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ସଭା ପରିଚାଳନା କରିଥିଲେ। ସ୍ମୃତିସଭାରେ ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାପୀଠ ସହ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ସହ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଅତିଥିଗଣ ନିଜ ବକ୍ତବ୍ୟରେ ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ, ସାହସିକତା, ସାମାଜିକ ନ୍ୟାୟ, ଜାତିପ୍ରୀତି, ଦେଶପ୍ରେମକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଲକ୍ଷଣ ନାୟକଙ୍କ ଜୀବନୀ ସଂପର୍କିତ ଉଚ୍ଚ ପ୍ରାଥମିକ ସ୍ତରରେ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ଗଣ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ।

# ସୋଆରେ ଏଲସିୟମ-୨୦୨୫ ଅନୁଷ୍ଠିତ

**ଭୁବନେଶ୍ୱର, ୨୯।୩ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଗୁରୁବାର ଦିନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଦ୍ୟୋଗ ପ୍ରବଣତା, ସମସ୍ୟା ସମାଧାନର ସୂତ୍ର ଖୋଜିବା ତଥା ନୂତନତ୍ୱ ପ୍ରବର୍ତ୍ତନ ଦିଗରେ ଉତ୍ସାହିତ କରିବାକୁ 'ଏଲସିୟମ-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ବିଜିନେସ ଡିକୋଡେଡ' ଓ 'ଫାଉଣ୍ଡର୍ସ ଏରେନା' ନାମକ ଦୁଇଟି ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମରେ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୦୦ରୁ ଅଧିକ ଦଳରେ ବିଭକ୍ତ ହୋଇ ଅନ୍ତର୍ଭୁକ୍ତ ଥିଲେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଏବଂ ଆଡିସ୍ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ), ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କର ଚିନ୍ତାଧାରା ଓ କାର୍ଯ୍ୟକୁ ସୋଆର ଡିଷ୍ଟିଙ୍ଗୁଇସ୍ଡ ପ୍ରଫେସର ଉମା ଚରଣ ମହାନ୍ତି ଓ ଅନ୍ୟ ଫ୍ୟାକଲ୍ଟିମାନେ ମୂଲ୍ୟାୟନ କରିଥିଲେ। 'ଫାଉଣ୍ଡର୍ସ ଏରେନା' ପ୍ରତିଯୋଗିତାରେ ଏଗ୍ରୋ ଫାଷ୍ଟ, ମେଜିକ୍ ଡେଷ୍ଟିନେସନ୍ ଓ ଆର୍ମୋର ଇଙ୍କ ଯଥାକ୍ରମେ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ବେଳେ 'ବିଜିନେସ୍ ଡିକୋଡେଡ' ପ୍ରତିଯୋଗିତାରେ ନେକଷ୍ଟ ଜେନ ଶାର୍କସ, ଟିମ୍ ସାଇଫର ଏବଂ ଡିକୋଡର୍ସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ।




ଏହି ଅବସରରେ ଆଇଟିଇଆର୍ ତଥା ଏଆଇସି ସୋଆ ଫାଉଣ୍ଡେସନ୍ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଶ୍ରୀ ଜଗନ୍ନାଥ ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

# ଏକାଗ୍ରତା, ଦୃଢ଼ ସଂକଳ୍ପ ହିଁ ସଫଳତାର ଚାବିକାଠି

**କାକଟପୁର/ଅସ୍ତରଙ୍ଗ, ୨୯।୩ (ସଂଚାର ବ୍ୟୁରୋ):** ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ତାଙ୍କରି ଶିକ୍ଷା, ଦୀକ୍ଷା, ସଂସ୍କାର, ଜ୍ଞାନ, ଗାରିମା, ଦକ୍ଷତା ସର୍ବୋପରି ବଳିଷ୍ଠ ବ୍ୟକ୍ତିତ୍ୱ ଆଧାରରେ ରାଷ୍ଟ୍ର ନିର୍ମାଣରେ ସ୍ୱପ୍ନସାକାର ହେବ। ଏଥିପାଇଁ ଚିତ୍ର ନୁହେଁ ଚରିତ୍ର ନିର୍ମାଣରେ ଆବଶ୍ୟକତା ରହିଛି। ଉତ୍ତର ପିଢ଼ିଙ୍କୁ ମୂଲ୍ୟବୋଧ ଭିତ୍ତିକ ନୈତିକ ଶିକ୍ଷା ଦେଇ ଗଢ଼ି ତୋଳିବା କେବଳ ଶିକ୍ଷକ ବା ଅଭିଭାବକଙ୍କର ଦାୟିତ୍ୱ ନୁହେଁ, ବରଂ ସମାଜର ନୈତିକ କର୍ତ୍ତବ୍ୟ ବୋଲି ପିଏମ୍ ଶ୍ରୀ ସରକାରୀ ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାପୀଠରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ପ୍ରମୋଦ କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ପିଏମ୍ ଶ୍ରୀ ସରକାରୀ ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନାରାୟଣ ପରିଡାଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କୃତ ପ୍ରଦାନ କରିଥିଲେ।




ଶନିବାର ସନ୍ଧ୍ୟାରେ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ସ୍ୱାଗତ ସଙ୍ଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ବୀଣାପାଣି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ, ବୁଦ୍ଧିଜୀବୀ ଓ ପରିଚାଳନା କମିଟିର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକରେ ଆସି ଛଡାଇନେଲେ ମୋବାଇଲ ଓ ଟଙ୍କା

**ନୀଳଗିରି, ୨୯।୩ (ସଂଚାର ବ୍ୟୁରୋ) :** ନୀଳଗିରରେ ଏବେ ନିଶାଡିଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଏମାନଙ୍କୁ ରୋକିବାରେ ବିଫଳ ହେଉଛି ନୀଳଗିରି ପ୍ରଶାସନ। ଏପରି ଘଟଣା ଦେଖିବାକୁ ମିଳିଛି ପଞ୍ଚଲିଙ୍ଗେଶ୍ୱର ସନ୍ତରାଗଡ଼ିଆ ରାସ୍ତାରେ। ଘଟଣାରୁ ପ୍ରକାଶ ନୀଳଗିରି ଥାନା ଅନ୍ତର୍ଗତ ଡାଲିଙ୍ଗିଆ ଗ୍ରାମର ରଞ୍ଜନ ବେହେରା (୪୦) ରାଉଳଖୁଣ୍ଟା ଗ୍ରାମରୁ ପକ୍କା କାମସାରି ୨୮ ତାରିଖ ସଂନ୍ଧ୍ୟା ପ୍ରାୟ ୬.୩୦ ମିନିଟ୍ ସମୟରେ ଅନ୍ଧାରିଆ ରାସ୍ତାରେ ସାଇକେଲ ଯୋଗେ ମୋବାଇଲ୍ ଲାଇଟ୍ ଜଳାଇ ନିଜଘରକୁ ଆସୁଥିବା ବେଳେ ଗୋପଛକ ନିକଟସ୍ଥ ରାସ୍ତାରେ ୨ ଜଣ ବ୍ୟକ୍ତି ବାଇକରେ ଆସି ରଞ୍ଜନଙ୍କ ଠାରୁ ମୋବାଇଲ ଓ ୫ ହଜାର ନଗଦ ଟଙ୍କାନେଇ ସନ୍ତରାଗଡ଼ିଆ ରାସ୍ତାରେ ଛୁ ମାରିଥିଲେ। ଏନେଇ ରଞ୍ଜନ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ପାଳନ ହେଲା ମୁଢ଼ି ଦିବସ

# ଜିଆଇ ଟ୍ୟାଗ ପାଇଁ ଦାବି



ଭୁବନେଶ୍ୱର,୨୯।୩ (ସଂଚାର ବ୍ୟୁରୋ): ରାଜ୍ୟର ଉତ୍ତର ଓଡ଼ିଶାରେ ଘରେ ଘରେ ପରିଚିତ ଖାଦ୍ୟ ମୁଢ଼ିର ପ୍ରଚାର ଓ ପ୍ରଚାର ପାଇଁ ଆରମ୍ଭ ହୋଇଛି ଉଦ୍ୟମ। ଆଜିର ଦିନକୁ ମୁଢ଼ି ଦିବସ ଭାବେ ପାଳନ କରିବା ସହ ଏହାର ଭରପୂର ମଜା ନେଇଛନ୍ତି ବାଲେଶ୍ୱର ବାସିନ୍ଦା। ମୁଢ଼ି କେବଳ ବାଲେଶ୍ୱର ନୁହେଁ, ସାରା ଓଡ଼ିଶାରେ ମଧ୍ୟ ଘରେ ଘରେ ପରିଚିତ। ବିଶେଷ କରି ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ମୁଢ଼ି ଲୋକଙ୍କର ଅତି ପ୍ରିୟ ଖାଦ୍ୟ। ଘରଠାରୁ ଆରମ୍ଭ କରି ଦୋକାନ ବଜାର ସବୁଠାରେ ବେଶ୍ ସହଜରେ ମୁଢ଼ି ମିଳିଥାଏ। ଏଠାକାର ଲୋକଙ୍କ ସକାଳ ଟିଫିନଠାରୁ ଆରମ୍ଭ କରି ରାତ୍ରିଭୋଜନ ପର୍ଯ୍ୟନ୍ତ ଅଧିକାଂଶ ମେନ୍ୟୁରେ ମୁଢ଼ିର ସ୍ଥାନ ରହିଥାଏ। ତେବେ ଏହି ମୁଢ଼ିର ପ୍ରଚାର ପ୍ରସାର ସହିତ ଏହାକୁ ଜିଆଇ ଟ୍ୟାଗ୍ର ମାନ୍ୟତା ପ୍ରଦାନ ଦିଗରେ ଅଣ୍ଟା ଭିଡିଛି ବାଲେଶ୍ୱରର ଏକ ସ୍ୱେଚ୍ଛାସେବୀ ସଂଗଠନ। ଆଜିର ଦିନକୁ ମୁଢ଼ି ଦିବସ ଭାବେ ପାଳନ କରିବା ସହ ଷ୍ଟେସନ କ୍ଲବ୍ରେ ସ୍ୱତନ୍ତ୍ର ଭାବେ ମୁଢ଼ି ଦିବସ ପାଳନ ପାଇଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସହରର ଅନେକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକଙ୍କ ସହ ଛୋଟ ପିଲା, ଯୁବକ ଏକତ୍ରିତ ହୋଇ ମୁଢ଼ି ଖାଇ ଏହି ଦିବସ ପାଳନ କରିଥିଲେ। ମୁଢ଼ି ସହ ସେମାନେ ପାରମ୍ପରିକ ଖାଦ୍ୟ ଭାବେ ମଟର ତରକାରୀ, ଆଳୁ ଚପ, ପିଆଜ, କାକୁଡ଼ି ଆଦି ମଧ୍ୟ ଖାଇଥିଲେ। ମୁଢ଼ି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ। ବରଂ ଏହା ଆର୍ଥିକ ଦୃଷ୍ଟିରୁ ସମସ୍ତଙ୍କୁ ସୁହାଇବା ଭଳି ଖାଦ୍ୟ ହୋଇଥିବା ବେଳେ ଏହାକୁ ସମସ୍ତେ ଖାଇପାରିବେ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସଦସ୍ୟମାନେ କହିଥିଲେ। ସେହିପରି ମୁଢ଼ିର ପ୍ରଚାର ପ୍ରସାର ଅଧିକ ପାଇଁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯିବା ସହ ଜିଆଇ ଟ୍ୟାଗ ହାସଲ ପାଇଁ ଉଦ୍ୟମ କରାଯିବ ବୋଲି ସଭାପତି ବିଜୟ ପାଣିଗ୍ରାହୀ କହିଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

## ଗୃହ କମିଟି ଗଠନ ଦାବି ଦୋହରାଇଲା

## ସକାରାତ୍ମକ ପଦକ୍ଷେପ ପାଇଁ ମିଳିଲା ପ୍ରତିଶ୍ରୁତି



ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ରାଜ୍ୟରେ ମହିଳା ଅତ୍ୟାଚାର ବୃଦ୍ଧିର ନିୟନ୍ତ୍ରଣ ଓ ତାଙ୍କ ସୁରକ୍ଷା ଗୁରୁତ୍ୱ ପ୍ରଦାନ କରି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କୁ ରାଜଭବନଠାରେ ଭେଟିଛନ୍ତି। ଏହି ଅବସରରେ ଦଳର ନେତାମାନେ ରାଜ୍ୟପାଳଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ନାରୀ ନ୍ୟାୟ ପାଇଁ ଗୃହ କମିଟି ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସକାଶେ ନିବେଦନ କରିଛନ୍ତି।

ରାଜ୍ୟ କଂଗ୍ରେସର ବିଧାୟକ ଦଳ ଓ ପ୍ରଦେଶ କଂଗ୍ରେସ ନାରୀ ନ୍ୟାୟ ପାଇଁ କ୍ରମାଗତ ଭାବେ ଆନ୍ଦୋଳନ ଚଳାଇଛି। ମହିଳାମାନଙ୍କ ସୁରକ୍ଷା ଓ ତାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ବିଧାନସଭାରେ କଂଗ୍ରେସ ବିଧାୟକମାନେ ଗୃହ କମିଟି ଗଠନ ଦାବି କରିବାକୁ ଯାଇ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପରିପ୍ରେକ୍ଷୀରେ ନିଲମ୍ବିତ ହୋଇଛନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର କାଡାମ, ତାରା ପ୍ରସାଦ ବାହିନୀପତି, ଶ୍ରୀକାନ୍ତ ଜେନା, ରାଜନ ଏକ୍କା, ଦାସରଥି ଗମାଙ୍ଗୋ, ଶରତ ରାଉତ, ଦେବାଶିଷ ପଟ୍ଟନାୟକ, ଓ ପବିତ୍ର ସାଉଂଟା ଓ ଅନ୍ୟ ବିଧାୟକମାନେ କହିବା ସହ ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ନେଇ ରାଜ୍ୟପାଳଙ୍କୁ ସୂଚନା ଦେଇଥିଲେ। ସେହିପରି ଗତ ଗୁରୁବାର ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ପୁଲିସ କଂଗ୍ରେସ ନେତୃବର୍ଗ ଓ କର୍ମୀଙ୍କୁ ଆକ୍ରମଣ କରିଥିବା ଦର୍ଶାଇବା ସହ ସେମାନେ ଏହାକୁ ନିନ୍ଦା କରିଛନ୍ତି। ପୁଲିସ୍ର ଏପରି ଆଚରଣ ଗଣତାନ୍ତ୍ରିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିପନ୍ଥୀ ବୋଲି ସେମାନେ କହିଥିଲେ। ଏହି ଅବସରରେ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଏକ ସ୍ମାରକପାତ୍ର ପ୍ରଦାନ କରିଥିଲେ। ଏନେଇ ରାଜ୍ୟପାଳ ପ୍ରତିନିଧି ଦଳକୁ ଗୃହ କମିଟି ଗଠନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ତା'ଛଡ଼ା ବିଧାୟକମାନଙ୍କ ନିଲମ୍ବନ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଏହା ଉପରେ ବିଚାର କରିବାକୁ ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳର ସଦସ୍ୟମାନେ କହିଛନ୍ତି। ଏହି ପ୍ରତିନିଧି ଦଳରେ ବିଧାୟକ କାଡରାକା ଆପାଲାସ୍ୱାମୀ, ସୋଫିଆ ଫିର୍ଦ୍ଦୋଶ, ପ୍ରଫୁଲ ପ୍ରଧାନ, ସସ୍ମିତା ବେହେରା, ସୁଧାଂଶୁ ଦେଓ, ରଜନୀ ମହାନ୍ତି ମଧ୍ୟ ସାମିଲ୍ ଥିଲେ।

# ଏୟାରପୋର୍ଟରୁ ବନ୍ୟଜନ୍ତୁ ଉଦ୍ଧାର

## ବ୍ୟାଙ୍କକ୍ରୁ ଚେନ୍ନାଇ ହେଉଥିଲା ଚାଲାଣ



ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଲଗେଜରେ ଭର୍ତ୍ତି କରି ବ୍ୟାଙ୍କକ୍ରୁ ଭୁବନେଶ୍ୱରକୁ ବିଭିନ୍ନ ପ୍ରକାରର ବଣ୍ୟଜନ୍ତୁ ଆଣିଥିଲେ ଯୁବକ। ଚେକିଂ ସମୟରେ କଷ୍ଟମ ବିଭାଗ ହାତରେ ଧରା ପଡ଼ିଲେ ଯୁବକ। ଭୁବନେଶ୍ୱର ବିମାନ ବନ୍ଦରରୁ ଜବତ ହେଲା ୧୦ଟି ବହୁରୂପୀ ଗୋଧି, ୯ଟି କିଙ୍ଗ୍ ସ୍ନେକ୍ ଓ ୧୨ଟି କଇଁଛ। ଯୁବକ ଜଣକ ହେଲେ ତାମିଲନାଡୁର ଶଙ୍କର ମୁରଗାନ୍ ବୋଲି ଜଣାପଡ଼ିଛି। କଷ୍ଟମ ବିଭାଗ ସମ୍ପୃକ୍ତ ଯୁବକଙ୍କ ପାସପୋର୍ଟକୁ ଜବତ କରିଛି।

ମିଳିଥିବା ସୂଚନାନୁସାରେ, ଶଙ୍କର ବ୍ୟାଙ୍କକ୍ରୁ ୧୦ଟି ବହୁରୂପୀ ଗୋଧି, ୯ ଟି କିଙ୍ଗ୍ ସ୍ନେକ୍ ଓ ୧୨ଟି କଇଁଛକୁ ଏକ ଲଗେଜରେ ଭର୍ତ୍ତି କରି ଭୁବନେଶ୍ୱର ଆଣିଥିଲେ। ସେଗୁଡ଼ିକ ଭୁବନେଶ୍ୱରରୁ ଚେନ୍ନାଇର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଯାଇଥାନ୍ତା। ହେଲେ ସବୁ ପ୍ଲାନ୍ ଭଣ୍ଡୁର କରିଦେଲା କଷ୍ଟମ ବିଭାଗ। କାରଣ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ କଷ୍ଟମ ବିଭାଗର ଚେକିଂ ସମୟରେ ଯୁବକ ଜଣକ ଧରାପଡ଼ିଯାଇଥିଲେ। ତାଙ୍କଠାରୁ ସମସ୍ତ ବଣ୍ୟଜନ୍ତୁଙ୍କୁ ସୁରକ୍ଷିତ ଭାବେ ଜବତ କରାଯିବା ସହ ସମ୍ପୃକ୍ତ ଯୁବକଙ୍କ ପାସପୋର୍ଟ ମଧ୍ୟ ଜବତ କରିଛି କଷ୍ଟମ ବିଭାଗ। ଉଦ୍ଧାର ହୋଇଥିବା ସମସ୍ତ ବଣ୍ୟଜନ୍ତୁଙ୍କୁ ନନ୍ଦନକାନନରେ ରଖାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ତେବେ ଘଟଣା ସହ ସମ୍ପୃକ୍ତ ଥିବା ଯୁବକଙ୍କର ପଟିଆ ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କ ସହ ଲିଙ୍କ୍ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି କାରବାରରେ ଆଉ କିଏ କିଏ ସାମିଲ ଅଛନ୍ତି ଓ ସେଗୁଡ଼ିକୁ ଚେନ୍ନାଇର କେଉଁ କେଉଁ ସ୍ଥାନକୁ ଚାଲାଣ ହୋଇଥାନ୍ତା, ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

# ସୁଭଦ୍ରା ଦ୍ୱିତୀୟ କିସ୍ତି ପାଇନାହାନ୍ତି ୧.୮୩ ଲକ୍ଷ ମହିଳା

ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ରାଜ୍ୟର ୧ ଲକ୍ଷ ୮୩ ହଜାର ୭୮୫ ଜଣ ମହିଳା ବଞ୍ଚିତ ହୋଇଛନ୍ତି। ଏହି ଯୋଜନାର ପ୍ରଥମ କିସ୍ତି ରାଜ୍ୟର ୧ କୋଟି ୬୫ ହଜାର ୮୭୭ ଜଣ ହିତାଧିକାରୀ ପାଇଥିଲେ। କିନ୍ତୁ ଗତ ୮ ତାରିଖରେ ବିଶ୍ୱ ମହିଳା ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଦ୍ୱିତୀୟ କିସ୍ତି ସେମାନଙ୍କ ମଧ୍ୟରୁ ୯୮ ଲକ୍ଷ ୮୨ ହଜାର ୯୨ ଜଣ ମହିଳା ପାଇଛନ୍ତି। ସେହିପରି ପ୍ରଥମ କିସ୍ତିରେ ସରକାର ସୁଭଦ୍ରା ହିତାଧିକାରୀଙ୍କୁ ମୋଟ ୫ ହଜାର ୩୨ କୋଟି ୯୩ ଲକ୍ଷ ୮୫ ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା କରିଥିଲେ। କିନ୍ତୁ ଦ୍ୱିତୀୟ କିସ୍ତିରେ ୪ ହଜାର ୯୪୧ କୋଟି ୪ ଲକ୍ଷ ୬୦ ହଜାର ଟଙ୍କା ପଠାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ବିଧାନସଭାରେ ବିଧାୟକ ମନୋହର ରନ୍ଧାରୀଙ୍କ ପ୍ରଶ୍ନର ଉତ୍ତର ଉପସ୍ଥାପନ କରିବା ସମୟରେ ସୂଚନା ଦେଇଛନ୍ତି। ଆବେଦନକାରୀଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଯେଉଁ ମହିଳାମାନେ ଗତ ୧ ଜୁଲାଇ ୨୦୨୪ ସୁଦ୍ଧା ୨୧ ବର୍ଷ କିମ୍ବା ଅଧିକ ଓ ୬୦ ବର୍ଷରୁ କମ ହୋଇଥିବେ, ସେମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ। ଯେଉଁ ମହିଳା ୨ଟି କିସ୍ତି ପାଇସାରିବା ପରେ ୫୯ ବୟସ ଅତିକ୍ରମ କରୁଛନ୍ତି ସେମାନେ ୬୦ ବର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ କିସ୍ତି ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୁଭଦ୍ରା ଯୋଜନାରେ ରାଜ୍ୟ ସରକାର ମୋଟ ୨ଟି କିସ୍ତିରେ କେତେ ଜଣ ମହିଳାଙ୍କୁ ସୁଭଦ୍ରା ଯୋଜନାରେ କେତେ ଟଙ୍କା ଦେଇଛନ୍ତି। ଆଉ କେତେ ମହିଳାଙ୍କୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ଗ୍ରୀଷ୍ମ ପ୍ରବାହ ପାଇଁ ଏସ୍ଟିଏର ଏସ୍ଓପି ଜାରି

# ବସ୍ରେ ରହିବ ପାନୀୟ ଜଳ ଓ ପ୍ରାଥମିକ ଚିକିତ୍ସା କିଟ୍

କଟକ,୨୯।୩(ସଂଚାର ବ୍ୟୁରୋ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରିଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍ଟିଏ)। ଏ ସମ୍ପର୍କରେ ଏସଟିଏର ବରିଷ୍ଠ ଅଧିକାରୀ ସମସ୍ତ ଆରଟିଓ ଓ ଏଆରଟିଓଙ୍କ ସହିତ ବୈଠକ କରି ଯାତ୍ରୀ ଓ ଗାଡ଼ି ଚାଳକଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ପାଇଁ ନିଷ୍ପତ୍ତି ନେଇଛନ୍ତି। ଗ୍ରୀଷ୍ମ ପ୍ରବାହରେ ଜନସାଧାରଣଙ୍କ ସୁରକ୍ଷା ରଖିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି।

ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ସମସ୍ତ ବସ୍ରେ ବିଶୁଦ୍ଧ ପାନୀୟ ଜଳ, ବରଫ ପ୍ୟାକ୍, ପ୍ରାଥମିକ ଚିକିତ୍ସା କିଟ୍ ଏବଂ ଓଆରଏସ ରହିବ। ଅତ୍ୟଧିକ ଗରମରୁ ମୁକ୍ତି ପାଇବା ପାଇଁ ବସ୍ ଷ୍ଟପ୍ଗୁଡ଼ିକରେ ପର୍ଯ୍ୟାପ୍ତ ବିଶ୍ରାମ ସ୍ଥାନ ଯୋଗାଇ ଦିଆଯିବ। ସାର୍ବଜନୀନ ପରିବହନ ଯାନରେ ଯାତ୍ରୀ ସୁରକ୍ଷା ଏବଂ ଆରାମ ପାଇଁ ନିର୍ଦ୍ଧାରିତ ଅନୁମତିକୁ ଉଲ୍ଲଙ୍ଘନ କରି ଅଧିକ ଯାତ୍ରୀ ନେଉଥିବା ଯାନ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ଦୂର ସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ରାଜପଥରେ ଜଳ କିଓସ୍କ ସ୍ଥାପନ କରି ପାନୀୟ ଜଳ ଯୋଗାଇ ଦିଆଯିବ। ଓଭରଲୋଡିଂ, ବସ ଛାତ ଉପରେ ବସି ଯାତ୍ରା କରିବା ଓ ଝୁଲନ୍ତା ଅବସ୍ଥାରେ ଯାତ୍ରୀ ନେଉଥିବା ଯାନଠାରୁ ଜୋରିମାନା ଆଦାୟ କରାଯିବ। ଆରଟିଓ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ଏଥିସହ ଭର୍ଚୁଆଲ୍ ବୈଠକ ମାଧ୍ୟମରେ ଓଡ଼ିଶା ଯାତ୍ରୀ ଯାଉଥିବା ପଡ଼ୋଶୀ ରାଜ୍ୟଙ୍କୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ଏଭଳି କିଛି ପଦକ୍ଷେପ ନେବାକୁ ଅନୁରୋଧ ମଧ୍ୟ କରାଯାଇଛି। ବ୍ୟାପକ ସଚେତନତା ପାଇଁ ବସ୍ ଏବଂ ଟ୍ରକ୍ ମାଲିକ ସଂଘ ସହଭାଗିତାରେ ହେଲ୍ପଲାଇନ୍ ନମ୍ବର ଯୋଗାଇ ଦିଆଯିବ। ଗ୍ରୀଷ୍ମ ପ୍ରବାହ ସୁରକ୍ଷା ଉପରେ ଜନସଚେତନତା ଅଭିଯାନ କରାଯାଇ ବସ୍ ଏବଂ ଟ୍ରକ୍ ମାଲିକ ସଂଘ, ସ୍ଥାନୀୟ ଏନଜିଓମାନଙ୍କୁ ସାମିଲ କରାଯିବ। ଆବଶ୍ୟକସ୍ଥଳେ ବିଭିନ୍ନ ବସ୍ଷ୍ଟାଣ୍ଡରେ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଏନଫୋର୍ସମେଣ୍ଟ ଦଳ ସହ ଡାକ୍ତରଙ୍କୁ ପଠାଯିବ।

## ଶିକ୍ଷକଙ୍କ ବିରୋଧରେ ଦାଦନ ଚାଲାଣ ଅଭିଯୋଗ

# ଏତଲାରେ ସର୍ଦ୍ଦାର ନଂ.୧

## ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ଚାଲାଣ କରିଥିଲେ



ବଲାଙ୍ଗୀର,୨୯।୩ (ସଂଚାର ବ୍ୟୁରୋ): ସମାଜରେ ଶିକ୍ଷକଙ୍କୁ ଗୁରୁ ଭାବରେ ପୂଜା କରାଯାଏ । ଆଉ ଗୁରୁଙ୍କୁ ଭଗବାନଙ୍କଠୁ ମଧ୍ୟ ବଡ ବୋଲି କୁହାଯାଏ। କିନ୍ତୁ ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକର, ଜଣେ ଗୁରୁଙ୍କ କାରନାମା ଆଜି ସାରା ଶିକ୍ଷକ ସମାଜକୁ ଲଜ୍ଜିତ କରିଛି। କାରଣ ପିଲାଙ୍କୁ ପାଠ ପଢ଼ାଇ ଭଲ ମଣିଷ କରିବାର ସଂକଳ୍ପ ନେଇଥିବା ଜଣେ ଶିକ୍ଷକ ଦାଦନ ସର୍ଦ୍ଦାର ସାଜିଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା ପରିବର୍ତ୍ତେ ସେ ବେଆଇନ ଭାବେ ଦାଦନ ଚାଲାଣ କରୁଛନ୍ତି।

ବଲାଙ୍ଗିର ଜିଲ୍ଲା ବେଲପଡା ଥାନାରେ ରୁଜୁ ହୋଇଥିବା ମାମଲାରୁ ଜଣାପଡ଼ିଛି ଯେ ଦାଦନ ଶ୍ରମିକ ମାନଙ୍କୁ ନିର୍ଯାତନା ଅଭିଯୋଗରେ ୪ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ତେବେ ଏହି ତାଲିକାର ଏକ ନମ୍ବରରେ ରହିଛନ୍ତି ବେଲପଡା ଥାନା ମଣ୍ଡଳ ଗାଁର ପ୍ରତାପ ବା ମୁନା ଅଗସ୍ତି। ସେ ଜଲିଆ ନୋଡାଲ ସ୍କୁଲରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଜଣେ ଶିକ୍ଷକ ହୋଇଥିବା ସତ୍ତ୍ୱେ ତାଙ୍କର ମୁଖ୍ୟ କାମ ବେଆଇନ ଭାବେ ଶହ ଶହ ଦାଦନ ଚାଲାଣ କରିବା ଆଉ ଗାଁକୁ ଫେରିଆସୁଥିବା ଶ୍ରମିକଙ୍କୁ ଧମକଚମକ ଦେବା। ଏହା ବିରୋଧରେ ନିର୍ଯାତିତ ଶ୍ରମିକ ବେଲପଡା ଥାନାର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ମାମଲା ରୁଜୁ ହେବା ପରେ ପ୍ରତାପ ଫେରାର୍ ହୋଇଯାଇଛନ୍ତି। ଦୀର୍ଘ ଦୁଇ ମାସ ହେଲା ସେ ସ୍କୁଲ୍କୁ ଆସିନାହାନ୍ତି କି କୌଣସି ଛୁଟି ଦରଖାସ୍ତ ବି ଦେଇନଥିବା ତାଙ୍କ ସ୍କୁଲ୍ର ପ୍ରଧାନ ଶିକ୍ଷୟତ୍ରୀ କହିଛନ୍ତି। ମିଳିଥିବା ସୂଚନାନୁସାରେ, କିଛି ଦିନ ତଳେ ପ୍ରତାପ ବେଲପଡା ଥାନା ତେନ୍ତୁଳିମୁଣ୍ଡା, ସର୍ଗିଗୁଡା, ବାଘୁଆବାହାଲ ଓ ରାଢ଼ବାହାଲ ଆଦି ଗ୍ରାମର ୩୦ ଜଣ ଦାଦନ ଶ୍ରମିକଙ୍କୁ ଆନ୍ଧ୍ର ଚାଲାଣ କରିଥିଲେ। ଏପରିକି ଇଟାଭାଟି ମାଲିକ ସେମାନଙ୍କୁ କମ୍ ଟଙ୍କା ଦେଇ ଅଧିକ କାମ କରାଇଲା ଓ ଶାରିରୀକ ମାନସିକ ନିର୍ଯ୍ୟାତନା ବି ଦେଲା। ତେଣୁ ବାଧ୍ୟ ହୋଇ ଭିଡିଓ ମେସେଜ ମାଧ୍ୟମରେ ଉଦ୍ଧାର କରିବା ପାଇଁ ଉକ୍ତ ଶ୍ରମିକମାନେ ଶ୍ରମ ବିଭାଗକୁ ନିବେଦନ କରିଥିଲେ। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇ ଉକ୍ତ ଶ୍ରମିକମାନଙ୍କୁ ଗାଁକୁ ଅଣାଯାଇଥିଲା। କିନ୍ତୁ ସେମାନେ ଗାଁକୁ ଫେରିବା ପରେ ସେମାନଙ୍କୁ ଟଙ୍କା ଫେରାଇବାକୁ ଧମକଚମକ ଦେଉଥିଲେ ପ୍ରତାପ। ତେଣୁ ଶ୍ରମିକମାନେ ବାଧ୍ୟ ହୋଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ।

# ଅଧାରୁ ପାଠ ବନ୍ଦ, ମାଧ୍ୟମିକ ସ୍ତରରେ ସର୍ବାଧିକ



ଭୁବନେଶ୍ୱର,୨୯।୩: ପ୍ରାଥମିକ ସ୍ତରରେ ଅଧାରୁ ପାଠପଢା ଛାଡୁଥିବା ପିଲାଙ୍କ ସଂଖ୍ୟା ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ଥିବାବେଳେ ମାଧ୍ୟମିକ ସ୍ତରରେ ଏହି ସଂଖ୍ୟା ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ରହିଛି । ସମସ୍ତ ପ୍ରକାର ମାଗଣା ଯୋଜନା ସତ୍ତ୍ୱେ ଛାତ୍ରଛାତ୍ରୀମାନଙ୍କର ଏଭଳି ଅଧାରୁ ପାଠପଢା ଛାଡିବା ଏବେ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇ ଦେଇଛି ।

୨୦୨୪-୨୫ ବର୍ଷରେ ପ୍ରାଥମିକ ସ୍ତରରେ ୨୪୫ ଜଣ ଛାତ୍ରଛାତ୍ରୀ ଅଧାରୁ ପାଠପଢା ଛାଡି ଦେଇଛନ୍ତି। ସେହିଭଳି ମାଧ୍ୟମିକ ସ୍ତରରେ ୯୩୮୭ ଜଣ ଛାତ୍ରଛାତ୍ରୀ ଅଧାରୁ ପାଠପଢା ଛାଡିଥିବା ସରକାରୀ ରେକର୍ଡ କହୁଛି । ଏହି ସୂଚନା ଅନୁଯାୟୀ ପ୍ରାଥମିକ ସ୍ତରରେ ଖୋରଧା ଜିଲ୍ଲାରେ ୧୨୫ଜଣ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡିଛନ୍ତି । ରାୟଗଡା ଜିଲ୍ଲାରେ ଏହି ସଂଖ୍ୟା ୭୪ ଥିବାବେଳେ ସୁନ୍ଦରଗଡରେ ୨୫, କୋରାପୁଟରେ ୧୭, ନୂଆପଡାରେ ୧୦, ସୋନପୁରରେ ୨ ଏବଂ କନ୍ଧମାଳ ଜିଲ୍ଲାରେ ଏହା ମାତ୍ର ୧ ରହିଛି । ତେବେ ମାଧ୍ୟମିକ ସ୍ତରରେ ଅନୁଗୁଳ, ବରଗଡ, ଜଗତ୍ସିଂହପୁର, କେନ୍ଦ୍ରାପଡା, ମୟୂରଭଞ୍ଜସୋନପୁର ଓ ସୁନ୍ଦରଗଡ ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାରେ ପିଲାମାନେ ଅଧାରୁ ପାଠଛାଡିଛନ୍ତି । ଗଞ୍ଜାମ ଜିଲ୍ଲାରେ ୧୩୨୭ଜଣ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡିଥିବାବେଳେ ନବରଙ୍ଗପୁରରେ ୧୦୫୨ ଏବଂ ବାଲେଶ୍ୱରରେ ଏହି ସଂଖ୍ୟା ୧୦୬୨ ରହିଛି। ବଲାଙ୍ଗିରରେ ୭୨୨, କୋରାପୁଟରେ ୫୬୧, ନୂଆପଡାରେ ୫୪୧, କନ୍ଧମାଳରେ ୩୬୧, ଗଜପତିରେ ୩୩୮ ଜଣ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡିଛନ୍ତି। ରାଜ୍ୟ ସରକାର ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକାଧିକ ମାଗଣା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପୋଷାକ, ଜୋତା, ବ୍ୟାଗ୍, ବହିପତ୍ର ପ୍ରଦାନ କରାଯାଉଛି। ହାଇସ୍କୁଲ ସ୍ତରରେ ଛାତ୍ରୀମାନଙ୍କୁ ପୋଷାକ ସହିତ ସାଇକେଲ, ପୁସ୍ତକ ଆଦି ଯୋଗାଯାଉଛି। ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଛାତ୍ରଛାତ୍ରୀମାନେ ଷ୍ଟାଇପେଣ୍ଡ ବି ପାଉଛନ୍ତି। ସରକାର ମଧ୍ୟାହ୍ନଭୋଜନ ଯୋଜନାକୁ ଇତି ମଧ୍ୟରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହା ସତ୍ତ୍ୱେ ମାଧ୍ୟମିକ ସ୍ତରରେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡିବା, ବିଶେଷକରି ଦଶମ ପରୀକ୍ଷା ପୂର୍ବରୁ ପିଲାମାନେ ପାଠ ଛାଡିଦେବା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇ ଦେଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଅନେକ ଛାତ୍ରଛାତ୍ରୀ ପରୀକ୍ଷାରୁ ଦୂରେଇ ରହିଥିବା ବେଳେ ଖୋଦ୍ ରାଜଧାନୀରେ ଜଣେ ଛାତ୍ରୀ ବାହା ହୋଇ ଚାଲିଯାଇଥିବା କର୍ତ୍ତୃପକ୍ଷଙ୍କ ନଜରକୁ ଆସିଥିଲା। ସେହିଭଳି ପୁଅମାନେ ମଧ୍ୟ କମ୍ ବୟସରୁ ରୋଜଗାର ଆଶାରେ ଅଧାରୁ ପାଠ ଛାଡ଼ି ଦେଉଛନ୍ତି। ସେହିପରି ଦାଦନପ୍ରବଣ ଜିଲ୍ଲାରେ ଅଧାରୁ ପାଠ ଛାଡିବା ସ୍ଥିତି ଉତ୍କଟ ହୋଇଥିବାବେଳେ ଏହାକୁ କିଭଳି ରୋକାଯିବ ତାହା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। (ତଥ୍ୟ)

# ଭିଜିଲାନ୍ସ ପଞ୍ଝାରେ ଓଡବ୍ଲ୍ୟୁଏସ୍ଏସ୍ବି ଏପିଏମ୍

- ଏକକାଳୀନ ୭ ସ୍ଥାନରେ ଚଢ଼ାଉ
- ଆୟ ବହିର୍ଭୂତ ସମ୍ପତ୍ତି ଠାବ



ଭୁବନେଶ୍ୱର,୨୯।୩(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ୍ ବୋର୍ଡ (ଓଡବ୍ଲ୍ୟୁଏସ୍ଏସ୍ବି)ର ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ମ୍ୟାନେଜର (ଏପିଏମ୍) ଦେବାଶିଷ ସାହୁ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ନେଇ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଆଜି ସକାଳୁ ତାଙ୍କ ଘା ସମେତ ମୋଟ ୭ଟି ସ୍ଥାନରେ ଚଢ଼ାଉ ହୋଇଥିବା ବେଳେ ଏଥିରେ ୭ ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସଆଇ, ସାମିଲ ଥିବା ଜଣାପଡ଼ିଛି। ଜଟଣୀ, ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକରେ ହୋଇଥିବା ଚଢ଼ାଉ ସମୟରେ ବ୍ୟାପକ ଆୟ ବହିର୍ଭୂତ ସମ୍ପତ୍ତି ନେଇ ସୂଚନା ମିଳିଛି। ଚଢ଼ାଉରେ ଶ୍ରୀ ସାହୁଙ୍କ ଖୋର୍ଦ୍ଧାର ଜଟଣୀସ୍ଥିତ ଘର, ଭୁବନେଶ୍ୱରର ଆଇଗିଣିଆସ୍ଥିତ ଏକ ଭଡ଼ା ଘର, ଦୁଇ ମହଲା କୋଠା, ଆଉ ଏକ ତିନି ମହଲା ବିଶିଷ୍ଟ ନିର୍ମାଣାଧୀନ ଘର, ବନଦୁର୍ଗା ମାର୍କେଟ କମ୍ପ୍ଲେକ୍ସରେ ଥିବା ୨ଟି ଦୋକାନ, କଟକ ଚୌଦ୍ୱାରସ୍ଥିତ ସମ୍ପର୍କୀୟଙ୍କ ଘର ଏବଂ ଭୁବନେଶ୍ୱରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କର ଉପରୋକ୍ତ କୋଠା ରହିଥିବା ବେଳେ ଭୁବନେଶ୍ୱର ଓ ଜଟଣୀରେ ଆହୁରି ଦୁଇଟି ଦାମୀ ପ୍ଲଟ୍ ମଧ୍ୟ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଏହାଛଡ଼ା ତାଙ୍କ ଘରୁ ୧ ଲକ୍ଷ ୫୫ ହଜାର ୫୪୦ ଟଙ୍କା ନଗଦ, ୨୩୦ ଗ୍ରାମ ଓଜନର ସୁନାଅଳଙ୍କାର, ୨୦.୫୬ ଲକ୍ଷ ଟଙ୍କାର ଜମା ଓ ୩ଟି ବାଇକ୍ ଜବତ କରାଯାଇଛି। ଯାଞ୍ଚ ଜାରି ରହିଥିବାରୁ ଏହି ସମ୍ପତ୍ତି ପରିମାଣ ଆହୁରି ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

# ପୁଲିସ୍-କଂଗ୍ରେସ କର୍ମୀ ଖଣ୍ଡଯୁଦ୍ଧ ମାମଲାରେ ଜଣେ ଗିରଫ



ଭୁବନେଶ୍ୱର,୨୯।୩ (ସଂଚାର ବ୍ୟୁରୋ): ଗତ ଗୁରୁବାର କଂଗ୍ରେସ ପକ୍ଷରୁ 'ବିଧାନସଭା ଘେରାଓ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହା ହିଂସାତ୍ମକ ରୂପ ନେଇଥିଲା। ଗୋଟିଏ ପଟେ କଂଗ୍ରେସ କର୍ମୀମାନେ ଚେୟାର, ଅଣ୍ଡା, ଟମାଟୋ ଆଦି ଫିଙ୍ଗିଥିବା ବେଳେ ସେମାନଙ୍କୁ ଘଉଡ଼ାଇବା ସକାଶେ ପୁଲିସ୍ ପକ୍ଷରୁ ଲୁହବୁହା ଗ୍ୟାସ୍ ସହ ପାଣି ମାଡ଼ କରାଯାଇଥିଲା। ଏହି ଘଟଣାରେ ଉଭୟ ପକ୍ଷର ଏକାଧିକ ଆହତ ହୋଇଥିବା ବେଳେ ଆଜି ଆକ୍ରମଣ ମାମଲାରେ ଜଣେ କଂଗ୍ରେସ କର୍ମୀଙ୍କୁ ଗିରଫ କରାଯାଇଛି। ଏହି ୨୯ ବର୍ଷୀୟ ଯୁବକ ଜଣଙ୍କ ଭୁବନେଶ୍ୱର ଉପକଣ୍ଠ ପାହାଳ ଅଞ୍ଚଳର ହରିଦାଶପୁର ନିବାସୀ ମିର୍ଜା ଇସଲାମ ବେଗ୍ ବୋଲି ଜଣାପଡ଼ିଛି। ତାଙ୍କ ବିରୋଧରେ ପୂର୍ବରୁ ଭୁବନେଶ୍ୱରର ଲକ୍ଷ୍ମୀସାଗର ଓ ପାହାଳ ପୁଲିସ ଷ୍ଟେଶନରେ ଅନ୍ୟ ଦୁଇଟି ମାମଲା ରୁଜୁ ହୋଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଯେ କଂଗ୍ରେସ ଆନ୍ଦୋଳନ ସମୟରେ ସୁରକ୍ଷାକର୍ମୀଙ୍କ ଉପରକୁ ପଥର, ଅଣ୍ଡା, ବୋତଲ, ଇଟା ଓ ପ୍ଲାଷ୍ଟିକ ଚେୟାର ଆଦି ଫିଙ୍ଗାଯାଇଥିଲା। ଏହି ଘଟଣାରେ ୧୫ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆକ୍ରମଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପୁଲିସ ଖୋଜୁଛି। ଏଥିପାଇଁ ବିଭିନ୍ନ ଟିଭି ଚ୍ୟାନେଲର ସିସିଟିଭି ଫୁଟେଜ ଓ ଭିଡିଓ କ୍ଲିପ୍ ଯାଞ୍ଚ କରାଯାଉଛି। କଂଗ୍ରେସ ପ୍ରତିବାଦ ସମ୍ପର୍କରେ କ୍ୟାପିଟାଲ ଥାନାରେ ୩ଟି ମାମଲା ରୁଜୁ ହୋଇଥିବା ଶ୍ରୀ ମୀନା କହିଛନ୍ତି। ଗୋଟିଏ ମାମଲା ପୁଲିସ ଉପରେ ଆକ୍ରମଣ ସହ ଜଡିତ ଥିବା ବେଳେ ଅନ୍ୟ ଏକ ପୁଲିସ ଗାଡ଼ି ପୋଡ଼ି ଉଦ୍ୟମ ଓ ତୃତୀୟ ମାମଲା ମାର୍ଚ୍ଚ ୨୬ ତାରିଖରେ କିଛି ବରିଷ୍ଠ କଂଗ୍ରେସ ନେତାଙ୍କ ଦ୍ୱାରା ଓଡ଼ିଶା ବିଧାନସଭା ଭବନ ସମ୍ମୁଖରେ ଏକ ବେଆଇନ ସମାବେଶ ସହ ଜଡିତ ରହିଛି। ୩ଟି ମାମଲାରେ ବରିଷ୍ଠ ନେତାଙ୍କ ନାମ ରହିଛି କି ପଚରାଯିବାରେ ଡିସିପି କହିଛନ୍ତି ଯେ ଉତ୍ତେଜନା ସୃଷ୍ଟି କରିଥିବା ବ୍ୟକ୍ତିମାନଙ୍କ ସମ୍ପୃକ୍ତି ଯାଞ୍ଚ ଚାଲିଛି। ସେମାନେ ଉତ୍ତେଜନାମୂଳକ ଭାଷଣ ଦେବା ସହ ଅନ୍ୟାନ୍ୟ ମାଧ୍ୟମରେ ହିଂସା ସୃଷ୍ଟି କରିବାରେ ସାମିଲ ଥିଲେ କି ନାହିଁ, ତାହା ସ୍ପଷ୍ଟ ହେବା ପରେ ପଦକ୍ଷେପ ନିଆଯିବ ବୋଲି ଡିସିପି କହିଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ମାମଲାରେ ଫରେଷ୍ଟର ଗିରଫ



ଗୁଣପୁର,୨୯।୩ (ସଂଚାର ବ୍ୟୁରୋ): ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଫରେଷ୍ଟର ଗିରଫ । ଗିରଫ ଫରେଷ୍ଟର ହେଲେ ନରସିଂହ ଶତପଥୀ । ରାୟଗଡ଼ା ଜିଲ୍ଲା ଗୁଣପୁର ପଦ୍ମପୁର ଅଞ୍ଚଳରେ ଘଟିଛି ଏପରି ଅମାନବୀୟ ଘଟଣା। ନରସିଂହ ଶତପଥୀ ଗୁଡ଼ାରି ରେଞ୍ଜ ଅଧିନସ୍ଥ କେନ୍ଦୁଗୁଡ଼ା ସେକ୍ସନର ଫରେଷ୍ଟର ଭାବେ କାର୍ଯ୍ୟରତ ଅଛନ୍ତି । ସୂଚନା ଅନୁସାରେ ଶୁକ୍ରବାର ନରସିଂହଙ୍କ ପଡ଼ିଶା ଘରେ ରହି ପାଠ ପଢୁଥିବା ଜଣେ ୧୨ ବର୍ଷୀୟ ନାବାଳିକାକୁ ପ୍ରଲୋଭନ ଦେଖାଇ ଘର ଭିତରକୁ ଡ଼ାକି ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିଲେ । ତେବେ ଏହି ସମୟରେ ନାବାଳିକାଙ୍କ ସହିତ ଥିବା ଅନ୍ୟ ଜଣେ ଝିଅ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାରଲୋକ ଖବର ପାଇ ଫରେଷ୍ଟର ନରସିଂହଙ୍କ ଘରକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ଏହାପରେ ଗ୍ରାମବାସୀମାନେ ଫରେଷ୍ଟରକୁ କାବୁ କରି ମାଡ଼ ମାରିଥିଲେ। କେନ୍ଦୁଗୁଡା ଫାଣ୍ଡି ପୋଲିସ ଖବର ପାଇ ପଦ୍ମପୁର ଥାନା ଆଇଆଇସି ଧରଣୀଧର ପ୍ରଧାନଙ୍କୁ ସୂଚନା ଦେବା ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେଠାରୁ ନରସିଂହକୁ ଗିରଫ କରି ପଦ୍ମପୁର ଆଣି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଆଇଆଇସି ପ୍ରଧାନ ସୂଚନା ଦେଇଛନ୍ତି ।

# ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ଗଣ୍ଡଗୋଳ, ୭ ଗିରଫ



ବ୍ରହ୍ମପୁର,୨୯।୩(ସଂଚାର ବ୍ୟୁରୋ): ପୁଲିସ ଓ ପ୍ରଶାସନର ବିନା ଅନୁମତିରେ ଦଣ୍ଡ ନାଚ ଆୟୋଜନ କରିବା ପଡିଛି ମହଙ୍ଗା । ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ଗଣ୍ଡଗୋଳ ପରେ ସାତ ଜଣଙ୍କ ନାଁରେ ମାମଲା ରୁଜୁ କରିଛି ଟାଉନ୍ ଥାନା ପୋଲିସ । ଗିରଫ ମାନେ ହେଲେ ସେଶଦେବ ପାଣିଗ୍ରାହୀ , ସମୀର ମହାରଣା, ଦେବାଶିଷ ମାଝୀ, ସରୋଜ କୁମାର ଗୌଡ, ବିଶାଲ ପାଣିଗ୍ରାହୀ, ସୁଶାନ୍ତ କୁମାର ବେହେରା ଓ ବାବୁଲ ବିଷୋୟୀ । ଗିରଫ ପରେ ୭ ଜଣଙ୍କୁ କୋର୍ଟ ଚାଲାଣ କରିଛି ଟାଉନ ଥାନା ପୋଲିସ । ସୂଚନା ଅନୁସାରେ ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗରରେ ସ୍ଥାନୀୟ କମିଟି ପକ୍ଷରୁ ଗୁରୁବାର ରାତିରେ ଦଣ୍ଡନାଚ ଆୟୋଜନ କରାଯାଇଥିଲା । କିନ୍ତୁ ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ହୋଇଥିଲା । ଏପରିକି ନିର୍ଦ୍ଦିଷ୍ଟ ସମୟ ସୀମା ବାହାରେ ଅଧିକ ଶବ୍ଦରେ ମାଇକ୍ ବଜାଇବା ଏବଂ ଅରୁଚିକର ନାଚ ପ୍ରଦର୍ଶନ କରାଯାଇଥିଲା । ଏହାକୁ କିଛି ଯୁବକ ବିରୋଧ କରିବା ପରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଯାହାକୁ ନେଇ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ୭ ଜଣଙ୍କ ନାଁରେ ଅପରାଧିକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ଟାଉନ୍ ଥାନା ପୋଲିସ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍ପି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ଦେଶ ଓ ରାଜ୍ୟରେ ଜାରି ହୋଇଛି ସୁନା ଓ ରୂପାର ନୂଆ ଦର। ପ୍ରତିଦିନ ସୁନା ଓ ରୂପା ଦର ନିର୍ଦ୍ଧାରଣ କରାଯାଇଥାଏ। କେଉଁ ଦିନ ଦର କମିଥାଏ ତ କେବେ ବଢିଥାଏ ଆଉ ପୁଣି କେବେ ସମାନ ରହିଥାଏ। ସୁନା କିଣିବାକୁ ଯାଉଥିଲେ ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୧ ହଜାର ୨୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୩ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୧ ହଜାର ୨୦୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୩, ୬୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୩,୬୦୦ ଟଙ୍କା ଓ ୯୧, ୨୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୩, ୭୫୦ ଟଙ୍କା ଓ ୯୧, ୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୩,୬୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୧, ୨୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୩, ୬୦୦ ଓ ୯୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୪,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ରିଜର୍ଭ ବ୍ୟାଙ୍କ ବଢ଼ାଇଲା ଏଟିଏମ୍ ଶୁଳ୍କ

## ମେ’ ପହିଲାରୁ ଲାଗୁ ହେବ, ୨୧ ଟଙ୍କାରୁ ବଢ଼ି ୨୩ରେ ପହଞ୍ଚିଲା

**ମୁମ୍ବାଇ, ୨୯।୩:** ଆଉ ମାସକ ପରେ ଏଟିଏମ୍‌ରୁ ଟଙ୍କା ଉଠାଇବା କିମ୍ବା ବାଲାନ୍ସ ଯାଞ୍ଚ କରିବା ଲାଗି ଅଧିକ ଟଙ୍କା ଗଣିବାକୁ ପଡ଼ିବ। ପ୍ରତି ବ୍ୟାଙ୍କ ସେମାନଙ୍କ ଗ୍ରାହକଙ୍କୁ ନିଜ ଏଟିଏମ୍ ଏବଂ ଅନ୍ୟ ବ୍ୟାଙ୍କର ଏଟିଏମ୍‌କୁ ମାଗଣାରେ ନିର୍ଦ୍ଦିଷ୍ଟ କେତେକ ଥର ବ୍ୟବହାର କରିବା ଅନୁମତି ଦେଇଛନ୍ତି। ସେହି ସୀମା ଶେଷ ହୋଇଯିବା ପରେ ଯଦି କୌଣସି ଗ୍ରାହକ ଏଟିଏମ୍‌କୁ ବ୍ୟବହାର କରୁଛନ୍ତି, ତେବେ ତାଙ୍କୁ ଏଟିଏମ୍ କାରବାର ଶୁଳ୍କ ଦେବାକୁ ପଡୁଛି। ଏହି ଶୁଳ୍କ କାରବାର ପିଛା ୨୧ ଟଙ୍କା ଥିଲା। ସେଥିରେ ୨ ଟଙ୍କା ବୃଦ୍ଧି କରି ରିଜର୍ଭ ବ୍ୟାଙ୍କ ତାହାକୁ ୨୩ ଟଙ୍କା କରିଛନ୍ତି। ଶୁଳ୍କରେ କରାଯାଇଥିବା ବୃଦ୍ଧି ଆସନ୍ତା ମେ’ ୧ରୁ ଲାଗୁ ହେବ।

ଗ୍ରାହକମାନେ ପ୍ରତି ମାସରେ ଉଭୟ ଆର୍ଥିକ ଓ ଅଣ ଆର୍ଥିକ କାମ ପାଇଁ ଏଟିଏମ୍‌କୁ ମାଗଣାରେ ୫ ଥର ବ୍ୟବହାର କରିପାରୁଛନ୍ତି। ଅନ୍ୟ ବ୍ୟାଙ୍କ ଏଟିଏମ୍‌କୁ ସେମାନେ ମେଟ୍ରୋ ସହରରେ ମାସକୁ ମାଗଣାରେ ତିନି ଥର ଓ ଅଣ ମେଟ୍ରୋ ସହରରେ ୫ ଥର ବ୍ୟବହାର କରିପାରିବେ ବୋଲି ରିଜର୍ଭ ବ୍ୟାଙ୍କ ସ୍ପଷ୍ଟ କରିଛନ୍ତି।



ଏଟିଏମ୍ ଶୁଳ୍କରେ ୨ ଟଙ୍କା ବୃଦ୍ଧି ପାଇଁ ରହିଥିବା ପ୍ରସ୍ତାବକୁ ରିଜର୍ଭ ବ୍ୟାଙ୍କ ଓ ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ମଞ୍ଜୁର କରିଛନ୍ତି। ଚଳିତ ମାସ ୧୩ରେ ଏନ୍‌ପିସିଆଇ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ଏହି ସୂଚନା ଦିଆଯାଇଥିଲା। ଆଜିର ଡିଜିଟାଲ୍ ଯୁଗରେ ଲୋକମାନେ ଛୋଟମୋଟ କାରବାର ୟୁପିଆଇ ଜରିଆରେ କରୁଥିବାରୁ ନଗଦ ରାଶିର ଚାହିଦା ହ୍ରାସ ପାଇଛି। ତଥାପି, ଅନେକ ସ୍ଥାନରେ ନଗଦ ରାଶି ଖୋଜା ପଡୁଛି। ସେହି ସମୟରେ ଲୋକମାନେ ଏଟିଏମ୍ ଖୋଜୁଛନ୍ତି। ଏଟିଏମ୍‌କୁ ଚଳାଇବା ସହ ତାହାର ରକ୍ଷଣାବେକ୍ଷଣ କରିବା ଏକ ବ୍ୟୟବହୁଳ ବ୍ୟାପାର। ବ୍ୟାଙ୍କଠାରୁ ଆରମ୍ଭ କରି ଅନେକ ସଂସ୍ଥା ସେଥିରେ ଜଡ଼ିତ ଅଛନ୍ତି। ଏଟିଏମ୍‌କୁ ସୁରକ୍ଷା ଦେବା ଲାଗି ନିରାପତ୍ତା ବ୍ୟବସ୍ଥା ଓ ଗାର୍ଡ ମୂତୟନ କରିବାକୁ ପଡ଼ୁଛି। ରିଜର୍ଭ ବ୍ୟାଙ୍କ ଏଟିଏମ୍ କାରବାର ଶୁଳ୍କ ବଢ଼ାଇଥିବାରୁ ଏଟିଏମ୍‌ଗୁଡ଼ିକୁ ଆହୁରି ଉନ୍ନତ ଢଙ୍ଗରେ ପରିଚାଳନା କରିବା ଲାଗି ବ୍ୟାଙ୍କ ଓ ଏଟିଏମ୍ ଅପରେଟରମାନଙ୍କ ହାତରେ ଅଧିକ ପାଣ୍ଠି ପହଞ୍ଚିପାରିବ।

# ଆନ୍ଧ୍ରରେ ଜମି କିଣିଲା ମିତ୍ତଲ

## ୭.୩ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ କାରଖାନା କରିବ

**ଭୁବନେଶ୍ୱର, ୨୯।୩:** ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ପକ୍ଷରୁ ଆନ୍ଧ୍ରପ୍ରଦେଶରେ ଇସ୍ପାତ କାରଖାନା ସ୍ଥାପନ ଲାଗି ଜମି ଅଧିଗ୍ରହଣ ଆରମ୍ଭ ହୋଇଛି। କମ୍ପାନି ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଆନ୍ଧ୍ରର ଅନକାପଲ୍ଲୀ ଜିଲ୍ଲାରେ କମ୍ପାନି ଜମିମ ଅଧିଗ୍ରହଣ କରୁଛି। ସେଠାରେ ଏହା ଏକ ଏକ ସମନ୍ୱିତ ଇସ୍ପାତ କାରଖାନା ବସାଇବ। ଜମି କିଣିବା ପାଇଁ କମ୍ପାନି ପ୍ରାରମ୍ଭିକ ଦେୟ ମଧ ପଇଠ କରିଛି। ଖୁବ୍‌ଶୀଘ୍ର କମ୍ପାନି ଅଧୀନକୁ ଜମି ଆସିବା ଆଶା କରାଯାଉଛି। ଜମି ମିଳିବା ପରେ



ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କମ୍ପାନି ପ୍ରାରମ୍ଭିକ ପର୍ଯ୍ୟାୟରେ ସେଠାରେ ୭.୩ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ବସାଇବ। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍‌କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡ଼ୁ କହିଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଆର୍ସେଲର ମିତ୍ତଲର ଅଧ୍ୟକ୍ଷ ଲକ୍ଷ୍ମୀ ଏନ୍ ମିତ୍ତଲ କହିଛନ୍ତି ଯେ ଏହା ଭାରତରେ ଆମ ଉପସ୍ଥିତି ବଢ଼ାଇବ ଏବଂ ବିକଶିତ ଭାରତ ଆଡ଼କୁ ଆମକୁ ଆଉ ପାଦେ ଆଗକୁ ନେବ। ଏହା ଏଏମ୍‌ଏନ୍‌ଏସ୍ ଓ ଆନ୍ଧ୍ରପ୍ରଦେଶ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରଦର୍ଶନ କରିଥିବା ପ୍ରତିବଦ୍ଧତା ଲାଗି ଆର୍ସେଲର ମିତ୍ତଲର ସିଇଓ ଆଦିତ୍ୟ ମିତ୍ତଲ ଆନ୍ଧ୍ରପ୍ରଦେଶ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

ଗତବର୍ଷ କମ୍ପାନିର ଜଣେ ଅଧିକାରୀ କହିଥିଲେ ଯେ ୨୦୩୫ ସୁଦ୍ଧା ୪୦ ନିୟୁତ ଟନ୍ ଉତ୍ପାଦନ କ୍ଷମତା ଲକ୍ଷ୍ୟ ହାସଲ କରିବା ପାଇଁ ଭାରତର ଉପକୂଳ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ଆମେ ଉପଯୁକ୍ତ ସ୍ଥାନ ସନ୍ଧାନ କରୁଛୁ। ଇସ୍ପାତ କାରଖାନା ବସାଇବାର ଦୁଇ ପ୍ରମୁଖ ଆବଶ୍ୟକତା ହେଉଛି ଜମି ଓ ବନ୍ଦର। ଆନ୍ଧ୍ରର ପ୍ରକଳ୍ପ ସେହି ଦୁଇ ମାନଦଣ୍ଡ ପୂରଣ କରୁଥିବା ସେ କହିଥିଲେ। ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବା ଲାଗି ଏଏମ୍‌ଏନ୍‌ଏସୁଦ୍ୟମ କରୁଛି। ୨୪ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ସେହି କାରଖାନାରେ ୧.୦୨ ଲକ୍ଷ କୋଟି ଟଙ୍କା ନିବେଶ ହେବ।

# ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟ ହାସଲ କଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର, ୨୯।୩(ସଂଚାର ବ୍ୟୁରୋ):** ଏକ ଉଲ୍ଲେଖନୀୟ ସଫଳତାରେ, ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ଶେଷ ହେବାର ୧୦ ଦିନ ପୂର୍ବରୁ ୨୫୦ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ସଫଳତାର ସହ ଅତିକ୍ରମ କରିଛି। ରେଳବାଇ ବୋର୍ଡ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୫୦ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟକୁ ଗତ ୨୧ରେ ହାସଲ କରାଯାଇଥିଲା। ଏହି ସମୟ ସୁଦ୍ଧା ପୂର୍ବତଟ ରେଳପଥ ମୋଟ ୨୬୫.୬୨ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରୟ ରେକର୍ଡ କରିଛି, ଯାହା ମୂଳ ଲକ୍ଷ୍ୟକୁ ଅତିକ୍ରମ କରିଛି ।



ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସ୍କ୍ରାପ୍ ବିକ୍ରୟ ପ୍ରକ୍ରିୟାରେ ସାମିଲ ଥିବା ସମଗ୍ର ଦଳକୁ ସେମାନଙ୍କର ଉଲ୍ଲେଖନୀୟ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ପ୍ରମୁଖ ମୁଖ୍ୟ ଭଣ୍ଡାର ପ୍ରବନ୍ଧକ ଶ୍ରୀ ପ୍ରେମ ନାରାୟଣଙ୍କ ଦ୍ୱାରା ସ୍କ୍ରାପ୍ ବିକ୍ରୟ ବ୍ୟବସ୍ଥାର ସଠିକ ମାର୍ଗଦର୍ଶନ ଏବଂ ନିରନ୍ତର ସମୀକ୍ଷା ଯୋଗୁଁ ଏହି ମାଇଲଖୁଣ୍ଟ ସମ୍ଭବ ହୋଇପାରିଛି।

ଏହି ସଫଳତା ପୂର୍ବତଟ ରେଳପଥର ବିଭିନ୍ନ ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ୱାଲଟିୟର ଏବଂ ମଞ୍ଚେଶ୍ୱରର ରେଳ ଡ଼ବା ମରାମତି କାରଖାନାରେ ଥିବା ସ୍କ୍ରାପ୍ ୟାର୍ଡରେ ଅନୁଷ୍ଠିତ ୨୦୪ଟି ନିଲାମ ତାରିଖ ମାଧ୍ୟମରେ ସମ୍ଭବ ହୋଇପାରିଛି । ଏହି ରେଳ ମଣ୍ଡଳ ଗୁଡ଼ିକ ବିଭିନ୍ନ ସ୍କ୍ରାପ୍ ସାମଗ୍ରୀ ଯେପରିକି ବ୍ୟବହାର ଅନୁପଯୋଗୀ କରାଯାଇଥିବା ରୋଲିଂ ଷ୍ଟକ୍, ଲୋକୋମୋଟିଭ୍, କୋଚ୍ ଏବଂ ୱାଗନ୍, ସ୍କ୍ରାପ୍ ରେଲ, ରେଳ ଧାରଣାରେ ବ୍ୟବହୃତ ହୋଇଥିବା ଅକାମି ଜିନିଷ ଏବଂ କର୍ମଶାଳାରୁ ବାହାରିଥିବା ଅବ୍ୟବହୃତ ସ୍କ୍ରାପ୍ ବିକ୍ରୟକୁ ସହଜ କରିଥିଲେ। ଏହା ସହିତ, ଫେରସ୍, ଅଣଫେରସ୍ ଏବଂ ଅଣଧାତୁ ସ୍କ୍ରାପ୍ ଏବଂ ଅକାମି କରାଯାଇଥିବା ଯନ୍ତ୍ରପାତି, ଯାନବାହନ ଓ ଅଫିସ୍ ଉପକରଣଗୁଡ଼ିକୁ ‘ଯେପରି ଅଛି ଯେଉଁଠାରେ ଅଛି’ ଆଧାରରେ ନିଲାମ କରାଯାଇଥିଲା। ସ୍କ୍ରାପ୍‌କୁ ଦକ୍ଷତାର ସହ ନିଷ୍କାସନ କରି, ପୂର୍ବତଟ ରେଳପଥ ସଫଳତାର ସହିତ ଆବର୍ଜନାକୁ ସମ୍ପତ୍ତିରେ ରୂପାନ୍ତରିତ କରିଛି। ଗତକାଲି ସୁଦ୍ଧା ୨୬୫.୩୨ କୋଟି ଟଙ୍କା ଏହି ବାବଦରେ ଆୟ କରାଯାଇଛି। ଏହାବ୍ୟତୀତ ରେଳବାଇ ପରିସରରୁ ସ୍କ୍ରାପ୍ ଅପସାରଣ ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବକୁ ହ୍ରାସ କରି ପରିବେଶଗତ ସ୍ଥିରତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ପୂର୍ବତଟ ରେଳପଥ ସ୍କ୍ରାପ୍ ନିଷ୍କାସନରୁ ୨୬୫.୬୨ କୋଟି ଟଙ୍କା ଆୟ କରିଛି ଯାହାକି ପୂର୍ବ ଆର୍ଥିକ ବର୍ଷ ଆୟ ୨୫୮.୧୬ କୋଟିରୁ ୭.୪୬ କୋଟି ଟଙ୍କା ଅଧିକ। ରେଳ ବୋର୍ଡ ପକ୍ଷରୁ ପୂର୍ବତଟ ରେଳପଥ ପାଇଁ ସ୍କ୍ରାପ୍ ଅପସାରଣ ବାବଦରେ ୨୫୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପୂର୍ବତଟ ରେଳପଥ ଗତ ପାଞ୍ଚ ବର୍ଷ ଧରି ରେଳ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ନିରନ୍ତର ଅତିକ୍ରମ କରିଚାଲିଛି । ଏକ ସ୍କ୍ରାପ୍-ମୁକ୍ତ ଏବଂ ପରିବେଶ-ଅନୁକୂଳ ରେଳ ଜୋନ୍ ବଜାୟ ରଖିବା ପାଇଁ ନିରନ୍ତର ପ୍ରୟାସରେ ପୂର୍ବତଟ ରେଳପଥ ଏହାର କ୍ଷେତ୍ରାଧିକାରରୁ ସର୍ବାଧିକ ସ୍କ୍ରାପ୍ ଅପସାରଣ ସୁନିଶ୍ଚିତ କରିଛି। ଯନ୍ତ୍ରପାତି, ଉପକରଣ ଏବଂ ସମ୍ପତ୍ତି ସହିତ ଜଡିତ ଶିଳ୍ପ କାର୍ଯ୍ୟକଳାପର ଏକ ଅନିବାର୍ଯ୍ୟ ଫଳାଫଳ ହେଉଛି ସ୍କ୍ରାପ୍ ଉତ୍ପାଦନ । ସେମାନଙ୍କର ସେବା ଜୀବନ ସମାପ୍ତ କରିବା ପରେ, ଏହି ସମ୍ପତ୍ତିଗୁଡ଼ିକୁ ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ସୁରକ୍ଷା ପାଇଁ ବଦଳ ଆବଶ୍ୟକ । ସମୟୋଚିତ ନିଷ୍କାସନକୁ ସହଜ କରିବା ପାଇଁ, ପୂର୍ବତଟ ରେଳପଥ ୨୦୧୩ରୁ ଏହାର ସମର୍ପିତ ଭାରତୀୟ ରେଳବାଇ ଇ-ପ୍ରୋକ୍ୟୁରମେଣ୍ଟ ପ୍ରଣାଳୀ (ଆଇଆର୍‌ଇପିଏସ୍) ପୋର୍ଟାଲ୍ ମାଧ୍ୟମରେ ଇ-ନିଲାମ ପରିଚାଳନା କରିଆସୁଛି। ବର୍ତ୍ତମାନ ସୁଦ୍ଧା ୪୦୦ରୁ ଅଧିକ ବିକ୍ରେତା ଏହି ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି ଯାହା ଏକ ସ୍ୱଚ୍ଛ ଓ ଦକ୍ଷ ନିଲାମ ପ୍ରକ୍ରିୟା ସୁନିଶ୍ଚିତ କରିଥାଏ ।

# ଆମେରିକାକୁ ଓଡ଼ିଶାର ଷ୍ଟାର୍ଟଅପ୍ ପଠାଇବ ପ୍ରତିରକ୍ଷା ଡ୍ରୋନ୍



**ଭୁବନେଶ୍ୱର, ୨୯।୩:** ରାଜ୍ୟର ଷ୍ଟାର୍ଟଅପ୍ ବନ୍‌ଭି ଏରୋ ଆମେରିକାକୁ ପ୍ରତିରକ୍ଷା ଡ୍ରୋନ୍ ପଠାଇବ। ଆମେରିକାର ପ୍ରତିରକ୍ଷା ଓ ଆକାଶ ମାର୍ଗ ପରିବହନ ବଜାରରେ ପ୍ରବେଶ କରିବା ଲାଗି କମ୍ପାନିକୁ ଚୟନ କରାଯାଇଛି। ଭାରତରୁ ଆମେରିକା ଲଞ୍ଚପ୍ୟାଡ୍ ଅଧୀନରେ କମ୍ପାନି ସହାୟତା ପାଇଛି। ଆମେରିକାର ପ୍ରତିରକ୍ଷା ବିଭାଗ ଓ ହୋମ୍‌ଲ୍ୟାଣ୍ଡ୍ ସିକ୍ୟୁରିଟି ବିଭାଗ ସହିତ କମ୍ପାନି ସହଯୋଗିତା କରିବ। ଏ ସମ୍ପର୍କରେ ବନ୍‌ଭି ଏରୋର ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି ଯେ ବୁଝାମଣାପତ୍ର ସ୍ୱାକ୍ଷର କରିବା ଲାଗି ଚଳିତ ବର୍ଷ ମେ’ରେ ଆମେ ଆମେରିକା ଯାତ୍ରା କରିବୁ। ଏହା ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଆମ ମାଟିରୁ ବିଶ୍ୱସ୍ତରୀୟ ନବସୃଜନ ସୃଷ୍ଟି ହୋଇପାରିବ ବୋଲି ଆମେ ପ୍ରମାଣ କରି ଦେଖାଇଛୁ। କମ୍ପାନି ହିମାଳୟରେ ଏହାର ଲଜିଷ୍ଟିକ୍ସ ଡ୍ରୋନ୍‌କୁ ସଫଳତାର ସହ ପରୀକ୍ଷଣ କରିଛି ଯାହା ୧୯,୦୨୪ ଫୁଟ୍ ଉଚ୍ଚତାରେ ୩୦ କେଜି ପର୍ଯ୍ୟନ୍ତ ଭାର ବହନ କରୁଛି। ଭାରତୀୟ ସେନା ପାଇଁ ତାହା ବେଶ୍ ସହାୟକ ହୋଇଛି। ଆମେରିକାର ଗ୍ରିନ୍ ୟୁଏଏସ୍ ଓ ବ୍ଲୁ ୟୁଏଏସ୍ କାର୍ଯ୍ୟକ୍ରମ ଅଧୀନରେ ସାର୍ଟିଫିକେସନ୍ ହାସଲ କରିବା ଲାଗି ଏହି ପ୍ରଯୁକ୍ତି ପ୍ରସ୍ତୁତ ହେଉଛି।

# ପୁଣି ମଜଭୁତ ହେଲା ଟଙ୍କା ଭାଙ୍ଗିଲା ୬ ବର୍ଷର ରେକର୍ଡ

**ନୂଆଦିଲ୍ଲୀ ୨୯।୩:** ପୁଣି ବିଦେଶୀ ନିବେଶକ ଫେରିବା ଭାରତୀୟ ମୁଦ୍ରା ଟଙ୍କାକୁ ଅଧିକ ମଜଭୁତ କରିଛି। ମାର୍ଚ୍ଚ ମାସରେ ଭାରତୀୟ ଟଙ୍କା ଡଲାର ତୁଳନାରେ ୬ ବର୍ଷର ସବୁଠୁ ଦ୍ରୁତ ମାସିକ ଅଭିବୃଦ୍ଧି ପ୍ରଦର୍ଶନ କରିଛି। ଏହି ସମୟରେ ଟଙ୍କା ୨.୧୭% ବଢି ପ୍ରତି ଡଲାର ୮୫.୫୦ସ୍ତରରେ ବନ୍ଦ ହୋଇଛି। ଏହା ପୂର୍ବରୁ ନଭେମ୍ବର ୨୦୧୮ରେ ଟଙ୍କା ୫ %ରୁ ଅଧିକ ଅଭିବୃଦ୍ଧି ହାସଲ କରିଥିଲା। ଶୁକ୍ରବାର ବନ୍ଦ ବେଳକୁ ଭାରତୀୟ ମୁଦ୍ରାରେ ୨୪ ପଇସା ବୃଦ୍ଧି ହୋଇଛି।



ତଥ୍ୟ ଅନୁସାରେ ଜାରି ଆର୍ଥିକ ବର୍ଷରେ ଟଙ୍କା ୨%ରୁ ଅଧିକ ହ୍ରାସ ହୋଇଛି। ୨ ଏପ୍ରିଲ ୨୦୨୪ରେ ଟଙ୍କା ଡଲାର ତୁଳନାରେ ୮୩.୪୨ ସ୍ତରରେ ଥିଲା। ବୈଦେଶିକ ମୁଦ୍ରା ବ୍ୟବସାୟୀଙ୍କ ଅନୁସାରେ ମାର୍ଚ୍ଚ ମାସରେ ବଜାରକୁ ବିଦେଶୀ ନିବେଶକ ଫେରିଛନ୍ତି। ଏଣୁ ଘରୋଇ ମୁଦ୍ରାରେ ବୃଦ୍ଧି ଦେଖାଯାଇଛି। ଗତ ୬ଟି ବ୍ୟବସାୟୀକ ଅଧିବେଶନରେ ନିବେଶକମାନେ ୩୨,୦୦୦ କୋଟିରୁ ଅଧିକ ନିବେଶ କରିଛନ୍ତି। ଶୁକ୍ରବାର ଇଣ୍ଟରବ୍ୟାଙ୍କ ଫରେନ ଏକ୍ସଚେଞ୍ଜ ବଜାରରେ ଭାରତୀୟ ମୁଦ୍ରା ୮୫.୬୪ସ୍ତରରେ ଖୋଲିଥିଲା। ଦିନର କାରବାର କାଳରେ ଟଙ୍କା ୮୫.୪୦ର ଉଚ୍ଚତମ ସ୍ତର ଓ ୮୫.୭୦ରୁ ନିମ୍ନତମ ସ୍ତରକୁ ଛୁଇଁଛି।

ମାର୍ଚ୍ଚ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବିଦେଶୀ ସଂସ୍ଥାଗତ ନିବେଶକ ବ୍ୟାପକ ବିକାବିକି କରିଥିଲେ। ହେଲେ ଏବେ ବିକାବିକି ବନ୍ଦ ରହିଛି। ଏହିକାରଣରୁ ମାସକରେ ଘରୋଇ ବଜାରରୁ ମାତ୍ର ୩,୯୭୩ କୋଟି ଟଙ୍କା ବାହାରିଛି। ତେବେ ଏହା ପୂର୍ବରୁ ଜାନୁୟାରୀରେ ୭୮,୦୨୭ କୋଟି ଓ ଫେବୃଆରୀରେ ୩୪,୫୭୪ କୋଟି ଟଙ୍କା ବାହାରି ଯାଇଥିଲା। ଏହିଭଳି ଭାବେ ଜାରି କ୍ୟାଲେଣ୍ଡର ବର୍ଷରେ ଜାନୁୟାରୀରୁ ଏ ପର୍ଯ୍ୟନ୍ତ ବଜାରରୁ ମୋଟ ୧.୧୬ଲକ୍ଷ କୋଟି ଟଙ୍କା ବାହାରି ଯାଇଛି।

# ଜିଓକୁ ଭାରତ ସରକାରଙ୍କ ‘ଜାତୀୟ ବୌଦ୍ଧିକ ସମ୍ପଦ’ ପୁରସ୍କାର

## ପ୍ରଦାନ କଲେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ

**ନୂଆଦିଲ୍ଲୀ ୨୯।୩:** ପ୍ରଯୁକ୍ତି କମ୍ପାନୀ ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ)କୁ ମିଳିଲା ଦୁଇଟି ପ୍ରତିଷ୍ଠିତ ବୌଦ୍ଧିକ ସମ୍ପଦ (ଇଣ୍ଟେଲେକଚୁଆଲ ପ୍ରପର୍ଟି) ପୁରସ୍କାର। ଗୋଟିଏ ପକ୍ଷରେ ଭାରତ ସରକାର ଜିଓ ପ୍ଲାଟଫର୍ମକୁ ଜାତୀୟ ବୌଦ୍ଧିକ ସମ୍ପଦ ପୁରସ୍କାର (ନ୍ୟାସନାଲ ଇଣ୍ଟେଲେକଚୁଆଲ ପ୍ରପର୍ଟି ଆୱାର୍ଡ) ରେ ସମ୍ମାନିତ କରିଛନ୍ତି। ସମାନ ସମୟରେ, ବିଶ୍ୱ ବୌଦ୍ଧିକ ସମ୍ପଦ ସଂଗଠନ (ୱାର୍ଲଡ ଇଣ୍ଟେଲେକଚୁଆଲ ପ୍ରପର୍ଟି ଅର୍ଗାନାଇଜେସନ) ପକ୍ଷରୁ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନରେ ଅସାଧାରଣ ଉତ୍କର୍ଷତା ପାଇଁ ଜିଓ ପ୍ଲାଟଫର୍ମସକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ଏହି ସମ୍ମାନ ପ୍ରଦାନ କରିଛନ୍ତି।



ବିଶ୍ୱ ସ୍ତରରେ, କମ୍ପାନୀ ଗତ ତିନି ବର୍ଷ ମଧ୍ୟରେ ୪ ହଜାରରୁ ଅଧିକ ପେଟେଣ୍ଟ ଦାଖଲ କରିଛି। ଏହି ପେଟେଣ୍ଟ ଗୁଡ଼ିକ ମଧ୍ୟରୁ ଅଧିକାଂଶ ଟେଲି କମ୍ୟୁନିକେସନ୍, ଡିଜିଟାଲ୍ ପ୍ରଯୁକ୍ତି ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦାଖଲ କରାଯାଇଛି। ସରଳ ଭାଷାରେ କହିବାକୁ ଗଲେ, ଅଧିକାଂଶ ପେଟେଣ୍ଟ ୫ଜି, ୬ଜି ଏବଂ ଏଆଇ ପ୍ରଯୁକ୍ତି କୌଶଳର ବିକାଶ ଏବଂ ଏହା ସମ୍ବନ୍ଧିତ ପ୍ରଯୁକ୍ତି କ୍ଷେତ୍ର ସହିତ ଜଡିତ। ଏପର୍ଯ୍ୟନ୍ତ ଏହି ପ୍ରଯୁକ୍ତି ଗୁଡ଼ିକ ଉପରେ ବିଦେଶୀ କମ୍ପାନୀ ମାନଙ୍କ ପ୍ରାଧାନ୍ୟ ବିବେଚନା କରାଯାଉଥିଲା। ଜିଓ ଦ୍ୱାରା ଦାଖଲ ହୋଇଥିବା ବହୁ ସଂଖ୍ୟକ ପେଟେଣ୍ଟ ଦର୍ଶାଉଛି ଯେ ଜିଓ ଭଳି ଏକ ଭାରତୀୟ କମ୍ପାନୀ ଏବେ ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱର ଅନ୍ୟତମ ଅଗ୍ରଣୀ କମ୍ପାନୀ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ)ର ବରିଷ୍ଠ ଉପସଭାପତି ଆୟୁଷ ଭଟନାଗର ଜେପିଏଲ ତରଫରୁ ପୁରସ୍କାର ଗ୍ରହଣ କରିବା ସମୟରେ କହିଥିଲେ "ଏହି ପୁରସ୍କାର ଗୁଡ଼ିକ ନବସୃଜନ ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ। ଆମେ କେବଳ ପ୍ରଯୁକ୍ତି କୌଶଳ ଉପରେ କାମ କରୁନାହୁଁ; ଆମେ ଏପରି କ୍ଷମତା ସବୁର ବିକାଶ କରୁଛୁ ଯାହା ୫ଜି,୬ଜି ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଜାତୀୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଆମକୁ ଆଗରେ ରଖିବ।"

ସୂଚନାଯୋଗ୍ୟ ଯେ ଭାରତ ସରକାର ୬ଜି ଭିଜନ ବା ଲକ୍ଷ୍ୟକୁ ସାକାର କରିବା ଉପରେ ଧ୍ୟାନକେନ୍ଦ୍ରିତ କରୁଥିବା ବେଳେ ଜିଓ ବର୍ତ୍ତମାନ ଏହି ପ୍ରଯୁକ୍ତିବିଦ୍ୟା ଦୌଡ଼ରେ ସବୁଠାରୁ ଆଗରେ ରହିଥିବା ଦେଖାଯାଉଛି। କମ୍ପାନୀ ପକ୍ଷରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି ଯେ, ଜେପିଏଲର ବୌଦ୍ଧିକ ସମ୍ପଦ ରଣନୀତି ଭାରତ ସରକାରଙ୍କ 'ବିକଶିତ ଭାରତ ୨୦୪୭' ଦୃଷ୍ଟିକୋଣ ସହିତ ସମନ୍ୱୟରେ ରହିଛି, ଯାହାର ଉଦ୍ଦେଶ୍ୟ ରହିଛି ପ୍ରଯୁକ୍ତି ନବସୃଜନ, ଡିଜିଟାଲ ପରିବର୍ତ୍ତନ ଏବଂ ସ୍ୱଦେଶୀ ପ୍ରଯୁକ୍ତି କୌଶଳ କ୍ଷମତାଗୁଡିକର ବିକାଶ ମାଧ୍ୟମରେ ଭାରତକୁ ଏକ ଆତ୍ମନିର୍ଭରଶୀଳ ଏବଂ ବିକଶିତ ଅର୍ଥବ୍ୟବସ୍ଥାରେ ପରିଣତ କରିବା।

## ଆସୁଛି ଗ୍ରୀଷ୍ମ ରୂପୀ ରାକ୍ଷସ, ତ୍ରାହି ତ୍ରାହି ଡାକିଲେଣି ସମବାଲି ବୃଦ୍ଧ ବୃଦ୍ଧା

# ଗ୍ରାମବାସୀଙ୍କ ପାଇଁ ନଳକୂପ ଜଳ ସାତ ସପନ



**କନ୍ଧମାଳ,୨୯।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରିଥିବା ବେଳେ ଭାରତ ସ୍ୱାଧୀନ ହେବାପରେ ମଧ୍ୟ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ଲାଠିକୁପା ଗ୍ରାମ ସମାବାଲି ସାହିରେ ନଳକୂପ ନଥିବା ରୁ ଦେଖିବାକୁ ମିଳୁଛି ଜଳ ସଙ୍କଟର ସମୋସ୍ୟା ଯାହା ଫଳରେ ଉକ୍ତ ସମାବାଲି ସାହି ବାସିନ୍ଦା ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ସମାବାଲି ସାହିର ଜନସାଧାରଣ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ସତ୍ତ୍ୱେ କୌଣସି ସୁଫଳ ମିଳି ନଥିବାରୁ ସମାବାଲି ସାହିର ଜନସାଧାରଣ ଙ୍କ ମନରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ସମବାଲି ସାହିର ଅଭିଯୋଗ ଆଣିଲେ ମାଁ ଓ ବୃଦ୍ଧ ବୃଦ୍ଧା ବିଶ୍ୱନାଥ କହଁର, ପ୍ରମିଳା ମଲ୍ଲିକ, ଗୀତାଞ୍ଜଳି କହଁର, ସୁମିତ୍ରା ମଳିକ, ମାନବ କହଁର, ନିଦ କହଁର, ଭାସ୍କର ମଳିକ, କଟେରୀ କହଁର ଶାଶ୍ର ମଳିକ, ନିଦିକ୍ କହଁର, ଶ୍ରଦ୍ଧାଞ୍ଜଳି ମଳିକ, ସୁବଳ କହଁର ଓ ସୁଧାମ କହଁର ଏବଂ ଲାଟିକୁପା ଗ୍ରାମର ସମବାଲି ସାହିର ଲୋକମାନେ ପିଇବା ପାଣି ପାଇଁ ଅନେକ ଦୂରକୁ ୧ କିଲୋମିଟର ଯିବାକୁ ପଡୁଥିବାରୁ ଆଗକୁ ଖରାଦିନ ଆସୁଥିବା ରୁ ପିଇବା ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବା ସହିତ ଲାଟିକୁପା ଗ୍ରାମ ସମବାଲି ସାହିର ଦୁଃଖ କହିଲେ ନସରେ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ଲାଟିକୁପା ର ସମାବାଲି ସାହି ଗ୍ରାମବାସୀ।

## ଓକିଲ ସଂଘ ନିର୍ବାଚନ



**ନର୍ଲା,୨୯।୩ (ସଂଚାର ବ୍ୟୁରୋ):** ନର୍ଲା ବାର ଆସୋସିଏସନ ନିର୍ବାଚନ ଫଳ ପ୍ରକାଶ ପାଇଛି। ନିର୍ବାଚନରେ ନୂଆ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, ଲାଇବ୍ରେରୀ ସମ୍ପାଦକ ଓ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ଅଧିବକ୍ତା ପରିଷଦଙ୍କ ନିର୍ଦ୍ଦେଶ କ୍ରମେ ନର୍ଲାରେ ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଆଇନଜୀବୀ ଯୁବରାଜ ହରିଜନ କାର୍ଯ୍ୟ ତୁଲାଇଥିଲେ। ନିର୍ବାଚନ ଫଳକୁ ନେଇ ନର୍ଲା ଓକିଲ ସଂଘରେ ଖୁସିର ଲହରୀ ଖେଳିଯାଇଛି। ନର୍ଲା ବାର ଆସୋସିଏସନର ନୂତନ ସଭାପତି ଭାବେ ଗୌର ହରିଜନ, ଉପ ସଭାପତି ଭାବେ ହିମାଦ୍ରୀ କୁମାର ସ୍ୱାଇଁ, ସଂପାଦକ ଭାବରେ ବିଶ୍ୱ ରଞ୍ଜନ ଭୋଇ, ଯୁଗ୍ମ ସମ୍ପାଦକ ଭାବେ ବିଭୂତି ଭୂଷଣ ବହିଦାର, ଲାଇବ୍ରେରୀ ସମ୍ପାଦକ ଭାବେ ପ୍ରଦୀପ୍ତ ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବରେ ଡ଼ଃ ସଞ୍ଜୟ ଧଙ୍ଗଡ଼ାମାଝୀ ନିର୍ଦ୍ୱନ୍ଦରେ ମନୋନୀତ ହୋଇଥିବା ନିର୍ବାଚନ ଅଧିକାରୀ ଯୁବରାଜ ହରିଜନ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଶନିବାର ରାଜ୍ୟର ୧୫୭ଟି ଓକିଲ ସଂଘର ନିର୍ବାଚନ ଏକ ସଙ୍ଗେ ଅନୁଷ୍ଠିତ ହୋଇଛି। ୱାନ୍ ବାର୍, ୱାନ୍ ଭୋଟ୍, ୱାନ୍ ଇଲେକ୍ସନ ଆଧାରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜଣେ ଆଇନଜୀବୀ କେବଳ ଗୋଟିଏ ବାରରେ ହିଁ ଭୋଟ୍ ଦେଇଥିଲେ। ଏହିକ୍ରମରେ ଶାନ୍ତିଶୃଙ୍ଖଳାର ସହିତ ନର୍ଲା ଓକିଲ ସଂଘ ନିର୍ବାଚନ ସମାପ୍ତ ହୋଇଥିଲା।

# କ୍ୱଚିତ ଖୋଲୁଛି ଉଠା ଜଳସେଚନ କାର୍ଯ୍ୟାଳୟ




**ପ୍ରାୟ ସମୟ ଝୁଲୁଛି ତାଲା**

**ବିଞ୍ଝାରପୁର,୨୯।୩(ସଂଚାର ବ୍ୟୁରୋ):** ଜନତା ଙ୍କ ଟିକସ ଟଙ୍କା ରେ ସରକାରୀ ଅଧିକାରୀ ନେଉଛନ୍ତି ଦରମା, ଚାଲିଛି ସରକାରୀ କାର୍ଯ୍ୟାଳୟ।କିନ୍ତୁ ବିଞ୍ଝାରପୁର ରେ ଏଭଳି କାର୍ଯ୍ୟାଳୟ ଅଛି ଯାହା ମାସ ରେ ଥରେ ଖୋଲିବା ବି ମୁସ୍କିଲ ହୋଇଯାଉଛି। ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ୱାଚ ମ୍ୟାନ ଭାବେ କାର୍ଯ୍ୟରତ ଥିବା ଯୁବକ ଙ୍କ ଭରଷା ରେ କେତେବେଳେ କେମିତି ଖୋଲୁଛି ବିଞ୍ଝାରପୁର ଉଠା ଜଳସେଚନ କାର୍ଯ୍ୟାଳୟ। ଯେତେବେଳେ ଦେଖିବ ସେତେବେଳେ ବିଞ୍ଝାରପୁର ର ଅଲାର ପୁର ଠାରେ ଥିବା ଉଠା ଜଳସେଚନ କାର୍ଯ୍ୟାଳୟ ରେ ଝୁଲୁଛି ତାଲା। ନା ଆସୁଛନ୍ତି ଯନ୍ତ୍ରୀ ନା ଅନ୍ୟ କେଉଁ ବିଭାଗୀୟ ଅଧିକାରୀ। ସାଇଟ୍ ଭିଜିଟ କଥା କୁ ଆଳ କରି ଯାଜପୁର ଟାଉନ ରେ ଯନ୍ତ୍ରୀ ସୁମନ୍ତ କୁମାର ମାଝୀ ମହୋଦୟ ପ୍ରାୟ ସମୟ ଟାଉନ୍ ରେ ରହି ଯାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଯାହା ଦ୍ୱାରା ଏଠାକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକ ମାନେ ହତାଶ ହୋଇ ଫେରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଉଭୟ ଚତୁର୍ଥ ଶ୍ରେଣୀ ଏବଂ ୱାଚ ମ୍ୟାନ ଭାବେ କାର୍ଯ୍ୟରତ ଯୁବକ ଜଣଙ୍କ କେତେବେଳେ କେମିତି ଆସି କାର୍ଯ୍ୟାଳୟ ଖୋଲି ହାଜିରା ପକାଇ ପଳାଉଥିବା ଅଭିଯୋଗ ଆସିଛି। ବିଭାଗୀୟ ଯନ୍ତ୍ରୀ ସୁମନ୍ତ କୁମାର ମାଝୀ ଙ୍କୁ ଯୋଗାଯୋଗ କଲେ ସେ ଡିଭିଜନ ରେ ଥିବା କହି ଖସି ଯାଆନ୍ତି।ତେବେ ଏ କାର୍ଯ୍ୟଳୟ ର ଏଭଳି ମନମୁଖୀ ନୀତି କେବେ ବଦଳୁଛି ତାହା କେବଳ ସମୟ କହିବ।

## ଏଚ୍‌ଆଇଭି ଏଡସ୍ ସଚେତନତା କାର୍ଯ୍ୟକ୍ରମ




**ବଲାଙ୍ଗିର,୨୯।୩(ସଂଚାର ବ୍ୟୁରୋ):** ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତର ରେଡ୍ ରିବନ୍ କ୍ଲବ୍ ଓ ୟୁଥ୍ ରେଡକ୍ରସ୍ ତରଫରୁ ଏକ ଏଚ୍.ଆଇ.ଭି/ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧୀରେନ୍ଦ୍ର କୁମାର ମେହେର ମୁଖ୍ୟଅତିଥି, ଜୀବବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଅନ୍ତର୍ଯ୍ୟାମୀ ନାଏକ ମୁଖ୍ୟବକ୍ତା, ଓଡ଼ିଆ ବିଭାଗର ମୁଖ୍ୟ ପ୍ରମୋଦ କୁମାର ଦାଶ ଓ ଇଂରାଜୀ ବିଭାଗର ମୁଖ୍ୟ ଆର୍ଯ୍ୟେନ୍ଦୁ କୁମାର ମେହେର ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରି ଏଚ୍.ଆଇ.ଭି/ଏଡସର କାରଣ ଓ ସଚେତନତାହିଁ ତାର ନିରାକରଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିରେନ୍ଦ୍ର ପ୍ରତାପ ତ୍ରିପାଠୀ, ଅଙ୍କିତା ନାଏକ, ସୁକେଶ ପଟେଲ ଓ କୁଇଜ ପ୍ରତିଯୋଗିତାରେ ସୁମିତ ସାହୁ, ବିରେନ୍ଦ୍ର ତ୍ରିପାଠୀ, ଅମିସା ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାରରେ ସମ୍ମାନୀତ ହୋଇଥିଲେ। ୟୁଥ୍ ରେଡକ୍ରସର ସଂଯୋଜକ ଡକ୍ଟର ଲିଙ୍ଗରାଜ ମେହେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଂଯୋଜକ ରୁପେଶ କୁମାର ଷାଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରେଡ୍ ରିବନ୍ କ୍ଲବ୍ ଓ ୟୁଥ୍ ରେଡକ୍ରସର ସ୍ୱେଚ୍ଛାସେବୀ ସଦସ୍ୟ ତଥା ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

**ଖଜୁରୀପଡା,୨୯।୩(ସଂଚାର ବ୍ୟୁରୋ):** ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୂତି ପଡ଼ା ପଞ୍ଚାୟତ ଅଧିନସ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୂତି ପଡା ଠାରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି।ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ବାର୍ଷିକ ଉତ୍ସବ ପାଇଁ ବିଦ୍ୟାଳୟର ଛାତ୍ରୀ ଙ୍କ ମଧ୍ୟରେ ଏକ ଆନନ୍ଦର ଲହରୀ ଖେଳି ଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷା ଅନୀମା କହଁର ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟ ଶୁକଦେବ ସେଠୀ, ସ୍କୁଲ ସଭାପତି ବରୁଣ କହଁର, ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ,, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ସରପଞ୍ଚ ଜାନକୀ ଜାନି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜେଶ୍ ମୁର୍ମୁ, ରଣ ପାଟୁଲି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିନା ପାଣି ମହାପାତ୍ର, ଥାନା ଅଧିକାରୀ ଚାପଧାରି ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ ଦତ୍ତାତ୍ରେୟ ବାହିନୀପତି ପ୍ରମୁଖ ଉପସ୍ଥିତ ହୋଇ ଛାତ୍ରୀ ଏବଂ ଅବିଭାବକ ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ।ବିଦ୍ୟାଳୟର ଆରମ୍ଭ ଏବଂ ବର୍ତ୍ତମାନ ବିଦ୍ୟାଳୟର ସ୍ଥିତି ସମ୍ପର୍କରେ ଏବଂ ସମସ୍ୟା ଉପରେ ପ୍ରଧାନ ଶିକ୍ଷୟିତ୍ରୀ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଛାତ୍ରୀ ମାନଙ୍କ ଖେଳ, ସଂଗୀତ, ହସ୍ତାକ୍ଷର ଏବଂ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିବା ବେଳେ ଅତିଥିଙ୍କ ଦ୍ୱାରା ଛାତ୍ରୀ ମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ କର୍ମଚାରୀ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସହଯୋଗ କରିଥିଲେ।

# ୪୧.୯୪ ଲକ୍ଷ ଟଙ୍କାର ଅନିୟମିତତା: ୨ ପୂର୍ବତନ ପାକ୍ସ ସମ୍ପାଦକଙ୍କୁ ଗିରଫ କଲା ଭିଜିଲାନ୍ସ

**ବରଗଡ଼,୨୯।୩ (ସଂଚାର ବ୍ୟୁରୋ):** ଏକ ବଡ ଧାରଣର ଆର୍ଥିକ ଅନିୟମିତତା ମାମଲାରେ ଶନିବାର ଭିଜିଲାନ୍ସ ବରଗଡ଼ ଜିଲା କନସିଂହା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ର ୨ପୂର୍ବତନ ସମ୍ପାଦକଙ୍କୁ ଗିରଫ କରିଛି। ସେମାନେ ହେଲେ ଛବିଲ ବେହେରା ଏବଂ କାନ୍ତିଲାଲ ଭୋଇ। ୪୧ଲକ୍ଷ ୯୪ହଜାର ୭୫୬ ଟଙ୍କା ଅନିୟମିତତା ନେଇ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। କାନ୍ତିଲାଲଙ୍କ ବିରୋଧରେ ୨୧ଲକ୍ଷ ୬୪ହଜାର ୬୬୬ ଏବଂ ଛବିଲଙ୍କ ବିରୋଧରେ ୨୦ଲକ୍ଷ ୩୦ହଜାର ୯୦ ଟଙ୍କାର ଅନିୟମିତତା ମାମଲା ରହିଛି। ଭିଜିଲାନ୍ସ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି।

## ସେଣ୍ଟ ଜାଭିୟାର୍ସ ହାଇସ୍କୁଲର ନବମ ବାର୍ଷିକ ଉତ୍ସବ ପାଳିତ




**ଦଶରଥପୁର,୨୯।୩(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥ ସେଣ୍ଟ ଜାଭିୟାର୍ସ ହାଇସ୍କୁଲର ୯ମ ବାର୍ଷିକ ଉତ୍ସବ ୨୦୨୪/୨୫ ବେଶ ଧୁମଧାମରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟିର ମୁଖ୍ୟ ନିହାର ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ଜିଲ୍ଲା ଉପଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଯାଜପୁର ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମାଝୀ, ଦଶରଥପୁର ବ୍ଲକ ବିଡ଼ିଓ ଆକାଶ ପଟ୍ଟନାୟକ, ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ଦେବିଲାଲ ମଲ୍ଲିକ, ସୁବ୍ରତା ଆଇଟିଆଇ ଅଧକ୍ଷ ସୀତାକାନ୍ତ ଓଝା ପ୍ରମୁଖ ସଂମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।

ବିଦ୍ୟାଳୟର ଅଧକ୍ଷ ଦୁର୍ଯ୍ୟୋଧନ ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବିଦ୍ୟାଳୟର ଉପାଧ୍ୟକ୍ଷ ଆଲୋକ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଅନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ନାୟକ, ବିଶ୍ୱସ୍ୱିନୀ ମହାନ୍ତି, ସୁଜାତା ନାୟକ, ନିରୁପମା ସାମଲ, ସ୍ମିତା ମହାନ୍ତି, ଅପରାଜିତା ଭୋଇ, ଅକ୍ଷ୍ୟତା ମହାନ୍ତି, କିରଣ ମିଶ୍ର ପୁଷ୍ପଗୁଚ୍ଛ ଦେଇ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ନାଟକ ପରିବେଷଣ କରାଯାଇଥିବା ବେଳେ ବାର୍ଷିକ କ୍ରୀଡାରେ କୃତି ପ୍ରତିଯୋଗି ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜେଶ ମିଶ୍ର, ସୁରେଶ ବେହେରା, ଶୈଳେନ୍ଦ୍ର ମହାନ୍ତି, ଶୈଳେଶ ମହାପାତ୍ର, ସୁଧାଂଶୁ ପାତ୍ର, ମାନସ କୁମାର ସାମଲ, ବିଦ୍ୟାଧର ଓଝା, ମିଳନ ମହାନ୍ତି, ଜୟଦେବ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିପାଟଣା,୨୯।୩ (ସଂଚାର ବ୍ୟୁରୋ):** ବାଲିପାଟଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ପ୍ରାଥମିକ ବିଦ୍ୟାଳୟ ୬୪ ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବାହାନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅୱସର ପ୍ରାପ୍ତ ଶିକ୍ଷକ ତଥା ଲେଖକ କାର୍ତ୍ତିକ ଚନ୍ଦ୍ର ଦାଶ, ରବୀନ୍ଦ୍ର ମିଶ୍ର, ବିଭୁତି ଭୁଷଣ ଦାଶ, ସୁରେନ୍ଦ୍ର ବେହେରା, ପ୍ରତାପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ର କୃତିତ୍ୱ ଅର୍ଜନ କରିଥିବା ଛାତ୍ର, ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଜିଲ୍ଲା ସ୍କୁଲରେ 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ




**ଯାଜପୁର,୨୯।୩(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ପୁରାତନ ଶିକ୍ଷାନୁଷ୍ଠାନ ଯାଜପୁର ଜିଲ୍ଲା ସ୍କୁଲରେ ସରକାରୀ ନିୟମ ଅନୁସାରେ ଆଜି "ଆମ ସଂସ୍କୃତି ଆମ ଖେଳଣା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜହିରୁଦ୍ଦିନ ଖାଁ ସ୍ୱାଗତ ସମ୍ଭାଷଣ ମାଧ୍ୟମରେଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିରୂପେ ବିଶିଷ୍ଟ ପରିବେଶବିତ୍ ତଥା ସାହିତ୍ୟିକ ଡଃ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ହଜିଯାଉଥିବା ଆମ ପୁରାତନ ସଂସ୍କୃତି ଓ ପାରମ୍ପରିକ ଖେଳଣାର ପୁନରୁଦ୍ଧାର ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟ ବକ୍ତାରୂପେ ଅବସରପ୍ରାପ୍ତ ଶିକ୍ଷକ ମୋତିଉର୍ ରହେମାନ ଯୋଗଦେଇ ସଂସ୍କୃତି ଓ ଖେଳଣା ଶିକ୍ଷା ନିମନ୍ତେ ଦୁଇ ଆବଶ୍ୟକୀୟ ଉପାଦାନ ବୋଲି ମତ ଦେଇଥିଲେ। ବରିଷ୍ଠ ଶିକ୍ଷକ ବାସୁଦେବ ସେନାପତି ଅତିଥି ପରିଚୟ ପ୍ରଦାନ ସହିତ ପ୍ରସଙ୍ଗ ଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସିଆର୍‌ସିସି ସଫିଉଜ୍ ଜମାନ୍ ନିଜସ୍ୱ ମତ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତି ଓ ଖେଳଣା ଆଧାରିତ ମୋଟ୍ ୪୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଡଃ ପଣ୍ଡା ଓ ଶ୍ରୀ ରହେମାନ ସେଗୁଡ଼ିକୁ ମୂଲ୍ୟାୟନ କରିବା ପରେ ମଞ୍ଚାସିନ ଅତିଥିବୃନ୍ଦ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଂସ୍କୃତି ସମ୍ବନ୍ଧୀୟ ପ୍ରକଳ୍ପ ଗୁଡ଼ିକ ପ୍ରସ୍ତୁତିରେ ଶିକ୍ଷୟିତ୍ରୀ ପୁଷ୍ପଲତା ପଣ୍ଡା, ସଲୋନା ଦାସ, ମନିଷା ପତି, ସବିତା ଧଳ, ଅନନ୍ୟା ମହାପାତ୍ର, ସ୍ମିତାରାଣୀ ରାଉତ, ସ୍ମୃତିସଂଗିତା ବଳ, ନିବେଦିତା ସାମଲ, ପୂର୍ଣ୍ଣିମା ପୃଷ୍ଟି ଓ ଖେଳଣା ସମ୍ବନ୍ଧୀୟ ପ୍ରକଳ୍ପଗୁଡିକ ପ୍ରସ୍ତୁତିରେ ଶିକ୍ଷୟିତ୍ରୀ ସୁଚିସ୍ମିତା ମହାନ୍ତି, ପ୍ରଭାସିନୀ ରାଉତ, ଗୀତାଞ୍ଜଳି ଜେନା, ଭାନୁପ୍ରିୟା ସାହୁ, ଅଜିଜା ଖାତୁନ୍, ସଲୋନି ଅଗ୍ରୱାଲ୍, ରଶ୍ମିତା ଖିଲାର, ଶିକ୍ଷକ ନିହାର ରଞ୍ଜନ କର ଓ ଅମିତ୍ ରାଜା ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ କ୍ଷୀରୋଦମୟୀ ପତି ଧନ୍ୟବାଦ ଅର୍ପଣ କରିଥିଲେ।

**● ରାସ୍ତା ତିଆରିକୁ ପୂରିନି ବର୍ଷେ**

## ଉଠିଗଲାଣି ପିଚୁ,ମେଟାଲ

**ନବରଙ୍ଗପୁର,୨୯।୩(ସଦାଶିବ ପ୍ରହରାଜ):** ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ସଡ଼କ କାମ ଅତି ନିମ୍ନମାନର ହୋଇଥିବା ନେଇ ଜିଲା ପରିଷଦ ବୈଠକରେ ସଭ୍ୟମାନେ ଅଭିଯୋଗକରି ଆସୁଛନ୍ତି। ବିଭାଗ କିନ୍ତୁ ଅନେକ ବାହାନା ଦେଖାଇ ନିଜ ଦୋଷ ଦୁର୍ବଳତାକୁ ଲୁଚାଇ ଚାଲିଛି। ନବରଙ୍ଗପୁର ବ୍ଲକ୍ ବଗଦରି ଗାଁରୁ ଶିରିଶି ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଓ ପୋଲ ନିର୍ମାଣ ହୋଇଥିବାବେଳେ ଏହାର ରକ୍ଷାଣାବେକ୍ଷଣ ହେଉନାହିଁ। ରାସ୍ତାବସ୍ଥା ଏତେ ଶୋଚନୀୟ ଯେ ବାଇକ୍ ଯିବା ମଧ୍ୟ କଷ୍ଟକର। ଏ ଦିଗରେ ଜିଲା ପ୍ରଶାସନ ଓ ସରକାର ମଧ୍ୟ ଗୁରୁତ୍ୱ ଦିଅନ୍ତୁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ବ୍ଲକ୍ ବଗଦରି ଗାଁରୁ ଶିରିଶି ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଓ ପୋଲ ନିର୍ମାଣ ହୋଇଛି। ଭତରାସିୟୁନିରୁ ବସିନୀ ପଞ୍ଚାୟତକୁ ଯାତାୟାତ ପାଇଁ ଏହି ରାସ୍ତା ଦୂରତା କମ୍।



# କାର ଧକ୍କାରେ ବାଟୋଇଙ୍କ ଜୀବନ ଗଲା

**ବ୍ରହ୍ମପୁର,୨୯।୩(ସଂଚାର ବ୍ୟୁରୋ):** ମରଣଜନ୍ତା କୁହାଯାଉଥିବା ଜାତୀୟ ରାଜପଥ ଖଜୁରିଆ ବାଇପାସରେ ଶନିବାର ଏକ କାର ଧକ୍କାରେ ଜଣେ ବାଟୋଇଙ୍କ ଜୀବନ ଚାଲିଯାଇଛି। ମୃତକ ଜଣଙ୍କ ଫୁଲଟା ଗ୍ରାମର ବିଜୟ ନାହାକ(୪୨)। ଏନେଇ ତାଙ୍କ ଭାଇ ରଞ୍ଜନ ନାହାକଙ୍କ ଅଭିଯୋଗ ଆଧାରରେ ଟ୍ରାଫିକ ପୋଲିସ ୨୦୦/୨୫ ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ କାର ଚାଳକ ତଥା ଛତ୍ରପୁର ଏଚଡ଼ିଏଫସି ବ୍ୟାଙ୍କରେ ମ୍ୟାନେଜର ଥିବା ବ୍ରଜବାହୁ ମହାରଣା(୪୩) ଙ୍କୁ ପୋଲିସ ଗିରଫ କରିଛି। ଦୁର୍ଘଟଣା ଘଟାଇଥିବା ଇଣ୍ଡିଗୋ (କାର ନଂ ଓ ୦୭ଏମ- ୬୪୪୪) କୁ ପୋଲିସ ଜବତ କରି ଘଟଣାର ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ତାହା ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି।

## ରାସ୍ତା ପ୍ରଶସ୍ତୀକରଣ ନାଁରେ ଗଛକଟା

**ଦେଓଗାଁ,୨୯।୩ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଭୂତିଆରବାହାଲ ଛକରୁ ଦେଷଣ୍ଡ ଭାୟା ଟିକ୍ରାପଡା ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ବହୁ ପୁରାତନ ଗଛକୁ ରାସ୍ତା ପ୍ରଶସ୍ତିକରଣ ନାଁରେ କାଟି ଦିଆଯାଉଥିବା ଦେଖିବାକୁ ମିଳିଛି। ଗତ ୧୫ ଦିନ ହେଲା ଗଛକଟା ଚାଲିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତା ପାର୍ଶ୍ୱରେ ମହୁଲ, ଜାମୁକୋଳି, ଆମ୍ବ, ଚାର, ନିମ୍ବ ସମେତ ଅନ୍ୟାନ୍ୟ ମୂଲ୍ୟବାଦ ଗଛ ଅନେକ ବର୍ଷ ହେଲା ରହିଛି। ନିକଟବର୍ତ୍ତୀ ଗାଁର ଲୋକେ ଏହି ଗଛଗୁଡିକ ଉପରେ ନିର୍ଭର କରି ପୋଟ ପୋଷି ଆସୁଥିଲେ। ଏଣୁ ଉକ୍ତ ଅଞ୍ଚଳର ଅନେକ ପରିବାର ଏବେ ଜୀବନ ଜୀବିକା ହରାଇବା ଚିନ୍ତାରେ ଥିବା ବେଳେ ସେହି ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଇଛି। ମୁଖ୍ୟତଃ ପଥିକ ମାନେ ଗ୍ରୀଷ୍ମ ଋତୁରେ ଗଛର ଛାଇରେ ବିଶ୍ରାମ ନେବା ସହ ପରିବେଶ ସନ୍ତୁଳନ ରହୁଥିଲା। ବର୍ତ୍ତମାନ ଜଙ୍ଗଲ କ୍ଷୟ ସହ ଜଳବାୟୁରେ ବିରାଟ ପରିବର୍ତ୍ତନ ଆସିଛି। ଏବେ ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ମୁଖ୍ୟସଙ୍କଟ ଭାବେ ଉଭା ହେଲାଣି। ଏଣୁ ବିଭିନ୍ନ ସଂଗଠନ ସମେତ ସରକାର ମଧ୍ୟ ନୂତନ ବନୀକରଣ ଦିଗରେ ବିପୁଳ ପରିମାଣର ଅର୍ଥ ବ୍ୟୟ କରି ଚାଲିଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ସରକାରୀ ତଥ୍ୟ ଓ ପ୍ରକୃତ ବନୀକରଣ ମଧ୍ୟରେ ଅନେକ ତଫାତ ପରିଲକ୍ଷିତ ହେଉଛି। କାଗଜକଲମରେ ଶହ ଶହ ହେକ୍ଟର ଜମିରେ ବନୀକରଣ ହୋଇଥିବା ଦର୍ଶାଯାଉଥିବା ବେଳେ ପ୍ରକୃତରେ ତାହା ହୋଇ ନ ଥିବାରୁ ଜଙ୍ଗଲ ବୃଦ୍ଧି ହେଉନାହିଁ।

## ସୌନ୍ଦର୍ଯ୍ୟ ହରାଉଛି ହିଲ୍‌ଭିୟୁ ଘାଟି, ଆର୍ବଜନା ଦେଖି ମୁହଁ ମୋଡୁଛନ୍ତି ପର୍ଯ୍ୟଟକ



**ଦାରିଙ୍ଗବାଡ଼ି,୨୯।୩ (ସଂଚାର ବ୍ୟୁରୋ):** ଓଡ଼ିଶାର କଶ୍ମୀର ତଥା ପର୍ଯ୍ୟଟନ କ୍ଷେତ୍ର ପାଇଁ ଦାରିଙ୍ଗବାଡ଼ି ଦେଶ ଓ ବିଦେଶରେ ପରିଚିତ। ଦୈନିକ ଶହ ଶହ ପର୍ଯ୍ୟଟକ ଦାରିଙ୍ଗବାଡ଼ି ବୁଲିବାକୁ ଆସୁଥିବା ବେଳେ ଏବେ ଦାରିଙ୍ଗବାଡ଼ି ଅଞ୍ଚଳରେ କୁଢ଼କୁଢ଼ ପ୍ଲାଷ୍ଟିକ, ବର୍ଜ୍ୟବସ୍ତୁକୁ ନେଇ ଚିନ୍ତା ବଢ଼ିଛି ଦାରିଙ୍ଗବାଡ଼ି ଆସୁଥିବା ପର୍ଯ୍ୟଟକ ଏବେ ନାକ ଟେକିବା ଆରମ୍ଭ କରିଛନ୍ତି। ଦୈନିକ ବାହାରୁଥିବା ଅଳିଆ ଆବର୍ଜନା, ପ୍ଲାଷ୍ଟିକ କି କୌଣସି ଡମ୍ପିୟାର୍ଡ଼ରେ ପକାଇବା ବ୍ୟବସ୍ଥା ପଞ୍ଚାୟତ କିମ୍ବା ପଞ୍ଚାୟତ ସମିତି ପକ୍ଷରୁ ବ୍ୟବସ୍ଥା ନ ଥିବାରୁ ଏବେ ଅଇଁଠା ଖଲିପତ୍ର, ପ୍ଲାଷ୍ଟିକ, ବର୍ଜ୍ୟବସ୍ତୁକୁ ୫୯ ନଂ ଜାତୀୟ ରାଜପଥର ହିଲ୍‌ଭିୟୁ ଘାଟିରେ ଦୈନିକ ଗାଡ଼ି ଗାଡ଼ି ଅଳିଆ ନେଇ ରାସ୍ତା କଡ଼ରେ ପକାଇ ଦିଆଯାଉଛି। ଫଳରେ ପରିବେଶ ନଷ୍ଟ ହେବା ସହ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଯାହା ଦେଖି ପର୍ଯ୍ୟଟକ ନାକ ଟେକିବା ସହ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏଥିପ୍ରତି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ଜଙ୍ଗଲରେ ଜଳାଭାବ,ଗାଁମୁହାଁ ତୃଷାର୍ତ୍ତ ବନ୍ୟପ୍ରାଣୀ



**କାକଟପୁର/ଅସ୍ତରଙ୍ଗ,୨୯।୩(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଏବେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଗ୍ରୀଷ୍ମ ପ୍ରଭାବରେ ଜଙ୍ଗଲ ମଧ୍ୟରେ ଥିବା ଛୋଟ ଛୋଟ ପୋଖରୀ, ନିକଟରେ ବହିଯାଇଥିବା ନଦୀନାଳ ସବୁ ସୁଖୀଯାଇଥିବାରୁ ଦେବୀ ନଦୀ ନିକଟରେ ଥିବା ଜଙ୍ଗଲରେ ପାଣି ମୁନ୍ଦାଏ ପାଇଁ ବନ୍ୟପ୍ରାଣୀ ମାନେ ଡହଳ ବିକଳ ହେଉଛନ୍ତି। ଶେଷରେ ତୃଷାର୍ତ୍ତ ବନ୍ୟପ୍ରାଣୀ ମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ବନ୍ୟପ୍ରାଣୀ ମାନେ ପାଣି ଅନେଷ୍ୱଣରେ ଜଙ୍ଗଲର ତଳି ଅଞ୍ଚଳକୁ ଆସୁଥିବାରୁ ଗାଁ ଗହଳି ମଧ୍ୟରେ ପ୍ରବେଶ କରୁଥିବାର ଦେଖିବାକୁ ମିଳୁଛି।ସେହିପରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରେ ବନ୍ୟପ୍ରାଣୀ ମାନେ ଗାଁ ଗହଳିକୁ ପ୍ରବେଶ କରିବା ସହ ଗତ ବର୍ଷ ମଧ୍ୟ ବିଭିନ୍ନ ଗାଁ ପ୍ରବେଶ କରି ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ନଜିର ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ ବିଭାଗ ଅଧୀନରେ ଥିବା ଜଙ୍ଗଲରେ ହରିଣ, ବାରହା, କୁଟୁରା ଭଳି ଅନେକ ବନ୍ୟପ୍ରାଣୀ ସହିତ ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟ ରୁହନ୍ତି। ଜଙ୍ଗଲରେ ଖାଦ୍ୟ ଓ ପାନୀୟ ଜଳ ସମସ୍ୟା ଚରମ ସୀମାରେ ପହଁଚିଛି। ଗ୍ରୀଷ୍ମ ଋତୁ ଆରମ୍ଭ ନ ହେଉଣୁ ଜଙ୍ଗଲ ଭିତରେ ଥିବା ନଦୀ, ନାଳ, ଛୋଟ ଛୋଟ ପୋଖରୀ ଶୁଖିଗଲାଣି। ଏଭଳି ସ୍ଥିତିରେ ପିଇବା ପାଣି ଟୋପାଏ ପାଇଁ ବନ୍ୟପ୍ରାଣୀ ମାନେ ଆଉଟପାଉଟୁ ହେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବିଲୁଆମଣ୍ଡୁଳି ଗ୍ରାମରେ ବୁଧବାର ଦିନ ପୂର୍ବାହ୍ନ ୧୦ଘ ୩୦ମିନିଟ ସମୟରେ ଏକ ହରିଣ ଜଣେ ବ୍ୟକ୍ତିଙ୍କ ଘରେ ପ୍ରବେଶ କରିଥିବା ବେଳେ ଖବର ପାଇଁ ବନବିଭାଗ ଟିମ୍ ଉକ୍ତ ହରିଣ କୁ କାବୁ କରି ଜଙ୍ଗଲରେ ଛାଡିଥିଲେ। ଅନେକ ସ୍ଥାନରେ ଜଙ୍ଗଲ ସଫା ହେବା ଯୋଗୁଁ ଭୟଭୀତ ହୋଇ ବନ୍ୟପ୍ରାଣୀ ମାନେ ଗାଁ ମୁହାଁ ହେଉଛନ୍ତି। ସରକାର ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବିଭିନ୍ନ ଯୋଜନାରେ ବାର୍ଷିକ ଲକ୍ଷାଧିକ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ସେ ସବୁରେ ଅନିୟମିତତା କରାଯାଉଥିବାରୁ ଏଭଳି ସ୍ଥିତି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ଗ୍ରୀଷ୍ମ ପ୍ରଭାବ କୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ମାନଙ୍କ ପାଇଁ ଜଙ୍ଗଲର ନିର୍ଦ୍ଧିଷ୍ଟ ସ୍ଥାନ ମାନଙ୍କରେ କୁଣ୍ଡ କରି କିମ୍ବା କୌଣସି ଉପାୟରେ ପାଣି ରଖିଲେ ସେମାନଙ୍କ ତୃଷ୍ଣା ମେଣ୍ଟିପାରିବ। ଯାହାକି ବନ୍ୟପ୍ରାଣୀ ମାନେ ପାଣି ବିନା ଗାଁ ମୁହାଁ ହେବେ ନାହିଁ।

# ନାରୀ





## କମଳା ଫେସ୍ ପ୍ୟାକ୍‌ର ଉପକାରିତା

ବେସନ ସହିତ କମଳା ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଏହି ଫେସ୍ ପ୍ୟାକ୍ ତିଆରି କରିବା ନିମନ୍ତେ ୨ ଚାମଚ କମଳା ରସରେ ୧ ଚାମଚ ବେସନ ଓ ୧ ଚାମଚ ଗୋଲାପ ଜଳ ଭଲଭାବେ ମିଶାନ୍ତୁ। ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଏହାକୁ ମୁହଁରେ ଲଗାନ୍ତୁ। ଏହାପରେ ଧୀରେ ଧୀରେ ମସାଜ୍ କରି ଧୋଇଦିଅନ୍ତୁ। ଅଧିକ ସମୟ ଖରାରେ ରହି ସ୍କିନ୍ ଟାନିଂ ହୋଇଥିଲେ ଏହି ଫେସ୍ ପ୍ୟାକ୍ ବେଶ୍ ଲାଭ ଦେଇଥାଏ। ନଡ଼ିଆତେଲ ଓ କମଳା ଫେସ୍ ପ୍ୟାକ୍ ମଧ ମୁହଁର ଉଜ୍ଜ୍ୱଳତା ବଢ଼ାଇଥାଏ। ତ୍ୱଚା ଅତ୍ୟଧିକ ଶୁଷ୍କ ହୋଇଥିଲେ ଏହି ପ୍ୟାକ୍ ଅତ୍ୟନ୍ତ ଭଲ। ଏଥିପାଇଁ ୧ ଚାମଚ ନଡ଼ିଆ ତେଲରେ ୧ ଚାମଚ କମଳା ରସ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖିପାରିବେ। ସପ୍ତାହକୁ ୨ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଶୁଷ୍କତା କମ୍ ହେବା ସହିତ ତ୍ୱଚା ସୁନ୍ଦର ଓ ଚିକ୍କଣ ହେବ। ସେହିପରି ହଳଦୀ ଓ କମଳା ଫେସ୍ ପ୍ୟାକ୍ ମଧ ମୁହଁକୁ ସୁନ୍ଦର କରିଥାଏ। ଏହି ପ୍ୟାକ୍ ତିଆରି କରିବା ନିମନ୍ତେ କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ରଖନ୍ତୁ। ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ଗୋଲାପ ଜଳ ଓ ଅଳ୍ପ ହଳଦୀ ନେଇ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟ୍ ଅଧିକ ଗାଢ଼ ହୋଇଥିଲେ ସେଥିରେ ପାଣି ମିଶାଇ ପାରିବେ। ଏବେ ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ସପ୍ତାହକୁ ଅତି କମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାଇଲେ ମୁହଁରେ ଥିବା ସମସ୍ତ ଦାଗ, ଟାନିଂ ଓ ବ୍ରଣ ସମସ୍ୟା ଦୂରହୋଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ। କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ସେଥିରେ ସମାନ ମାତ୍ରାରେ ମୁଲତାନୀ ମାଟି ଓ ଗୋଲାପ ଜଳ ମିଶାଇ ପେଷ୍ଟ୍ ତିଆରି କରନ୍ତୁ। ଏହି ଫେସ୍ ପ୍ୟାକ୍‌କୁ ଅଧଘଣ୍ଟାରୁ ୪୦ ମିନିଟ୍ ପର୍ଯ୍ୟନ୍ତ ସେମିତି ଛାଡ଼ିଦିଅନ୍ତୁ। ଗୋଲାକାର ଭାବେ ମସାଜ୍ କରି ଏହାକୁ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସୁନ୍ଦର ଦେଖାଯିବ।





## ସଙ୍ଗୀତ ଏକ ସାଧନା ହେଲେ ବିଜ୍ଞାନ ଏକ ଅନ୍ୱେଷଣ

କିଛି ଦିନ ପୂର୍ବରୁ ଓଡ଼ିଶାରେ ଆୟୋଜିତ ହୋଇଥିଲା ପ୍ରବାସୀ ଭାରତୀୟ ଦିବସ। ଜଣେ ପ୍ରବାସୀ ଓଡ଼ିଆ ମହିଳାଙ୍କ ପ୍ରେରଣାଦାୟୀ ଯାତ୍ରା କିପରି ସମଗ୍ର ଯୁବତୀ ଓ ନାରୀ ସମାଜ ପାଇଁ ଏକ ଆନ୍ଦୋଳନ ଓ ଉଦାହରଣ ସୃଷ୍ଟି କରିଛି ସେ ବିଷୟରେ ଆଲୋଚନା କରିବାର ଅବକାଶ ପାଇଛୁ। ତାଙ୍କର ଗବେଷଣା ଅବଦାନ ଜାପାନ, ରୁଷ ଓ ଇସ୍ରାଏଲ ଭଳି ଦେଶରେ ଯଥେଷ୍ଟ ସୁନାମ ଅର୍ଜନ କରିଛି। ଡକ୍ଟର ପୁଷ୍ପଶ୍ରୀ ମିଶ୍ର ବର୍ତ୍ତମାନ ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡି.ଆର୍.ଡି.ଓ.)ର ଜଣେ ଲବ୍ଧ ପ୍ରତିଷ୍ଠିତ ବରିଷ୍ଠ ବୈଜ୍ଞାନିକ ଭାବେ ଅବସ୍ଥାପିତ। ତେବେ ଏତିକିରେ ସରିନି ତାଙ୍କର ଲମ୍ବା ପ୍ରେରଣା ପ୍ରଦାନକାରୀ ଆଦର୍ଶ ଜୀବନ କାହାଣୀ। ଜଣେ ସୁନାମଧନ୍ୟା ସୁମଧୁର ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଭାବେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ପ୍ରତିରକ୍ଷା ବୈଜ୍ଞାନିକ ଓ ଶାସ୍ତ୍ରୀୟ ସଙ୍ଗୀତ ବିଶେଷଜ୍ଞା ପୁଷ୍ପଶ୍ରୀ ବାଲ୍ୟକାଳରୁ ବିବାହ, ପାଠପଢ଼ାରୁ ପରିବାର ଲାଳନପାଳନ, ବିଜ୍ଞାନ ଗବେଷଣାରୁ ନେଇ ଶାସ୍ତ୍ରୀୟ ସଙ୍ଗୀତ ସାଧନା ପଥରେ ଅଗ୍ରସର ହେବାପାଇଁ ଅନେକ ସଂଘର୍ଷ ଓ ଆହ୍ୱାନର ମୁକାବିଲା କରିଛନ୍ତି। ସେ କେବେ ଥକି ପଡ଼ିନାହାନ୍ତି ବରଂ ସାଜିଛନ୍ତି ଜଣେ ମୂର୍ତ୍ତିମନ୍ତ ସାଧିକା। ଓଡ଼ିଶାର କୋରାପୁଟ ଜିଲ୍ଲାର ସୁଦୂର ଗୁଣପୁର ଗ୍ରାମରେ ଡକ୍ଟର ପୁଷ୍ପଶ୍ରୀ ମିଶ୍ରଙ୍କ ଜନ୍ମ। ସେ ଭୁବନେଶ୍ୱରରୁ ଶିକ୍ଷା ସମାପ୍ତ ପରେ ପଦାର୍ଥ ବିଜ୍ଞାନରେ ଗ୍ରାଜୁଏସନ୍ ଏବଂ ଦିଲ୍ଲୀ ଆଇଆଇଟିରେ ପଦାର୍ଥ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ଆରମ୍ଭ କରି ସଫଳତା ହାସଲ କରିଥିଲେ। ଜାପାନରେ ପ୍ରାୟ ୪ ବର୍ଷ ଧରି ସେ ପଦାର୍ଥବିଜ୍ଞାନରେ ଉଚ୍ଚତର ଗବେଷଣା କରିଥିଲେ। ଏହାପରେ ସେ ଡି.ଆର୍.ଡି.ଓ. ସଂସ୍ଥାନରେ ପ୍ରତିରକ୍ଷା ବିଜ୍ଞାନୀ ଭାବେ ଯୋଗ ଦେଇଥିଲେ। ବିଶ୍ୱର ସର୍ବଶ୍ରେଷ୍ଠ ପଦାର୍ଥବିଜ୍ଞାନ ଜର୍ଣ୍ଣାଲ୍ 'ଫିଜିକାଲ୍ ରିଭ୍ୟୁ ବି'ରେ ପ୍ରକାଶିତ ତାଙ୍କର 'ରମଣ ସ୍କାଟରିଙ୍ଗ୍ ଇନ୍ ସିଲିକନ୍ ନାନୋକ୍ରିଷ୍ଟାଲ୍' ସନ୍ଦର୍ଭ ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା ଏବଂ ଏଭଳି ଗବେଷଣା ତାଙ୍କୁ ରାତାରାତି ସୁଖ୍ୟାତି ଦେଇଥିଲା। ଏସବୁ ପରେ ବି ସେ ଶାସ୍ତ୍ରୀୟ ସଂଗୀତକୁ ଭୁଲି ନଥିଲେ। ଯେତେବେଳେ ପ୍ରତିରକ୍ଷା ବିଜ୍ଞାନ ପ୍ରୟୋଗଶାଳାରୁ ଟିକିଏ ସମୟ ମିଳେ, ସେ ତାନପୁରା ଧରି ସଙ୍ଗୀତ ସାଧନାରେ ଲାଗିପଡ଼ନ୍ତି। ସେଥିପାଇଁ ଜଣେ ବୈଜ୍ଞାନିକ ଭାବେ ସେ ଯେତିକି ସୁଖ୍ୟାତି ପାଇଛନ୍ତି ଜଣେ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଭାବେ ତା'ଠାରୁ ଢେର୍ ବେଶୀ ପ୍ରସିଦ୍ଧିଲାଭ କରିଛନ୍ତି। ସଂଗୀତ ମୋ ଜୀବନ ଯାତ୍ରାର ମାର୍ଗ ହେଲେ ବିଜ୍ଞାନ ମୋର ମାର୍ଗଦର୍ଶକ ବୋଲି କହନ୍ତି ପୁଷ୍ପଶ୍ରୀ ମିଶ୍ର। ପୁଷ୍ପଶ୍ରୀ ନିଜ ସଂଘର୍ଷମୟ ଯାତ୍ରାକୁ ନେଇ କହନ୍ତି, "ଝିଅ ହୋଇଥିବାରୁ ମୋ ବୋଉ ପ୍ରେମଲତା ମିଶ୍ର ସେ ସମୟର ସାମାଜିକ ପରିସ୍ଥିତରେ ବିଶେଷ ପାଠ ପଢ଼ି ପାରିନଥିଲା। ସେଥିପାଇଁ ସେ ସବୁବେଳେ ଚାହୁଥିଲା ତା' ଝିଅମାନେ ବହୁତ ପାଠପଢ଼ି ନାଁ କରନ୍ତୁ। ମୁଁ ବହୁତ ଭଲ ପଢୁଥିଲି। ବାପା ଚାହୁଥିଲେ ଇଂଜିନିୟରିଂ କିମ୍ବା ଡାକ୍ତର ହେବାକୁ, ହେଲେ ବୋଉ ଚାହୁଥିଲା ସଂଗୀତ ଶିକ୍ଷା ସହିତ ବୈଜ୍ଞାନିକ ହେବାକୁ। ମାତ୍ର ୫ ବର୍ଷ ବୟସରୁ ମୁଁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା ଆରମ୍ଭ କଲି। ମୁଁ ଶାସ୍ତ୍ରୀୟ ସଂଗୀତରେ ତଥା ଜଣେ ବୈଜ୍ଞାନିକ ଭାବେ ଯେତେସବୁ ଶ୍ରେୟ ଓ ସଫଳତା ପାଇଛି ସେସବୁର ହକ୍‌ଦାର୍ ମୋ ବୋଉ।"

ପୁଷ୍ପଶ୍ରୀ ଗାନ୍ଧର୍ବ ମହାବିଦ୍ୟାଳୟରୁ ସଙ୍ଗୀତ ଅଳଙ୍କାରରେ ସ୍ନାତକ ଡିଗ୍ରି ହାସଲ କରିଥିଲେ। ଭାରତର ଶ୍ରେଷ୍ଠ ତଥା ନିପୁଣ କିରାନା ଘରାନା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ରୂପେ ପରିଚିତ ଗୁରୁ ପଣ୍ଡିତ ମଣିପ୍ରସାଦଙ୍କଠାରୁ ସେ ସଂଗୀତ ଶିକ୍ଷାଗ୍ରହଣ କରି ନିଜକୁ ସୌଭାଗ୍ୟବତୀ ଅନୁଭବ କରନ୍ତି। ପୁଷ୍ପଶ୍ରୀ ଠୁମ୍‌ରି ଓ ଗଜଲ୍ ଆଦି ସୁଗମ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିବାରେ ନିପୁଣା। ଏଥିପାଇଁ ସେ ଅନେକ ମାନସମ୍ମାନର ଅଧିକାରିଣୀ ହୋଇଛନ୍ତି। କବୀର ଓ ମୀରାଙ୍କ ମର୍ମସ୍ପର୍ଶୀ ଭଜନ ହେଉଛି ତାଙ୍କର ପ୍ରିୟ ସଂଗୀତ। ଯଦି ଜଣେ କଣ୍ଠଶିଳ୍ପୀ କବୀର ଓ ମୀରାଙ୍କ ରଚନାର ପ୍ରତ୍ୟେକ ପଙ୍‌କ୍ତିକୁ ସୁନ୍ଦର, ସୁଲଳିତ ଓ ସାବଲୀଳ ଢଙ୍ଗରେ ଗାଇପାରିବେ ତେବେ ଜଣେ ଗାୟକ ନିଜେ ନିଜ ଭିତରେ ଥିବା ମାନବବାଦ, ଦାର୍ଶନିକ ଓ ଐଶ୍ୱରିକ ଭାବାବେଗକୁ ଅନୁଭବ କରିବା ସହିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଏହାର ବାର୍ତ୍ତା ବାଣ୍ଟିବାକୁ ସକ୍ଷମ ହୋଇପାରିବେ। କବୀର ଓ ମୀରାଙ୍କ କବିତାରେ ଧାର୍ମିକ ପରିଧିକୁ ପାର ହୋଇ ଆଧାତ୍ମିକ ଅଲୌକିକତାର ଉଚ୍ଛ୍ୱାସ ଆଜିର ନାରୀ ସମାଜ ପାଇଁ ସବୁଠାରୁ ବଡ଼ ଆଦର୍ଶ। ସେହିପରି କୃଷ୍ଣ ଭଜନର ଗାମ୍ଭୀର୍ଯ୍ୟ ଓ ମାଧୁର୍ଯ୍ୟର ପ୍ରାଚୁର୍ଯ୍ୟ ପଥଭ୍ରଷ୍ଟ ସମାଜର ଜନସାଧାରଣଙ୍କ ପାଇଁ ସାତ୍ତ୍ୱିକ ପ୍ରେମ ମାଧମରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିବ। ସଙ୍ଗୀତର ସ୍ୱର ଯେପରି ମଣିଷ ଜୀବନରେ ଭକ୍ତି ଓ ଶାନ୍ତି ଭରିଦେଇ ରୂପ-ରସ-ଛନ୍ଦରେ ମନକୁ ମତୁଆଲା କରିଥାଏ, ଠିକ୍ ସେହିପରି ବିଜ୍ଞାନର ଅନ୍ୱେଷଣ ମଣିଷ ଜାତି ପାଇଁ କଲ୍ୟାଣକାରୀ ସାଜିବା ସହିତ ମାନବ ଜାତିକୁ ସର୍ବଦା ସୁରକ୍ଷା ପ୍ରଦାନ କରିଥାଏ ବୋଲି କହନ୍ତି ଡକ୍ଟର ପୁଷ୍ପଶ୍ରୀ ମିଶ୍ର।

ନିଜ ଜୀବନର ଅଭୁଲା ଦୁଃଖଦ ଅନୁଭୂତି ପ୍ରସଙ୍ଗରେ ସେ କହନ୍ତି, "ଯେଉଁଦିନ ମୁଁ ଭୁବନେଶ୍ୱର ଛାଡ଼ି ପାଠ ପଢ଼ିବାକୁ ଦିଲ୍ଲୀ ଆଇଆଇଟି ଆସିଲି ସେତେବେଳେ ମୋର ପ୍ରଥମ ସଂଗୀତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ମନଦୁଃଖ ମୋ ଜୀବନର ସବୁଠାରୁ ବଡ଼ ଅଭୁଲା ଯନ୍ତ୍ରଣା ହୋଇ ରହିଗଲା"। ପ୍ରତିରକ୍ଷା ପ୍ରସଙ୍ଗରେ ଡକ୍ଟର ପୁଷ୍ପଶ୍ରୀ ମିଶ୍ର କହନ୍ତି, "ଭବିଷ୍ୟତର ଯୁଦ୍ଧରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କ୍ୱାଣ୍ଟମ୍ ଟେକ୍‌ନୋଲୋଜି ଓ ଅନ୍‌ମ୍ୟାନ୍‌ଡ ଏରିଏଲ୍ ଭେଇକିଲ୍‌ସ (ୟୁ.ଏ.ଭି.) ବା ଡ୍ରୋନ୍ ଭଳି ଜ୍ଞାନକୌଶଳ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏ ଦିଗରେ ଭାରତୀୟ ପ୍ରତିରକ୍ଷା ଗବେଷଣା ଯଥେଷ୍ଟ ଗୁରୁତ୍ୱ ଦେଇ ଅଗ୍ରସର ହେଉଛି।"

> ଝିଅ ହୋଇଥିବାରୁ ମୋ ବୋଉ ପ୍ରେମଲତା ମିଶ୍ର ସେ ସମୟର ସାମାଜିକ ପରିସ୍ଥିତରେ ବିଶେଷ ପାଠ ପଢ଼ି ପାରିନଥିଲା। ସେଥିପାଇଁ ସେ ସବୁବେଳେ ଚାହୁଥିଲା ତା' ଝିଅମାନେ ବହୁତ ପାଠପଢ଼ି ନାଁ କରନ୍ତୁ। ମୁଁ ବହୁତ ଭଲ ପଢୁଥିଲି। ବାପା ଚାହୁଥିଲେ ଇଂଜିନିୟର୍ କିମ୍ବା ଡାକ୍ତର ହେବାକୁ, ହେଲେ ବୋଉ ଚାହୁଥିଲା ସଂଗୀତ ଶିକ୍ଷା ସହିତ ବୈଜ୍ଞାନିକ ହେବାକୁ। ମାତ୍ର ୫ ବର୍ଷ ବୟସରୁ ମୁଁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା ଆରମ୍ଭ କଲି। ମୁଁ ଶାସ୍ତ୍ରୀୟ ସଂଗୀତ କ୍ଷେତ୍ରରେ ତଥା ଜଣେ ବୈଜ୍ଞାନିକ ଭାବେ ଯେତେସବୁ ଶ୍ରେୟ ଓ ସଫଳତା ପାଇଛି ସେସବୁର ହକ୍‌ଦାର୍ ମୋ ବୋଉ।' ଡକ୍ଟର ପୁଷ୍ପଶ୍ରୀ ମିଶ୍ର

## ସବୁଠାରୁ ଲୋଭନୀୟ ମହିଳା କ୍ରୀଡ଼ା



ବିଶ୍ୱ ସ୍ତରରେ 'ପିଲ୍‌କବଲ୍' ନାମକ କ୍ରୀଡ଼ା ମହିଳା କ୍ରୀଡ଼ାବିତ୍‌ଙ୍କ ଲାଗି ଏକ ଅତ୍ୟନ୍ତ ଲୋଭନୀୟ ଖେଳ ଭାବେ ଉଭା ହୋଇଛି। ବିଗତ ପାଞ୍ଚ ବର୍ଷରେ ଏହାର ଲୋକପ୍ରିୟତା ବହୁଗୁଣିତ ହୋଇଥିବାରୁ କ୍ରୀଡ଼ାବିତ୍‌ମାନଙ୍କୁ ଏହାର ଆର୍ଥିକ ପୁରସ୍କାର ମିଳୁଛି। ଜଣେ ପେସାଦାର ମହିଳା ପିକ୍‌ଲବଲ୍ କ୍ରୀଡ଼ାବିତ୍ ହାରାହାରି ୨ କୋଟି ଟଙ୍କାରୁ ଅଧିକ ଆୟ କରିଛନ୍ତି। ଏହି ଖେଳର ଲୋକପ୍ରିୟତା ବୃଦ୍ଧିର ମୁଖ୍ୟ କାରଣ ହେଲା ଏଥିରେ ଉଭୟ ପୁରୁଷ ଓ ମହିଳାମାନେ ମିଳିତ ଭାବେ ଗୋଟିଏ କୋର୍ଟରେ ଖେଳିଥାନ୍ତି ଏବଂ ମହିଳାଙ୍କୁ ପୁରୁଷଙ୍କ ସହ ପ୍ରତିଯୋଗିତା କରିବାର ସମାନ ସୁଯୋଗ ମିଳିଥାଏ। ଆନୁଷ୍ଠାନିକ ତଥ୍ୟ ଅନୁସାରେ ମହିଳା ପିକ୍‌ଲବଲ୍ ଖେଳାଳିମାନ ପୁରୁଷଙ୍କୁ ଅତିକ୍ରମ କରିବାକୁ ଲାଗିଛନ୍ତି। ମିଶ୍ରିତ ଯୁଗ୍ମ ଖେଳରେ ମହିଳା ଖେଳାଳିଙ୍କୁ ଦୁର୍ବଳ ମନେ କରାଯାଉଥିବାରୁ ସେମାନଙ୍କ ଆଡ଼କୁ ପ୍ରତିପକ୍ଷ ଖେଳାଳିମାନେ ଅଧିକ ବଲ୍ ମାରିଥାନ୍ତି। ହେଲେ ଏହି ଖେଳକୁ ନେଇ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ପିକ୍‌ଲବଲ୍ କୋର୍ଟରେ ଉକ୍ତ ରଣକୌଶଳ ଭୁଲ୍ ପ୍ରମାଣିତ ହେଉଛି, କାରଣ ମହିଳା କ୍ରୀଡ଼ାବିତ୍‌ମାନେ ଅସାଧାରଣ ଦକ୍ଷତା ଓ ନମନୀୟତା ଦେଖାଉଛନ୍ତି। ଏହା କ୍ରୀଡ଼ାକ୍ଷେତ୍ରରେ ପାରମ୍ପରିକ ଲିଙ୍ଗଭେଦକୁ ଆହ୍ୱାନ କରୁଛି। ଏହି କ୍ରୀଡ଼ାର ଲୋକପ୍ରିୟତା ସାଙ୍ଗକୁ ଏଥିରେ ନିବେଶ ମଧ ବଢ଼ିଚାଲିଛି। ତେଣୁ ମହିଳାଙ୍କ ଲାଗି ଏହି କ୍ରୀଡ଼ା ଆଗକୁ ସଫଳତାର ଅପ୍ରତ୍ୟାଶିତ ସୁଯୋଗ ସୃଷ୍ଟି କରିବାକୁ ଯାଉଛି ବୋଲି କୁହାଯାଇପାରେ।

## ରାତିରେ ଖାଆନ୍ତୁ ନାହିଁ ଏସବୁ ଖାଦ୍ୟ

ଖାଦ୍ୟ ସମସ୍ତଙ୍କ ଜୀବନର ଆଧାର। ହେଲେ ଜାଣନ୍ତି କି, ଯେକୌଣସି ଖାଦ୍ୟ ପ୍ରତ୍ୟେକ ସମୟରେ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ। କାରଣ ଏମିତି କିଛି ଖାଦ୍ୟ ରହିଛି, ଯାହାକୁ ରାତିରେ ଖାଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ଜାଣିବା ରାତିରେ କ'ଣ ଖାଇବା ଉଚିତ ନୁହେଁ...

- **ତେଲ ମସଲାଯୁକ୍ତ ଖାଦ୍ୟ:** ରାତ୍ର ଭୋଜନରେ ଏଭଳି ଖାଦ୍ୟକୁ ସାମିଲ କରିବା ଦ୍ୱାରା ସହଜରେ ଖାଦ୍ୟ ହଜମ ହୋଇ ନପାରି ଏସିଡିଟି, ଗ୍ୟାସ୍ ଓ ଛାତି ପୋଡ଼ିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏଭଳି ଖାଦ୍ୟ ରାତିରେ ଆଦୌ ଖାଆନ୍ତୁ ନାହିଁ ଏବଂ ଅନ୍ୟ ସମୟରେ ମଧ କମ୍ ଖାଆନ୍ତୁ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର।
- **ଫଳ:** ଫଳ କାହାକୁ ବା ପସନ୍ଦ ନୁହେଁ! ତେବେ ଫଳ ମଧରେ ବର୍ଷର ସବୁ ସମୟରେ ସହଜରେ ମିଳୁଥିବା କଦଳୀ ଖାଇବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ଏଥିରେ ଅନେକ ପୋଷକତତ୍ତ୍ୱ ମଧ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ।
- **ଚା, କଫି:** ସକାଳୁ ଉଠିଲେ ଓ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅନେକଙ୍କର ଅଭ୍ୟାସ ରହିଛି। ହେଲେ ଏକ ଗବେଷଣା ଅନୁଯାୟୀ, ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁଁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ।
- **ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ବହୁତ ଲୋକ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଖାଇଲେ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହାବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର୍ ମଣିଷଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।



## ପ୍ରେମର ମନ୍ଥର ଶୈଳୀକୁ ଫେରୁଛନ୍ତି ଯୁବପିଢ଼ି

ଜେନେରେସନ୍ ଜେଡ୍ ବା ୧୯୯୭ରୁ ୨୦୧୨ ମଧରେ ଜନ୍ମଗ୍ରହଣ କରିଥିବା ଯୁବଗୋଷ୍ଠୀ ଏବେ ପ୍ରେମର ଏକ ନୂଆ ଶୈଳୀ ଆପଣାଇବାର ଦେଖାଯାଉଛି। ଅତ୍ୟାଧୁନିକ ପ୍ରଯୁକ୍ତି ସହ ବଡ଼ ହୋଇଥିବା ଏହି ଗୋଷ୍ଠୀ ରୋମାଣ୍ଟିକ୍ ସାଥୀ ଖୋଜିବା ପାଇଁ ବିଭିନ୍ନ ଡେଟିଂ ଆପ୍ ବ୍ୟବହାର କରିଥାନ୍ତି ବୋଲି ବିଭିନ୍ନ ସର୍ବେକ୍ଷଣ କହିଥାଏ। ତେବେ ବର୍ତ୍ତମାନ ଏମାନେ ତ୍ୱରିତ ପ୍ରେମ ସମ୍ପର୍କ ଗଢ଼ିବାର ମୋହ ଛାଡ଼ି ପୁରୁଣା ଶୈଳୀରେ ଧୀରେସୁସ୍ଥେ ସମ୍ପର୍କ ଗଢ଼ିବାର ପ୍ରକ୍ରିୟା ଆଡ଼କୁ ଅଧିକ ଆକର୍ଷିତ ହେଉଛନ୍ତି। ଏହାକୁ 'ସିମର୍ ଡେଟିଂ' ବୋଲି କୁହାଯାଉଛି।



ସିମର୍ ଡେଟିଂ ଶୈଳୀ ଅନୁସାରେ ଦୀର୍ଘକାଳୀନ ପ୍ରକ୍ରିୟାରେ ଜଣଙ୍କ ବିଷୟରେ ଜାଣିବା ଓ ସମ୍ପର୍କରେ ଅଗ୍ରଗତି କରିବା ଗୁରୁତ୍ୱପୂର୍ଣ୍ଣ। ଆରାମଦାୟକ ଗତିରେ ବନ୍ଧନକୁ ସୁଦୃଢ଼ କରିବା ସହିତ ଭବିଷ୍ୟତର ଆକାଂକ୍ଷାଗୁଡ଼ିକୁ ଆଲୋଚନା କରିବା ଦ୍ୱାରା ପ୍ରେମୀଯୁଗଳ ଅଧିକ ଗଭୀର ଓ ଅର୍ଥପୂର୍ଣ୍ଣ ବୁଝାମଣା ସୃଷ୍ଟି କରିପାରିବେ। ଏହି ଡେଟିଂ ଶୈଳୀର ନାମ ନୂଆ ହୋଇଥିଲେ ହେଁ ଭାରତୀୟ ସଂସ୍କୃତିରେ ଏହାର ଖିଅ ପୁରୁଣା। ୧୯୯୦ ଦଶକରେ ବିବାହିତ ଦମ୍ପତିମାନେ ଏହି ପ୍ରକ୍ରିୟାରେ ପରସ୍ପରଙ୍କୁ ଜାଣି, ବୁଝି ବିବାହର ନିଷ୍ପତ୍ତି ନେଉଥିଲେ, ଯେଉଁ କାରଣରୁ ସେମାନଙ୍କ ସମ୍ପର୍କ ଦୀର୍ଘସ୍ଥାୟୀ ହୋଇଥାଏ। ତେବେ ଆଧୁନିକ ସମ୍ପର୍କରେ ବସ୍ତୁବାଦ ଅତ୍ୟଧିକ ଗୁରୁତ୍ୱ ପାଉଥିବାରୁ ଆଜିର ଯୁବପିଢ଼ି କୌଣସି ସମ୍ପର୍କରେ ଦୀର୍ଘ ସମୟ ରହିବା କଷ୍ଟକର ହୋଇପଡୁଛି। ତେବେ ଜେନେରେସନ୍ ଜେଡ୍‌ର ଯୁବକଯୁବତୀ ବିଳମ୍ବରେ ହେଉ ପଛେ ବୁଝିଲେଣି ଯେ ପ୍ରେମ ଓ ବିବାହ ପରି ବନ୍ଧନର ପ୍ରକୃତ କେନ୍ଦ୍ର ପରସ୍ପରଙ୍କ ଦୋଷତ୍ରୁଟିକୁ ଗ୍ରହଣ କରିନେବା, ଆହ୍ୱାନପୂର୍ଣ୍ଣ ସମୟରେ ନିରନ୍ତର ସମର୍ଥନ ଯୋଗାଇବା ଓ ଏକାଠି ବିତାଉଥିବା ଅର୍ଥପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରିବା ଭଳି ଜିନିଷରେ ନିହିତ। ତେଣୁ ସେମାନେ ପରସ୍ପରଙ୍କୁ ବୁଝିବା ଲାଗି ସମୟ ଓ ଧୈର୍ଯ୍ୟ ବିନିଯୋଗ କରିବାକୁ ପ୍ରସ୍ତୁତ ହେଲେଣି।

## ସଫେଇ ପାଇଁ ରାଜକୋଷରୁ ଖର୍ଚ୍ଚ ହେଉଛି ମୋଟା ଅଙ୍କର ଅର୍ଥ

# ଅଳିଆଗଦାରେ ବଲାଙ୍ଗୀର ସହର



**ବଲାଙ୍ଗୀ,୨୯।୩(ସଂଚାର ବ୍ୟୁରୋ):** ବଲାଙ୍ଗୀର ପୌର ପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଉଛି। ସହରର ସବୁ ୱାର୍ଡରୁ ଅଳିଆ ଉଠାଇବା ପାଇଁ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ୨୨ଟି ୱାର୍ଡରେ ପ୍ରତିଦିନ ୨ଶହ ସଫେଇ କର୍ମଚାରୀ କାମ କରନ୍ତି। ୮ଟି ଟ୍ରାକ୍ଟର ଏବଂ ପୌର ପରିଷଦର ନିଜସ୍ୱ ଟ୍ରାକ୍ଟର ସହ ବ୍ୟାଟେରୀ ଗାଡ଼ି ଗୁଡ଼ିକ ୱାର୍ଡ ୱାର୍ଡ ବୁଲି ଅଳିଆ ସଂଗ୍ରହ କରୁଛି। କିନ୍ତୁ ରାସ୍ତା କଡ଼ରେ ପଡ଼ିଥିବା ଅଳିଆ ଆବର୍ଜନା ସେମିତି ପଡ଼ି ରହୁଛି। କୁଢ଼କୁଢ଼ ଅଳିଆ ଗଦାରେ ସହର ପରିବେଶ ପ୍ରଦୂଷିତ ହେଉଛି। ବଲାଙ୍ଗୀର ପୌରପାଳିକାରେ କଟକର ଚନ୍ଦନ ଏଜେନ୍ସି ସଫେଇ ଦାୟିତ୍ୱ ନେଇଛି। ମାସକୁ ୨୧ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଦୀର୍ଘ ଦିନ ଧରି ଗୋଟେ ସଂସ୍ଥା କାମ କରି ଆସୁଥିବାରୁ ମନମାନୀ କରୁଛି। ଅଳିଆ ସଫା ନକରି ଟଙ୍କା ନେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ସେପଟେ ବଲାଙ୍ଗୀର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯିବାରୁ, ସେ ଏହା ଉପରେ ଶୀଘ୍ର ପଦକ୍ଷେପ ନେବେ ଓ ସମ୍ପୂର୍ଣ୍ଣ ଘଟଣା ଉପରେ କଡ଼ା ଦୃଷ୍ଟି ଦେବେ ବୋଲି କହିଛନ୍ତି। ପଡ଼ା ବୁଲିବୁଲି ଅଳିଆ ଗାଡ଼ି ଅଳିଆ ସଂଗ୍ରହ କରୁଥିବାରୁ ଲୋକ ୟୁଜର୍ସ ଫି ଦେଇଥାନ୍ତି, ଏଭଳି ବ୍ୟବସ୍ଥା ସତ୍ତ୍ୱେ ସହରର ମୁଖ୍ୟ ସ୍ଥାନରୁ ଅଳିଆ ନଉଠିବା ଅସନ୍ତୋଷର କାରଣ ହୋଇଛି।

## ଦହିକୋଟୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ବେତନଟୀ,୨୯।୩(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଟିଉ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ସରିତା ସାହୁଙ୍କ ସଂଯୋଜନା ରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ସମାଜସେବୀ ଇ. ସୁଶାନ୍ତ ବଳ, ମୁଖ୍ୟବକ୍ତା ମୟୁରଭଞ୍ଜ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ସମ୍ମାନିତ ଅତିଥି ସିଆରସିସି କାନ୍ଦୁରା ମାଝୀ, ୱାର୍ଡ ସଭ୍ୟା ଶକୁନ୍ତଳା ମହାନ୍ତ, ପରିଚାଳନା କମିଟି ସଦସ୍ୟ ଶରତ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ଅଗ୍ର ପୂଜ୍ୟ ଶ୍ରୀଗଣେଶ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଶ୍ରୀମତୀ ସାହୁ ବେଦ ମନ୍ତ୍ର ଉଚ୍ଚାରଣ କରିବାପରେ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଯେଉଁ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ସେମାନଙ୍କୁ ସ୍ମରଣ କରାଯାଇଥିଲା। ଅତିଥି ଗଣ ଗୁରୁ ଶିଷ୍ୟ ଙ୍କ ମଧ୍ୟରେ ଥିବା ଭକ୍ତି ଭାବ କିପରି ଅବକ୍ଷୟ ହେବାରେ ଲାଗିଛି ସେ ସମ୍ପର୍କରେ କେତେକ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସୁଲୋଚନା ଓ ସନ୍ତୋଷ ବଳ ମେଧା ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ଭକ୍ତି ମୂଳକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ ର ଅଭାବ ଅସୁବିଧା ସମ୍ପର୍କ ରେ କେତେକ ତଥ୍ୟ ଉପସ୍ଥାପନା କରିଥିଲେ। ବିଦ୍ୟାଳୟ ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା ପ୍ରିୟଙ୍କା ସାହୁ, ଶୁଭସ୍ମିତା ବେହେରା, ପଞ୍ଚାନନ ଗଙ୍ଗାଇ, କ୍ଷୀରୋଦ ମହାନ୍ତି, ମମତା ସାମଲ, କଳ୍ପନା ଓତା, ଧ୍ରୁବ ମହାନ୍ତ, ଗଣେଶ୍ୱର ମହାନ୍ତ, ତପସ୍ୱିନୀ ଓଝା, ସତ୍ୟଜିତ ନାୟକ, ବିଳାସିନୀ ସାହୁ, ପ୍ରଦୀପ ମହାନ୍ତ, ଦୀପକ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶ୍ରୀମତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୩ ଜଣ ହିତାଧିକରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ



**ଖଜୁରୀପଡ଼ା,୨୯।୩ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ଦିନ ବ୍ୟକ୍ତିଗତ ଏବଂ ଗୋଷ୍ଠୀ ଗତ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି।ନୂଆଁ ଗାଁ ପଞ୍ଚାୟତର ବାଲିଶୁଗ୍ରି, ବରେ ଗୁଡ଼ା ଏବଂ ଦଳ ପଡା ପଞ୍ଚାୟତର ଡାଞ୍ଜୁ ଗାଁର ୭୩ଜଣ ହିତାଧିକାରୀ ଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ତହସିଲଦାର ଶୁଭଶ୍ରୀ ରଥ, ରେଭନ୍ୟୁ ସୁପର୍ ଭାଇଜର ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ, ରାଜସ୍ୱ ନୀରିକ୍ଷକା ପ୍ରଜ୍ଞା ପରମିତା ପ୍ରଧାନ, ଏଫ୍. ଆର୍.ଏ. କୋଡ଼ିନେଟର ରମାକାନ୍ତ ସାହାଣୀ, ସହକାରୀ ସୋମନାଥ ସାହା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯାଇ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯିବ ତାସହିତ ଜଙ୍ଗଲ ସୁରକ୍ଷା ଉପରେ ସଚେତନା କରାଯିବ ବୋଲି ସୂଚନା ମିଳିଛି।

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଇଡ଼ାରେ ପ୍ରଥମ ବାର୍ଷିକ ଉତ୍ସବ



**କନ୍ଧମାଳ,୨୯।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ସଦର ବ୍ଲକ ବଇଡା ସ୍ଥିତ ଦିନାରସିଂ ସ୍ମୃତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ପି ଏମ ଶ୍ରୀ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଲାଲ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସଦସ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୟର ସଦୁପଯୋଗ କରି ଶିକ୍ଷାଗ୍ରହଣ କରି ଛାତ୍ରଛାତ୍ରୀ ନିଜକୁ ଦେଶମାତୃକାର ସେବାରେ ଉତ୍ସର୍ଗୀକୃତ କରିବାକୁ ଆହ୍ୱାନ ଦେଇଥିଲେ। ସରପଞ୍ଚ ଆଲୋକ କହଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଶିକ୍ଷାଗ୍ରହଣ ଉପରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଦିନାରସିଂ ସ୍ମୃତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଜଗନ୍ନାଥ ପ୍ରଧାନ ଯୋଗଦେଇଥିବା ବେଳେ ଅନ୍ୟ ଅଥିତି ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଶ୍ୱମ୍ବର ପ୍ରଧାନ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବେଲାଳସେନ କହଁର, ବରିଷ୍ଠ ଶିକ୍ଷକ ସାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯଇଥିବା ବେଳେ କ୍ରୀଡା ଶିକ୍ଷକ କୃଷ୍ଣ ଚନ୍ଦ୍ର ଗୌଡ଼ ଏବଂ ଧନ୍ଦାମୂଳକ ପ୍ରଶିକ୍ଷକ କୃପା ମୁଖୀ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ମଧ୍ୟ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଭିଯୋଗ ପରେ ବି ପୁନର୍ବାର କାର୍ଯ୍ୟାଦେଶ

### ଗୋଚର ଜମିରେ ପୋଖରୀ ଖୋଳା



**ନୀଳଗିରି,୨୯।୩(ସଂଚାର ବ୍ୟୁରୋ):** ଏକ ଗୋଚରଜମିକୁ ଜବରଦଖଲ ପରେ ଉକ୍ତ ଜମିଉପରେ ସରକାରଙ୍କ ନିୟମକୁ ଉଲଂଘନ କରି ପୋଖରୀଖୋଳା ଯୋଜନାରେ ଦୁଇଦୁଇ ଥର ପୋଖରୀ ଖୋଳାଯିବା ପାଇଁ କାର୍ଯ୍ୟାଦେଶ ମିଳିବା, ସରକାରୀ ବାବୁଙ୍କ ସଂପୃକ୍ତି ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ବିବାଦୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଅଧିନ ଆରବନ୍ଧ ପଞ୍ଚାୟତ ବଡ଼ପାଳସା ଗ୍ରାମରେ। ଉକ୍ତ ଗ୍ରାମର ଡିଲର ରତ୍ନାକର ବେହେରା ୧୦ବର୍ଷ ପୂର୍ବରୁ ଉକ୍ତ ଗୋଚରଜମିକୁ ନିଜ ହେପାଜତକୁ ଆଣିବାପରେ ଉଦ୍ୟାନ ବିଭାଗପକ୍ଷରୁ ତିନିବର୍ଷ ପୂର୍ବେ ଏକ ପୋଖରୀ ଖୋଳିଥିଲେ।ପୋଖରୀଖୋଳା ଆରମ୍ଭ ବେଳେ ଗ୍ରାମବାସୀ ଉକ୍ତ ଜମିଉପରେ ଅଙ୍ଗନୱାଡ଼ି କେନ୍ଦ୍ର କରିବାପାଇଁ ପ୍ରସ୍ତାବ ରଖିଥିବା ବେଳେ ସରକାରୀ ନିୟମକୁ ଫୁ କରି ଡିଲର ବାବୁଜଣକ ପୋଖରୀ ଖୋଳିଥିଲେ ହେଁ ଅଭିଯୋଗ ପରେ ବିଲ ବନ୍ଦ ରହିଥିଲା। ପୋଖରୀ ଖୋଳୁଥିବା ଠିକାଦାର ଜଣକ ପଇସା ପାଇନଥିବା ଏବଂ ସଂପୃକ୍ତ ଡିଲରଙ୍କୁ ପଇସା ଫେରାଇବା ପାଇଁ ସେତେବେଳେ ଅଡି ବସିଥିବା ଶୁଣିବାକୁ ମିଳିଥିଲା। ପୁଣି ଚଳିତବର୍ଷ ଉକ୍ତ ଗୋଚରଜମିରେ ଖୋଳାଯାଇଥିବା ଉକ୍ତ ପୋଖରୀରେ ଫିସାରୀବିଭାଗ ପକ୍ଷରୁ ପୋଖରୀ ଖୋଳାପାଇଁ କାର୍ଯ୍ୟାଦେଶ ପାଇଥିବା ବେଳେ ଜେସିବି ମେସିନ ଲଗାଇ ପୁଣି ପୋଖରୀ ଖୋଳାଚାଲିଥିବା ଦେଖାଯାଇଛି।ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ପୋଖରୀଖୋଳା ଚାଲିଥିବା ଜଣାଯାଇଛି। ଏସମ୍ପର୍କରେ ମତ୍ସ୍ୟବିଭାଗ ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟିଙ୍କୁ ପଚାରିବାରୁ ଏସବୁ ବେଆଇନ କାମ ବୋଲି ଜାଣିବାପରେ କାର୍ଯ୍ୟାଦେଶ ବାତିଲ କରିଛନ୍ତି ବୋଲି କହିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠେ ସର୍ଜମିନ ଓ ଦସ୍ତାବିଜ ଯାଞ୍ଚ କରିସାରିବା ପରେ କିପରି ଭାବେ ଏଭଳି ବିବାଦୀୟ ଜମି ଉପରେ କାର୍ଯ୍ୟାଦେଶ ଦିଆଗଲା ତାହା ଚଞ୍ଚକତା ନୁହେଁ କି? ଅନ୍ୟଦିଗରେ ବିଭାଗର କାରନାମା ପଦାରେ ପଡ଼ିବା ଭୟରେ ଏଭଳି ବୟାନ୍ ବାଜି କେତେ ଦୂର ସମୁଚିନ ବୁଦ୍ଧିଜୀବି ମହଲରେ ଆଲୋଚନା ଜୋର ଧରିଛି। ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣ ରେ ଦାବି ହେଉଛି।

## ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ




**କନ୍ଧମାଳ,୨୯।୩(ସଂଚାର ବ୍ୟୁରୋ):** ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ ଓ ଧରା ପଡ଼ିଥିବା ରାଜସ୍ୱ ନିରୀକ୍ଷକ ଜଣକ ହେଉଛନ୍ତି ଦେବାଶିଷ ନାଏକ ଓ ସେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ତହସିଲ ଅଧୀନରେ ଥିବା କ୍ରାଣ୍ଡିବାଲି ରାଜସ୍ୱ ନିରୀକ୍ଷକ ଭାବରେ କାର୍ଯ୍ୟ କରୁଥିଲେ ଓ ଫିରିଙ୍ଗିଆ ବ୍ଲକ ପାହିରେଜୁ ପଞ୍ଚାୟତ ଅଧୀନରେ ଥିବା କୁଷ୍ମାଜୁ ଗାଁର ସୁଦର୍ଶନ କହଁର ଆବାସ ଯୋଜନାରେ ରାଜ୍ୟ ସରକାରଙ୍କ ତରଫରୁ ପାଇଥିବା ଗୃହ ନିର୍ମାଣ ପାଇଁ ଇଟା ଭାଟି କରିଥିଲେ ଓ ସମ୍ପୃକ୍ତ ଆରଆଇ ଜଣକ ଏହି ଇଟାଭାଟି ବେଆଇନ ଭାବରେ କରିଛ କହି ଧମକଚମକ ଦେଇଥିଲେ ଓ ପରେ ସାତ ହଜାର ଟଙ୍କା ଦେଲେ କିଛି ହବନି କହି ଲାଞ୍ଚ ମାଗିଥିଲେ ଓ ଏହି ଘଟଣାକୁ ନେଇ ସୁଦର୍ଶନ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ ଓ ଯୋଜନା ମୁତାବକ ଫୁଲବାଣୀ ଭିଜିଲାନ୍ସ ଡ଼ିଏସପି ହେମନ୍ତ କୁମାର ମହାନ୍ତିଙ୍କ ସହ ଏକ ଟିମ ପ୍ରସ୍ତୁତ ହୋଇ କ୍ରାଣ୍ଡିବାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଜଗି ରହିଥିଲେ। ରାଜସ୍ୱ ନିରୀକ୍ଷକ ଜଣକ ସୁଦର୍ଶନଙ୍କ ଠାରୁ ସାତ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଟିମ ମାଡି ବସିଥିଲେ। ଅଧିକ ପଚରା ଉଚୁରା ପାଇଁ ପ୍ରଥମେ ତାଙ୍କୁ ଫିରିଙ୍ଗିଆ ତହସିଲ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରୁ ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ପଚରାଉଚୁରା କରାଯାଉଥିବା ବିଭାଗ ତରଫରୁ ସୂଚନା ମିଳିଛି ।

## ବାରର ନିର୍ବାଚନ ଫଳାଫଳ



**ବେତନଟୀ,୨୯।୩(ସଂଚାର ବ୍ୟୁରୋ):** ସମଗ୍ର ରାଜ୍ୟବ୍ୟାପୀ ଓକିଲ ସଂଘ ମାନଙ୍କର ଏକ ବର୍ଷର ଅବଧି ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି।ମୋଟ ୪୧ ସଦସ୍ୟ ବିଶିଷ୍ଟ ବେତନଟୀ ଓକିଲ ସଂଘର ୨୯ ତାରିଖର ଏହି ନିର୍ବାଚନରେ ୩୮ ଜଣ ଓକିଲ ଅଂଶ ଗ୍ରହଣ କରିଥିଲେ। କେବଳ ଉପସଭାପତି ପଦରେ ୩ଜଣ ଓ କୋଷାଧ୍ୟକ୍ଷ ପଦରେ ୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିଲେ। ଅପରାହ୍ଣ ୪ଘଣ୍ଟା ପରେ ନିର୍ବାଚନ ଅଧିକାରୀ ରଣଜିତ ଗନ୍ତାୟତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟ ଗଣତି ପରେ ଉପସଭାପତି ରୂପେ ରବି ନାରାୟଣ ମହାପାତ୍ର ଓ କୋଷାଧ୍ୟକ୍ଷ ରୂପେ ମନୋଜ କୁମାର ଦଳେଇ ଓ ଲମ୍ବୋଦର ନାୟକଙ୍କ ଭୋଟ ସମାନ ଯୋଗୁଁ ଟସ୍ ରେ ଲମ୍ବୋଦର ନାୟକ ବିଜୟ ଲାଭ କରିଥିଲେ। ଏତଦବ୍ୟତୀତ ମନୋନୟନ ପ୍ରତ୍ୟାହାର ଦିବସ ମାର୍ଚ୍ଚ ୧୨ ତାରିଖ ପରେ ଅନ୍ୟ ସମସ୍ତ ପଦବୀରେ ପ୍ରତିଦ୍ୱନ୍ଦିତା ନ ଥିବାରୁ ସେମାନେ ବିଜୟ ଘୋଷିତ ହୋଇଛନ୍ତି। ସେମାନେ ହେଲେ ସଭାପତି ଦେବବ୍ରତ ପରିଡା, ସଂପାଦକ ପ୍ରବୀର କୁମାର ବାରିକ, ସହ ସଂପାଦକ ହରଦତ୍ତ ମହାନ୍ତ ଏବଂ କାଯ୍ୟକାରୀ କମିଟିର ୫ ଜଣ ସଦସ୍ୟ ହେଲେ, ପ୍ରଫୁଲ୍ଲ କୁମାର ବେହେରା, ସତ୍ୟକାମ ପଣ୍ଡା, ଧିରଜ ଖଣ୍ଡେୱାଲ, ଧିରେନ୍ଦ୍ର ବେହେରା ଓ ସଞ୍ଜୟ କୁମାର ପାତ୍ର।

## ନୂତନ ଅଧ୍ୟକ୍ଷଙ୍କୁ ଛାତ୍ର କଂଗ୍ରେସର ସ୍ୱାଗତ ସମ୍ବର୍ଦ୍ଧନା

**ଜଗତସିଂହପୁର,୨୯।୩(ସଂଚାର ବ୍ୟୁର):** ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ହୋଇଥିବା ଡ଼ଃ. ସୁଜାତା ଓଟା ଙ୍କୁ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ଙ୍କ ନେତୃତ୍ୱରେ ମହାବିଦ୍ୟାଳୟର କ୍ୟାମ୍ପସ ଛାତ୍ର କଂଗ୍ରେସ କମିଟିର ସଦସ୍ୟ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ମହାବିଦ୍ୟାଳୟର କି ଭଳି ଭାବେ ଉନ୍ନତି ହେବ ଓ ଛାତ୍ର ଛାତ୍ରୀ ମାନେ କି ଭଳି ଭାବେ ସୁବିଧା ସୁଯୋଗ ପାଇବେ ଅଧକ୍ଷ ଙ୍କ ସହ ଆଲୋଚନା କରିଥିଲେ। ଏହି ମାନଙ୍କ ମଧ୍ୟରେ ପଙ୍କଜ କୁମାର ପଣ୍ଡା, ବିଶ୍ୱ ରଞ୍ଜନ ନାଥ, ସୁମନ୍ତ ସେଠୀ, ଅପରାଜିତା ସ୍ୱାଇଁ, ବିଶ୍ୱଜିତା ପୋହି, ଆରତୀ ଟୁଡୁ, ସ୍ମୃତିରଞ୍ଜନ ବେହେରା, ସୋନୁ ବେହରା ଉପସ୍ଥିତ ଥିଲେ।

## ପୁଲିସ ବାବୁଙ୍କ ପ୍ରେମ ପ୍ରତାରଣା, ବିବାହ ପ୍ରତିଶ୍ରୁତି ଦେଇ ଛଳନା





**ବାଲିଆପାଳ,୨୯।୩(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାରବାଲିଆପାଳଠାରେ ଏକ ପ୍ରେମ ପ୍ରତାରଣାର ଘଟଣା ଚର୍ଚ୍ଚାରେ ରହିଛି। ବିଇଡି ପଢୁଥିବା ଏକ ଯୁବତୀକୁ ଜଣେ ପୋଲିସ ସବ୍-ଇନିସ୍ପେକ୍ଟର ଧୋକା ଦେବାର ଅଭିଯୋଗ ହୋଇଛି।୨୦୧୭ ମସିହାରେ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ବିପିଏଡ଼ ପଢୁଥିବା ଯୁବତୀ ଜଣକ ବଡ଼ତଳପଦା ଗ୍ରାମର ବିଜୟ କୁମାର ସାହୁଙ୍କୁ ପ୍ରେମ କରିଥିଲେ। ବିଜୟ ସେତେବେଳେ ପୋଲିସ ବିଭାଗରେ ସବ୍-ଇନ୍ସପେକ୍ଟର ଟ୍ରେନିଂରେ ଥିଲେ। ପରବର୍ତ୍ତୀ ସମୟରେ ଉଭୟେ ମନ୍ଦିରରେ ବିବାହ କରିଥିଲେ ଏବଂ ଶାରୀରିକ ସମ୍ପର୍କ ରଖୁଥିଲେ। ବିଜୟ ଚାକିରୀ ପାଇବା ପରେ ଯୁବତୀକୁ ସ୍ତ୍ରୀ ଭାବେ ଘରକୁ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଚାକିରୀ ପାଇବା ପରେ ସେ ବିବାହ କରିବେ ନାହିଁ ବୋଲି ମନା କରିଦେଇଛନ୍ତି। ଏହାପରେ ଯୁବତୀ ଗତ ଡିସେମ୍ବର ମାସରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଭେମ୍ବର ୧୬, ୨୦୨୪ରେ ଲିଖିତ ଅଭିଯୋଗ ପରେ ବାଲିଆପାଳ ପୋଲିସ ବିଜୟ ସାହୁଙ୍କୁ ଗିରଫ କରିଛନ୍ତି। ସେ ମାଲକାନଗିରି ଜିଲ୍ଲାରେ ସବ୍-ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ପ୍ରେମ, ଯୌନ ସମ୍ପର୍କ ଓ ପରବର୍ତ୍ତୀ ସମୟରେ ଧୋକା ଖାଇବା ପରେ ଯୁବତୀ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ଘଟଣା ଉପରେ ପୋଲିସ ତଦନ୍ତ ଚଳାଇଛି।

## ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବାକୁ ବରିଷ୍ଠ ନାଗରିକ ମଞ୍ଚର ଦାବି



**ବାଲେଶ୍ୱର,୨୯।୩(ସଂଚାର ବ୍ୟୁର):** ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ଏକ ଜରୁରୀ ବୈଠକ ଶନିବାର ଦିନ ପୂର୍ବାହ୍ନରେ ମଞ୍ଚର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ଗତ ବୈଠକର ବିବରଣୀ ପାଠ କରିବା ସହ ଆଲୋଚ୍ୟ ବିଷୟ ଆଗତ କରିଥିଲେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ପ୍ରଭୃତି ନିର୍ଯ୍ୟାତିତ ବ୍ୟକ୍ତିମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ ବହୁମୁଖୀ ଭିତ୍ତିଭୂମି ପ୍ରକଳ୍ପ (ଆଇଆଇସି)ର ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ପରେ ବି ଜିଲ୍ଲାରେ ହୋଇପାରୁ ନଥିବାରୁ ଉପସ୍ଥିତ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପୂର୍ବରୁ ଚିହ୍ନଟ କରାଯାଇଥିବା ବାଲେଶ୍ୱର ସହର ସନ୍ନିକଟ ଦହପଡ଼ା ମୌଜାରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟାରମ୍ଭ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୮୦ପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମାସିକ ୩ ହଜାର ୫ଶହ ଟଙ୍କା ଭତ୍ତା ଦେବା ନିଷ୍ପତ୍ତି ଜିଲ୍ଲାରେ କାର୍ଯ୍ୟକାରୀ ନହେବାରୁ ବିଭିନ୍ନ ବ୍ଲକରେ ଏହି ବର୍ଗର ବରିଷ୍ଠ ବୃଦ୍ଧ ବୃଦ୍ଧାମାନେ ଧାରଣାରେ ବସିଛନ୍ତି। କିନ୍ତୁ ସେମାନଙ୍କୁ ଘୋଷିତ ବର୍ଦ୍ଧିତ ଭତ୍ତା ଅର୍ଥ ନଥିବା ଆଳରେ ଦିଆଯାଉନଥିବାର ପ୍ରଶାସନିକ ଅଧିକାରୀମାନେ କହୁଛନ୍ତି। ଏଥିପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବୈଠକରେ ଅନୁରୋଧ କରାଯାଇଛି।

## ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ



**ସୁବର୍ଣ୍ଣପୁର,୨୯।୩(ସଂଚାର ବ୍ୟୁର):** ସୁବର୍ଣ୍ଣପୁର ଜିଲ୍ଲା ଓକିଲ ସଂଘର କୋର୍ଟ ପରିସରରେ ଥିବା ଏମିନିଟି ସେଣ୍ଟରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓକିଲ ସଂଘର ସଭାପତି ଭାବେ ଆଇନଜୀବୀ ପ୍ରତାପ କୁମାର ପୁରୋହିତ ନିର୍ବାଚିତ ହୋଇଛନ୍ତି। ସକାଳ ୯ ଟା ଠାରୁ ମଧ୍ୟାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା। ଅପରାହ୍ନ ୪ଟା ରେ ଭୋଟ ଗଣତି ହୋଇ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ସୁଦ୍ଧ ନାରାୟଣ ସାହୁ ସଂଘର ନିର୍ବାଚନ ଫଳାଫଳ ଘୋଷଣା କରିଛନ୍ତି। ସୋନପୁର ବାର ଏସୋସିଏସନ ନିର୍ବାଚନରେ ୨୧୩ ଜଣ ଓକିଲ ନିଜ ନିଜ ମତାଦାନ ପ୍ରଦାନ କରିଛନ୍ତି। ପ୍ରତାପ କୁମାର ପୁରୋହିତ ୧୧୭ ଟି ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଧାନ ଚନ୍ଦ୍ର ପାଣଗ୍ରାହୀ ୯୩ ଟି ଭୋଟ ପାଇଛନ୍ତି। ୦୩ଟି ଭୋଟ ନାକଚ ହୋଇଯାଇଛି।୧୧୦ଟି ଭୋଟ ପାଇ ସମ୍ପାଦକ ଭାବେ ଗଦାଧର ନେଗୀ ନିର୍ବାଚିତ ହୋଇଛନ୍ତି। ସେହିପରି ଉପ ସଭାପତି ଦଶରଥ ମିଶ୍ର ୧୨୦ ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ପ୍ରୀୟଜିତ୍ ମିଶ୍ର ସହ ସମ୍ପାଦକ ଲାଇବ୍ରେରୀ ୧୪୬ ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ପ୍ରୀୟଜିତ୍ ମିଶ୍ର ସହ ସମ୍ପାଦକ ଲାଇବ୍ରେରୀ ୧୪୬ ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ସହ ସଂପାଦିକା ଭାବରେ ପ୍ରଣତି କୁମ୍ବାର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ ।

## ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା 'ଯୁବ ମହୋତ୍ସବ'ର ମୁଖ୍ୟ ଲକ୍ଷ




**ନୀଳଗିରି,୨୯।୩(ସଂଚାର ବ୍ୟୁର):** ନୀଳଗିରି ଭଳି ଏକ ଆଦିବାସୀ ଅଞ୍ଚଳରେ ଯେଉଁମାନେ ସଂଘର୍ଷ କରି ସମାଜର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛନ୍ତି ସେମାନଙ୍କୁ ଚିହ୍ନଟ କରି ଲୋକଲୋଚନକୁ ଆଣି ସମ୍ମାନୀତ କରିବା ଉଦ୍ଦେଶ୍ୟରେ ହୋଇଥିବା ନୀଳଗିରି ଯୁବ ମହୋତ୍ସବ (ୟୁଥ୍ ଫେଷ୍ଟ) ୨୦୨୫ର ପ୍ରଥମ ସନ୍ଧ୍ୟା ନୀଳଗିରି କେ.ସି.ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଆଇ .ଟି .ଆର ସହ ନିର୍ଦ୍ଦେଶକ ଡ଼କ୍ଟର ନୀଳାଦ୍ରି ରାୟ, ସମ୍ମାନିତ ଅତିଥି ଭାବେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ର ଭାରାପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ମଞ୍ଚସିନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସକ୍ରିୟ ସଦସ୍ୟ ରଶ୍ମି ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ସଂଯୋଜକ ଭାବେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ ମଞ୍ଚସିନ ଥାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହସଂଯୋଜକ ମାନସ ପରିଡ଼ା ଶେଷରେ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ କୁମାର ରାୟ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ବଣ୍ଟନ କରିଥିବା ବେଳେ ଅନ୍ୟ ସଦସ୍ୟ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

## ମହାବୀର ମନ୍ଦିରରେ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବୈଶିଙ୍ଗା,୨୯।୩(ସଂଚାର ବ୍ୟୁର):** ବୈଶିଙ୍ଗା ଗ୍ରାମ ପଞ୍ଚାୟତ ଅଧୀନ କଦଳିଆ ଗ୍ରାମ ରେ ମହାବୀର ସେବକ ସମାଜ ଆନୁକୂଲ୍ୟରେ ୧୮ ବର୍ଷ ପୂର୍ବେ ଶ୍ରୀଶ୍ରୀ ମହାବୀରଙ୍କର ମନ୍ଦିର ପ୍ରତିଷ୍ଠା କରାଯାଇଥିଲା।ପ୍ରତି ବର୍ଷ ଭଳି ଚଳିତବର୍ଷ ଏପ୍ରିଲ ୩, ୪, ୫ ତିନି ଦିନ ଧରି ଅଷ୍ଟାଦଶ ପୂର୍ତ୍ତୀ ଉପଲକ୍ଷେ ଯଜ୍ଞ, ପୂଜା, ନାମ ସଂକୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଛି। କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ସଦସ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମହାବୀର ସେବକ ସମାଜର କର୍ମକର୍ତ୍ତା ତଥା ଗ୍ରାମବାସୀ ବୃନ୍ଦ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ୩ ତାରିଖ ଦିନ ଅଧିବାସ ଓ ଅଙ୍କୁରାରୋପଣ ସହିତ ୪ ତାରିଖ ଦିନ କଳସ ଯାତ୍ରା, ସୂର୍ଯ୍ୟପୂଜା, ଶ୍ରୀଶ୍ରୀ ମହାବୀର ଙ୍କର ଅଭିଷେକ, ସାମୂହିକ ହନୁମାନ ଚାଳିଶା ପାଠ, ଯଜ୍ଞାଗ୍ନି ସ୍ଥାପନ ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରିକୃତ ହୋଇଛି। ଏଥି ସହିତ ସନ୍ଧ୍ୟାରେ ପ୍ରବଚକ ଭାବେ ଭାଗବତ ବାଣୀ ବିଭୁଷଣ ଭାଗବତ ପଣ୍ଡା ପ୍ରବଚନ ଦେବାର ସ୍ଥିର ହୋଇଛି।

## ବର୍ଷ ବର୍ଷର ସମସ୍ୟା ଶୁଣିଲାନି ପ୍ରଶାସନ

# ନିଜସ୍ୱ ଉଦ୍ୟମରେ ଗାଁକୁ ଆଣିଲେ ଝରଣା ପାଣି



**ଧରାକୋଟ,୨୯।୩(ସଂଚାର ବ୍ୟୁର):** ଧରାକୋଟ ବ୍ଲକର ଉପାନ୍ତ ଗାଁ ଶାଗ କିଆରୀ। ମୌଳିକ ଆବଶ୍ୟକତା ମେଣ୍ଟାଇବା ପାଇଁ ବର୍ଷ ତମାମ୍ ସଂଘର୍ଷ କରନ୍ତି ୩୦ଟି ପରିବାର। ଖରାଦିନେ ଏକମାତ୍ର ନଳକୂପରୁ ଚାରି-ପାଞ୍ଚ ଗରା ପାଣି ବାହାରିବା ପରେ ବନ୍ଦ ହୋଇଯାଏ। ଘରଠାରୁ ୪ କିମି ଦୂର ପାହାଡ଼ି ଝରଣାରୁ ପାଣି ସଂଗ୍ରହ କରନ୍ତି ଝିଅ-ବୋହୂ। ଏନେଇ ଅନେକ ଥର ପ୍ରଶାସନକୁ ଅବଗତ କରାଇଛନ୍ତି। ହେଲେ କେହି ଶୁଣିଲେ ନାହିଁ। ଶେଷରେ ଗ୍ରାମବାସୀ ନିଜ ଶ୍ରମଦାନରେ ଝରଣା ପାଣିକୁ ଗାଁକୁ ଆଣିବାରେ ସମର୍ଥ ହୋଇଛନ୍ତି। ତାତି ବଢ଼ିଲେ ପାହାଡ଼ ଚଢ଼ି ପାଣି ଆଣିବା କଷ୍ଟକର ହୋଇପଡ଼େ। ତେଣୁ ଗାଁ ପାଖକୁ ଝରଣା ପାଣି ଆଣିବାକୁ ଉଦ୍ୟମ କରିଛନ୍ତି ଗ୍ରାମବାସୀ। ନିଜ ନିଜ ଭିତରେ ଚାନ୍ଦା କରିଛନ୍ତି। ପାଳି କରି ଶ୍ରମ ଦାନ କରିଛନ୍ତି। ଦୁଇଟି ପାଇପ ପକାଇ ଝରଣା ପାଣି ଗାଁକୁ ଆଣିବାରେ ସମର୍ଥ ହୋଇଛନ୍ତି। ଖରା ବଢ଼ିବାରୁ ଗୋଟିଏ ଝରଣାରେ ବି ଜଳସ୍ତର କମିଗଲାଣି। ଗୋଟିଏରେ ପାଣି ଆସୁନି। ଆଉ ଗୋଟିଏ ଯାହା ଯେତିକି ଆସୁଛି ସେଥିରେ ଶୋଷ ମେଣ୍ଟାଉଛନ୍ତି ଗାଁ ଲୋକେ।